Workbook Cum Question Bank with Answers




# M.I.L. (Odia)

## Class-XII (CHSE)



SCHEDULED CASTES & SCHEDULED TRIBES
RESEARCH & TRAINING INSTITUTE (SCSTRTI)
ST & SC DEVELOPMENT DEPARTMENT
BHUBANESWAR

# ODIA

## WORKBOOK-CUM-QUESTION BANK WITH ANSWERS

## CLASS - XII (CHSE)

*Compiled by :*

**Dr. Pramod Kumar Parida**

Reader in Odia (Retd.)

Rajdhani College,

Bhubaneswar

**ST & SC DEVELOPMENT DEPARTMENT**

**GOVERNMENT OF ODISHA**

**Prepared by**

**SCHEDULED CASTES SCHEDULED TRIBES RESEARCH AND TRAINING INSTITUTE**
**BHUBANESWAR-751003**

**2022**

# ସୂଚୀପତ୍ର


| ଏକକ | | ବିଷୟ | ଲେଖକ | ପୃଷ୍ଠା ସଂଖ୍ୟା |
|---|---|---|---|---|
| **ପ୍ରଥମ ଏକକ : ଗଦ୍ୟ** | | | | |
| | ୧. | ଇତିହାସ | ବିଶ୍ୱନାଥ କର | ୧-୮ |
| | ୨. | ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା | ଗୋଲୋକ ବିହାରୀ ଧଳ | ୯-୨୩ |
| | ୩. | ପୁଷ୍ପପୁରରେ ବର୍ଷାବରଣ | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୨୪-୪୦ |
| | ୪. | ତିନି ତୁଣ୍ଡରେ | ଭୁବନେଶ୍ୱର ବେହେରା | ୪୧-୫୪ |
| **ଦ୍ୱିତୀୟ ଏକକ : ପଦ୍ୟ** | | | | |
| | ୧. | ବଡ଼ପଣ | କବିବର ରାଧାନାଥ ରାୟ | ୫୫-୬୧ |
| | ୨. | ତପସ୍ୱିନୀର ପତ୍ର | ଗଙ୍ଗାଧର ମେହେର | ୬୨-୬୮ |
| | ୩. | ବନ୍ଦୀର ବିରହ ବ୍ୟଥା | ଗୋପବନ୍ଧୁ ଦାଶ | ୬୯-୭୩ |
| | ୪. | ବାର୍ତ୍ତା | ସଚ୍ଚିଦାନନ୍ଦ ରାଉତରାୟ | ୭୪-୭୮ |
| | ୫. | ପିଙ୍ଗଳାର ଅଭିସାର | ରାଧାମୋହନ ଗଡ଼ନାୟକ | ୭୯-୮୩ |
| **ତୃତୀୟ ଏକକ : ଏକାଙ୍କିକା** | | | | |
| | ୧. | ସଭ୍ୟ ଜମିଦାର | ଫକୀର ମୋହନ ସେନାପତି | ୮୪-୮୯ |
| | ୨. | ପତାକା ଉତ୍ତୋଳନ | ସୁରେନ୍ଦ୍ର ମହାନ୍ତି | ୯୦-୯୫ |
| | ୩. | ରୂପନାରାୟଣ ସାହା | ଅଖିଳ ମୋହନ ପଟ୍ଟନାୟକ | ୯୬-୧୦୪ |
| | ୪. | ଆକାଶ କଇଁଛ | ମନୋଜ ଦାସ | ୧୦୫-୧୦୯ |
| **ଚତୁର୍ଥ ଏକକ** | | ଅବବୋଧ ପରୀକ୍ଷଣ | - | ୧୧୦-୧୩୧ |
| **ପଞ୍ଚମ ଏକକ** | | ପ୍ରବନ୍ଧ ଓ ବ୍ୟାକରଣ | - | ୧୩୨-୧୫୪ |


***

# ପ୍ରଥମ ଏକକ : ଗଦ୍ୟ

# ଇତିହାସ

## ବିଶ୍ୱନାଥ କର

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ୧ ନମ୍ବର ଦିଆଯିବ ।**

**୧. କେଉଁ ପ୍ରକାର ଲୋକଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ?**

(କ) ଯେଉଁମାନେ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି

(ଖ) କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିପାରନ୍ତି ନାହିଁ

(ଗ) ସମ୍ଭୋଗରେ ଲିପ୍ତ ରହୁଥିବା ଲୋକ

(ଘ) ଯେଉଁମାନେ ସୂକ୍ଷ୍ମଦୃଷ୍ଟି ସଂପନ୍ନ, ଚିନ୍ତାଶୀଳ

**୨. ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?**

(କ) ଭୋଗ ସର୍ବସ୍ୱତା

(ଖ) ତତ୍ତ୍ୱ ନିରୂପଣ ପ୍ରୟାସ

(ଗ) ଆଧ୍ୟାତ୍ମିକ ଚିନ୍ତାହୀନ

(ଘ) ଚିନ୍ତାହୀନ

**୩. ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?**

(କ) ନିତ୍ୟ କ୍ରିୟାଶୀଳ

(ଖ) ଉଦାସୀନ

(ଗ) ଆବେଗହୀନ

(ଘ) ଦୂରଦୃଷ୍ଟିହୀନ

**୪. ପ୍ରକୃତିସ୍ଥ ମନୁଷ୍ୟ ମନର କାହା ସଙ୍ଗେ ନିତ୍ୟଯୋଗ ବୋଲି ବର୍ଣ୍ଣିତ ?**

(କ) ଅନନ୍ତ ଦେବ (ଖ) ଅନନ୍ତ ବର୍ତ୍ତମାନ

(ଗ) ଅନନ୍ତ ପ୍ରକୃତି (ଘ) ଅନନ୍ତ ଜୀବନ

**୫. ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିବାକୁ ମିଳିବ ?**

(କ) ଅସରନ୍ତି ଦୁଃଖ (ଖ) ଦୁଃଖଭରା ପୃଥିବୀ

(ଗ) ଭାରାକ୍ରାନ୍ତ ମନ (ଘ) ନରକଙ୍କାଳ

**୬. କେଉଁ ରାଷ୍ଟ୍ରବିପ୍ଳବ କଥା ଚିନ୍ତାକଲେ ଆମ୍ଭମାନଙ୍କର ହୃତକମ୍ପ ହୁଏ ?**

(କ) ଆମେରିକୀୟ ରାଷ୍ଟ୍ରବିପ୍ଳବ

(ଖ) ଫରାସୀ ରାଷ୍ଟ୍ରବିପ୍ଳବ

(ଗ) ଭାରତୀୟ ସିପାହୀ ବିପ୍ଳବ

(ଘ) ଋଷୀୟ ସ୍ୱାଧୀନତା ବିପ୍ଳବ

**୭. କାହା ସଙ୍ଗେ ବିରୋଧ ହେଲେ ବିନାଶ ଅନିବାର୍ଯ୍ୟ ବୋଲି ବର୍ଣ୍ଣିତ ?**

(କ) ସତ୍ୟ (ଖ) ପରିବର୍ତ୍ତନ

(ଗ) ପ୍ରକୃତି (ଘ) ବର୍ତ୍ତମାନ

**୮. ଜଗତରେ କୌଣସି ଘଟନା କ'ଣ ନୁହେଁ ?**

(କ) ସତ୍ୟ (ଖ) ଭ୍ରାନ୍ତ

(ଗ) ଅର୍ଥଶୂନ୍ୟ (ଘ) ଆଦର୍ଶ ସ୍ଥାନୀୟ

**୯. ବ୍ୟକ୍ତିଗତ ଜୀବନର ଇତିହାସକୁ କେଉଁ ଆଖ୍ୟା ଦିଆଯାଇଥାଏ ?**

(କ) ଆତ୍ମଲିପି (ଖ) ଜୀବନ ନାଟକ

(ଗ) ଆତ୍ମକଥା (ଘ) ଜୀବନ ଚରିତ

**୧୦. ପ୍ରଚଳିତ ଇତିହାସମାନ କାହା ତୁଲ୍ୟ ?**

(କ) ଗ୍ରାମ୍ୟଗଳ୍ପ (ଖ) ଲୋକକଥା

(ଗ) ଗାଲଗଳ୍ପ (ଘ) ପରୀଗଳ୍ପ

**୧୧. ହିନ୍ଦୁଜାତି ଚିରକାଳ କେଉଁ ନିମିତ୍ତ ଖ୍ୟାତ ?**

(କ) ଈଶ୍ୱର ବିଶ୍ୱାସ

(ଖ) ପ୍ରକୃତି ଉପାସନା

(ଗ) ପରୋପକାର

(ଘ) କଳ୍ପନା ପ୍ରିୟତା

**୧୨. ମନୁଷ୍ୟମାନଙ୍କ ଭିତରେ ପ୍ରକୃତିଗତ କ'ଣ ବିଦ୍ୟମାନ ?**

(କ) ମତଭେଦ (ଖ) ସୌସାଦୃଶ୍ୟ

(ଗ) ବୈଷମ୍ୟ (ଘ) ଅନୈକ୍ୟ

**୧୩. ଉପଦେଶ ଅପେକ୍ଷା କ'ଣ ଶିକ୍ଷା ପକ୍ଷରେ ଅଧିକ ଉପଯୋଗୀ ?**

(କ) ଦୃଷ୍ଟାନ୍ତ (ଖ) ସାକ୍ଷାତ ପ୍ରଦର୍ଶନ

(ଗ) ଆଚରଣ (ଘ) ଆଦର୍ଶ

**୧୪. ଶୂନ୍ୟସ୍ଥାନ ପୂରଣ କର । "ପ୍ରାକୃତିକ ନିୟମର କାର୍ଯ୍ୟ ପ୍ରଣାଳୀ ସର୍ବତ୍ର ଏବଂ ସର୍ବକାଳରେ ______ ।**

(କ) ଭିନ୍ନ (ଖ) ପରସ୍ପର ବିରୋଧୀ

(ଗ) ଆପେକ୍ଷିକ (ଘ) ଏକ

**୧୫. କାହାର ମସ୍ତକରେ ସର୍ବତ୍ର ଉଜ୍ଜ୍ୱଳାକ୍ଷରରେ 'ପତନ' ଲେଖା ହୋଇଅଛି ?**

(କ) ଗର୍ବୀ (ଖ) ଅହଂକାରୀ

(ଗ) ବାହାଦୁରିଆ (ଘ) ମିଛୁଆ

**୧୬. ଯେଉଁ ଜାତି ଅଯୋଗ୍ୟ ହେଲା - ତା'ର କେଉଁ ଗତି ଅନିବାର୍ଯ୍ୟ ?**

(କ) ସମଗତି (ଖ) ଊର୍ଦ୍ଧ୍ୱଗତି

(ଗ) ରସାତଳ ଗତି (ଘ) ତୀର୍ଯ୍ୟକ ଗତି

**୧୭. ଅପରିଣାମଦର୍ଶୀ ମାନବ ଅନେକ ସମୟରେ ପୃଥିବୀରେ ବିପରୀତ ଭାବ ଦର୍ଶନ କରି କ'ଣ ହୁଏ ?**

(କ) ଅବିଶ୍ୱାସୀ

(ଖ) ଅନ୍ଧବିଶ୍ୱାସୀ

(ଗ) ସରଳବିଶ୍ୱାସୀ

(ଘ) ଆତ୍ମବିଶ୍ୱାସୀ

**୧୮. କେଉଁ ଶିକ୍ଷାକୁ ଦ୍ୱିତୀୟ ଶିକ୍ଷକ ଭାବରେ ଗ୍ରହଣ କରାଯାଏ ?**

(କ) ବୈଦିକ (ଖ) ବିଜ୍ଞାନ ଶିକ୍ଷା

(ଗ) ଇତିହାସ (ଘ) ଅଧ୍ୟାତ୍ମବିଦ୍ୟା

**୧୯. ପୁତ୍ର ପାଇଁ କେବଳ କ'ଣ ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ ?**

(କ) ପୁଣ୍ୟ

(ଖ) କର୍ମଫଳ

(ଗ) ବିପୁଳପ୍ରଶସ୍ତି

(ଘ) ପୈତୃକ ସଂପତ୍ତି

**୨୦. କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ବୋଲି କୁହାଯାଇଛି ?**

(କ) ନେତାଙ୍କର (ଖ) ଅଧିକାରୀଙ୍କର

(ଗ) ବିଧାତାଙ୍କର (ଘ) ଶିକ୍ଷକଙ୍କର

**୨୧. କେଉଁ ବସ୍ତୁଟି ପ୍ରତି ମନୁଷ୍ୟର ସ୍ୱାଭାବିକ ଅନୁରାଗ ଅଧିକ ?**

(କ) ସ୍ୱଦେଶ (ଖ) ସ୍ୱବେଶ

(ଗ) ସ୍ୱଗୃହ (ଘ) ସ୍ୱମାର୍ଗ

**୨୨. ବିଧାତା କ'ଣ ନ ଦେଖି କାହାକୁ କୌଣସି ଉଚ୍ଚ ଅଧିକାର ଦିଅନ୍ତି ନାହିଁ ?**

(କ) ପଦ (ଖ) ପଦବୀ

(ଗ) ପ୍ରତିଷ୍ଠା (ଘ) ଯୋଗ୍ୟତା

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର ଲେଖ। ପ୍ରତି ଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର।

୧. ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

୨. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହି ନ ଥାଏ ?

୩. କାହାର ବିନାଶ ଅନିବାର୍ଯ୍ୟ ?

୪. ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତର ସ୍ୱରୂପ କିପରି ?

୫. ମାନବ ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

୬. କିଏ ଇତିହାସ ପଦବାଚ୍ୟ ହୋଇପାରିବ ନାହିଁ ?

୭. ମନୁଷ୍ୟର କର୍ତ୍ତବ୍ୟ କ'ଣ ?

୮. ଅନ୍ୟ ଦେଶର କାବ୍ୟ ନାଟକାଦିରେ ମଧ୍ୟ କ'ଣ ଦେଖାଯାଏ ନାହିଁ ?

୯. ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ଜଣେ ସୁପ୍ରସିଦ୍ଧ ପଣ୍ଡିତଙ୍କ ମତାମତ କ'ଣ ?

୧୦. ବର୍ତ୍ତମାନ ଇତିହାସରେ କ'ଣ ଥିବାର ବର୍ଣ୍ଣିତ ?

୧୧. କିଏ ଉନ୍ନତିର ସୋପାନରେ ଆରୋହଣ କରି ନ ପାରେ ?

୧୨. ଇତିହାସ ବଜ୍ରଗମ୍ଭୀର ସ୍ୱରରେ କ'ଣ ଘୋଷଣା କରୁଅଛି ?

୧୩. କାହାକୁ ବିଧି ଓ ଆଦର୍ଶ ବୋଲି କୁହାଯାଇଛି ?

୧୪. କାହାର କଦାପି ବିକାଶ ନାହିଁ ବୋଲି ବର୍ଣ୍ଣିତ ?

୧୫. ଯୋଗ୍ୟତାର ଲକ୍ଷଣ କ'ଣ ?

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତି ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ।

୧. ସୂକ୍ଷ୍ମଦୃଷ୍ଟିସମ୍ପନ୍ନ - ଚିନ୍ତାଶୀଳନ ମନୁଷ୍ୟଙ୍କ ଦ୍ୱାରା କ'ଣ ହୋଇଥାଏ ?

୨. କେଉଁ ପ୍ରକାର ମନୁଷ୍ୟର ମନ ନିତ୍ୟକ୍ରିୟାଶୀଳ ?

୩. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେନାହିଁ ବୋଲି କୁହାଯାଇଛି ?

୪. କାହାକୁ ଏକ ସାର୍ବଭୌମିକ ନିୟମର ଅଧୀନ ବୋଲି କୁହାଯାଇଛି ?

୫. ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର କ'ଣ ଦର୍ଶନ କରେ ?

୬. ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ଜଣେ ସୁପ୍ରସିଦ୍ଧ ପଣ୍ଡିତ କ'ଣ କହିଛନ୍ତି ?

୭. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କିପରି ଥିଲା ?

୮. ବର୍ତ୍ତମାନ ଯୁଗର ଇତିହାସରେ କାହାର ସମାବେଶ ଅଛି ବୋଲି ବର୍ଣ୍ଣିତ ?

୯. ବ୍ୟକ୍ତିର କେଉଁସବୁ କଥା ଜୀବନ୍ତ ଇତିହାସ ରୂପେ ପ୍ରତିଭାତ ହୁଏ ?

୧୦. ପ୍ରାଥମିକ ମନୁଷ୍ୟ ଅରଣ୍ୟରେ କିପରି କାଳାତିପାତ କରୁଥିଲା ?

୧୧. କେତେବେଳେ ନବ ଅମେରିକା ଓ ନବ ଇଂଲଣ୍ଡର ଅଭ୍ୟୁତ୍‌ଥାନ ହେବ ?

୧୨. କେଉଁଗୁଡ଼ିକୁ ଯୋଗ୍ୟତାର ଲକ୍ଷଣ ବୋଲି କୁହାଯାଇଛି ?

୧୩. ପ୍ରତ୍ୟେକ ଜାତିର ଇତିହାସ କେଉଁ ସାକ୍ଷ୍ୟ ପ୍ରଦାନ କରେ ?

୧୪. କାହାଠାରୁ ହୃଦୟକୁ ରକ୍ଷା କରିବା ବିଧେୟ ବୋଲି କୁହାଯାଇଛି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ତିରିଶିଟି ଲେଖାଏଁ ଶବ୍ଦରେ ପ୍ରତି ପ୍ରଶ୍ନର ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

୧. ପ୍ରଥମ ଶ୍ରେଣୀର ମନୁଷ୍ୟଙ୍କର ଗୁଣ ଓ ବୈଶିଷ୍ଟ୍ୟ ସମ୍ପର୍କରେ କ'ଣ କୁହାଯାଇଛି ?

୨. ମାନବ ଜୀବନର ମୂଲ୍ୟ କିଛି ରହେନାହିଁ ବୋଲି କାହିଁକି କୁହାଯାଇଛି ?

୩. ମାନବ ସମାଜ ମଧ୍ୟରେ କେଉଁ ବ୍ୟାପାର ଚିରକାଳ ଲାଗି ରହିଅଛି ?

୪. ମାନବ ସମାଜ ପ୍ରକୃତ ରୂପେ କିପରି ଗଠିତ ହୁଏ ?

୫. କେଉଁ ପ୍ରକାର ଇତିହାସ ପୃଥିବୀରେ ଲିଖିତ ହୋଇନାହିଁ ?

୬. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କିପରି ବୋଲି ବର୍ଣ୍ଣିତ ?

୭. ଅଯୋଗ୍ୟ ଜାତି ସମ୍ପର୍କରେ ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି ?

୮. ମନୁଷ୍ୟର ସ୍ୱଭାବ କ'ଣ ବୋଲି ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି ?

୯. ପ୍ରତ୍ୟେକ ଜାତିର ଇତିହାସ କେଉଁ ସାକ୍ଷ୍ୟ ପ୍ରଦାନ କରେ ?

୧୦. ପ୍ରାବନ୍ଧିକ କାହାକୁ ପ୍ରାଚୀନାନୁରାଗ ବୋଲି କହିଛନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଲେଖାଏଁ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧. ପ୍ରାବନ୍ଧିକଙ୍କ ମତାନୁସାରେ ଇତିହାସର ପ୍ରଚଳିତ ଓ ପ୍ରକୃତ ସଂଜ୍ଞା ନିରୂପଣ କର।

୨. ପ୍ରତ୍ୟେକ ବ୍ୟକ୍ତି ସ୍ୱଜାତିର ଇତିହାସ ପଢ଼ିବା ଆବଶ୍ୟକ ବୋଲି ପ୍ରାବନ୍ଧିକ କାହିଁକି କହିଛନ୍ତି ?

୩. ଦୁଇ ଜାତିର ମନୁଷ୍ୟଙ୍କ ମଧ୍ୟରେ ଥିବା ଗୁଣଗତ ବୈଷମ୍ୟ ସମ୍ପର୍କରେ ପ୍ରାବନ୍ଧିକଙ୍କର ମତ ଉଲ୍ଲେଖ କର।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ଯେଉଁମାନେ ସୂକ୍ଷ୍ମଦୃଷ୍ଟି ସଂପନ୍ନ, ଚିନ୍ତାଶୀଳ
୨. (ଖ) ତତ୍ତ୍ୱ ନିରୂପଣ ପ୍ରୟାସ
୩. (କ) ନିତ୍ୟ କ୍ରିୟାଶୀଳ
୪. (ଗ) ଅନନ୍ତ ପ୍ରକୃତି
୫. (ଘ) ନରକଙ୍କାଳ
୬. (ଖ) ଫରାସୀ ରାଷ୍ଟ୍ରବିପ୍ଳବ
୭. (କ) ସତ୍ୟ
୮. (ଗ) ଅର୍ଥଶୂନ୍ୟ
୯. (ଘ) ଜୀବନ ଚରିତ
୧୦. (କ) ଗ୍ରାମ୍ୟଗଳ୍ପ
୧୧. (ଘ) କଳ୍ପନା ପ୍ରିୟତା
୧୨. (ଖ) ସୌସାଦୃଶ୍ୟ
୧୩. (କ) ଦୃଷ୍ଟାନ୍ତ
୧୪. (ଘ) ଏକ
୧୫. (ଖ) ଅହଂକାରୀ
୧୬. (ଗ) ରସାତଳ ଗତି
୧୭. (କ) ଅବିଶ୍ୱାସୀ
୧୮. (ଗ) ଇତିହାସ
୧୯. (ଘ) ପୈତୃକ ସଂପତ୍ତି
୨୦. (ଗ) ବିଧାତାଙ୍କର
୨୧. (କ) ସ୍ୱଦେଶ
୨୨. (ଘ) ଯୋଗ୍ୟତା

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର

୧. ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ ହିଁ ମନୁଷ୍ୟତ୍ୱର ବିଶେଷ ଲକ୍ଷଣ।
୨. ବର୍ତ୍ତମାନରେ ଥାଇ ବି ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସହିତ ଥିବା ଘନିଷ୍ଠ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ।
୩. ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ।
୪. ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ।
୫. ଇତିହାସର।
୬. ଯହିଁରେ ମାନବ ପ୍ରକୃତିର କ୍ରମବିକାଶର ପ୍ରତିଛବି ନାହିଁ – ତାହା ଇତିହାସ ପଦବାଚ୍ୟ ହୋଇପାରିବ ନାହିଁ।
୭. ଉନ୍ନତ ଆଦର୍ଶର ଅନୁସରଣ କରିବା ହିଁ ମନୁଷ୍ୟର କର୍ତ୍ତବ୍ୟ।
୮. ଆମ ଦେଶରେ ପ୍ରାଚୀନ ଚିକିତ୍ସା ଶାସ୍ତ୍ରରେ ଯେପରି ରସିକତା, ଭାବୁକତା, ଅଳଂକାର, ଆଡ଼ମ୍ବରର ସମାବେଶ ଦେଖାଯାଏ, ଅନ୍ୟ ଦେଶର କାବ୍ୟ ନାଟକାଦିରେ ତାହା ଦେଖାଯାଏ ନାହିଁ।
୯. "ପ୍ରଚଳିତ ଇତିହାସ ମାନ ଗଭୀରତା ଶୂନ୍ୟ ଗ୍ରାମ୍ୟଗଳ୍ପ ତୁଲ୍ୟ।"
୧୦. ବର୍ତ୍ତମାନ ଇତିହାସରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ଅଛି।

୧୧. ବିପରୀତ ପଥରେ ଗମନ କରୁଥିବା ବ୍ୟକ୍ତି ଉନ୍ନତିର ସୋପାନରେ ଆରୋହଣ କରି ନ ପାରେ।

୧୨. ଧର୍ମର ଜୟ ଓ ଅଧର୍ମର ପରାଜୟ - ବୋଲି ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରୁଅଛି।

୧୩. 'କାର୍ଯ୍ୟକର ଓ ସୁଖୀ ହୁଅ'- ଏହା ହିଁ ବିଧି ଓ ଆଦର୍ଶ।

୧୪. ଯାହା ସତ୍ୟ ଓ ସାରବସ୍ତୁ - ତା'ର କଦାପି ବିନାଶ ନାହିଁ।

୧୫. ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ।

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ।

**ଏ ସମସ୍ତ ପ୍ରଶ୍ନର ଉତ୍ତର ଲେଖିଲାବେଳେ "ପ୍ରବନ୍ଧ - ଇତିହାସ; ପ୍ରାବନ୍ଧିକ - ବିଶ୍ୱନାଥ କର" ଲେଖିବାକୁ ହେବ।**

୧. ପ୍ରବନ୍ଧ - ଇତିହାସ; ପ୍ରାବନ୍ଧିକ - ବିଶ୍ୱନାଥ କର।
ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ଚିନ୍ତାଶୀଳ ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୋଇଥାଏ।

୨. ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟକ୍ରିୟାଶୀଳ।

୩. ବର୍ତ୍ତମାନର ଜୀବନ ହୋଇ ସୁଦ୍ଧା ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠ ସମ୍ପର୍କରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେନାହିଁ।

୪. ଜାତି ବିଶେଷର ଉତ୍ଥାନ ବା ପତନକୁ ଏକ ସାର୍ବଭୌମିକ ନିୟମର ଅଧୀନ ବୋଲି କୁହାଯାଇଛି।

୫. ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସର୍ବପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ।

୬. ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ସୁପ୍ରସିଦ୍ଧ ପଣ୍ଡିତ ଜଣକ କହିଛନ୍ତି ଯେ - ପ୍ରଚଳିତ ଇତିହାସ ମାନ ଗଭୀରତାଶୂନ୍ୟ ଗ୍ରାମ୍ୟଗଳ୍ପ ତୁଲ୍ୟ।

୭. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀରପୁରୁଷଙ୍କର କଳ୍ପନା ମିଶ୍ରିତ ବିବରଣଛଡ଼ା ଆଉ କିଛି ନୁହେଁ ?

୮. ବର୍ତ୍ତମାନ ଯୁଗର ଇତିହାସରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ବିଜ୍ଞାନ, ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ହୋଇଛି।

୯. ବ୍ୟକ୍ତିର ଜୀବନ, ଆହାର, ପରିଚ୍ଛଦ ତାହା ନିକଟରେ ଜୀବନ୍ତ ଇତିହାସ ରୂପେ ପ୍ରତିଭାତ ହୁଏ।

୧୦. ପ୍ରାଥମିକ ମନୁଷ୍ୟ ଅରଣ୍ୟରେ ଶୀତ, ବର୍ଷା, ଗ୍ରୀଷ୍ମରେ ଅସହ୍ୟ କ୍ଳେଶ ସହ୍ୟ କରି ଅପକ୍ୱମାଂସ, ଫଳମୂଳ ଆହାର କରି କାଳାତିପାତ କରୁଥିଲା।

୧୧. ଯେତେବେଳେ ଇଂଲଣ୍ଡ ଓ ଆମେରିକା ନିଜ ଅଯୋଗ୍ୟତାର ପ୍ରମାଣ ପ୍ରଦର୍ଶନ କରିବେ, ସେତେବେଳେ ନବ ଇଂଲଣ୍ଡ ଓ ନବ ଆମେରିକାର ଅଭ୍ୟୁତ୍ଥାନ ହେବ।

୧୨. ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତିକୁ ଯୋଗ୍ୟତାର ଲକ୍ଷଣ କୁହାଯାଇଛି।

୧୩. ପ୍ରତ୍ୟେକ ଜାତିର ଇତିହାସ ଏକ ସାକ୍ଷ୍ୟ ପ୍ରଦାନ କରୁଛି ଯେ, ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ସୋପାନରେ ଆହୋରଣ କରି ନ ପାରେ।

୧୪. ସଂକୀର୍ଣ୍ଣତା ଓ ପର ଜାତି ବିଦ୍ୱେଷରୁ ହୃଦୟକୁ ରକ୍ଷା କରିବା ବିଧେୟ।

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ଏ ବର୍ଗର ପ୍ରଶ୍ନର ଉତ୍ତର ଦେଲାବେଳେ - ଆରମ୍ଭରେ ଲେଖା ଓ ଲେଖକଙ୍କ ସମ୍ପର୍କରେ ସୂଚନା ରହବ । (ବିଷୟ - ଇତିହାସ, ପ୍ରାବନ୍ଧିକ - ବିଶ୍ୱନାଥ କର)**

୧. ପ୍ରଥମ ଶ୍ରେଣୀର ମନୁଷ୍ୟମାନେ ପୃଥିବୀର ନାନବସ୍ତୁ ଦର୍ଶନ କରନ୍ତି । ସମ୍ଭୋଗ କରନ୍ତି; ମାତ୍ର କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ସେମାନଙ୍କର ପ୍ରୟାସ ଦେଖାଯାଏ ନାହିଁ ।

୨. ବାସ୍ତବରେ ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟ କ୍ରିୟାଶୀଳ । ଅନନ୍ତ ପ୍ରକୃତି ସହ ତାହାର ନିତ୍ୟଯୋଗ । ଯେ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେନାହିଁ ।

୩. ମାନବର ପ୍ରକୃତ ଉନ୍ନତି ଯାହା, ତାହା ସଙ୍ଗେ ସତ୍ୟର ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ତେଣୁ ତାର ବିଲୋପ ଅସମ୍ଭବ । କେବଳ ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ । ମାନବ ସମାଜ ମଧ୍ୟରେ ଏହି ବ୍ୟାପାର ଚିରକାଳ ଲାଗିରହିଛି ।

୪. ନିରବଚ୍ଛିନ୍ନ ଆଲୋକ ବା ଆନନ୍ଦ ମାନବ ଜୀବନରେ ବା ସମାଜରେ କଦାପି ଦେଖାଯାଏ ନାହିଁ । ଦେଖା ଯିବାର ସମ୍ଭାବନା ମଧ୍ୟ ନାହିଁ । କେତେବେଳେ ଆଲୋକ, କେତେବେଳେ ଅନ୍ଧାର, କେତେବେଳେ ଉଚ୍ଚହାସ୍ୟ ଧ୍ୱନି, କେତେବେଳେ ବା ମର୍ମଭେଦୀ ହାହାକାର ଏହିପରି ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ମାନବ ଜୀବନ ପ୍ରକୃତ ରୂପେ ଗଠିତ ହୋଇଥାଏ ।

୫. ମନୁଷ୍ୟ କିପରି ପ୍ରାଥମିକ ହୀନାବସ୍ଥାରୁ କ୍ରମେ ଉନ୍ନୀତ ହୋଇ ବର୍ତ୍ତମାନ ସଭ୍ୟତା ଲାଭ କରିଅଛି, ଏ କଥାକୁ ବୁଝିବାକୁ ହେଲେ ଗୋଟା କେତେ ରାଜବଂଶର ବିବରଣ; ଗୋଟିଏ ଗୋଟିଏ ଜାତିର ସ୍ଥୂଳ ବିକରଣ ପାଠ କଲେ ଚଳିବ ନାହିଁ । ଯହିଁରେ ମାନବ ପ୍ରକୃତିର କ୍ରମ ବିକାଶର ଛବି ପ୍ରତିବିମ୍ବିତ ହୋଇନାହିଁ, ତାହା ପ୍ରକୃତ ଇତିହାସ ପଦବାଚ୍ୟ ହୋଇ ନ ପାରେ । ଏହି ପ୍ରକାରର ଇତିହାସ ଏ ପର୍ଯ୍ୟନ୍ତ ପୃଥିବୀରେ ଲେଖା ହୋଇନାହିଁ ।

୬. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀରପୁରୁଷଙ୍କର କଳ୍ପନା ମିଶ୍ରିତ ବିବରଣୀ ଛଡ଼ା ଆଉ କିଛି ନୁହେଁ । ସେହି ବୀରମାନେ ଦେବତା ବା ଦେବ ଅଂଶରେ ଜାତ ଏବଂ ସେମାନଙ୍କର କାର୍ଯ୍ୟକଳାପ ଅଲୌକିକ ।

୭. ଯେଉଁ ଜାତି ଯେଉଁ ବିଷୟରେ ଅଯୋଗ୍ୟ ହେବ, ସେ ସେଥିରୁ ବଞ୍ଚିତ ହେବ । ଯେଉଁ ଜାତି ଅଯୋଗ୍ୟ ହେଲା, ତାହାର ରସାତଳ ଗତି ଅନିବାର୍ଯ୍ୟ । ତାହାର ସଞ୍ଚିତ ଧନରାଶି, ଜ୍ଞାନ, ସମସ୍ତ ଯୋଗ୍ୟତର ଜାତି ହସ୍ତରେ ସମର୍ପିତ ହେବ ।

୮. ମନୁଷ୍ୟର ସ୍ୱଭାବ ଏହି ଯେ, ସେ ନିଜେ ହୀନତା ପ୍ରାପ୍ତ ହେଲେ ଅନ୍ୟ ବ୍ୟକ୍ତିର ମହତ୍ତ୍ୱ ଦେଖିପାରେ ନାହିଁ । ଆପଣା ଭିତରେ ଗୌରବର ବିଷୟ କିଛି ନ ଥିଲେ ପୂର୍ବ ଗୌରବର ଆସ୍ଫାଳନ ଦ୍ୱାରା ହୃଦୟକୁ କଥଞ୍ଚିତ ଆଶ୍ୱସ୍ତ କରିବାକୁ ଚେଷ୍ଟା କରେ ।

୯. ବାସ୍ତବରେ ସାଧୁତା, ସରଳତା ଆଜି ଯୋଗ୍ୟତାର ଲକ୍ଷଣ ହରାଇ କେବଳ ଭୋଗବିଳାସ, ଆମୋଦ ପ୍ରମୋଦରେ ଦିନ କଟାଇଲେ କୌଣସି ବ୍ୟକ୍ତି ବା ଜାତି ଉନ୍ନତି କରି ନ ପାରେ । ନୀତିହୀନ, ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନ ପାରେ । ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରୁଛି ।

୧୦. ପୂର୍ବ ଗୌରବର ସ୍ମୃତି ଉନ୍ନତି ଲାଭର ଗୋଟିଏ ଉତ୍କୃଷ୍ଟ ସମୟ । ତାହା କେବେ ବାକ୍ୟରେ ସୀମିତ ହେବା ଉଚିତ ନୁହେଁ । ନିଜର ହୀନତା ସ୍ୱୀକାର କରିବା, ପ୍ରାଚୀନ ସମାଜର ପ୍ରଶଂସାରେ ଶତମୁଖ ହବା, ମାତ୍ର ନିଜେ ଯେପରି ଅଛୁ - ସେହିପରି ରହିବାକୁ ପ୍ରାବନ୍ଧିକ ପ୍ରାଚୀନାନୁରାଗ ବୋଲି କହିଛନ୍ତି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

### (ଙ) ୧୫୦ ଶବ୍ଦରେ ଉତ୍ତର ଦେବାକୁ ହେବ। ଆରମ୍ଭରେ ପ୍ରବନ୍ଧ ଓ ପ୍ରାବନ୍ଧିକଙ୍କ ସମ୍ପର୍କରେ ସୂଚନା ରହିବ।

୧. ପ୍ରବନ୍ଧ 'ଇତିହାସ', ପ୍ରାବନ୍ଧିକ ବିଶ୍ୱନାଥ କରଙ୍କର ଏକ ମନୋଜ୍ଞ ପ୍ରବନ୍ଧ। ନିଜର ପ୍ରଜ୍ଞା ଓ ଅବବୋଧକୁ ଆଧାର କରି 'ଇତିହାସ' ନାମକ ଏକ ସମାଜନିଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସେ ନିଜସ୍ୱ ମତ ଉପସ୍ଥାପନ କରିଛନ୍ତି।

ଦୁଇ ପ୍ରକାର ମାନବଙ୍କ ମଧ୍ୟରୁ ସୂକ୍ଷ୍ମ ବିଚାରବୁଦ୍ଧି ସଂପନ୍ନ ମଣିଷ ହିଁ ସମାଜ ଓ ଦେଶର ଉନ୍ନତିର ପଥପ୍ରଦର୍ଶକ ହୋଇଥାଏ। ଅନେକ ଉତ୍ଥାନ ପତନ ଦେଇ ମାନବ ସମାଜର ଅଗ୍ରଗତି ଘଟିଅଛି। କେତେ ସଭ୍ୟତାର ଧ୍ୱଂସସ୍ତୂପ ଉପରେ, କଂକାଳ ଉପରେ ଆଜିର ସମାଜ ଦଣ୍ଡାୟମାନ। ତେଣୁ ଗୋଟିଏ ଜାତିର ଜୀବନ ଚରିତ ଭାବେ ଇତିହାସକୁ ବିବେଚନା କରାଯାଏ। କୌଣସି ରାଜବଂଶର ବିବରଣୀ, କ୍ଷମତାଶାଳୀ ବୀରପୁରୁଷ, ଅଲୌକିକ କ୍ଷମତା ଓ ଦକ୍ଷତାର ଅଧିକାରୀ ଉଚ୍ଚବଂଶଜ ମାନଙ୍କର ଜୀବନୀକୁ ଇତିହାସ କୁହାଯାଇ ପାରିବ ନାହିଁ। କଳ୍ପନା ମିଶ୍ରିତ ଏ ବିବରଣୀ ପ୍ରକୃତ ଇତିହାସ ବର୍ଣ୍ଣନାରେ ବାଧକ ହୋଇଥାଏ। ସେହିପରି ପ୍ରାଚୀନ ଧର୍ମଶାସ୍ତ୍ର, ପୁରାଣ ଇତ୍ୟାଦି ଇତିହାସ ପଦବାଚ୍ୟ ହୋଇପାରିବ ନାହିଁ। ମାତ୍ର ସମକାଳୀନ ସାହିତ୍ୟ, ଧର୍ମ, ନୀତିବାଣୀ, ଶିଳ୍ପ, ବାଣିଜ୍ୟ, ଦର୍ଶନ ଇତ୍ୟାଦି ଐତିହାସିକ ସତ୍ୟମୟ। ଏହି ସତ୍ୟ ହିଁ ଇତିହାସର ଆଧାର ହୋଇ ପାରିବ। ଅତୀତର ଘଟଣା, ଅନୁଭୂତି, ଅବସ୍ଥା, ଦୂରବସ୍ଥା ସହିତ ବର୍ତ୍ତମାନ ଅବସ୍ଥାର ତୁଳନା ଓ ଭବିଷ୍ୟତ ପାଇଁ ନାନା ସଂକେତ ଏହି ଇତିହାସ ପଦବାଚ୍ୟ ହୋଇପାରିବ।

୨. ପ୍ରାବନ୍ଧିକ ବିଶ୍ୱନାଥ କରଙ୍କର ଇତିହାସ ପ୍ରବନ୍ଧ ଏକ ବିଶିଷ୍ଟ ପ୍ରବନ୍ଧ। ଅତୀତ ଅଧ୍ୟୟନ ମାଧ୍ୟମରେ ବର୍ତ୍ତମାନକୁ ପରିଚାଳିତ କରିବା ଓ ଭବିଷ୍ୟତ ପାଇଁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଉନ୍ନତ ମାର୍ଗ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏହି ପ୍ରବନ୍ଧରେ ଅବତାରଣା କରାଯାଇଛି।

ବ୍ୟକ୍ତିର ଜୀବନଚରିତ କେତେବେଳେ ଇତିହାସ ନୁହେଁ। କତିପୟ ବୀରପୁରୁଷଙ୍କ ଜୀବନୀ, ରାଜା ମହାରାଜାଙ୍କର କଥା, ଇତ୍ୟାଦି ଇତିହାସ ପଦବାଚ୍ୟ ନୁହେଁ। ବରଂ ବୁଢ଼ୀ ମା' ଗଳ୍ପ ଭାବରେ ବିବେଚିତ। ଏଥିରେ ସତ୍ୟତା ଅପେକ୍ଷା କାଳ୍ପନିକତା ଅଧିକ ଥାଏ। ହେଲେ ଗୋଟିଏ ଜାତିର ଅଗ୍ରଗତିରେ ଉତ୍ଥାନ ପତନ, ସଙ୍ଘର୍ଷ – ମିଳାମିଶା, ଇତ୍ୟାଦିର କାହାଣୀ ହିଁ ଜାତିର ଇତିହାସ ହୋଇପାରେ। ପ୍ରତି ମନୁଷ୍ୟର ନିଜ ଜାତି ଅତ୍ୟନ୍ତ ପ୍ରିୟ। ଏ ସମ୍ପର୍କ ତା'ର ଜନ୍ମଗତ। ସେଠି ବିକୃତ ଏକଦେଶଦର୍ଶିତା, ଧର୍ମାନ୍ଧତା ଇତ୍ୟାଦିର ସ୍ଥାନ ନ ଥାଏ। ତାହା ସଂକୀର୍ଣ୍ଣତା ପରିଚାୟକ। କିନ୍ତୁ ଉନ୍ନତିର ଏହି କାହାଣୀ, ସଂଘର୍ଷ ଓ ସହାବସ୍ଥାନର ବିବରଣୀ ସଭ୍ୟତାର ଉନ୍ନତିର କଥା କହେ। ତାହା ହିଁ ସତ୍ୟ। ଏହି ସତ୍ୟ ହିଁ ଅପରିବର୍ତ୍ତନୀୟ। ତାକୁ ହିଁ କେବଳ ଆଧାର କରି ନିଜର ଅତୀତକୁ ସ୍ମରଣ କରିବା, ବର୍ତ୍ତମାନରେ ନିଷ୍କର୍ମା ହୋଇ ରହିବା ଉନ୍ନତ ମାନବ ସଭ୍ୟତାର ପରିଚୟ ନୁହେଁ। ଅନ୍ୟର ଉନ୍ନତି ଦେଖିଲେ ନିଜେ ହୀନମନ୍ୟତାର ଶିକାର ହୁଏ। ତେଣୁ ବେଳେବେଳେ ଅତୀତ ଐତିହ୍ୟର ଆସ୍ଫାଳନ କରେ। ମାତ୍ର ଏହା କେବଳ ବାକ୍ୟରେ ସୀମାବଦ୍ଧ ନ ହେବା ଉଚିତ। ସ୍ୱଜାତିର ବିକାଶରେ ଉତ୍ଫୁଲ୍ଲିତ ହୋଇ ସେଇ ଧାରାକୁ ଅବ୍ୟାହତ ରଖିବା ପାଇଁ ଇତିହାସରୁ ପ୍ରେରଣା ଗ୍ରହଣ କରିବା ପାଇଁ ପ୍ରାବନ୍ଧିତ ମତାମତ ରଖିଛନ୍ତି।

୩. ପ୍ରାବନ୍ଧିକ ବିଶ୍ୱନାଥ କର ତାଙ୍କର ଇତିହାସ ପ୍ରବନ୍ଧରେ ମଣିଷକୁ ସେମାନଙ୍କର ଗୁଣ, ଦୃଷ୍ଟି ଓ କାର୍ଯ୍ୟଧାରା ଭେଦରେ ଦୁଇଭାଗରେ ବିଭକ୍ତ କରିଛନ୍ତି। ଗୋଟିଏ ଗୋଷ୍ଠୀର ମଣିଷ ପୃଥିବୀର ନାନାବସ୍ତୁ, ଦର୍ଶନ କରନ୍ତି, ସମ୍ଭୋଗ କରନ୍ତି ମାତ୍ର କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ସେମାନଙ୍କର ପ୍ରୟାସ ଦେଖାଯାଇ ନ ଥାଏ। କେଉଁ ଉପାୟ ବା ସୂତ୍ରରେ କେଉଁବସ୍ତୁ ସେମାନଙ୍କର ନିକଟତର ହେଲା ଓ କିପରି ତାହାର ସଦ୍‌ବ୍ୟବହାର କରିବାକୁ ହେବ, ସେମାନଙ୍କର ଚିନ୍ତା ମଧ୍ୟକୁ ଆସେ ନାହିଁ।

ଅନ୍ୟ ଗୋଷ୍ଠୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟିସମ୍ପନ୍ନ, ଚିନ୍ତାଶୀଳ। ଏମାନଙ୍କ ଦ୍ୱାରା ପୃଥିବୀର ନାନାପ୍ରକାର ଉନ୍ନତି ସାଧିତ ହୁଏ। ଏହି ଚିନ୍ତାଶୀଳତା ଓ ସୂକ୍ଷ୍ମଦୃଷ୍ଟି ସଂପନ୍ନତା ହିଁ ମନୁଷ୍ୟର ବିଶେଷ ଲକ୍ଷଣ। ଏହାରି ଦ୍ୱାରା ହିଁ ସମାଜର ସକଳ ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧିତ ହେଉଥିବାର ପରିଲକ୍ଷିତ ହୁଏ।

# ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

## ଗୋଲୋକ ବିହାରୀ ଧଳ

### ବହୁବିକଳ୍ପ ପ୍ରଶ୍ନୋତ୍ତର

(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।

୧. ଜିଲ୍ଲାପରିଷଦ ପରିଚାଳିତ ଆଞ୍ଚଳିକ ସଭାର ପ୍ରଥମ ବିଷୟଭାବେ ବିଚାର ହେବା ପାଇଁ କେଉଁ ବିଷୟ ରଖାଯାଇଥିଲା ?

(କ) ଶିକ୍ଷା (ଖ) ସ୍ୱାସ୍ଥ୍ୟ

(ଗ) କୃଷି (ଘ) ଶିଳ୍ପ

୨. ଜିଲ୍ଲାପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ କ'ଣ ଥିଲା ?

(କ) କୃଷି (ଖ) ଶିଳ୍ପ

(ଗ) ସ୍ୱାସ୍ଥ୍ୟ (ଘ) ଶିକ୍ଷା

୩. ଜିଲ୍ଲାପରିଷଦ ପରିଚାଳିତ ସଭାରେ ଶିକ୍ଷା ବିଷୟ ବିଚାର ଲାଗି କେଉଁ ସ୍ଥାନରେ ଥିଲା ?

(କ) ସବାଉପରେ (ଖ) ମଧ୍ୟଭାଗରେ

(ଗ) ସବାତଳେ (ଘ) ଅନ୍ୟାନ୍ୟ

୪. ସରକାରଙ୍କ ଯୋଜନାକୁ ସାଧାରଣ ଲୋକେ ବୁଝୁ ନାହାନ୍ତି କିମ୍ବା ବୁଝିବାକୁ ସେମାନଙ୍କର ଇଚ୍ଛା ନାହିଁ, କାରଣ ଲୋକଙ୍କର ବିଶେଷ ______ ନାହିଁ ?

(କ) ବୁଦ୍ଧି (ଖ) ବିବେକ

(ଗ) ଜ୍ଞାନ (ଘ) ଶିକ୍ଷା

୫. ମଣିଷର ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ତା'ପରେ ଯୋଜନା କଥା କହିଲେ ସେ ବୁଝିପାରିବ ?

(କ) ଧର୍ମ (ଖ) ଗବେଷଣା

(ଗ) ଶିକ୍ଷା (ଘ) ବୁଦ୍ଧି

୬. ମାଟିକୁ କ'ଣ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛଧରେ ?

(କ) ଓଦା (ଖ) ଅଧାଓଦା

(ଗ) ପାଗ (ଘ) ଅଳ୍ପଶୁଖିଲା

୭. ପଡ଼ିଆ ଭୂଇଁରେ ଫସଲ ବୁଣିଲେ କିଏ ଚରିଯାନ୍ତି ?

(କ) ପୋକ (ଖ) ଗୋରୁ

(ଗ) ପଙ୍ଗପାଳ (ଘ) ମଇଁଷି

୮. ଲେଖକଙ୍କ ମତରେ ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'କୁ କେଉଁ କଥା କହିଲେ ସେ ବୁଝିପାରିବେ ?

(କ) ଯୋଜନା (ଖ) ଗଣତନ୍ତ୍ର

(ଗ) କୃଷି (ଘ) ବାଣିଜ୍ୟ

୯. ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?

(କ) ଉନ୍ନୟନ (ଖ) ବିଜ୍ଞାନ

(ଗ) ଯୋଜନା (ଘ) ଗବେଷଣା

୧୦. ଲୋକମାନେ କ'ଣ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଯାଇଛି ବୋଲି ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି ?

(କ) ଅଜଣା ଅଶୁଣା

(ଖ) ମୂର୍ଖ ଓ ଅପଗଣ୍ଡ

(ଗ) ଅଶିକ୍ଷିତ ନିରକ୍ଷର

(ଘ) ଅବୁଝା ଅମାନିଆ

୧୧. କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?

(କ) ଆଫ୍ରିକା (ଖ) ଏସିଆ

(ଗ) ୟୁରୋପ (ଘ) ଆମେରିକା

୧୨. ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?

(କ) ସ୍ୱାସ୍ଥ୍ୟ (ଖ) ଶିକ୍ଷା

(ଗ) ଶିଳ୍ପ (ଘ) ବାଣିଜ୍ୟ

୧୩. ଉନ୍ନୟନର ଲମ୍ବା ରିପୋର୍ଟ ଦେବା ନାଁରେ ଆମ୍ଭେମାନେ ଏତେ ମୁଗ୍ଧ ଯେ, କୌଣସି ବସ୍ତୁର କେଉଁ ମୂଲ୍ୟ ବିଷୟରେ ଚିନ୍ତା କରିବାକୁ ଆମକୁ ବେଳ ନଥାଏ ବୋଲି ଲେଖକ କହିଛନ୍ତି ?

(କ) ପ୍ରକୃତ (ଖ) ବାସ୍ତବ

(ଗ) ମୌଳିକ (ଘ) ଆନୁମାନିକ

୧୪. ଆମ ଶାସନ ପଦ୍ଧତିରେ କେଉଁମାନଙ୍କର ବିଶେଷ ମୂଲ୍ୟ ନଥାଏ ?

(କ) କମିସନର (ଖ) ବିଶେଷଜ୍ଞ

(ଗ) ଗବେଷକ (ଘ) ଶାସକ

୧୫. ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?

(କ) ଶିକ୍ଷା (ଖ) ସ୍ୱାସ୍ଥ୍ୟ

(ଗ) ଶିଳ୍ପ (ଘ) ନଗର ଉନ୍ନୟନ

୧୬. ପାଠ ପଢ଼ିସାରିଲା ପରେ ଭାରତୀୟ ଲୋକଙ୍କର ଆମେରିକା ନ ଛାଡ଼ିବାର ମୁଖ୍ୟ କାରଣ କ'ଣ ?

(କ) କମ୍ ଦରମା

(ଖ) କମ୍ ସୁବିଧାସୁଯୋଗ

(ଗ) ବିଶେଷଜ୍ଞମାନଙ୍କୁ ଅଣଦେଖା

(ଘ) ପ୍ରମୋସନ ନ ମିଳିବା

୧୭. ଭାରତରେ ସବୁକଥା କାହାଦ୍ୱାରା ନିୟନ୍ତ୍ରିତ ହୁଏ ?

(କ) ବିଶେଷଜ୍ଞ (ଖ) ଗବେଷକ

(ଗ) ଶାସକ (ଘ) କମିଶନର

୧୮. ବମ୍ବେରୁ ବାହାରୁଥିବା କେଉଁ କାଗଜରେ 'ଶାସକ ଓ ବିଶେଷଜ୍ଞ' ଅଗ୍ରଲେଖାଟି ପ୍ରକାଶ ପାଇଥିଲା ?

(କ) ଟେଲିଗ୍ରାଫ

(ଖ) ଟାଇମସ୍ ଅଫ୍ ଇଣ୍ଡିଆ

(ଗ) ସଣ୍ଡେ ଷ୍ଟାଣ୍ଡାର୍ଡ଼

(ଘ) ଇଲଷ୍ଟ୍ରେଟେଡ଼ ଉଇକ୍ଲି

୧୯. ଶିକ୍ଷାର କେଉଁକଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?

(କ) ଅଧୋଗତି (ଖ) ଊର୍ଦ୍ଧ୍ୱଗତି

(ଗ) ବିପରୀତଗତି (ଘ) ଦୁର୍ଗତି

୨୦. ରାଜ୍ୟରେ ଶିକ୍ଷା କେଉଁ ଏକ ଅବସ୍ଥା ଆସି ପହଞ୍ଚିଗଲାଣି ବୋଲି ଲେଖକ କହିଛନ୍ତି ?

(କ) ଦୟନୀୟ (ଖ) ସ୍ଥାଣୁ

(ଗ) ନିରୁପାୟ (ଘ) ପ୍ରଗତି ହୀନ

୨୧. ଲେଖକ ଶିକ୍ଷା କମିଶନଙ୍କୁ ଅନ୍ୟାନ୍ୟ ବିଷୟ ମଧ୍ୟରେ କେଉଁ ପଦ୍ଧତି ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ?

(କ) ଶିକ୍ଷା ପଦ୍ଧତି (ଖ) ପଠନ ପଦ୍ଧତି

(ଗ) ପରୀକ୍ଷା ପଦ୍ଧତି (ଘ) ପ୍ରସ୍ତୁତି ପଦ୍ଧତି

୨୨. ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ 'ସତ୍ୟ ହୋଇଥିଲେ ସାଂଘାତିକ' ଉପାଗ୍ର ଲେଖାଟି କେଉଁ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ?

(କ) ସମାଜ (ଖ) କଳିଙ୍ଗ

(ଗ) ପ୍ରଜାତନ୍ତ୍ର (ଘ) ଧରିତ୍ରୀ

୨୩. ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?

(କ) ମୌଳିକ ଜ୍ଞାନ (ଖ) ପ୍ରକୃତ ଗଣତନ୍ତ୍ର

(ଗ) ମୌଳିକ ଚିନ୍ତା (ଘ) ଉଚିତ ଶିକ୍ଷା

**୨୪. କେଉଁ ପ୍ରଦେଶର ଛାତ୍ରଟିଏ ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇ ଥିଲେ ବୋଲି କୁହାଯାଇଛି ?**

(କ) ଆନ୍ଧ୍ର (ଖ) ତାମିଲନାଡୁ

(ଗ) ବିହାର (ଘ) ପଶ୍ଚିମବଙ୍ଗ

**୨୫. ଜଣେ ସ୍କୁଲ ଶିକ୍ଷକଙ୍କ ମତାନୁଯାୟୀ ଯଦି ଆଜିକାଲି କୌଣସି ଅନୁଷ୍ଠାନର ବହୁତ ଛାତ୍ର ଖୁବ୍ ଭଲ ଫଳ ଦେଖାଇଥାନ୍ତି, ତେବେ ସେ ପ୍ରକାର ଫଳକୁ ଅନ୍ୟମାନେ କେଉଁ ଚକ୍ଷୁରେ ଦେଖିଥାନ୍ତି ?**

(କ) ଭଲ (ଖ) ଖରାପ

(ଗ) ସନ୍ଦେହ (ଘ) ଶତ୍ରୁ

**୨୬. କେଉଁଠାରୁ ପାଣି ଝରିଲା ପରି ସାରା ବର୍ଷଯାକ ପରୀକ୍ଷା ଫଳ ଆସ୍ତେ ଆସ୍ତେ ବାହାରୁଛି ବୋଲି ଲେଖକ କହିଛନ୍ତି ?**

(କ) ଝରଣାରୁ (ଖ) କୂଅରୁ

(ଗ) ହୀରାକୁଦ ବନ୍ଧରୁ (ଘ) ପାହାଡ଼ ଖୋଲରୁ

**୨୭. କ'ଣ ପାଶ୍ କରି ଲୋକେ ମାଜିଷ୍ଟ୍ରେଟ୍ କାମ ଚଳାଇ ନେଉଥିଲେ ?**

(କ) ବି.ଏ. (ଖ) ଏମ୍.ଏ.

(ଗ) ଆଇ.ଏ. (ଘ) ମାଟ୍ରିକ୍ୟୁଲେସନ

**୨୮. କାହାର ଆଜିକାଲି ପାଠ ସଙ୍ଗେ କିଛି ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ?**

(କ) ଛାତ୍ରର (ଖ) ଶିକ୍ଷାନୁଷ୍ଠାନର

(ଗ) ଅଭିଭାବକଙ୍କର (ଘ) ଶିକ୍ଷକଙ୍କର

**୨୯. ଆଜିକାଲି ପ୍ରତ୍ୟେକ ଲୋକ ପାଠର ମୂଲ୍ୟ ବୁଝି ସାରିଥିଲେ ମଧ୍ୟ ପାଠର କ'ଣ କମୁଛି ବୋଲି ଲେଖକ କହିଛନ୍ତି ?**

(କ) ଚାହିଦା (ଖ) ମୂଲ୍ୟ

(ଗ) ମାନଦଣ୍ଡ (ଘ) ଆବଶ୍ୟକତା

**୩୦. କେଉଁ ପତ୍ରିକାରେ 'ଆଉଟ୍ ସାଇଡ୍‌ର' ନା ଦେଇ ଜଣେ କେହି ଦି.ଏମ୍.ଏ. ଇନ୍ ବେଙ୍ଗଲୀ ବୋଲି ଲେଖାଟିଏ ଲେଖିଥିଲେ ?**

(କ) ଷ୍ଟେଟ୍‌ସମ୍ୟାନ

(ଖ) ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼

(ଗ) ଦି ଗାର୍ଡ଼ିଆନ୍

(ଘ) ଟାଇମସ୍ ଅଫ ଇଣ୍ଡିଆ

**୩୧. ଏ ଦେଶରେ ଜ୍ଞାନୀ ଗବେଷକମାନେ ଲୁଚି କରିଥାଆନ୍ତି, ହଠାତ୍ ବାହାରି ପଡ଼ି ଏମିତି କ'ଣ ଦେଖାନ୍ତି ଯେ, ଲୋକେ ଚମକି ପଡ଼ି ବିଶ୍ୱାସ କରିପାରନ୍ତି ନାହିଁ ?**

(କ) ଜ୍ଞାନ (ଖ) ଚତୁରତା

(ଗ) ଚମକ (ଘ) ବିଦ୍ୟା

**୩୨. ବ୍ରିଟିଶ୍‌ମାନେ କାହାକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡ଼ାଉ ଥିଲେ ?**

(କ) ନଡ଼ିଆ ଗଛ (ଖ) ତାଳ ଗଛ

(ଗ) ଶାଳ ଗଛ (ଘ) ଗୁଆ ଗଛ

**୩୩. କେଉଁ ଲୋକମାନଙ୍କୁ ତାଲିମ ଦେଇ ଫଉଜ ପୋଷାକ ପିନ୍ଧାଇ ଦେଲେ ସ୍ୱାଧିନତା ରହିପାରିବ ନାହିଁ ବୋଲି ଲେଖକ କହିଛନ୍ତି ?**

(କ) ଶିକ୍ଷିତ ବିଦ୍ୱାନମାନଙ୍କୁ

(ଖ) ନିରନ୍ନ ମୂର୍ଖ ଲୋକଙ୍କୁ

(ଗ) ଶିକ୍ଷିତ ମଧ୍ୟବିତ୍ତଙ୍କୁ

(ଘ) ସୁସ୍ଥସବଳ ଲୋକମାନଙ୍କୁ

**୩୪. ଲେଖକଙ୍କ ବିଚାରରେ ଶିକ୍ଷାକୁ ଶେଷ ସ୍ଥାନ ନ ଦେଇ କେଉଁ ସ୍ଥାନ ଦେଲେ ଏହି ଅବସ୍ଥାରେ ପରିବର୍ତ୍ତନ କେବଳ ଆଶା କରାଯାଇପାରେ ?**

(କ) ଆରମ୍ଭ (ଖ) ଉଚ୍ଚସ୍ଥାନ

(ଗ) ଶୀର୍ଷସ୍ଥାନ (ଘ) ମୁଖ୍ୟସ୍ଥାନ

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଖ) ଉପଯୁକ୍ତ ଶବ୍ଦ ଯୋଗକରି ଶୂନ୍ୟସ୍ଥାନ ପୂରଣ କର । ପ୍ରତି ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।**

୧. ଆଞ୍ଚଳିକ ସଭାରେ ______ ବିଷୟକୁ ସବା ଉପରେ ବିଚାର ପାଇଁ ରଖା ଯାଇଥିଲା ।

୨. ଆଞ୍ଚଳିକ ସଭାରେ ______ ବିଷୟକୁ ସବାତଳେ ବିଚାର ପାଇଁ ରଖା ଯାଇଥିଲା ।

୩. ଶିକ୍ଷାକୁ ଜିଲ୍ଲାପରିଷଦ ସଭାର ______ କ୍ରମରେ ବିଚାର ବିଷୟ ଭାବେ ରଖା ଯାଇଥିଲା ।

୪. ଯୋଜନାକୁ ନ ବୁଝିବାର କାରଣ ହେଉଛି, ଲୋକଙ୍କର ବିଶେଷ ______ ନାହିଁ ।

୫. ମାଟିକୁ ______ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ ।

୬. ______ ଭୂଇଁରେ ଫସଲ ବୁଣିଲେ ଗୋରୁ ଚରିଯାନ୍ତି ।

୭. ମଣିଷ ମନକୁ ପ୍ରଥମେ ______ ରେ ସଜାଡ଼ି ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ ।

୮. ଆଜିକାଲିର ଯୁଗ ______ ଯୁଗ ବୋଲି ଲେଖକ କହିଛନ୍ତି ।

୯. ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତି ସଂଘ ତାଙ୍କ ______ ରିପୋର୍ଟରେ କହିଛନ୍ତି ।

୧୦. ______ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ।

୧୧. କୌଣସି ବସ୍ତୁର ______ ମୂଲ୍ୟ ବିଷୟରେ ବିଶେଷ ଚିନ୍ତା କରିବାକୁ ଆମକୁ ବେଳ ନାହିଁ ବୋଲି ଲେଖକ କହିଛନ୍ତି ।

୧୨. ଆମ ଶାସନ ପଦ୍ଧତିରେ ______ ମାନଙ୍କର ବିଶେଷ ମୂଲ୍ୟ ନଥାଏ ।

୧୩. ବିଶେଷଜ୍ଞମାନଙ୍କର ______ ଦେଶରେ ବିକାଶ ମୂଲ୍ୟ ନାହିଁ ।

୧୪. ଯୋଜନା ଅର୍ଥ ବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମ ଆଘାତ ______ ବିଭାଗ ଉପରେ ପଡ଼େ ।

୧୫. ଭାରତ ବର୍ଷରେ ସବୁକଥା ______ ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ।

୧୬. 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖାଟି ______ କାଗଜରେ ପ୍ରକାଶ ପାଇଥିଲା ।

୧୭. ବିଶେଷଜ୍ଞମାନଙ୍କୁ ବିଶେଷ ______ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାନ୍ତି ।

୧୮. ଶିକ୍ଷାର ______ କଥା ନ ରୋକିଲେ ଆମର ଅବସ୍ଥା ନିଶ୍ଚୟ ଶୋଚନୀୟ ହେବ ବୋଲି କୁହାଯାଇଛି ।

୧୯. ଶିକ୍ଷା ରାଜ୍ୟରେ ଏକ ______ ଅବସ୍ଥା ଆସି ପହଞ୍ଚି ଗଲାଣି ବୋଲି ଲେଖକ କହିଛନ୍ତ ।

୨୦. ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ମଧ୍ୟରେ ______ ପଦ୍ଧତି ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଲେଖକ ଅନୁରୋଧ କରିଛନ୍ତି ।

୨୧. ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ 'ସତ୍ୟ ହୋଇଥିଲେ ସାଂଘାତିକ' ଉପାଗ୍ର ଲେଖାଟି ______ ପତ୍ରିକାରେ ପ୍ରକାଶ ପାଇଥିଲା ।

୨୨. ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇ ପାରିବନାହିଁ, ସେ ଦେଶରେ ______ ର ସ୍ଫୁରଣ ହୋଇପାରିବନାହିଁ ।

୨୩. ଆନ୍ଧ୍ର ପ୍ରଦେଶରେ ଛାତ୍ରଟିଏ ______ ବିକି ଦଶ ହଜାର ଟଙ୍କା ଲାଭ ଉଠାଇଥିଲା ବୋଲି କୁହାଯାଇଛି ।

୨୪. ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ ମୋଟ୍ ପାଶ୍ କରିଥିବା ପିଲାଙ୍କ ______ ଭାଗ ଅବୈଧ ଆଚରଣରେ ଦଣ୍ଡିତ ହୋଇଥିଲେ ।

୨୫. ଜଣେ ସ୍କୁଲ ଶିକ୍ଷକଙ୍କ ମତରେ କୌଣସି ଅନୁଷ୍ଠାନର ବହୁଛାତ୍ର ଭଲ ଫଳ ଦେଖାଇଥିଲେ ସେ ପ୍ରକାର ଫଳକୁ ______ ଚକ୍ଷୁରେ ଦେଖିବାକୁ ହେବ ।

୨୬. _______ ଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ ।

୨୭. ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ _______ ଆସ୍ତେ ଆସ୍ତେ ବାହାରୁଛି ।

୨୮. ଆଗେ ମାଟ୍ରିକ୍ୟୁଲେସନ ପାଶ୍ କରି ଲୋକେ _______ କାମ ଚଳାଇ ଦେଉଥିଲେ ।

୨୯. _______ ର ଆଜିକାଲି ବୋଧ ହୁଏ ପାଠ ସଙ୍ଗେ ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ।

୩୦. ଆଜିକାଲି ପ୍ରତ୍ୟେକ ଲୋକ ପାଠ ମୂଲ୍ୟ ବୁଝି ସାରିଥିଲେ ମଧ୍ୟ ପାଠର _______ କମୁଛି ବୋଲି ଲେଖକ କହିଛନ୍ତି ।

୩୧. _______ ରେ 'ଆଉଟ୍ ସାଇଡ଼ର' ନାଁ ଦେଇ ଜଣେ କେହି 'ବି.ଏମ୍.ଏ. ଇନ୍ ବେଙ୍ଗଲୀ' ବୋଲି ଲେଖାଟିଏ ଲେଖିଥିଲେ ।

୩୨. ଭାରତ ବର୍ଷରେ କେତେକ ବିଶ୍ୱବିଦ୍ୟାଳୟରେ ଶହ ଶହ ପି.ଏଚଡି., ଡି.ଲିଟ୍. ବାହାରୁ ଥିଲେ ବି ସେମାନଙ୍କର ଗୋଟିଏ ହେଲେ ଗବେଷଣା ଜ୍ଞାନ ରାଜ୍ୟରେ _______ ପାଇନାହିଁ ।

୩୩. ତଳ ତ ଯାହା ଯାହା, ଉପରଟା ଯଦି ଫାଙ୍କା ହୋଇଯାଏ, ତେବେ ଖାଲି _______ ରେ କ'ଣ ଏହି ସ୍ୱାଧୀନତାଟାକୁ ସମ୍ଭାଳି ହେବ ବୋଲି ଲେଖକ ପ୍ରଶ୍ନ କରିଛନ୍ତି ।

୩୪. ବ୍ରିଟିଶମାନେ _______ କୁ ତୋପ କରି ଦେଖାଇ ଜାପାନୀ ଶତ୍ରୁତାକୁ ଏ ଦେଶରୁ ଘଉଡ଼ାଉଥିଲେ ।

୩୫. ନିରନ୍ନ ମୂର୍ଖ ଲୋକଙ୍କୁ ତାଲିମ କରି _______ ପୋଷାକ ପିନ୍ଧାଇ ଦେଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ବୋଲି ଲେଖକ କହିଛନ୍ତି ।

୩୬. ଲେଖକଙ୍କ ବିଚାରରେ ଶିକ୍ଷାକୁ ଶେଷ ସ୍ଥାନ ନ ଦେଇ _______ ସ୍ଥାନ ଦେଲେ ଏହି ଅବସ୍ଥାର ପରିବର୍ତ୍ତନ କେବଳ ଆଶା କରାଯାଇପାରେ ।

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।

୧. ଜିଲ୍ଲା ପରିଷଦର ଆଞ୍ଚଳିକ ସଭାରେ କେଉଁ ବିଷୟ ସବାଉପରେ ଓ କେଉଁ ବିଷୟ ସବାତଳେ ବିଚାର ପାଇଁ ରଖାଯାଇଥିଲା ?

୨. ସରକାର ବହୁତ କ'ଣ କରିଛନ୍ତି ଯାହା ଲୋକେ ବୁଝିନାହାନ୍ତି କିମ୍ବା ବୁଝିବାକୁ ସେମାନଙ୍କର ଇଚ୍ଛାନାହିଁ ?

୩. ସାଧାରଣ ଲୋକଙ୍କର ବିଶେଷ କ'ଣ ନାହିଁ ବୋଲି ଲେଖକ କହିଛନ୍ତି ?

୪. ମାଟିକୁ କ'ଣ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ ?

୫. ମଣିଷ ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ ?

୬. ପଡ଼ିଆ ଭୂଇଁରେ କ'ଣ ବୁଣିଲେ ଗୋରୁ ଚରିଯିବେ ?

୭. କାହାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଆଗ୍ରହରେ କଲେ ଦୁଇଟି ଭିତରେ ସମନ୍ୱୟ ରହିପାରିବ ?

୮. ଏସିଆରେ ଅଧିକାଂଶ ଦେଶରେ କ'ଣ ହେଉଛି ସବୁଠୁ ବଡ଼ ସମସ୍ୟା ?

୯. ଆମର ଶାସନ ପଦ୍ଧତିରେ କେଉଁମାନଙ୍କର ବିଶେଷ ମୂଲ୍ୟ ନଥାଏ ?

୧୦. ଯୋଜନା ଯେତେବେଳେ ଅର୍ଥ ବିଭାଗଙ୍କ ବିଚାରକୁ ଆସିଥାଏ, ସେତେବେଳେ କ'ଣ ହୁଏ ?

୧୧. 'ଇଲଷ୍ଟ୍ରେଟେଡ୍ ଉଇକ୍ଲି'ରେ କେଉଁ ଲେଖାଟି ବାହାରି ଥିଲା ?

୧୨. ଭାରତରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

୧୩. ବିଶେଷଜ୍ଞମାନଙ୍କୁ କ'ଣ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି ?

୧୪. ଦେଶର ପରିଚାଳନା ପଦ୍ଧତିରେ କ'ଣ ସୃଷ୍ଟି ନ ହେଲା ପର୍ଯ୍ୟନ୍ତ, ଅବସ୍ଥାରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ ?

୧୫. ଆମ ଦେଶର କେଉଁ ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରି କଷ୍ଟ ?

୧୬. ପ୍ରାଥମିକ ପରୀକ୍ଷା ପାଇଁ କେଉଁ ବହି ସବୁଠୁ ବେଶୀ କଟୁଛି ବୋଲି ଲେଖକ ପ୍ରକାଶ କରିଛନ୍ତି ?

୧୭. ନୋଟ୍‌ବହି ପଢ଼ି ଭୋଟ ଦେଇ ପୃଥିବୀରେ କ'ଣ ତିଷ୍ଠିଲାଣି ବୋଲି ଲେଖକ ପ୍ରଶ୍ନ କରିଛନ୍ତି ?

୧୮. କିଏ ମୌଳିକ ପୁସ୍ତକ ଲେଖିପାରିବ ନାହିଁ ବୋଲି ଲେଖକ କହିଛନ୍ତ ?

୧୯. ମାଇନର ପରୀକ୍ଷା ଓ ଅପର ପ୍ରାଇମେରୀ ପରୀକ୍ଷା ଚାଲୁ ହେବା ପରେ କ'ଣ ହେଲା ?

୨୦. ଲୋକସାଧାରଣଙ୍କର ଆଶ୍ଚର୍ଯ୍ୟ ହେବାର କାରଣ କ'ଣ ?

୨୧. ଉପରସ୍ତରରେ ପରିସ୍ଥିତି କ'ଣ ନୁହେଁ ବୋଲି ଲେଖକ କହିଛନ୍ତି ?

୨୨. ହୀରାକୁଦ ବନ୍ଧରୁ ବର୍ଷସାରା କ'ଣ ହେବା ପରି ସାରା ବର୍ଷକଯାକ ପରୀକ୍ଷା ଫଳ ବାହାରୁଛି ?

୨୩. ଚିଠିଟିଏ ମାତୃଭାଷାରେ ଲେଖିବାକୁ ଜଣେ ବି.ଏ. ଛାତ୍ରଙ୍କୁ କହିଲେ କ'ଣ ହେବ ?

୨୪. ଅକ୍ଷରର ଆଜିକାଲି କାହା ସଙ୍ଗେ ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ?

୨୫. ଆଜିକାଲି ପ୍ରତ୍ୟେକ ଲୋକ ପାଠର ମୂଲ୍ୟ ବୁଝିସାରିଥିଲେ ମଧ୍ୟ କାହାର ମାନଦଣ୍ଡ କମୁଛି ?

୨୬. "ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼"ରେ 'ଦି ଆଉଟ୍‌ସାଇଡ଼'ର ନାମରେ କେଉଁ ଶିରୋନାମାରେ ଲେଖାଟିଏ ବାହାରିଥିଲା ?

୨୭. ଏ ଦେଶରେ କେଉଁମାନେ ହଠାତ୍ ବାହାରି ପଡ଼ି ଚମକ ଦେଖାନ୍ତି ?

୨୮. ଭାରତବର୍ଷରେ କେତେକ ବିଶ୍ୱ ବିଦ୍ୟାଳୟରୁ ବାହାରୁ ଥିବା ଶହ ଶହ ପି.ଏଚ୍‌ଡି., ଡି.ଲିଟ୍‌ମାନଙ୍କର ଗବେଷଣା କ'ଣ ପାଇନାହିଁ ?

୨୯. ତଳ ସହିତ ଉପରଟା ଯଦି ଫାଙ୍କା ହୋଇଯାଏ ତେବେ ଖାଲି ଆବାଜରେ କାହାକୁ ସମ୍ଭାଳି ହେବ ବୋଲି ଲେଖକ ପ୍ରଶ୍ନ କରିଛନ୍ତି ?

୩୦. ଭାରତଟା ବ୍ରିଟିଶମାନଙ୍କର କ'ଣ ନଥିଲା ବୋଲି ତାଳଗଛକୁ ତୋପକରି ଦେଖାଇ ଜାପାନୀ ଶତ୍ରୁକୁ ଏ ଦେଶରୁ ଘଉଡ଼ୁ ଥିଲେ ?

୩୧. ନିରନ୍ନ ମୂର୍ଖ ଲୋକଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇ ନେଲେ କ'ଣ ରହି ପାରିବ ନାହିଁ ବୋଲି ଲେଖକ କହିଛନ୍ତି ?

## (ଘ) ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।

୧. କେଉଁ ସଭା ଦେଖିବାର ସୁଯୋଗ ଲେଖକଙ୍କୁ ମିଳିଥିଲା ?

୨. ସଭାରେ ବିଚାର ପାଇଁ କେଉଁ ବିଷୟ ସବାଉପରେ ଥିଲା ?

୩. ସଭାରେ ବିଚାର ପାଇଁ କେଉଁ ବିଷୟ ସବାତଳେ ଥିଲା ?

୪. ସରକାର କ'ଣ କରିଛନ୍ତି ଯାହାକୁ ଲୋକେ ବୁଝୁ ନାହାନ୍ତି କିମ୍ବା ବୁଝିବାକୁ ସେମାନଙ୍କର ଇଚ୍ଛା ବି ନାହିଁ ?

୫. କେଉଁ ଭୂମିରେ ଫସଲ ବୁଣିଲେ ଗୋରୁ ଚରିଯାନ୍ତି ?

୬. କାହାକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ ?

୭. ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ ଶିକ୍ଷାକୁ ତାଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ଭିତରେ କ'ଣ ରହିପାରିବ ?

୮. ଲୋକମାନେ କ'ଣ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ଅନେକ ପଛରେ ପଡ଼ିଯାଇଛି ବୋଲି ଜାତିସଂଘ ତାଙ୍କ ଶିକ୍ଷାର ପୋର୍ଟରେ କହିଛନ୍ତି ?

୯. ଆମର ଶାସନ ପଦ୍ଧତି ଏମିତି ଯେ ସେଥିରେ କେଉଁମାନଙ୍କର ବିଶେଷ ମୂଲ୍ୟ ନଥାଏ ବୋଲି ଲେଖକ କହିଛନ୍ତି ?

୧୦. ଯୋଜନା ଯେତେବେଳେ ଅର୍ଥବିଭାଗଙ୍କ ବିଚାରକୁ ଆସିଯାଏ ସେତେବେଳେ କଣ ଶିକ୍ଷା ଉପରେ ପଡ଼େ ?

୧୧. ଭାରତରେ ବିଶେଷଜ୍ଞମାନଙ୍କର କ'ଣ ନାହିଁ ବୋଲି ସେମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି ?

୧୨. ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ବୋଲି ସେମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି ?

୧୩. କେଉଁ ଦେଶରେ ସବୁକଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

୧୪. ବମ୍ବେରୁ ବାହାରିଥିବା କେଉଁ ପତ୍ରିକାରେ "ଶାସକ ଓ ବିଶେଷଜ୍ଞ" ଶୀର୍ଷକ ଅଗ୍ର ଲେଖାଟି ପ୍ରକାଶ ପାଇଥିଲା ?

୧୫. ବମ୍ବେରୁ ବାହାରୁଥିବା 'ସଣ୍ଡେ ଷ୍ଟାଣ୍ଡାର୍ଡ଼' ପତ୍ରିକାରେ କେଉଁ ଶୀର୍ଷକ ଅଗ୍ରଲେଖାଟି ପ୍ରକାଶ ପାଇଥିଲା ?

୧୬. ଦେଶର ପରିଚାଳନା ପଦ୍ଧତିରେ କ'ଣ ସୃଷ୍ଟି ନ ହେଲା ପର୍ଯ୍ୟନ୍ତ ଅବସ୍ଥାରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ଲେଖକ କହିଛନ୍ତି ?

୧୭. ଶିକ୍ଷା ରାଜ୍ୟରେ ଏ କି ଅବସ୍ଥା ଆସି ପହଞ୍ଚିଲାଣି ବୋଲି ଲେଖକ କହିଛନ୍ତି ?

୧୮. କେଉଁ ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରିକଷ୍ଟ ?

୧୯. 'କଳିଙ୍ଗ' 'ସତ୍ୟ ହୋଇଥିଲେ ସାଂଘାତିକ' ନାମରେ ଗୋଟିଏ ଉପାଗ୍ର ଲେଖାରେ କେଉଁ ବିଷୟରେ ସୂଚନା ଦେଇଥିଲେ ?

୨୦. ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି ତା' ଅପେକ୍ଷା କେଉଁ ବିଷୟରେ ଅଧିକ ଜାଣୁଛନ୍ତି ?

୨୧. ଏବେ ପ୍ରାଥମିକ ପରୀକ୍ଷା ପାଇଁ ମଧ୍ୟ କେଉଁ ବହି ସବୁଠୁ ବେଶୀ କଟୁଛି ?

୨୨. ନୋଟ୍ ବହିପଢ଼ି ଭୋଟ୍ ଦେଇ ପୃଥିବୀରେ କେଉଁଠି କେବେ କ'ଣ ତିଷ୍ଠିଲାଣି ବୋଲି ଲେଖକ ପ୍ରଶ୍ନ କରିଛନ୍ତି ?

୨୩. ନୋଟ୍‌ବହି ପଢ଼ିବା ଲୋକ କ'ଣ ଲେଖିପାରିବ ନାହିଁ ?

୨୪. ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?

୨୫. ଆଜିକାଲି କୌଣସି ଅନୁଷ୍ଠାନରୁ ବହୁତ ଛାତ୍ର ଭଲଫଳ ଦେଖାଇଥିଲେ, ସେ ପ୍ରକାର ଫଳକୁ କେଉଁ ଚକ୍ଷୁରେ ଦେଖିବାକୁ ହେବ ବୋଲି ସ୍କୁଲ ଶିକ୍ଷକଙ୍କ ମତ ?

୨୬. କେଉଁ ପ୍ରଦେଶର ବିଧାନ ସଭାରେ ଛାତ୍ରଟି ପ୍ରଶ୍ନ ପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇବା କଥା ବିଚାର ହୋଇଥିଲା ?

୨୭. ଏବେ ବି.ଏ. ପିଲାଟିକୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ କ'ଣ ହେବ ?

୨୮. ଆଜିକାଲି କାହାର ପାଠସଙ୍ଗେ ସମ୍ପର୍କ ନାହିଁ ?

୨୯. ଆଗେ ପାଠ ପଢ଼ିବାର ସୁଯୋଗ ନଥିଲେ ମଧ୍ୟ ପାଠର ମାନଦଣ୍ଡ କିପରି ଥିଲା ?

୩୦. ବର୍ତ୍ତମାନ ଲୋକ ପାଠର ମୂଲ୍ୟ ବୁଝିସାରିଥିଲେ ମଧ୍ୟ ପାଠର କ'ଣ କମୁଛି ?

୩୧. ପ୍ରାଥମିକଠାରୁ କେଉଁ ପର୍ଯ୍ୟନ୍ତ ସବୁଠି ପାଠର ଅବସ୍ଥା ସମାନ ହୋଇ ଗଲାଣି ?

୩୨. ଏବେ କେଉଁ ଡିଗ୍ରୀ ସଂଖ୍ୟା ବହୁତ ହେବାରୁ ଡି.ଲିଟ୍. କରିବା ଛଡ଼ା ଆଉ ଉପାୟ ନାହିଁ ?

୩୩. ଏ ଦେଶରେ କେଉଁମାନେ ଲୁଚି କରିଥାନ୍ତି,ହଠାତ୍ ବାହାରି ଚମକ ଦେଇଥାନ୍ତି ?

୩୪. କେଉଁ ଦେଶର କେତେକ ବିଶ୍ୱ ବିଦ୍ୟାଳୟରୁ ଶହ ଶହ ପି.ଏଚଡି. ଓ ଡି.ଲିଟ୍. ବାହାରୁଛନ୍ତି ?

୩୫. କେଉଁମାନଙ୍କର ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନ ରାଜ୍ୟରେ ସମ୍ମାନ ପାଇନାହିଁ ?

୩୬. ତଳ ତ ଯାହା ଯାହା ଉପରଟା ଯଦି ଫାଙ୍କା ହୋଇଯାଏ ତେବେ ଖାଲି ଆବାଜ୍‌ରେ କାହାକୁ ସମ୍ଭାଳି ହେବ ବୋଲି ଲେଖକ ପ୍ରଶ୍ନ କରିଛନ୍ତି ?

୩୭. ବ୍ରିଟିଶମାନେ ତାଳଗଛକୁ ତୋପ କରି ଦେଖାଇ କାହାଙ୍କୁ ଏ ଦେଶରୁ ଘଉଡୁଥିଲେ ?

୩୮. କେଉଁମାନଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ?

୩୯. କାହା ବଳରେ ଆମେ ଅନ୍ୟ ଦେଶମାନଙ୍କ ସହିତ ହୋଇପାରିବ ?

୪୦. କ'ଣ କଲେ ଆମେ ଏହି ଅବସ୍ଥାର ପରିବର୍ତ୍ତନ ଆଶା କରିପାରିବା ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଙ) ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୩ ନମ୍ବର ରଖାଯାଇଛି । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

୧. କ'ଣ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ?

୨. ଭାରତରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ କାହିଁକି ସ୍ପୃହାନାହିଁ ?

୩. ପ୍ରାଥମିକ ସ୍କୁଲରୁ ପିଲା ନୋଟବହି ପଢ଼ିଲେ କ'ଣ ହେବ ?

୪. ଏବେ ମାଟ୍ରିକ୍ ପାଠ ଖଡ଼ିକୁ ନୁହେଁ କି ପେଡ଼ିକୁ ନୁହେଁ ବୋଲି କାହିଁକି ଲେଖକ କହିଛନ୍ତି ?

୫. ଜଣେ ବି.ଏ. ଛାତ୍ରଙ୍କୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଚ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୪ ନମ୍ବର ।**

୧. ଜଣେ ବିଶିଷ୍ଟ ଶିକ୍ଷାବିତ୍ ହିସାବରେ 'ସ୍ୱାଧୀନ ଦେଶର ଶିକ୍ଷାଚିନ୍ତା' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଦୃଷ୍ଟିକୋଣରୁ ଆଲୋଚନା କର ?

୨. 'ସ୍ୱାଧୀନ ଦେଶର ଶିକ୍ଷାଚିନ୍ତା' ପ୍ରବନ୍ଧର ସାରମର୍ମ ନିଜ ଭାଷାରେ ଲେଖ ?

୩. 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ପ୍ରତିକ୍ରିୟା କିଭଳି ପ୍ରକାଶିତ ଆଲୋଚନା କର ।

୪. ଆମ ଦେଶର ପରୀକ୍ଷା ପଦ୍ଧତି ଓ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ପ୍ରାବନ୍ଧିକଙ୍କ ମତର ସତ୍ୟତା ବିଚାର କର ।

୫. ପ୍ରାବନ୍ଧିକଙ୍କ "ଶିକ୍ଷାକୁ ଶେଷ ସ୍ଥାନ ନଦେଇ ଶୀର୍ଷସ୍ଥାନ" ଦେବାର ବିଚାର କେତେ ଯୁକ୍ତିଯୁକ୍ତ ଆଲୋଚନା କର ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଗ) କୃଷି
୨. (ଘ) ଶିକ୍ଷା
୩. (ଗ) ସବାତଳ
୪. (ଘ) ଶିକ୍ଷା
୫. (ଗ) ଶିକ୍ଷା
୬. (ଗ) ପାଗ
୭. (ଖ) ଗୋରୁ
୮. (କ) ଯୋଜନା
୯. (ଗ) ଯୋଜନା
୧୦. (ଗ) ଅଶିକ୍ଷିତ ନିରକ୍ଷର
୧୧. (ଖ) ଏସିଆ
୧୨. (ଖ) ଶିକ୍ଷା
୧୩. (ଗ) ମୌଳିକ
୧୪. (ଖ) ବିଶେଷଜ୍ଞ
୧୫. (କ) ଶିକ୍ଷା
୧୬. (ଗ)ବିଶେଷଜ୍ଞମାନଙ୍କୁ ଅଣଦେଖା
୧୭. (ଗ) ଶାସକ
୧୮. (ଗ) ସଣ୍ଡେ ଷ୍ଟାଣ୍ଡାର୍ଡ଼
୧୯. (କ) ଅଧୋଗତି
୨୦. (ଗ) ନିରୂପାୟ
୨୧. (ଗ) ପରୀକ୍ଷା ପଦ୍ଧତି
୨୨. (ଖ) କଳିଙ୍ଗ
୨୩. (ଗ) ମୌଳିକ ଚିନ୍ତା
୨୪. (କ) ଆନ୍ଧ୍ର
୨୫. (ଗ) ସନ୍ଦେହ
୨୬. (ଗ) ହୀରାକୁଦ ବନ୍ଧରୁ
୨୭. (ଘ) ମାଟ୍ରିକ୍ୟୁଲେସନ
୨୮. (ଗ) ଅକ୍ଷରର
୨୯. (ଗ) ମାନଦଣ୍ଡ
୩୦. (ଖ) ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼
୩୧. (ଗ) ଚମକ
୩୨. (ଖ) ତାଳଗଛ
୩୩. (ଖ) ନିରନ୍ନ ମୂର୍ଖ ଲୋକଙ୍କୁ
୩୪. (ଗ) ଶୀର୍ଷସ୍ଥାନ

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

୧. କୃଷି
୨. ଶିକ୍ଷା
୩. ସବାତଳ
୪. ଶିକ୍ଷା
୫. ପାଗ
୬. ପଢ଼ିଆ
୭. ଶିକ୍ଷା
୮. ଯୋଜନା
୯. ଶିକ୍ଷା
୧୦. ଏସିଆ
୧୧. ମୌଳିକ
୧୨. ବିଶେଷଜ୍ଞ
୧୩. ଭାରତ ଭଳି

୧୪. ଶିକ୍ଷା

୧୫. ଶାସକ

୧୬. ସଣ୍ଡେଷ୍ଟାଣ୍ଡାର୍ଡ଼

୧୭. ସମ୍ମାନ

୧୮. ଅଧୋଗତି

୧୯. ନିରୂପାୟ

୨୦. ପରୀକ୍ଷା ପଦ୍ଧତି

୨୧. କଳିଙ୍ଗ

୨୨. ମୌଳିକ ଚିନ୍ତା

୨୩. ପ୍ରଶ୍ନପତ୍ର

୨୪. ଏକତୃତୀୟାଂଶ

୨୫. ସନ୍ଦେହ

୨୬. ଜୀବନ

୨୭. ପରୀକ୍ଷାଫଳ

୨୮. ମାଜିଷ୍ଟ୍ରେଟ

୨୯. ଅକ୍ଷରର

୩୦. ମାନଦଣ୍ଡ

୩୧. ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼

୩୨. ସମ୍ମାନ

୩୩. ଆବାଜରେ

୩୪. ତାଳଗଛ

୩୫. ଫଉଜ

୩୬. ଶୀର୍ଷ ସ୍ଥାନ

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର

୧. ସବାଉପରେ କୃଷି ଓ ସବାତଳେ ଶିକ୍ଷା ରଖାଯାଇଛି ।

୨. ଯୋଜନା

୩. ବିଶେଷ ଶିକ୍ଷା

୪. ପାଗ

୫. ଶିକ୍ଷାରେ

୬. ଫସଲ

୭. ଯୋଜନାକୁ

୮. ଅଶିକ୍ଷା ଓ ନିରକ୍ଷରତା

୯. ବିଶେଷଜ୍ଞମାନଙ୍କର

୧୦. ପ୍ରଥମ ଆଘାତ ଶିକ୍ଷା ଉପରେ ପଡ଼େ

୧୧. ଭାରତୀୟ ଲୋକେ କାହିଁକି ପାଠପଢ଼ା ସାରିବା ପରେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାନ୍ତି ?

୧୨. ଶାସକମାନଙ୍କ ଦ୍ୱାରା

୧୩. ବିଶେଷ ସମ୍ମାନ ମିଳୁନାହିଁ ବୋଲି

୧୪. ଏକ ନୂତନ ଦୃଷ୍ଟିକୋଣ

୧୫. ପରୀକ୍ଷାପଦ୍ଧତି

୧୬. ପ୍ରଶ୍ନୋତ୍ତର ବହି

୧୭. ସ୍ୱାଧିନତା

୧୮. ନୋଟ୍ ବହି ପଢ଼ିବା ଲୋକ

୧୯. ପରୀକ୍ଷା ପୂର୍ବରୁ ଆଗରୁ ଯାହା ଶୁଣା ନଥିଲା ତାହା ଶୁଣାଗଲା

୨୦. ପରୀକ୍ଷାରେ ପ୍ରଶ୍ନୋତ୍ତର ବହି ବିକ୍ରି ହେବା

୨୧. ସନ୍ତୋଷ ଜନକ

୨୨. ପାଣି ଝରିଲାପରି

୨୩. ପନ୍ଦରଟା ବନାନ ଅଶୁଦ୍ଧି ହୋଇଥିବ

୨୪. ପରୀକ୍ଷା ସଙ୍ଗେ

୨୫. ପାଠର ମାନଦଣ୍ଡ

୨୬. ଦି.ଏମ୍.ଏ. ଇନ୍‌ବେଙ୍ଗଲି

୨୭. ଗବେଷକମାନେ

୨୮. ଉଚ୍ଚ ଜ୍ଞାନ ରାଜ୍ୟରେ ସମ୍ମାନ

୨୯. ସ୍ୱାଧୀନତାଟାକୁ

୩୦. ନିଜ ରାଜ୍ୟ

୩୧. ସ୍ୱାଧୀନତା

## (ଘ) ଦୁଇଟି ବାକ୍ୟରେ ଉତ୍ତର ଦିଅ

୧. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ଜିଲ୍ଲା ପରିଷଦ ପରିଚାଳିତ ଗୋଟିଏ ଆଞ୍ଚଳିକ ସଭା

୨. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
କୃଷି ବିଷୟ

୩. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ଶିକ୍ଷା ବିଷୟ

୪. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ବହୁତ ଯୋଜନା

୫. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ପଢ଼ିଆ

୬. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ମଣିଷ ମନକୁ

୭. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ସମନ୍ୱୟ ରହିପାରିବ

୮. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ଅଶିକ୍ଷିତ ନିରକ୍ଷର

୯. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ବିଶେଷଜ୍ଞମାନଙ୍କର

୧୦. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ପ୍ରାଥମିକ ଆଘାତ

୧୧. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ବିଶେଷ ମୂଲ୍ୟ

୧୨. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ବିଶେଷଜ୍ଞମାନଙ୍କର

୧୩. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ଭାରତ ଭଳି ଦେଶରେ

୧୪. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ସଣ୍ଡେ ଷ୍ଟାଣ୍ଡାର୍ଡ

୧୫. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ଶାସକ ଓ ବିଶେଷଜ୍ଞ

୧୬. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ନୂତନ ଦୃଷ୍ଟିକୋଣ

୧୭. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ନିରୂପାୟ ଅବସ୍ଥା

୧୮. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ପରୀକ୍ଷା ପଦ୍ଧତି

୧୯. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ

୨୦. ଲେଖା - ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ - ଗୋଲୋକ ବିହାରୀ ଧଳ
ପରୀକ୍ଷା ବିଷୟରେ

୨୧. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କୁଟଂଷ୍ଟ

୨୨. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଗଣତନ୍ତ୍ର

୨୩. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ମୌଳିକ ପୁସ୍ତକ

୨୪. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ମୌଳିକ ଚିନ୍ତାର

୨୫. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ସନ୍ଦେହ ଚକ୍ଷୁରେ

୨୬. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଆନ୍ଧ୍ର ପ୍ରଦେଶ

୨୭. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପନ୍ଦରଟା ବନାନ ଅଶୁଦ୍ଧି ହୋଇଥିବ

୨୮. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଅକ୍ଷରର

୨୯. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପାଠର ମାନଦଣ୍ଡ ଉଚ୍ଚ ଥିଲା

୩୦. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପାଠର ମାନଦଣ୍ଡ କମୁଛି

୩୧. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପିଏଚ୍.ଡି. ପର୍ଯ୍ୟନ୍ତ

୩୨. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପିଏଚ୍.ଡି. ସଂଖ୍ୟା

୩୩. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଜ୍ଞାନୀ ଗବେଷକମାନେ

୩୪. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଭାରତ ବର୍ଷରେ କେତେକ ବିଶ୍ୱବିଦ୍ୟାଳୟ

୩୫. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଭାରତର ଗବେଷକମାନଙ୍କର

୩୬. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଏ ଦେଶର ସ୍ୱାଧୀନତାକୁ

୩୭. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଜାପାନୀ ଶତ୍ରୁଙ୍କୁ

୩୮. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ନିରନ୍ନ ମୂର୍ଖଲୋକଙ୍କୁ

୩୯. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ପାଠବଳରେ

୪୦. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା
ଲେଖକ – ଗୋଲୋକ ବିହାରୀ ଧଳ
ଶିକ୍ଷାକୁ ଶେଷସ୍ଥାନ ନ ଦେଇ ଶୀର୍ଷ ସ୍ଥାନ ଦେଲେ

## (ଡ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର (୩୦ଟି ଶବ୍ଦରେ ଉତ୍ତର ଲେଖ)

୧. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

କବି – ଗୋଲୋକ ବିହାରୀ ଧଳ

ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହୋଇଥିବାରୁ ସରକାର କରୁଥିବା ଯୋଜନାସବୁକୁ ବୁଝିପାରୁ ନାହାନ୍ତି କିମ୍ବା ବୁଝିବାକୁ ଆଗ୍ରହ ଦେଖାଉ ନାହାଁନ୍ତି। ତେଣୁ ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ିବା ସହିତ ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ରହିପାରିବ।

୨. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

କବି – ଗୋଲୋକ ବିହାରୀ ଧଳ

ଭାରତବର୍ଷରେ ସବୁକଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ଏଠାରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନ ଥାଏ ଓ ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳେନାହିଁ। ବିଦେଶରେ ଏହାର ବିପରୀତ ଘଟଣା ଘଟେ। ତେଣୁ ଏ ଦେଶରେ ବିଶେଷଜ୍ଞମାନଙ୍କର ଗୁରୁତ୍ୱକୁ ଶାସକ ଉପଲବ୍ଧି କରୁନଥିବାରୁ କୌଣସି କଥା କରିବା ପାଇଁ ବିଶେଷଜ୍ଞମାନଙ୍କର ସ୍ପୃହା ନଥାଏ।

୩. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

କବି – ଗୋଲୋକ ବିହାରୀ ଧଳ

ଲେଖକ ପ୍ରାଥମିକ ସ୍କୁଲରୁ ପିଲା ନୋଟ୍ ବହି ପଢ଼ିବାର ଅପକାରିତା ସମ୍ପର୍କରେ ବାସ୍ତବ ସତ୍ୟର ଉପସ୍ଥାପନା କରିଛନ୍ତି। ନୋଟ୍‌ବହି ପାଠକରି ପରୀକ୍ଷା ଦେଇ ପିଲାଟି ପାଶ୍ କରେ ଓ ମୂଳ ବହି ସହ ତା'ର ସାକ୍ଷାତ ନ ହେବା ଯୋଗୁଁ ଜ୍ଞାନାର୍ଜନ ସହ ଜ୍ଞାନ ଅନୁସନ୍ଧାନ ବିଡ଼ମ୍ବିତ ହୁଏ। ଯାହାର କୁଫଳ ଛାତ୍ରଟି ସହିତ ଭବିଷ୍ୟତରେ ଦେଶର ବିରାଟ କ୍ଷତି ଘଟିଥାଏ।

୪. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

କବି – ଗୋଲୋକ ବିହାରୀ ଧଳ

ଶିକ୍ଷାର ମାନଦଣ୍ଡରେ କିପରି ଭୟଙ୍କର ଅବନତି ଘଟିଛି, ତାହା ଏଠାରେ ଲେଖକ ଉପସ୍ଥାପନ କରିଛନ୍ତି। ଯେତେବେଳେ ପାଠ ପଢ଼ିବାର ବିଶେଷ ସୁବିଧା ନ ଥିଲା କିମ୍ବା ଲୋକଙ୍କର ପାଠପଢ଼ା ପ୍ରତି ବିଶେଷ ଆଗ୍ରହ ନ ଥିଲା, ସେତେବେଳେ ଶିକ୍ଷାର ମାନଦଣ୍ଡ ଏତେ ଉଚ୍ଚଥିଲା ଯେ, ମାଟ୍ରିକୁଲେସନ ପାସ୍ କରି ଲୋକେ ମାଜିଷ୍ଟ୍ରେଟ୍ କାମ ଚଳାଇ ଦେଉଥିଲେ। ଏବେ କିନ୍ତୁ ତାହା ଅସମ୍ଭବ ହୋଇପଡ଼ିଛି।

୫. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

କବି – ଗୋଲୋକ ବିହାରୀ ଧଳ

ଲେଖକ ଏଠାରେ ବି.ଏ. ପଢୁଥିବା ବା ପାଶ୍ କରିଥିବା ଛାତ୍ରଙ୍କ ସାମ୍ପ୍ରତିକ ଶିକ୍ଷାର ମାନଦଣ୍ଡ ସମ୍ପର୍କରେ ଏକ ବାସ୍ତବ ସତ୍ୟର ଉପସ୍ଥାପନା କରିଛନ୍ତି। ଏବେ ଜଣେ ବି.ଏ. ଛାତ୍ରକୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ, ସେଥିରେ ପନ୍ଦରଟା ବନାନ ଅଶୁଦ୍ଧି ହୋଇଥିବ ଓ ଅକ୍ଷର ଏତେ ଖରାପ ଥିବ ଯେ, ତାହା ଦେଖିଲେ ଡରିଯିବାକୁ ହେବ। ଅକ୍ଷର ସହିତ ପାଠର ସମ୍ପର୍କ ଉପରେ ଲେଖକଙ୍କ ପ୍ରଦତ୍ତ ଟିପ୍ପଣୀ ବେଶ୍ ଗୁରୁତ୍ୱ ବହନ କରେ।

## (ଚ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଲେଖକ – ଗୋଲୋକ ବିହାରୀ ଧଳ

(କ) ପ୍ରାବନ୍ଧିକଙ୍କ ସମ୍ପର୍କରେ ଲେଖା,

(ଖ) ଇତିହାସର ଛାତ୍ର ଇତିହାସର ଶିକ୍ଷକ, ଜଣେ ବିଖ୍ୟାତ ପ୍ରଫେସର ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକ,

(ଗ) ସ୍ୱାଧୀନ ଭାରତ ବର୍ଷରେ ଶିକ୍ଷାକୁ ଅବହେଳା,

(ଘ) ଶିକ୍ଷାର ଗୁଣାତ୍ମକ ବିକାଶ ନ ହେବା,

(ଙ) ଶିକ୍ଷା ଅଭାବରୁ ନିରକ୍ଷର ଅଶିକ୍ଷିତ ଜନତାଙ୍କ ଯୋଯନାକୁ ବୁଝିବାକୁ ଅକ୍ଷମତା,

(ଚ) ସରକାରଙ୍କ ପ୍ରସ୍ତୁତ ଯୋଜନା କାର୍ଯ୍ୟକାରୀ ନ ହେବା,

(ଛ) ପ୍ରତ୍ୟେକ କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ଅବହେଳା ପ୍ରଦର୍ଶନ,

(ଜ) ଶାସକମାନଙ୍କର ଆଧିପତ୍ୟ

(ଝ) ଶିକ୍ଷାକୁ ଶୀର୍ଷସ୍ଥାନ ନେଲେ ଅନ୍ୟ ରାଷ୍ଟ୍ର ସହିତ ସମକକ୍ଷ ହେବାର ଆଶା ରଖିବା ଓ ଶେଷକଥା ।

୨. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଲେଖକ – ଗୋଲୋକ ବିହାରୀ ଧଳ

(କ) ଲେଖକଙ୍କ ସମ୍ପର୍କରେ ସ୍ୱଳ୍ପ ବର୍ଣ୍ଣନା,

(ଖ) ଦେଶର ସ୍ୱାଧୀନତା ପରେ ଶିକ୍ଷା ପ୍ରତି ଯେତିକି ଗୁରୁଦେବା କଥା, ଦିଆନଯିବା,

(ଗ) ଶିକ୍ଷାନୁଷ୍ଠାନରେ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ନ କରାଯିବା,

(ଘ) ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷା କରାନଯିବା,

(ଙ) ଅବୈଧ ଆଚରଣ ପ୍ରତି ଛାତ୍ରମାନଙ୍କର ଆଗ୍ରହ ବୃଦ୍ଧି ପାଇବା,

(ଚ) ପ୍ରଶ୍ନପତ୍ର ପ୍ରଘଟିତ ସାଥୀ ବହିର ସାହାଯ୍ୟ ନେବା ପରୀକ୍ଷାର୍ଥୀଙ୍କ ଧ୍ୟେୟ ହେବା,

(ଛ) ଧୀରେଧୀରେ ଶିକ୍ଷାର ମାନଦଣ୍ଡ କମିବା,

(ଜ) ଗବେଷଣାର ମୂଲ୍ୟହ୍ରାସ ହେବା,

(ଝ) ମୋଟ ଉପରେ ଶିକ୍ଷାର ଅହେତୁକ ଅବମୂଲ୍ୟାୟନ ହେବା,

(ଞ) ଏଥିପ୍ରତି ସଚେତନ ହେଲେ ହିଁ ଅବସ୍ଥା ସୁଧରିବାର ଆଶା ।

୩. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଲେଖକ – ଗୋଲୋକ ବିହାରୀ ଧଳ

ଲେଖକଙ୍କ ସମ୍ପର୍କରେ ସ୍ୱଳ୍ପ ଅବତାରଣା ରହିବ । ପ୍ରବନ୍ଧଟି ଲେଖକଙ୍କ 'ବିଚାର ଆଲୋଚନା' ପୁସ୍ତକରୁ ସଂଗୃହୀତ ବୋଲି ଲେଖାଯିବ ।

(କ) ଉକ୍ତ ପ୍ରବନ୍ଧରେ ସ୍ୱାଧୀନ ଭାରତ ବର୍ଷରେ ଶିକ୍ଷା ବ୍ୟବସ୍ଥା ପ୍ରତି କିଭଳି ହେୟ ମନୋଭାବ ପୋଷଣ କରାଯାଉଛି ସେ ସମ୍ପର୍କରେ ପ୍ରତିକ୍ରିୟା

(ଖ) ଜିଲ୍ଲା ପରିଷଦ ସଭାର ଆଲୋଚ୍ୟ ବିଷୟବସ୍ତୁରେ କ୍ରମାନୁସାରେ ଶିକ୍ଷା ବିଷୟଟି ଶେଷରେ ରହିବ

(ଗ) ଆମେରିକା ଓ ଇଂଲଣ୍ଡ ତୁଳନାରେ ଭାରତରେ ବିଶେଷଜ୍ଞମାନଙ୍କ ବିଶେଷ ସମ୍ମାନ ନ ମଳିବା,

(ଘ) ଫଳତଃ ସେମାନଙ୍କର ବ୍ୟକ୍ତିଗତ ସ୍ପୃହା ଓ ଉତ୍ସାହ କମିଯିବା

(ଙ) ଶିକ୍ଷା ବିଭାଗର ଅଧୋଗତି ସମ୍ପର୍କରେ ଉଦାହରଣ :

(i) ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ,

(ii) ସାଥୀ ବହି ପ୍ରତି ପିଲାଙ୍କ ଆଗ୍ରହ ବୃଦ୍ଧି,

(iii) ଗବେଷଣାର ଗୁଣାତ୍ମକ ମୂଲ୍ୟ ହ୍ରାସ ପ୍ରଭୃତିର ବର୍ଣ୍ଣନା ରହିବ । ପରିଶେଷରେ ଶିକ୍ଷାକୁ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ ଦେବାକୁ ଆଶାପୋଷଣ ।

୪. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଲେଖକ – ଗୋଲାକ ବିହାରୀ ଧଳ

ଲେଖକଙ୍କ ସମ୍ପର୍କରେ ସ୍ୱଳ୍ପ ବର୍ଣ୍ଣନା,

(କ) ପରୀକ୍ଷା ପଦ୍ଧତିରେ ସ୍ୱଚ୍ଛତା ରକ୍ଷା କରାନଯିବା,

(ଖ) ପିଲାମାନଙ୍କର ସାଥୀବହି ପ୍ରତି ଆକର୍ଷଣ,

(ଗ) ଶିକ୍ଷାର ମୂଲ୍ୟବୋଧ ହ୍ରାସ ପାଇବା,

(ଘ) ଏହାର କୁପ୍ରଭାବ ଯୋଜନା ଉପରେ ପଡ଼ିବା,

(ଙ) ଗବେଷଣାକ୍ଷେତ୍ରରେ ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇବା,

(ଚ) ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନକୁ ନିରୁତ୍ସାହିତ କରିବା,

(ଛ) ଶିକ୍ଷାକୁ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ ଦେବାକୁ ପଦକ୍ଷେପ ଗ୍ରହଣ କରିବାକୁ ପଦକ୍ଷେପ ନେବା ଇତ୍ୟାଦି ବିଷୟର ବର୍ଣ୍ଣନା ରହିବ ।

୫. ଲେଖା – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଲେଖକ – ଗୋଲାକ ବିହାରୀ ଧଳ

ଲେଖକଙ୍କ ସମ୍ପର୍କରେ ବର୍ଣ୍ଣନା ରହିବ । ପ୍ରାବନ୍ଧିକ ପ୍ରଥମେ

(କ) ଉଚ୍ଚଶିକ୍ଷା ବିଭାଗରେ ଜଣେ ପ୍ରଫେସର ତା'ପରେ ସମାଲୋଚନା ଜିଲ୍ଲା ପରିଷଦ ସଭାରେ ଶିକ୍ଷା ବିଷୟକୁ ଆଲୋଚନାର ଶେଷରେ ରଖାଯିବାକୁ ସେ ଗ୍ରହଣ କରି ନ ପାରିବା,

(ଖ) ଯୋଜନାକୁ ବୁଝିବାକୁ ହେଲେ ଶିକ୍ଷାର ଏକାନ୍ତ ଆବଶ୍ୟକ ଏହା ଜଣାଇବା,

(ଗ) ଶିକ୍ଷା ନ ରହିଲେ ଯୋଜନାର ସଫଳ ରୂପାୟନ ହୋଇ ନ ପାରିବା,

(ଘ) ବିଶେଷଜ୍ଞମାନଙ୍କୁ ଉପଯୁକ୍ତ ସମ୍ମାନ ନ ମିଳିବା,

(ଙ) ଆମେରିକା ଓ ଇଂଲଣ୍ଡ ଭଳି ଦେଶରେ ବିଶେଷଜ୍ଞମାନଙ୍କୁ ଯେପରି, ଏଠାରେ ସମ୍ମାନ ନମିଳିବା, ଶିକ୍ଷାକ୍ଷେତ୍ରରେ ଏହାର ଗୁଣାତ୍ମକ ମୂଲ୍ୟ ବୃଦ୍ଧି କରିବାକୁ ଚେଷ୍ଟା କରିବା,

(ଚ) ପରୀକ୍ଷା ପଦ୍ଧତିରେ ଅସାଧୁ ଉପାୟ ଅବଲମ୍ବନକୁ ବିରୋଧ କରିବା,

(ଛ) ମୂଲ୍ୟାୟନ କାଳରେ ବିଦ୍ୟାର୍ଥୀଙ୍କ ଗୁଣାତ୍ମକ ମୂଲ୍ୟର ସଠିକ୍ ନିର୍ଦ୍ଧାରଣ କରିବା, ସର୍ବଶେଷରେ ଶିକ୍ଷାକୁ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ ନେବାକୁ ମତ ପ୍ରଦାନ କରିବାର ବର୍ଣ୍ଣନା ରହିବ ।

# ପୁଷ୍ପପୁରରେ ବର୍ଷାବରଣ

## କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

### ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କାହାକୁ ସ୍ୱାଗତ ଜଣାଇଛନ୍ତି ?**

(କ) ବାରିବାହ (ଖ) ଦୂରବନ୍ଧୁ
(ଗ) ପ୍ରକୃତି (ଘ) ଅତିଥି

**୨. ବାରିବାହର ସ୍ନିଗ୍ଧ କଜ୍ଜ୍ୱଳକାନ୍ତି କେଉଁଠି ନେତ୍ରୋତ୍ସବ ସୃଷ୍ଟି କରିଛି ?**

(କ) ପୁଷ୍ପପୁର (ଖ) ସମ୍ବଲପୁର
(ଗ) କଟକ (ଘ) ଜୟପୁର

**୩. କାହାକୁ ଦୂରବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?**

(କ) ପୁଷ୍ପପୁର (ଖ) ବାରିବାହ
(ଗ) ବାତାୟନ (ଘ) ଶ୍ୟାମଳ ପୃଥିବୀ

**୪. ଭ୍ରାମ୍ୟମାଣ ଉଦାସୀନା ଧରଣୀ କାହାର ଲାଭ କ୍ଷତିରେ ବିଚଳିତ ହୁଏନାହିଁ ?**

(କ) ମାନବ ସମାଜର
(ଖ) ଜୀବଯନ୍ତୁମାନଙ୍କର
(ଗ) ସମଗ୍ର ବିଶ୍ୱର
(ଘ) ବ୍ୟକ୍ତିବିଶେଷର

**୫. କାହାଠାରୁ ଗୋଷ୍ଠୀ ବଡ଼ ବୋଲି ଲେଖକ ଘନକୁ କହିଛନ୍ତି ?**

(କ) ବ୍ୟକ୍ତି (ଖ) ସମାଜ
(ଗ) ମନୁଷ୍ୟ (ଘ) ଜନତା

**୬. ଜଳର ଅଭାବରେ କେଉଁ ଠାରେ ହାହାକାର ପଡ଼ିଛି ?**

(କ) ପୁଷ୍ପପୁର (ଖ) ଉତ୍କଳ
(ଗ) ପାଟଳିପୁତ୍ର (ଘ) କୁସୁମଧ୍ୱଜ

**୭. ପୁଷ୍ପପୁରରେ ସ୍ୱକର୍ମ ସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?**

(କ) କଳିଙ୍ଗ (ଖ) ଉତ୍କଳ
(ଗ) ଦକ୍ଷିଣ (ଘ) ପଶ୍ଚିମ

**୮. କାହାଠାରେ ବଦାନ୍ୟତାର ମହତ୍ତ୍ୱ ଫୁଟିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?**

(କ) ଧନୀ (ଖ) ଦରିଦ୍ର
(ଗ) ବିତ୍ତଶାଳୀ (ଘ) ଭୋଗୀ

**୯. ନରନାରୀଙ୍କ ସ୍ୱେଦସିକ୍ତ ଶସ୍ୟ କ୍ଷେତ୍ରରେ କିଏ ଆକାଶକୁ ଚାହିଁ ଝାଉଁଳୁ ଥିବ ବୋଲି ଲେଖକ କହିଛନ୍ତି ?**

(କ) ଗାଙ୍ଗୁଲ ଗଛ (ଖ) ମକ୍କା ଗଛ
(ଗ) ଶାଳିଧାନ୍ୟ (ଘ) ବାଜରା ଗଛ

**୧୦. କେଉଁ ନାରୀମାନଙ୍କ ଗତିକୁ ପ୍ରାବନ୍ଧିକ କୁଜାହଂସର ଗତି ସହ ତୁଳନା କରିଛନ୍ତି।**

(କ) ନଗରବାସୀ (ଖ) ବନବାସୀ
(ଗ) ଜନପଦବାସୀ (ଘ) ଉତ୍କଳବାସୀ

**୧୧. ବନବାସୀମାନେ କାହାର ଅନୁଗ୍ରହ ଲୋଡ଼ନ୍ତି ?**

(କ) ବାରିବାହ (ଖ) ପର୍ବତ
(ଗ) ପ୍ରକୃତି (ଘ) ବନଲତା

୧୨. ସ୍ୱେଦାର୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳ ମନ କାହା ଜୀବନରେ ପରମ କାମ୍ୟ ବୋଲି ଲେଖକ କହିଛନ୍ତି ?

(କ) ବନବାସୀ (ଖ) ସରଳ

(ଗ) ମାନବ (ଘ) ଜନତା

୧୩. କିଏ ଗିରିଦରୀରେ ବସ୍ତତରୀ ପରି ନାଚି ଉଠେ ?

(କ) ନିର୍ଝରିଣୀ (ଖ) ସ୍ରୋତସ୍ୱିନୀ

(ଗ) ତପସ୍ୱିନୀ (ଘ) ମୃଗଶିଶୁ

୧୪. କାହାର ପରିମଳରେ ବନଭୂମି ଆମୋଦିତ ହେବ ବୋଲି ଲେଖକ କହିଛନ୍ତି ?

(କ) ବନ୍ୟପୁଷ୍ପ (ଖ) ବନ୍ୟମଲ୍ଲୀ

(ଗ) ବନ୍ୟଯୁଥିକା (ଘ) ସ୍ଥଳକମଳ

୧୫. କିଏ ନିଜ ତରୁଣ ତନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇ ପଡ଼ିବ ?

(କ) ପାରିଜାତ (ଖ) କୃଷ୍ଣଚୂଡ଼ା

(ଗ) କଦମ୍ବ (ଘ) ବନମଲ୍ଲିକା

୧୬. ଗିରି ସଙ୍କୁଳ ଏହି ମହାବନର କ'ଣ ସଭ୍ୟଜଗତ ଶୁଣିନାହିଁ ବୋଲି ଲେଖକ କହିଛନ୍ତି ?

(କ) ମହାଗାନ (ଖ) ମହାସଙ୍ଗୀତ

(ଗ) ମହାଝଙ୍କାର (ଘ) ମହାଶବ୍ଦ

୧୭. ବିକ୍ଷୁବ୍ଧ ବାରିରାଶିର ଅଗଣିତ ତରଙ୍ଗ ପରି ଅନାଦି ଯୁଗରୁ କେଉଁ ସଙ୍ଗୀତ ଏହାରି ବକ୍ଷରେ ହିଁ ମିଶି ଆସୁଛି ?

(କ) ସୁନ୍ଦର (ଖ) ଉଦାର

(ଗ) ମଧୁର (ଘ) ଲଳିତ

୧୮. ଦୁଃଖିନୀ ଜନନୀ କେଉଁମାନଙ୍କ ଭୟରେ ଏଠାରେ ହିଁ ଅସରନ୍ତି ରତ୍ନଭଣ୍ଡାର ଲୁଚାଇ ରଖିଛି ?

(କ) ଦସ୍ୟୁ (ଖ) ବିଦେଶୀ

(ଗ) ଲୁଣ୍ଠନକାରୀ (ଘ) ଅଯୋଗ୍ୟ ସନ୍ତାନ

୧୯. ପ୍ରାବନ୍ଧିକ ଉତ୍କଳବାସୀ କାହା ତୀରରେ ବସି ଉପବାସୀ ହୋଇଛି ବୋଲି କହିଛନ୍ତି ?

(କ) ମହୋଦଧି (ଖ) ମହାନଦୀ

(ଗ) ଭାଗୀରଥୀ (ଘ) ବୈତରଣୀ

୨୦. କେଉଁ ଅଞ୍ଚଳର ବଧୂମାନଙ୍କୁ ଶେଫାଳୀଫୁଲ ପରି ହାସ୍ୟମୟୀ କୁହାଯାଇଛି ?

(କ) ବନାଞ୍ଚଳ (ଖ) ସମ୍ବଲପୁର

(ଗ) ଜୟପୁର (ଘ) ଗଞ୍ଜାମ

୨୧. ବାରିଦର ଲୋଭନୀୟ କଜ୍ଜ୍ୱଳ କାନ୍ତିକୁ ବହୁଦିନ ପରେ ଦେଖି ସମ୍ବଲପୁରର ବଧୂମାନେ କେଉଁ ନୟନରେ ଚାହିଁ ରହିଥିବେ ବୋଲି ଲେଖକ କହିଛନ୍ତି ?

(କ) ବିସ୍ଫାରିତ (ଖ) ଆୟତ

(ଗ) ଆଶ୍ଚର୍ଯ୍ୟ (ଘ) ବିସ୍ମିତ

୨୨. ସମ୍ବଲପୁରର ବଧୂମାନଙ୍କର କେଉଁ ନେତ୍ର ଭଙ୍ଗୀରେ ଭଳି ଯାଇ ବାରିଦ ସ୍ୱ କର୍ମ ଭୁଲି ନ ଯିବାକୁ ଲେଖକ ଅନୁରୋଧ କରିଛନ୍ତି ?

(କ) କୁଟୀଳ (ଖ) ସରଳ

(ଗ) ତରଳ (ଘ) ବିଲୋଳ

୨୩. କେଉଁ ବନ ଯନ୍ତ୍ର ଦାନବର ପ୍ରତିଦିନ ପାରଣା ହୋଇ ସୁଦ୍ଧା ନିଜର ବଂଶବୃଦ୍ଧି କରି ଚାଲିବା ସହିତ ବାନର ବାନରୀମାନଙ୍କର କ୍ରୀଡ଼ାଦୋଳିକା ହୋଇ ରହିଛି ?

(କ) ବଂଶବନ (ଖ) ଆମ୍ରବନ

(ଗ) ଶାଳବନ (ଘ) ଅଶୋକବନ

୨୪. କାହାକୁ ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କହିଛନ୍ତି ?

(କ) ଭୁବନେଶ୍ୱର (ଖ) କଟକ

(ଗ) ପୁରୀ (ଘ) ସମ୍ବଲପୁର

୨୫. ସ୍ମୃତିପୂତ କେଉଁ ସ୍ଥାନ ଆଜି ମୃତ୍ତିକାରେ ଅବଲୁପ୍ତ ବୋଲି ପ୍ରାବନ୍ଧିକ କହିଛନ୍ତି ?

(କ) ବାରବାଟୀ

(ଖ) ବିଡ଼ାନାସୀ

(ଗ) ସତୀଚଉରା

(ଘ) କାଠଯୋଡ଼ିର ପଥର ବନ୍ଧ

**୨୬. ମର୍କତ-କେଶରୀଙ୍କ କେଉଁ ମହାକୀର୍ତ୍ତି ଆଜିଯାଏ ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?**

(କ) ମାଟି ବନ୍ଧ (ଖ) ପଥର ବନ୍ଧ

(ଗ) ବାଲୁକା ବନ୍ଧ (ଘ) ରିଂ ରୋଡ୍

**୨୭. ଗର୍ବିତ ଗଜପତିର ରାଜଧାନୀ କିଏ ଥିଲା ?**

(କ) ଏକାମ୍ର କ୍ଷେତ୍ର (ଖ) ପୁରୀ

(ଗ) କଟକ (ଘ) ଖୋର୍ଦ୍ଧା

**୨୮. କାହାର ଘରୁଚୂଡ଼ା ଚୁମ୍ବନ ନ କଲେ ବାରିବାହର ଉତ୍କଳ ଭ୍ରମଣ ସାର୍ଥକ ହେବନାହିଁ ବୋଲି ଲେଖକ କହିଛନ୍ତି ?**

(କ) ଲିଙ୍ଗରାଜ ମନ୍ଦିର (ଖ) କୋଣାର୍କ ମନ୍ଦିର

(ଗ) ପୁରୀ ମନ୍ଦିର (ଘ) ସାକ୍ଷୀଗୋପାଳ

**୨୯. ଅତୀତ ଉତ୍କଳର ମାନଦଣ୍ଡ ପରି କେଉଁ ମନ୍ଦିର ଦଣ୍ଡାୟମାନ ?**

(କ) କୋଣାର୍କ ମନ୍ଦିର

(ଖ) ପୁରୀ ମନ୍ଦିର

(ଗ) ଲିଙ୍ଗରାଜ ମନ୍ଦିର

(ଘ) ରାଜାରାଣୀ ମନ୍ଦିର

**୩୦. ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ ଶୁଭଶଙ୍ଖ ଧରି ତାକୁ ସ୍ୱାଗତ କରିବା ପାଇଁ କୁଟୀରରୁ ବାହାରି ଆସିବେ ?**

(କ) ପଲ୍ଲୀ ବାଳା (ଖ) ପଲ୍ଲୀ ପୂଜକ

(ଗ) ପଲ୍ଲୀ ଜନତା (ଘ) ପଲ୍ଲୀ ଯୁବକ

**୩୧. ଘନ ଧୀର ଓ ଗମ୍ଭୀର ହୋଇ ଗଜଲୀଳାଗତିରେ ଯାଉଁଯାଉଁ ବହୁଦୂରରୁ କାହାର ଚୂଡ଼ା ତା'ର ଗତିପଥରେ ଭାସି ଉଠିବ ବୋଲି ଲେଖକ କହିଛନ୍ତି ?**

(କ) ଲିଙ୍ଗରାଜ ମନ୍ଦିର

(ଖ) ସାକ୍ଷୀଗୋପାଳ ମନ୍ଦିର

(ଗ) ପୁରୀ ମନ୍ଦିର

(ଘ) କୋଣାର୍କ ମନ୍ଦିର

**୩୨. ଲେଖକ କାହାକୁ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି ?**

(କ) ବାରବାଟୀ ଦୁର୍ଗ

(ଖ) ବିଡ଼ାଣାସୀ ଦୁର୍ଗ

(ଗ) କୋଣାର୍କ ମହାମନ୍ଦିର

(ଘ) ଲିଙ୍ଗରାଜ ମନ୍ଦିର

**୩୩. କାହାକୁ ଉତ୍କଳର ଇତିହାସ ବୋଲି ପ୍ରାବନ୍ଧିକ କହିଛନ୍ତି ?**

(କ) ଖାରବେଳ (ଖ) କପିଳେନ୍ଦ୍ର

(ଗ) ଜଗନ୍ନାଥ (ଘ) ଲିଙ୍ଗରାଜ

**୩୪. କିଏ କୃପଣ କୋଟିପତି ପରି ବିନା କରପୀଡ଼ନରେ ବିନ୍ଦୁ ମାତ୍ର ଦାନ କରେନାହିଁ ?**

(କ) ବାରିବାହ

(ଖ) ଅମ୍ବୁପତି

(ଗ) ଧନପତି

(ଘ) ନୀଳାଚଳପତି

**୩୫. ଅମ୍ବୁପତି ଲୋଳ ଓ ଚଞ୍ଚଳ ତରଙ୍ଗାବଳି ସହିତ ବେଳାଭୂମିରେ କାହାପରି ଅବିରତ ଖେଳୁଥାଏ ?**

(କ) ବସ୍ତତରୀ (ଖ) ବାଳକ

(ଗ) ସର୍ପ (ଘ) ହରିଣ

**୩୬. ଖଣ୍ଡିତ ଉତ୍କଳ ମୋହନିଦ୍ରାରେ ନିଦ୍ରିତ ଥିବାବେଳେ କେଉଁମାନେ ଦକ୍ଷିଣା ପଥ-ପ୍ରହରୀ ରୂପେ ଜାଗ୍ରତ ହୋଇ ରହିଥିଲେ ?**

(କ) ଗଞ୍ଜାମବାସୀ

(ଖ) ଜୟପୁରବାସୀ

(ଗ) ଗଞ୍ଜାମ ଓ ଜୟପୁରବାସୀ

(ଘ) ଖୋର୍ଦ୍ଧାବାସୀ

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଖ) ଉପଯୁକ୍ତ ଶବ୍ଦ ଯୋଗକରି ଶୂନ୍ୟସ୍ଥାନ ପୂରଣ କର । ପ୍ରତି ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।**

୧. ଲେଖକ _______ କୁ ସ୍ୱାଗତ ଜଣାଇଛନ୍ତି ।

୨. ପ୍ରାସାଦ ବାତାୟନ ପଥରେ ବାରିବାହ ଆଗମନର ଶତ _______ ବାଜି ଉଠୁଛି ।

୩. ଅଳକାପୁରୀର ପ୍ରିୟାପାଶକୁ ଯକ୍ଷ ବାରିବାହ ହସ୍ତରେ _______ ପଠାଇଥିଲା ।

୪. ଭ୍ରାମ୍ୟମାଣା ଉଦାସୀନା ଧରଣୀ _______ ର ଲାଭକ୍ଷତିରେ ବିଚଳିତ ହୁଏନାହିଁ ।

୫. ଜଳାଭାବରେ _______ରେ ଆଜି ହାହାକାର ପଡ଼ିଛି ।

୬. _______ ରେ ସ୍ୱକର୍ମସାରି ଉତ୍କଳ ପଥରେ ଗତି କରିବାକୁ ଲେଖକ ବାରିଦକୁ ନିବେଦନ କରିଛନ୍ତି ।

୭. _______ ଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ ।

୮. ନରନାରୀଙ୍କ ସ୍ୱେଦସିକ୍ତ ଶସ୍ୟକ୍ଷେତ୍ରରେ _______ ଆକାଶକୁ ଚାହିଁ ଝାଉଁଳୁଥିବ ।

୯. ବନବାସୀ ନାରୀମାନଙ୍କର ଗତିକୁ ପ୍ରାବନ୍ଧିକ _______ ସହିତ ତୁଳନା କରିଛନ୍ତି ?

୧୦. ବନବାସୀମାନେ _______ ର ଅନୁଗ୍ରହ ଲୋଡ଼ନ୍ତି ।

୧୧. ସ୍ୱୋପାର୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳ ମନ _______ ଜୀବନର ପରମ କାମ୍ୟ ବୋଲି ଲେଖକ କହିଛନ୍ତି ।

୧୨. ମାନବିକତା ଶିଖିବା ପାଇଁ ସଭ୍ୟ ସମାଜ _______ ପାଶକୁ ଦିନେ ଆସିବ ।

୧୩. ନବବାରିବାହର ଆଗମନରେ _______ ଗିରିଦରୀରେ କ୍ରୀଡ଼ାରତ ବସ୍ତରୀ ପରି ନାଚିଉଠିବ ।

୧୪. _______ର ପରିମଳରେ ବନଭୂମି ଆମୋଦିତ ହେବ ।

୧୫. କୃଷ୍ଣଚୂଡ଼ା ନିଜ ତରୁଣ ତନୁକୁ ଦେଖି _______ ପରି ଲଜ୍ଜାରୁଣ ହୋଇପଡ଼ିବ ।

୧୬. ଗିରିସଙ୍କୁଳ ଏହି ମହାବନର ମହାସଙ୍ଗୀତ _______ ଶୁଣିନାହିଁ ।

୧୭. ବିକ୍ଷୁବ୍ଧ ବାରିରାଶିର ଅଗଣିତ ତରଙ୍ଗ ପରି ଅନାଦି ଯୁଗରୁ ଏହାର _______ ସଙ୍ଗୀତ ଏହାରି ବକ୍ଷରେ ହିଁ ମିଶିଆସୁଛି ।

୧୮. ଦୁଃଖିନୀ ଜନନୀ ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ଏହିଠାରେ ହିଁ ଅସରନ୍ତି _______ ଲୁଚାଇ ରଖିଛି ।

୧୯. ଉତ୍କଳବାସୀ _______ ତୀରରେ ବସି ପିପାସୀ ରତ୍ନସ୍ତୂପରେ ବସି ଉପବାସୀ ହୋଇଛି ବୋଲି ପ୍ରାବନ୍ଧିକ କହିଛନ୍ତି ।

୨୦. ସମ୍ବଲପୁରର ବଧୂମାନେ ସ୍ନାନ ସାରି ଶିଶିରସ୍ନାତା ଶେଫାଳୀ ପରି _______ ହୋଇ ଉଠନ୍ତି ।

୨୧. ଚାରୁଚିକୁରକୁ ବଳି ବାରିଦର ଲୋଭନୀୟ କଜ୍ଜ୍ୱଳ କାନ୍ତିକୁ ବହୁଦିନ ପରେ ଦେଖି ସମ୍ବଲପୁରର ବଧୂମାନେ _______ ନୟନରେ ଚାହିଁ ରହିବେ ।

୨୨. ସମ୍ବଲପୁରର ବଧୂମାନଙ୍କ _______ ନେତ୍ରଭଙ୍ଗୀରେ ଭଳିଯାଇ ବାରିଦ ସ୍ୱକର୍ମ ଭୁଲି ନଯିବାକୁ ଲେଖକ ଅନୁରୋଧ କରିଛନ୍ତି ।

୨୩. ଯନ୍ତ୍ରଦାନବର ପ୍ରତିଦିନ ପାରଣା ହୋଇ ସୁଦ୍ଧା _______ ନିଜର ବଂଶବୃଦ୍ଧି କରି ଚାଲିବା ସହିତ ବାନବାନରୀଙ୍କ କ୍ରୀଡ଼ା ଦୋଳିକା ହୋଇଛି ।

୨୪. ______କୁ ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କହିଛନ୍ତି ।

୨୫. ସ୍ମୃତିପୂତ ______ ଆଜି ମୃତ୍ତିକାରେ ଅବଲୁପ୍ତ ।

୨୬. କଟକରେ ହିଁ ବହୁକବି, ଜ୍ଞାନୀ, ଗୁଣୀ ଓ କର୍ମୀ ଅଳ୍ପ ଦିନତଳେ ଉତ୍କଳର ମହାନିଶାରେ ଉଜାଗର ରହି ______ ଜାଳିଥିଲେ ।

୨୭. ______ ର ଚରୁଚୂଡ଼ା ଚୁମ୍ବନ ନ କଲେ ବାରିବାହର ଉତ୍କଳ ଭ୍ରମଣ ସାର୍ଥକ ହେବନାହିଁ ବୋଲି ଲେଖକ କହିଛନ୍ତି ।

୨୮. ନବବାରିବାହକୁ ଅତୀତ ଉତ୍କଳ ମହୀର ______ ପରି ଦଣ୍ଡାୟମାନ ଲିଙ୍ଗରାଜ ନିକେତନର ଚରୁଚୂଡ଼ା ପ୍ରତି ଆନତ ହୋଇ ଉତ୍କଳ ପଥରେ ଗତିକରି ଚାଲିଯିବାକୁ ଲେଖକ ଅନୁରୋଧ କରିଛନ୍ତି ।

୨୯. ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ ପଲ୍ଲୀବାଳାମାନେ ______ ଧରି ତାକୁ ସ୍ୱାଗତ କରିବା ପାଇଁ ବାହାରି ଆସିବେ ।

୩୦. ପ୍ରାବନ୍ଧିକ ଘନକୁ ବେଳାଭୂମିରେଅଚଞ୍ଚଳ ହୋଇ ଗତି ନ କଲେ ଲଜ୍ଜାମାନା ବରାନନୀମାନଙ୍କ ତ୍ରସ୍ତଚରୁଚରଣରେ ______ ଗଳିଯିବ ବୋଲି ସତର୍କ କରାଇ ଦେଇଛନ୍ତି ।

୩୧. ଘନ ଧୀର ଓ ଗମ୍ଭୀର ହୋଇ ରାଜଲୀଳା ଗତିରେ ଯାଉଁଯାଉଁ ବହୁଦୂରରୁ କୋଣାର୍କର ______ ତା'ର ଗତିପଥରେ ଭାସିଉଠିବ ବୋଲି ଲେଖକ କହିଛନ୍ତି ।

୩୨. ଲେଖକ ______ କୁ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି ।

୩୩. ______ ହିଁ ଉତ୍କଳର ଇତିହାସ ବୋଲି ପ୍ରାବନ୍ଧିକ କହିଛନ୍ତି ।

୩୪. ବାରିବାହର ଭୀମରୂପ ଦେଖି ନୀଳାଚଳ ଲଳନାମାନେ ______ ଛାଡ଼ି ପଳାଇଯିବେ ବୋଲି ଲେଖକ କହିଛନ୍ତି ।

୩୫. ଗଞ୍ଜାମ ଓ ଜୟପୁରବାସୀ ମଞ୍ଜୁଭାଷିଣୀ, ସୁହାସିନୀ, ହାସ୍ୟମୟୀ ନାରୀମାନେ ବାରିବାହକୁ ______ ଭଙ୍ଗୀରେ ସ୍ୱାଗତ କରିବେ ବୋଲି ଲେଖକ କହିଛନ୍ତି ।

୩୬. ବାରିବାହ ଏମାନଙ୍କୁ ନିରାଶ ନ କରି ତା'ର ______ ସ୍ପର୍ଶରେ ସମସ୍ତ ଅଞ୍ଚଳକୁ ଶ୍ୟାମଳ କରି ଆସିବାକୁ ଲେଖକ ଅନୁରୋଧ କରିଛନ୍ତି ।

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।

୧. ଲେଖକ କାହାକୁ ସ୍ୱାଗତ ଜଣାଇଛନ୍ତି ?

୨. ପ୍ରାବନ୍ଧିକ ବାରିବାହକୁ କେଉଁଠାରେ ସ୍ୱାଗତ ଜଣାଇଛନ୍ତି ?

୩. 'ପୁଷ୍ପପୁର' ଆଧୁନିକ କେଉଁ ସହର ନାମରେ ନାମିତ ହୋଇଛି ?

୪. କେଉଁ ପଥରେ ବାରିବାହ ଆଗମନୀର ଶତ ଶୁଭଶଙ୍ଖ ବାଜି ଉଠୁଛି ?

୫. ବହୁଦିନ ପରେ ବାରିବାହର ଶୁଭାଗମନ ଆଜି କ'ଣ ହୋଇଉଠିଛି ?

୬. ବାରିବାହର ସ୍ପର୍ଶରେ ପୁଷ୍ପପୁର ଅଚିରେ କ'ଣ ହୋଇଉଠିବ ?

୭. ବ୍ୟକ୍ତିବିଶେଷର ଲାଭ କ୍ଷତିରେ କିଏ ବିଚଳିତ ହୁଏନାହିଁ ?

୮. କେଉଁଥିରୁ ଗୋଟିଏ ଊଣା ହେଲେ ଧରଣୀ ଜୀବୀମାନଙ୍କର ବାସଭୂମି ହୋଇ ରହିପାରିବ ?

୯. ବ୍ୟକ୍ତିଠାରୁ କିଏ ବଡ଼ ନୁହେଁ ବୋଲି ପ୍ରାବନ୍ଧିକ ପ୍ରଶ୍ନ କରିଛନ୍ତ ?

୧୦. ଜଳାଭାବରେ କେଉଁଠାରେ ଆଜି ହାହାକାର ପଡ଼ିଛି ବୋଲି ଲେଖକ କହିଛନ୍ତି ?

୧୧. ପଥପ୍ରଦର୍ଶକ ବିନା ଭାରତର କେଉଁ ଭୂମିକୁ ଚିହ୍ନିବା ପାଇଁ ବାରିଦର ଭ୍ରମ ହେବନାହିଁ ବୋଲି ପ୍ରାବନ୍ଧିକ କହିଛନ୍ତି ?

୧୨. ଲେଖକଙ୍କ ଜନ୍ମଭୂମିର ଅବସ୍ଥା ଆଜି କିପରି ହୋଇଛି ?

୧୩. ଉତ୍କଳରେ ଆଜି କିଏ ବାରିଦର ରୂପ ସୁଧା ପାନ କରିବ ?

୧୪. କେଉଁମାନଙ୍କୁ ନିରାଶ ନ କରି ବାରିଦ ତା'ର ବଦାନ୍ୟତା ସେହିମାନଙ୍କଠାରୁ ଆରମ୍ଭ କରିବାକୁ ଲେଖକ ଅନୁରୋଧ କରିଛନ୍ତି ?

୧୫. ରୋଗଶଯ୍ୟାରେ ଶାୟିତ କାହାଙ୍କୁ ଦେଖି ପିତାମାତାଙ୍କ ମନ ଆତଙ୍କରେ ଥରିଉଠେ ?

୧୬. ବନବାସୀ ନାରୀମାନେ କୁଜୀହଂସୀ ଠାରୁ କ'ଣ ଚୋରି କରନ୍ତି ନାହିଁ ?

୧୭. ବନବାସୀ ନାରୀମାନେ କ'ଣ ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ?

୧୮. ବନବାସୀ ନାରୀମାନେ ସୁକୋମଳ ପଦରେ କ'ଣ ବୋଲନ୍ତି ନାହିଁ ?

୧୯. କେଉଁମାନେ ଅବିରତ ବୃଷ୍ଟିପାତ ମଧ୍ୟରେ ବନସ୍ପତି ପରି ରହି ଶସ୍ୟକ୍ଷେତ୍ରରେ କର୍ମରତ ରହନ୍ତି ?

୨୦. କେଉଁମାନେ ବାରିଦ ଛଡ଼ା ଆଉ କାହାର ଅନୁଗ୍ରହ ଲୋଡ଼ନ୍ତି ନାହିଁ ?

୨୧. ବାରିଦକୁ କ୍ଲାନ୍ତି ଆସିଲେ ସେ କେଉଁ କେଉଁଠାରେ ଆଶ୍ରୟ ନେବାକୁ ଲେଖକ କହିଛନ୍ତି ?

୨୨. ଅନାଦି ଯୁଗରୁ କାହର ଉଦାର ସଙ୍ଗୀତ ତାହାରି ବକ୍ଷରେ ହିଁ ମିଶିଆସୁଛି ?

୨୩. କିଏ ଭାଗୀରଥୀ ତୀରରେ ବସି ପିପାସୀ ଓ ରତ୍ନସ୍ତୁପରେ ବସି ଉପବାସୀ ହୋଇଛି ?

୨୪. କିଏ ଉପଳ ଶଯ୍ୟାରେ ଯାଉଁ ଯାଉଁ ତୀର ଦେଶରେ ସ୍ୱର୍ଣ୍ଣରେଣୁ ଢାଳିଦିଏ ?

୨୫. କୋଣାର୍କ ପଥରେ ଯାଉଁଯାଉଁ ପଥମଧ୍ୟରେ କ'ଣ ଦେଖି ଘନ ଚକିତ ହୋଇଯିବ ବୋଲି ଲେଖକ କହିଛନ୍ତି ?

୨୬. ଲେଖକ କାହାକୁ ଲକ୍ଷ୍ୟ କରି ଦଧୀଚିପରି ଅସ୍ଥି ଦେଇ ଅକାଳରେ ଝାଉଁଳି ପଡ଼ିଲା ବୋଲି କହିଛନ୍ତି ?

୨୭. କାହାବଳରେ ବାରିବାହ ତା'ର ବିଜୟରଥକୁ ଦ୍ରୁତ ଗତିରେ ବାହିନେବାକୁ ଲେଖକ କହିଛନ୍ତି ?

୨୮. ନୀଳାଚଳ ପଥରେ ଯାଉଁଯାଉଁ କାହାର ଧବଳିତ ସଦନ ଦକ୍ଷିଣାଶାମୁଖ କରିବା ପରି ବହୁଦୂରରୁ ବାରିବାହର ନେତ୍ରପଥରେ ଭାସି ଉଠିବ ?

୨୯. ନୀଳାଚଳ ନାଥ ଆଜିକାଲି କ'ଣ ସବୁ ବାଣ୍ଟିଦେଇ ନିଜେ କାଙ୍ଗାଳ ହୋଇ ବସିଥାନ୍ତି ?

୩୦. ବାରିବାହ କାହା ପାଶକୁ ଯାଇ ଥରେ ତା'ର ବିଭୂତି ଦେଖାଇ ଦେବାକୁ ଲେଖକ କହିଛନ୍ତି ?

୩୧. ଅମ୍ବୁପତିକୁ ଲେଖକ କ'ଣ ବୋଲି କହିଛନ୍ତି ?

୩୨. ବାରିବାହର ଭୀମରୂପ ଦେଖି କେଉଁମାନେ ଜାତାୟତ ପଥ ଛାଡ଼ି ପଳାଇଯିବେ ?

୩୩. ନୀଳାଚଳଠାରୁ କାହା ବକ୍ଷଦେଇ ବାରିବାହ ଅଚିରେ ସମଗ୍ର ଉପକୂଳ ଓ ମାଳଅଞ୍ଚଳ ବ୍ୟାପିଯାଇ ଉତ୍କଳରେ ତା'ର ସ୍ୱକର୍ମ ସାରିବାକୁ ଲେଖକ କହିଛନ୍ତି ?

୩୪. ସିନ୍ଧୁ ପାରି ସାଧବର ସ୍ମୃତିପୂତ ସେ ଭୂମିର କେଉଁମାନେ ବାରିବାହକୁ ସାଦରେ ବରଣ କରିନେବେ ବୋଲି ଲେଖକ କହିଛନ୍ତି ?

(ଘ) **ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ପୁଷ୍ପପୁରରେ କିଏ କାହାକୁ ସ୍ୱାଗତ କରିଛନ୍ତି ?

୨. କେଉଁ ପଥରେ ବାରିବାହର ଆଗମନୀର ଶତ ଶୁଭଶଙ୍ଖ ବାଜି ଉଠୁଛି ?

୩. କାହର ସ୍ପର୍ଶରେ କିଏ ସଜୀବ ଓ ଶ୍ୟାମଳ ହୋଇ ଉଠିବ ?

୪. କିଏ କାହାକୁ ପୁଷ୍ପଅର୍ଘ୍ୟରେ ପୂଜା କରି ତା' ପ୍ରିୟା ପାଖକୁ କିପରି ଉଦନ୍ତ ପଠାଇଥିଲା ।

୫. ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ କହିଛନ୍ତି ?

୬. ଉଦାସୀନା ଧରଣୀ କାହାର ଲାଭକ୍ଷତିରେ ବିଚଳିତ ହୁଏନାହିଁ ?

୭. କାହାର ଅଭାବରେ କେଉଁଠି ହାହାକାର ପଡ଼ିଛି ?

୮. ପୁଷ୍ପପୁରରେ ସ୍ୱକର୍ମ ସାରି କିଏ କେଉଁ ପଥରେ ଗତି କରିବାକୁ ଲେଖକ କହିଛନ୍ତି ?

୯. ପଥପ୍ରଦର୍ଶକ ବିନା କେଉଁଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବନାହିଁ ବୋଲି କୁହାଯାଇଛି ?

୧୦. ଲେଖକଙ୍କ ଜନ୍ମଭୂମିର ଅବସ୍ଥା ଆଜି କିପରି ହୋଇଛି ?

୧୧. ବିଜୁଳି ବିମଣ୍ଡିତ ଓ ବଳାକା – ବିଶୋଭିତ ହୋଇ ଗନ୍ଧବହ ହିଲ୍ଲୋଳରେ ଭାସିଭାସି କାହାପରି ବାରିଦ ଉତ୍କଳ ଆକାଶରେ ଆବିର୍ଭୂତ ହୋଇଯିବ ବୋଲି ଲେଖକ କହିଛନ୍ତି ?

୧୨. ଉତ୍କଳର କୋଟିନେତ୍ର କାହାପରି ଓ କାହର ରୂପସୁଧା ପାନ କରିବ ?

୧୩. କାହାଠାରେ ବଦାନ୍ୟତାର ମହତ୍ତ୍ୱ ଫୁଟିଉଠେ ?

୧୪. କେଉଁମାନଙ୍କୁ ନିରାଶ ନ କରି ଜଳଦ ତା'ର ବଦାନ୍ୟତା ସେମାନଙ୍କଠାରୁ ଆରମ୍ଭ କରିବାକୁ ଲେଖକ କହିଛନ୍ତି ?

୧୫. ନରନାରୀଙ୍କ ସ୍ୱେଦସିକ୍ତ ଶସ୍ୟ କ୍ଷେତ୍ରରେ କିଏ ଆକାଶକୁ ଚାହିଁ ଝାଉଁଳୁଥିବ ?

୧୬. ରୋଗଶଯ୍ୟାରେ ଶାୟିତ ପୁତ୍ରକନ୍ୟାଙ୍କୁ ଦେଖି ପିତାମାତାଙ୍କ ମନ କେଉଁ ପରି ହୁଏ ?

୧୭. କ'ଣ ଶୁଣି ଓ କ'ଣ ଦେଖି ଜଳଦ ଗ୍ରାମସୀମା ଜାଣିପାରିବ ?

୧୮. ଯଦି ଜଳଦର ଭାଗ୍ୟରେ ଥାଏ ତେବେ କ'ଣ ତା' ଆଖିରେ ପଡ଼ିଯିବ ବୋଲି ଲେଖକ କହିଛନ୍ତି ?

୧୯. ବନବାସୀ ନାରୀମାନେ କାହାଠାରୁ କ'ଣ ଚୋରି କରନ୍ତି ନାହିଁ କିମ୍ବା କାହା ପରି ଚାଲନ୍ତି ନାହିଁ ?

୨୦. ଅବିରତ ବୃଷ୍ଟିପାତ ମଧ୍ୟରେ ବନବାସୀ ନାରୀମାନେ କାହା ପରି ରହି ଶସ୍ୟ କ୍ଷେତ୍ରରେ କର୍ମରତ ରହନ୍ତି ?

୨୧. ଜଳଦକୁ ଅପରିଚିତ ଜାଣିଲେ ସେମାନେ କ'ଣ କରିବେ ?

୨୨. ମାନବଜୀବନର ପରମ କାମ୍ୟ କ'ଣ ?

୨୩. ସଭ୍ୟ ସମାଜ କ'ଣ ଶିଖିବା ପାଇଁ ବନବାସୀମାନଙ୍କ ନିକଟକୁ ଆସିବ ବୋଲି ଲେଖକ କହିଛନ୍ତି ?

୨୪. ଅବିରତ ବାରିପାତରେ ବନଭୂମିକୁ କ'ଣ କରିଦେବାକୁ ଲେଖକ ଘନକୁ କହିଛନ୍ତି ?

୨୫. ଜଳଦର କୃପାରୁ ଶାଳିକ୍ଷେତ୍ରରେ କ'ଣ ଖେଳିବୁଲିବ ?

୨୬. ନିର୍ଝରିଣୀ ଗିରିଦରୀରେ କାହାପରି ନାଚି ଉଠିବ ?

୨୭. ଭଞ୍ଜନୃପ ପାଳିତ କଳାପୀର କୋକାରେ କିଏ ପୂର୍ଣ୍ଣ ହେବ ?

୨୮. ବନ୍ୟଯୂଥିର ପରିମଳରେ କିଏ ଆମୋଦିତ ହେବ ?

୨୯. କିଏ ପୁଲକରେ କଣ୍ଟକିତ ହୋଇ ଉଠିବ ?

୩୦. କୃଷ୍ଣଚୂଡ଼ା କ'ଣ ଦେଖି ଓ କାହାପରି ଲଜ୍ଜାରୁଣ ହୋଇପଡ଼ିବ ?

୩୧. କ୍ଳାନ୍ତି ଆସିଲେ ଜଳଦ କେଉଁଠାରେ ଅବସର ନେବ ?

୩୨. ସଭ୍ୟଜଗତ କ'ଣ ଶୁଣିନାହିଁ ?

୩୩. ଅନାଦି ଯୁଗରୁ କାହାପରି ଏହାର ଉଦାର ସଙ୍ଗୀତ ଏହାରି ବକ୍ଷରେ ହିଁ ମିଶି ଆସୁଛି ?

୩୪. ଏହି ଉଦାର ସଙ୍ଗୀତ ଶୁଣିଲେ ମନ ଓ ଜୀବନର କ'ଣ ହୁଏ ?

୩୫. ମହାବନରେ ଭ୍ରମୁଭ୍ରମୁ ଜଳଦ କ'ଣ ଦେଖି ଚକିତ ହୋଇଯିବ ?

୩୬. ଦୁଃଖିନୀ ଜନନୀ କାହା ଭୟରେ ଓ କେଉଁଠି ଅସରନ୍ତି ରତ୍ନଭଣ୍ଡାର ଲୁଚାଇ ରଖିଛି ?

୩୭. ଘନ କ'ଣ ଦେଖି ସ୍ତମ୍ଭୀଭୂତ ହେବ ବୋଲି ଲେଖକ କହିଛନ୍ତି ?

୩୮. କେଉଁ ଅଞ୍ଚଳ ସୂକ୍ଷ୍ମଶାଳିର ଗନ୍ତାଘର ?

୩୯. ତନ୍ୱୀ ମହାନଦୀ ଉପଳଶଯ୍ୟାରେ ଯାଉଁଯାଉଁ ତୀର ଦେଶରେ କ'ଣ ଢାଳିଦିଏ ?

୪୦. କିଏ ନରନାରୀଙ୍କ ଦେହରେ ନବଲାବଣ୍ୟ ବୋଳ ଦିଏ ?

୪୧. ଦୁଃଖଦୈନ୍ୟରେ ସୁଦ୍ଧା ଏଠାରେ ନରନାରୀଙ୍କୁ କ'ଣ ହୁଏନାହିଁ ?

୪୨. ବହୁଦିନ ପରେ କ'ଣ ଦେଖି ବଧୂମାନେ ଆୟତନୟନରେ ଚାହିଁ ରହିବେ ?

୪୩. କିଏ ଗର୍ବିତ ଗଜପତିର ରାଜଧାନୀ ଥିଲା ?

୪୪. ସ୍ମୃତିପୂତ ବିଡ଼ାଣାସୀର ଆଜି କ'ଣ ହୋଇଛି ?

୪୫. କାହାର ମହାକୀର୍ତ୍ତି ଆଜିଯାଏ ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?

୪୬. ଉତ୍କଳର ମହାନିଶାରେ ଉଜାଗର ରହି କେଉଁମାନେ ଜ୍ଞାନଦୀପ ଜାଳିଗଲେ ବୋଲି ଲେଖକ କହିଛନ୍ତି ?

୪୭. କ'ଣ ନ କଲେ ବାରିଦର ଉତ୍କଳଭ୍ରମଣ ସାର୍ଥକ ହେବ ନାହିଁ ?

୪୮. କେତେବେଳେ ଓ କ'ଣ ଦେଖି ବାରିଦ ଚକିତ ହୋଇଯିବ ?

୪୯. କାହାପ୍ରତି ଆନତ ହୋଇ ଜଳଦ ଉପକୂଳ ପଥରେ ଗତି କରି ଚାଲିଯିବ ?

୫୦. ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ କ'ଣ ଧରି କେଉଁଥି ପାଇଁ କୁଟୀରରୁ ବାହାରି ଆସିବେ ?

୫୧. କେଉଁମାନଙ୍କ ତ୍ରସ୍ତ ଚାରୁଚରଣରେ ଗୁଡ଼କଙ୍କ ଗଳିଯିବ ?

୫୨. ମହୋଦଧିର ତୁଙ୍ଗ – ତରଙ୍ଗାବଳୀରୁ ଉଦ୍ଧୃତ ହେଲା ଭଳି କିଏ ବାରିଦର ଗତିପଥରେ ଭାସି ଉଠିବ ?

୫୩. କିଏ କାହାପରି ମ୍ଳାନ ଓ ଛିନ୍ନ ହୋଇ କେଉଁଠି ପଡ଼ିଛି ?

୫୪. ନୀଳାଚଳ ପଥରେ ଯାଉଁ ଯାଉଁ କେଉଁଠାରେ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଯିବାକୁ ଲେଖକ ବାରିଦକୁ କହିଛନ୍ତି ?

୫୫. ଉତ୍କଳର ମହାନିଶାରେ ଧ୍ରୁବଜ୍ୟୋତି ବୋଲି କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

୫୬. କେଉଁମାନେ ଆଜିସୁଦ୍ଧା ତାଙ୍କର ଆଦର୍ଶ ରଖିଛନ୍ତି ଓ କିପରି ?

୫୭. କିଏ ଉତ୍କଳ କମଳର କେଶର ?

୫୮. ଇତିହାସର ପ୍ରତିଲୋମରେ ଗତି କରିଗଲେ ବାରିବାହ କ'ଣ ଜାଣିବ ?

୫୯. ନୀଳାଚଳ ନାଥ କ'ଣ ପାଇଲେ ତୃପ୍ତ ହୁଅନ୍ତି ?

୬୦. ବାରିବାହ ପ୍ରଭଞ୍ଜନ ବଳରେ କ'ଣ କରିବାକୁ ଲେଖକ ଆହ୍ୱାନ ଜଣାଇଛନ୍ତି ?

୬୧. ଅମ୍ବୁପତିକୁ କାହା ସହିତ ଲେଖକ ତୁଳନା କରିଛନ୍ତି ?

୬୨. କିଏ ବେଳାଭୂମିରେ ବାଳକ ପରି ଅବିରତ ଖେଳୁଥାଏ ?

୬୩. ବଳାହକର ଭୀମ ରୂପ ଦେଖି କେଉଁମାନେ କ'ଣ ଛାଡ଼ି ପଳାଇଯିବେ ?

୬୪. କେଉଁମାନଙ୍କୁ ଭୁଲି ନ ଯିବାକୁ ବଳାହକକୁ ଲେଖକ ଅନୁରୋଧ କରିଛନ୍ତି ?

୬୫. କେଉଁମାନେ ବାରିବାହକୁ ସାଦରେ ବରଣ କରିନେବେ ?

୬୬. କୁନ୍ତଳରେ କୁରୁବକ, ନୟନରେ ଅଞ୍ଜନ ଓ କପୋଳରେ କଜ୍ଜ୍ୱଳଘେନି ମଞ୍ଜୁଭାଷିଣୀ, ସୁହାସିନୀ, ହାସ୍ୟମୟୀ ନାରୀମାନେ ବଳାହକକୁ କେଉଁ ଭଙ୍ଗୀରେ ସ୍ୱାଗତ ଜଣାଇବେ ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଙ) ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୩ ନମ୍ବର ରଖାଯାଇଛି । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

୧. ଭାରତର ସାରଭୂତା ଉତ୍କଳଭୂମିକୁ ଚିହ୍ନିବା ପାଇଁ କାହିଁକି ବାରିଦର ଭ୍ରମ ହେବ ନାହିଁ ?

୨. ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନି ପାରିବ ?

୩. ଲେଖକଙ୍କ ବର୍ଣ୍ଣିତ ସମ୍ବଲପୁରର ବଧୂମାନଙ୍କର ବୈଶିଷ୍ଟ୍ୟ ସମ୍ପର୍କରେ ଉଲ୍ଲେଖ କର ।

୪. କଟକର ବୈଶିଷ୍ଟ୍ୟ କ'ଣ ? ଲେଖକଙ୍କୁ ଅନୁସରଣ କରି ଉପସ୍ଥାପନ କର ।

୫. ଇତିହାସର ପ୍ରତିଲୋମରେ ଗତି କରିଗଲେ ବାରିବାହ କ'ଣ ଜାଣିବ ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଚ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ରଖାଯାଇଛି ।**

୧. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କର ଭୌଗୋଳିକ ଜ୍ଞାନର ପରିଚୟ ପ୍ରଦାନ କର ।

୨. ତୁମ ପଠିତ ପ୍ରବନ୍ଧରୁ ଲେଖକଙ୍କ ଉତ୍କଳୀୟ ପ୍ରୀତିର ପରିଚୟ ପ୍ରଦାନ କର ।

୩. 'ଅତୀତ ଉତ୍କଳର ସ୍ମୃତି ରୋମନ୍ଥନ ଲେଖକଙ୍କ ମାଟି ପ୍ରୀତିର ଚରମ ନିଦର୍ଶନ' ଆଲୋଚନା କର ।

୪. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କ ପ୍ରଚ୍ଛନ୍ନ ଆଭିମୁଖ୍ୟ କ'ଣ ଆଲୋଚନା କର ।

୫. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧର ସାରମର୍ମ ଲେଖ ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (କ) ବାରିବାହ
୨. (କ) ପୁଷ୍ପପୁର
୩. (ଖ) ବାରିବାହ
୪. (ଘ) ବ୍ୟକ୍ତିବିଶେଷର
୫. (କ) ବ୍ୟକ୍ତି
୬. (ଖ) ଉତ୍କଳ
୭. (ଖ) ଉତ୍କଳ
୮. (ଖ) ଦରିଦ୍ର
୯. (ଗ) ଶାଳିଧାନ୍ୟ
୧୦. (ଖ) ବନବାସୀ
୧୧. (କ) ବାରିବାହ
୧୨. (ଗ) ମାନବ
୧୩. (କ) ନିର୍ଝରିଣୀ
୧୪. (ଗ) ବନ୍ୟଯୁଥିକା
୧୫. (ଖ) କୃଷ୍ଣଚୂଡ଼ା
୧୬. (ଖ) ମହାସଙ୍ଗୀତ
୧୭. (ଖ) ଉଦାର
୧୮. (ଘ) ଅଯୋଗ୍ୟ ସନ୍ତାନ
୧୯. (ଗ) ଭାଗୀରଥୀ
୨୦. (ଖ) ସମ୍ବଲପୁର
୨୧. (ଖ) ଆୟତ
୨୨. (ଘ) ବିଲୋଳ
୨୩. (କ) ବଂଶବନ
୨୪. (ଖ) କଟକ
୨୫. (ଖ) ବିଡ଼ାନାସୀ
୨୬. (ଖ) ପଥର ବନ୍ଧ
୨୭. (ଗ) କଟକ
୨୮. (ଖ) କୋଣାର୍କ ମନ୍ଦିର
୨୯. (ଗ) ଲିଙ୍ଗରାଜ ମନ୍ଦିର
୩୦. (କ) ପଲ୍ଲୀବାଳା
୩୧. (ଘ) କୋଣାର୍କ ମନ୍ଦିର
୩୨. (ଗ) କୋଣାର୍କ ମହାମନ୍ଦିର
୩୩. (ଗ) ଜଗନ୍ନାଥ
୩୪. (ଖ) ଅମ୍ବୁପତି
୩୫. (ଖ) ବାଳକ
୩୬. (ଗ) ଗଞ୍ଜାମ ଓ ଜୟପୁରବାସୀ

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

୧. ବାରିବାହ
୨. ଶୁଭଶଙ୍ଖ
୩. ଉଦନ୍ତ
୪. ବ୍ୟକ୍ତିବିଶେଷର
୫. ଉତ୍କଳ
୬. ପୁଷ୍ପପୁର
୭. ଦରିଦ୍ର
୮. ଶାଳିଧାନ୍ୟ
୯. ନିର୍ଝରିଣୀ
୧୦. ବାରିବାହ
୧୧. ମାନବ
୧୨. ଏମାନଙ୍କ
୧୩. ନିର୍ଝରିଣୀ
୧୪. ବନ୍ୟଯୁଥି
୧୫. ନବତରୁଣୀ
୧୬. ସଭ୍ୟଜଗତ
୧୭. ଉଦାର
୧୮. ରତ୍ନଭଣ୍ଡାର
୧୯. ଭାଗୀରଥ
୨୦. ହାସ୍ୟମୟୀ
୨୧. ଆୟତ
୨୨. ବିଲୋଳ
୨୩. ବଂଶବନ
୨୪. କଟକ
୨୫. ବିଡ଼ାଣସୀ
୨୬. ଜ୍ଞାନଦୀପ
୨୭. କୋଣାର୍କ ମନ୍ଦିର
୨୮. ମାନଦଣ୍ଡ
୨୯. ଶଙ୍ଖ
୩୦. ଗୁଡ଼କଙ୍କ
୩୧. କୃଷ୍ଣଚୂଡ଼ା
୩୨. କୋଣାର୍କ ମହାମନ୍ଦିର
୩୩. ଜଗନ୍ନାଥ
୩୪. ବାତାୟନ ପଥ
୩୫. ତୈଲଙ୍ଗୀ

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ

୧. ବାରିବାହକୁ
୨. ପୁଷ୍ପପୁରରେ
୩. ପାଟନା
୪. ପ୍ରାସାଦ ବାତାୟନ ପଥରେ
୫. ମଙ୍ଗଳକର ଓ ମଧୁମୟ
୬. ସଜୀବ ଓ ଶ୍ୟାମଳ
୭. ଭ୍ରାମ୍ୟମାଣା ଉଦାସୀନା ଧରଣୀ
୮. ବାୟୁ, ସଲିଳ, ଆଲୋକ ଓ ଉତ୍ତାପ
୯. ଗୋଷ୍ଠୀ
୧୦. ଉତ୍କଳରେ
୧୧. ସାରଭୂତା ଉତ୍କଳଭୂମିକୁ
୧୨. ପତିତା, ଲାଞ୍ଛିତା ଓ ଖଣ୍ଡିତା
୧୩. କୋଟିନେତ୍ର
୧୪. ବନବାସୀମାନଙ୍କୁ
୧୫. ପୁତ୍ରକନ୍ୟାଙ୍କୁ
୧୬. ଗତି
୧୭. ମଦାଳସା
୧୮. ଅଲକ୍ତକ
୧୯. ବନବାସୀ ରମଣୀମାନେ
୨୦. ବନବାସୀମାନେ
୨୧. ମେଘାସନ, ଗନ୍ଧମାର୍ଦ୍ଦନ ବା ମାଲ୍ୟଗିରିରେ
୨୨. ମହାବନର
୨୩. ଉତ୍କଳବାସୀ
୨୪. ତନ୍ୱୀମହାନଦୀ
୨୫. ଅଗଣିତକୀର୍ତ୍ତି
୨୬. ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ
୨୭. ପ୍ରଭଞ୍ଜନ
୨୮. ନୀଳାଚଳନାଥଙ୍କ
୨୯. ଶାନ୍ତି ଓ ମୈତ୍ରୀ
୩୦. ଅମ୍ବୁପତି
୩୧. ମହାକୃପଣ
୩୨. ଭୀରୁ ନୀଳାଚଳ ଲଳନାମାନେ
୩୩. ଝରୁଚିଲିକା
୩୪. ଜାଗ୍ରତ ଜନତା

## (ଘ) ଦୁଇଟି ବାକ୍ୟରେ ଉତ୍ତର ଦିଅ

୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଲେଖକ ବାରିବାହକୁ

୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପ୍ରାସାଦ ବାତାୟନ ପଥରେ

୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବାରିବାହର ସ୍ପର୍ଶରେ ପୁଷ୍ପପୁର

୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅଭିଶପ୍ତ ବିତାଡ଼ିତ ବିରାହୀଯକ୍ଷ, ବାରିବାହକୁ, ବାରିବାହ ହସ୍ତରେ

୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଗୋଷ୍ଠୀ

୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବ୍ୟକ୍ତିବିଶେଷର

୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଜଳର ଅଭାବରେ, ଉତ୍କଳରେ

୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବାରିଦ, ଉତ୍କଳ ପଥରେ

୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଭାରତର ସାରଭୂତା ଉତ୍କଳଭୂମିକୁ

୧୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପତିତା, ଲାଞ୍ଛିତା ଓ ଖଣ୍ଡିତା

୧୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପୀତବସନ ବନମାଳୀ ପରି

୧୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଗୋପାଙ୍ଗନାମାନଙ୍କ ପରି ଜଳଦର ରୂପସୁଧା

୧୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଦରିଦ୍ର ଠାରେ

୧୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଦରିଦ୍ର ବନବାସୀମାନଙ୍କୁ

୧୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଶାଳିଧାନ୍ୟ

୧୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଆତଙ୍କରେ ଥରିଉଠେ

୧୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପଲରଗଳ ଘଣ୍ଟି ବା ଗୋପାଳର ବେଣୁସ୍ୱନ ଶୁଣି

୧୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସଂକୀର୍ଣ୍ଣ ପଥରେ ଶ୍ରେଣୀବଦ୍ଧ ନରନାରୀଙ୍କ ପ୍ରବାହଟିଏ

୧୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କୁଜୀ ହଂସୀଠାରୁ ଗତି କିମ୍ବା ମଦାଳସା ହୋଇ ମାତଙ୍ଗିନୀ ପରି

୨୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବନସ୍ପତି ପରି ରହି

୨୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଉଚ୍ଛହାସ୍ୟରେ ବନଭୂମି କମ୍ପାଇ ଦେବେ

୨୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସ୍ୱେଦାର୍ଜ୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳ ମନ

୨୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମାନବିକତା ଶିଖିବା ପାଇଁ

୨୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବନଭୂମିକୁ ଶ୍ୟାମଳ ଓ ଉଜ୍ଜ୍ୱଳ କରିଦେବାକୁ

୨୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ନବନୀଳିମା

୨୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କ୍ରୀଡ଼ାରତ ବସ୍ତତରୀ ପରି

୨୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବନଭୂମି ପୂର୍ଣ୍ଣହେବ

୨୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବନଭୂମି ଆମୋଦିତ ହେବ

୨୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କଦମ୍ବ କଣ୍ଟକରେ ପୁଲକିତ ହୋଇଉଠିବ

୩୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କୃଷ୍ଣଚୂଡ଼ା ନିଜ ତରୁଣ ତନୁକୁ ଦେଖି ନବତରୁଣୀ ପରି

୩୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମେଘାସନ, ଗନ୍ଧମାର୍ଦନ ବା ମାଲ୍ୟାଗିରିରେ

୩୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହାବନର ମହାସଙ୍ଗୀତ

୩୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବିକ୍ଷୁବ୍ଧ ବାରିରାଶିର ଅଗଣିତ ତରଙ୍ଗ ପରି ଏହାର ଉଦାର ସଙ୍ଗୀତ

୩୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଏହି ଉଦାର ସଙ୍ଗୀତ ଶୁଣିଲେ ମନ ଅନାମୟ ଧାମକୁ ଚାଲିଯାଏ ଓ ବିଷାଦ ପଙ୍କରୁ ଉଠି ଜୀବନ-କମଳ ବିକଶିତ ହୋଇଉଠେ ।

୩୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହାବନରେ ଭ୍ରମୁଭ୍ରମୁ ତାହାର ଅସରନ୍ତି ବିଭବ ଦେଖି ସେ ଚକିତ ହୋଇଯିବ ।

୩୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଦୁଃଖିନୀ ତା'ର ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ସେହି ମହାବନ ଭିତରେ ହିଁ ଅସରନ୍ତି ଭଣ୍ଡାର ଲୁଚାଇ ରଖିଛି

୩୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଉତ୍କଳବାସୀ ଭାଗୀରଥୀ ତଟରେ ବସି ପିପାସୀ ଓ ରତ୍ନସ୍ତୂପରେ ବସି ଉପବାସୀ ହୋଇଛି ।

୩୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସୂକ୍ଷ୍ମଶାଳିର ଗନ୍ତାଘର ସମ୍ବଲପୁର ଅଞ୍ଚଳ

୩୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ତୀର ଦେଶରେ ସ୍ୱର୍ଣ୍ଣରେଣୁ

୪୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହାନଦୀ ନରନାରୀଙ୍କ ଦେହରେ ଲାବଣ୍ୟ ବୋଳିଦିଏ ।

୪୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବିଷାଦ କାଳିମା ଛୁଏଁ ନାହିଁ ।

୪୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଝରୁଚିକୁରକୁ ବଳି ବାରିଦର ଲୋଭନୀୟ କଜ୍ଜ୍ୱଳ କାନ୍ତିକୁ

୪୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କଟକ ଗର୍ବିତ ଗଜପତିର ରାଜଧାନୀ

୪୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସ୍ମୃତିପୂତ ବିଡ଼ାଣସୀ ମୃତ୍ତିକାରେ ଅବଲୁପ୍ତ

୪୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ରାଜା ମର୍କତ କେଶରୀଙ୍କର

୪୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବହୁକବି, ଜ୍ଞାନୀ, ଗୁଣି ଓ କର୍ମୀ

୪୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କୋଣାର୍କର ଝରୁଚୂଡ଼ା ଚୁମ୍ବନ ନ କଲେ

୪୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କୋଣାର୍କ ପଥରେ ଯାଉଁଯାଉଁ ପଥମଧ୍ୟରେ ଅଗଣିତ କୀର୍ତ୍ତି ଦେଖି

୪୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅତୀତ ଉତ୍କଳର ମାନଦଣ୍ଡ ପରି ଦଣ୍ଡାୟମାନ ଲିଙ୍ଗରାଜ – ନିକେତନର ଝରୁଚୂଡ଼ା ପ୍ରତି ଆନତ ହୋଇ

୫୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପଲ୍ଲୀବାଳାମାନେ ଶଙ୍ଖଧରି ବାରିବାହକୁ ସ୍ୱାଗତ କରିବା ପାଇଁ

୫୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଲଜ୍ଜମାନା ବରାକିନୀମାନଙ୍କ ତ୍ରସ୍ତ, ଝରୁଚରଣରେ

୫୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
କୋଣାର୍କର କୃଷ୍ଣଚୂଡ଼ା

୫୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଭୁବନ ମୋହନ କୋଣାର୍କ ସ୍ୱର୍ଗଚ୍ୟୁତ ପାରିଜାତ ପରିମ୍ଳାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିଛି

୫୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସାକ୍ଷୀଗୋପାଳଙ୍କ ଧବଳିତ ସଦନ ଠାରେ

୫୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ

୫୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହର୍ଷି ପ୍ରତିପାଳିତ ମଞ୍ଜୁ ଛୁରିଅନା କୁଞ୍ଜ

୫୭. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ନୀଳାଚଳ

୫୮. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଜଗନ୍ନାଥ ହିଁ ଉତ୍କଳର ଇତିହାସ

୫୯. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଖାଲି ଷାଠିଏ ପଉଟି ପାଇଲେ

୬୦. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପତିତପାବନ ବାନାକୁ ପ୍ରବଳ ପ୍ରଭଞ୍ଜନ ବଳରେ ସିନ୍ଧୁଗର୍ଭରେ ନିକ୍ଷେପ କରିବାକୁ ଓ ନୀଳଚକ୍ରକୁ ଚକ୍ରାକାରରେ ଘୂରାଇ ଦେବାକୁ

୬୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହାକୃପଣ ସହିତ

୬୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅମ୍ବୁପତି

୬୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ନୀଳାଚଳ ଲଳନାମାନେ ବାତାୟନ ପଥଛାଡ଼ି

୬୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଗଞ୍ଜାମ ଓ ଜୟପୁରବାସୀମାନଙ୍କୁ ଭୁଲି ନ ଯିବାକୁ

୬୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଭୂମିର ଜାଗ୍ରତ ଜନତା

୬୬. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ତୈଲଙ୍ଗୀ ଭଙ୍ଗିରେ ସ୍ୱାଗତ ଜଣାଇବେ

## (ଙ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର (୩୦ଟି ଶବ୍ଦରେ ଉତ୍ତର ଲେଖ)

୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
କବି – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଭାରତର ସାରଭୂତା ଉତ୍କଳଭୂମିର ଭୌଗୋଳିକ ସ୍ଥିତି ହିଁ ତାର ପରିଚୟ ପ୍ରଦାନ କରିବାକୁ ପୂର୍ଣ୍ଣମାତ୍ରାରେ ସମର୍ଥ । ଉପକୂଳ ଅଞ୍ଚଳ ମହୋଦଧିର ବିଶାଳ ବେଳାରେ ବଳୟିତା, ପୂଗ, ପୁନ୍ନାଗ, ତାଳ, ତମାଳ ଓ ନାରିକେଳ ବନରେ ବିଶୋଭିତ ଆଉ ଅନ୍ୟ ଦିଗରେ ତୁଙ୍ଗ ଶିଖରୀ ସମାକୁଳ – ନିବିଡ଼ ବନରାଜିର ଅସରନ୍ତି ଶ୍ୟାମ ଶୋଭାରେ ପରିପୂର୍ଣ୍ଣ ପାର୍ବତ୍ୟାଞ୍ଚଳ ଉତ୍କଳର ପରିଚୟ ଦେବାକୁ ଯଥେଷ୍ଟ ।

୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
କବି – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବନବାସୀମାନଙ୍କ ବାସସ୍ଥାନ ଓ ଜୀବନଧାରଣ ପଦ୍ଧତି ସମ୍ପର୍କରେ ପୂର୍ଣ୍ଣ ଅବଗତ ଥିଲେ । ସେଥିଲାଗି ନିଘଞ୍ଚ ବନ ମଧ୍ୟରେ ସେମାନଙ୍କର ବାସସ୍ଥାନ ଖୋଜି ପାଇବା ଜଳଦ ପକ୍ଷରେ କିପରି କଷ୍ଟକର ନ ହେବ ସେଥିଲାଗି ସେ, ଗୋ ପଲର ଗଳଘଣ୍ଟି ବା ଗୋପାଳର ବେଣୁସ୍ୱନ ଅଥବା ସେମାନଙ୍କର କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମକୁ ଦେଖି ସ୍ଥାନ ନିରୂପଣ କରିବାକୁ ବାରିଦକୁ ଅନୁରୋଧ କରିଛନ୍ତି ।

୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
କବି – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ବିଶିଷ୍ଟ ଐତିହାସିକ, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଓ ସ୍ୱନାମଧନ୍ୟ ଇତିହାସ ବିଭାଗର ପ୍ରଫେସର ଡଃ କୃଷ୍ଣଚନ୍ଦ୍ର ପାରିଗ୍ରାହୀଙ୍କ ସାହିତ୍ୟିକ ପ୍ରତିଭା ଥିଲା ଅନନ୍ୟ । ଉତ୍କଳର ମାଟି ଓ ମନୁଷ୍ୟ ଥିଲେ, ତାଙ୍କର ଅତିପ୍ରିୟ । ତେଣୁ ସମ୍ବଲପୁରର ବଧୂମାନଙ୍କର ବ୍ରାହ୍ମମୁହୂର୍ତ୍ତର ସ୍ନାନ ଓ ତା'ପରେ ଶିଶିର ସ୍ନାତା ଶେଫାଳୀ ପରି ହାସ୍ୟମୟୀ ହୋଇ ଉଠିବାକୁ ସେ ବର୍ଣ୍ଣନା ଭିତରକୁ ଟାଣି ଆଣିବା ସହିତ ସେମାନଙ୍କର ଅନଳସ ଚରଣରେ କମଳ ପ୍ରସ୍ଫୁଟିତ ହେବା ଓ ତାଙ୍କର କଳାକୁଶଳ କରସ୍ପର୍ଶରେ କ୍ଷୁଦ୍ରକୁଟୀର ହସ ଉଠିବା ଭଳି ଘଟଣାର ବର୍ଣ୍ଣନା ସେମାନଙ୍କର ବୈଶିଷ୍ଟ୍ୟ ସମ୍ପର୍କରେ ଯଥେଷ୍ଟ ।

୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
କବି – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଲେଖକଙ୍କ ଶକ୍ତିଶାଳୀ ଲେଖନୀ ଏକ ହଜାର ବର୍ଷର ଐତିହାସିକ କଟକ ସହରକୁ ଉତ୍କଳର ଉତ୍ତମାଙ୍ଗ ବୋଲି ଘୋଷଣା କରିବା ସହିତ ଏହା ପ୍ରମାଣ କରିବାକୁ ଯେଉଁ ଐତିହାସିକ ତଥ୍ୟ ଓ ଅଳ୍ପଦିନ ତଳର ସତ୍ୟକୁ ଉପସ୍ଥାପନ କରିଛନ୍ତି ତାହା ଅନନ୍ୟ। ଗର୍ବିତ ଗଜପତିର ଅଜେୟବାହିନୀ, ତା'ର ଦିଗ୍‌ବିଜୟ ଦୁର୍ଗରୁ ଦୁର୍ବାନ୍ତରକୁ ଝଟିକା ବେଗରେ ଗତି କରିଯିବାର ପ୍ରମାଣ ଭୂଲୁଣ୍ଠିତ ବାରବାଟୀ ଦୁର୍ଗ ବହନ କରେ। ଚିତ୍ରୋତ୍ପଳାର ପ୍ରସ୍ତର ମେଖଳା, ମର୍କତକେଶର ପରି ମହାକୀର୍ତ୍ତିର ନିଦର୍ଶନ। ଏତଦ୍‌ବ୍ୟତୀତ ଉତ୍କଳର ମହାନ୍ଧକାରରେ ଉଜାଗର ରହି ଯେଉଁ କବି ଜ୍ଞାନୀ, ଗୁଣୀ ଓ କର୍ମୀ ଜ୍ଞାନଦୀପ ପ୍ରଜ୍ୱଳନ କରି ଗଲେ ତାହାହିଁ କଟକର ବୈଶିଷ୍ଟ୍ୟ ବୋଲି ଗ୍ରହଣ କରିବାକୁ ହେବ।

୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
କବି – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଇତିହାସର ବିପରୀତ ଦିଗରେ ଗତି କରିଗଲେ ସ୍ୱୟଂ ଜଗନ୍ନାଥ ହିଁ ଉତ୍କଳର ଇତିହାସ ବୋଲି ଜାଣିବାକୁ ହେବ। ଶାନ୍ତି, ମୁକ୍ତି, ମୈତ୍ରୀ, ଭକ୍ତି ଓ ଭୀତି ସବୁ ଏକାଧାରରେ ଶତସହସ୍ର ବର୍ଷ ଧରି ଏହିଠାରେ ହିଁ ପୁଞ୍ଜିଭୂତ ହୋଇ ଆସିଛି ବୋଲି ବାରିବାହ ଜାଣିପାରିବ। ବାସ୍ତବିକ ଦେଖିବାକୁ ଗଲେ ଜଗନ୍ନାଥଙ୍କୁ ବାଦ୍‌ଦେଇ ଉତ୍କଳର ଇତିହାସ, ସାହିତ୍ୟ ସଂସ୍କୃତି ଓ ପରମ୍ପରା ସର୍ବୋପରି ସାମାଜିକ ଜୀବନର ପରିକଳ୍ପନା କରାଯାଇ ନ ପାରେ।

## (ଚ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(କ) ଲେଖକଙ୍କ ପରିଚୟ

(ଖ) ଲେଖକଙ୍କ ଐତିହାସିକ ଦୃଷ୍ଟିଭଙ୍ଗୀ

(ଗ) ଲେଖକଙ୍କ ସାହିତ୍ୟକ ଜ୍ଞାନର ପରିପ୍ରକାଶ ସମ୍ପର୍କରେ ଆଲୋଚନା

(ଘ) ବାରିବାହକୁ ପୁଷ୍ପପୁର ବା ଆଧୁନିକ ପାଟନା ସହରରେ ସ୍ୱାଗତ କରିବା

(ଙ) ପାଟନାଠାରୁ ଓଡ଼ିଶାକୁ ପଠାଇବା

(ଚ) ବାରିଦକୁ ଉତ୍କଳକୁ ପ୍ରବେଶର ପଥ ନିର୍ଦ୍ଦେଶ କରିବା

(ଛ) ଉତ୍କଳକୁ ଭ୍ରମଣ କରିବାର ପଥନିର୍ଦ୍ଦେଶ ଭିତରେ ଉତ୍କଳର ଭୌଗୋଳିକ ସ୍ଥିତି ଓ କେଉଁ ପଥଦେଇ ଗତି କରିବ ତା'ର ନକ୍ସା ଅଙ୍କନ।

(ଜ) ବାରିବାହର ଉତ୍କଳକୁ ପ୍ରବେଶ ଓ ପ୍ରସ୍ଥାନ ଭିତରେ ବର୍ଣ୍ଣନା ଅନ୍ତର୍ଗତ ସମସ୍ତ ସ୍ଥାନ ଓ କୀର୍ତ୍ତିରାଜିର ଅବସ୍ଥିତିର ଉଲ୍ଲେଖ କରାଯିବ।

(ଝ) ପରିସମାପ୍ତିରେ ଲେଖକଙ୍କ ଭୌଗୋଳିକ ଜ୍ଞାନ ସମ୍ପର୍କରେ ସ୍ୱମତ ରଖାଯିବ।

୨. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(କ) ଲେଖକଙ୍କ ପରିଚୟ

(ଖ) ଜନ୍ମସ୍ଥାନ ମୟୂରଭଞ୍ଜର ଖିଚିଂର ଉଲ୍ଲେଖ ରହିବ

(ଗ) ଇତିହାସର ଛାତ୍ର ଓ ପ୍ରଫେସର ହିସାବରେ ଉତ୍କଳର ସମସ୍ତ ଐତିହାସିକ ସ୍ଥାନ ଓ କୀର୍ତ୍ତିରାଜି ସହ ପରିଚୟର ବର୍ଣ୍ଣନା ରହିବ

(ଘ) ସ୍ୱ ମାଟି ପ୍ରୀତିର ପରିଚୟ, ପ୍ରତ୍ୟେକ ସ୍ଥାନ ସହ ସେହି ଅଞ୍ଚଳର ନରନାରୀଙ୍କର ବର୍ଣ୍ଣନା ରହିବ

(ଙ) ପରିଶେଷରେ ଲେଖକଙ୍କ ସମ୍ପର୍କରେ ମତାମତ ହେବ।

୩. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(କ) ଲେଖକଙ୍କ ପରିଚୟ

(ଖ) ଇତିହାସର ଛାତ୍ର ଓ ପ୍ରଫେସର ହିସାବରେ ଉତ୍କଳର ଗୌରବାବହ ଇତିହାସ ସହିତ ସମ୍ପର୍କର ବର୍ଣ୍ଣନା ରହିବ

(ଗ) ପ୍ରତ୍ୟେକ ସ୍ଥଳ ଓ ତତ୍‌ସହିତ ଜଡ଼ିତ ଐତିହାସିକ ସ୍ମୃତିର ବର୍ଣ୍ଣନା ରହିବ

(ଘ) ମାଟିପ୍ରୀତି ପ୍ରତ୍ୟେକ ଲେଖକଙ୍କର ସହଜାତ ଗୁଣ ଓ ତା'ର ସାର୍ଥକତା ସେ କିପରି ରକ୍ଷା କରିଛନ୍ତି ତା'ର ବର୍ଣ୍ଣନା ରହିବ।

୪. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(କ) ଲେଖକଙ୍କ ପରିଚୟ

(ଖ) ପ୍ରବନ୍ଧର ନାମକରଣ

(ଗ) ପୁଷ୍ପପୁର ଗୌଣ ସ୍ୱଜନ୍ମ ମାଟିରେ ଐତିହ୍ୟ, ତା'ର ନରନାରୀ, ସ୍ଥାନ ବିଶେଷ, କୀର୍ତ୍ତିରାଜିର ବର୍ଣ୍ଣନା ମୁଖ୍ୟ ଲକ୍ଷ୍ୟ

(ଘ) ପ୍ରତ୍ୟେକ ସ୍ଥାନର ବର୍ଣ୍ଣନା ସହିତ ତା' ସହିତ ଜଡ଼ିତ ଘଟଣାର ଉପସ୍ଥାପନ ଲେଖକଙ୍କ ମୁଖ୍ୟ ଉଦ୍ଦେଶ୍ୟ

୫. ଲେଖା – ପୁଷ୍ପପୁରରେ ବର୍ଷାବରଣ
ଲେଖକ – ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(କ) ଲେଖକଙ୍କ ପରିଚୟ

(ଖ) ଉତ୍କଳର ଭୌଗୋଳିକ ସ୍ଥିତି

(ଗ) ଉତ୍କଳର ଐତିହାସିକ ସ୍ଥାନର ବର୍ଣ୍ଣନା

(ଘ) ଉତ୍କଳର ପ୍ରତିଷ୍ଠା ଲେଖକଙ୍କ ଅନ୍ୟତମ ଲକ୍ଷ୍ୟ

(ଙ) ଉତ୍କଳର ଗୌରବଗାନ ସହ ଉତ୍କଳର ଶ୍ରେଷ୍ଠତ୍ୱ ପ୍ରତିପାଦନ ସତେ ଯେପରି ଲେଖକଙ୍କର ଉଦ୍ଦେଶ୍ୟ।

# ତିନି ତୁଣ୍ଡରେ

## ଭୁବନେଶ୍ୱର ବେହେରା

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି ।**

**୧. କେଉଁ ଶାସନ ସର୍ବୋତ୍କୃଷ୍ଟ ବୋଲି ଅନେକ କହନ୍ତି ?**

(କ) ରାଜତନ୍ତ୍ର (ଖ) ଏକଛତ୍ରବାଦ

(ଗ) ସାମ୍ୟବାଦ (ଘ) ଗଣତନ୍ତ୍ର

**୨. ଗଣତନ୍ତ୍ର ଶାସନର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ କ'ଣ ?**

(କ) ଗଣଙ୍କ ଶାସନ (ଖ) ଜଣଙ୍କ ଶାସନ

(ଗ) ରାଜାଙ୍କ ଶାସନ (ଘ) ମନ୍ତ୍ରୀଙ୍କ ଶାସନ

**୩. ଗଣତନ୍ତ୍ର ଶାସନରେ କିଏ କାହାକୁ ଶାସନ କରନ୍ତି ?**

(କ) ରାଜା ପ୍ରଜାଙ୍କୁ

(ଖ) ମନ୍ତ୍ରୀ ଲୋକଙ୍କୁ

(ଗ) ଲୋକେ ନିଜେ ନିଜକୁ

(ଘ) ଲୋକେ ଅନ୍ୟକୁ

**୪. କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ?**

(କ) ରାଜତନ୍ତ୍ର (ଖ) ଗଣତନ୍ତ୍ର

(ଗ) ଜନତନ୍ତ୍ର (ଘ) ସମୂହତନ୍ତ୍ର

**୫. ଲେଖକ କେଉଁ ଦେଶକୁ ଛୁଆଁ ଅଛୁଆଁର ପୀଠସ୍ଥଳୀ ବୋଲି କହିଛନ୍ତି ?**

(କ) ଚୀନ୍ (ଖ) ପାକିସ୍ତାନ

(ଗ) ଭାରତ (ଘ) ଶ୍ରୀଲଙ୍କା

**୬. ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତରେ କେଉଁ ନ୍ୟାୟ ଲଙ୍କାରେ ହରିଶଦ୍ଧ ପରି ?**

(କ) ବିଳମ୍ବିତ ନ୍ୟାୟ

(ଖ) ସାମାଜିକ ନ୍ୟାୟ

(ଗ) ଅର୍ଥନୈତିକ ନ୍ୟାୟ

(ଘ) ପାରିବାରିକ ନ୍ୟାୟ

**୭. ଗଣତନ୍ତ୍ରରେ ଜନତା ଦ୍ୱାରା ଜନତାର ଶାସନ କିଭଳି ହୋଇଥାଏ ?**

(କ) ପ୍ରତ୍ୟକ୍ଷ

(ଖ) ପରୋକ୍ଷ

(ଗ) ମଧ୍ୟସ୍ଥ ଜରିଆରେ

(ଘ) କେଉଁ ଗୋଟିକ ନୁହେଁ

**୮. ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?**

(କ) ଲୋକପ୍ରତିନିଧି ମନୋନୟନ

(ଖ) ଏକକ ମନୋନୟନ

(ଗ) ଏକଛତ୍ରବାଦ

(ଘ) ସାମ୍ରାଜ୍ୟବାଦ

**୯. ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଭୋଟଦାତା ମାନେ କ'ଣ ହେବାପାଇଁ ଉପଯୁକ୍ତ ?**

(କ) ପ୍ରଶାସକ (ଖ) ମନ୍ତ୍ରୀ

(ଗ) ଅଧ୍ୟକ୍ଷ (ଘ) ଲୋକପ୍ରତିନିଧି

**୧୦. ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ-ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ ଭାବେ କାମ କରେ ?**

(କ) ପ୍ରୋପାଗଣ୍ଡା (ଖ) ସାଧୁତା

(ଗ) ବ୍ୟକ୍ତିତ୍ୱ (ଘ) ଘୋଷଣା

**୧୧. 'ବିରାଡ଼ି ବୈଷ୍ଣବ' ମାନେ ଶାସନ କ୍ଷମତା ପାଇବା ଲୋଭରେ କ'ଣ ହେବାକୁ ବାହାରି ପଡ଼ନ୍ତି ?**

(କ) ପ୍ରତିଦ୍ୱନ୍ଦ୍ୱୀ (ଖ) ଜନତାର ପ୍ରତିନିଧି

(ଗ) ଶାସକ (ଘ) ନେତା

**୧୨. 'ବିରାଡ଼ି ବୈଷ୍ଣବ' ମାନେ ଲୋକଙ୍କୁ କ'ଣ ଦେଖାଇ ପ୍ରଚ୍ଛର ବଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରନ୍ତି ?**

(କ) ଟଙ୍କାର ଲୋଭ ଦେଖାଇ

(ଖ) ଭୟ ଦେଖାଇ

(ଗ) ମିଥ୍ୟା ପ୍ରତିଶ୍ରୁତିର ଲୋଭ ଦେଖାଇ

(ଘ) ନିଜର ପତିଆରା ଦେଖାଇ

**୧୩. ଭଲମନ୍ଦ ଚିହ୍ନିବାରେ ଯୋଗ୍ୟତା ଯେଉଁଠି ନାହିଁ, ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?**

(କ) ଅର୍ଥର (ଖ) କ୍ଷମତାର

(ଗ) ପତିଆରାର (ଘ) ପ୍ରୋପାଗଣ୍ଡାର

**୧୪. କାହାକୁ ଦେଖି ବ୍ରାହ୍ମଣ ଗୋସାଇଁଙ୍କ ଆଖି ତାଳୁକୁ ଖୋସି ହୋଇଗଲା ?**

(କ) ରାଧୁ (ଖ) ମଧୁ

(ଗ) ପାଣୁ (ଘ) ଅଗାଧୁ

**୧୫. କେତେବର୍ଷ ନ ପୂରିଲେ ତମର ବୁଦ୍ଧି ହୁଏନାହିଁ ବୋଲି ଗୋସେଇଁ ମହାରାଜ ପାଣୁକୁ କହିଛନ୍ତି ।**

(କ) ୮୦ (ଖ) ୬୦

(ଗ) ୫୦ (ଘ) ୭୦

**୧୬. କିଏ ପୁରୋହିତଙ୍କୁ ଛେଳିଟିଏ ଦାନ କଲେ ବୋଲି ଗୋସେଇଁ କହିଲେ ?**

(କ) ରାଜା (ଖ) ଜମିଦାର

(ଗ) ଯଜମାନ (ଘ) କେହିଜଣେ

**୧୭. ଯେତେ ମୂର୍ଖ ହେଲେବି କୁକୁରଟାକୁ ଆଉ ଚିହ୍ନି ହେବନି ବୋଲି କିଏ କହିଲା ?**

(କ) ରାଧୁ (ଖ) ପାଣୁ

(ଗ) ମଧୁ (ଘ) ଅଗାଧୁ

**୧୮. ଯେତେ ମୂର୍ଖ ହେଲେବି କାହାକୁ ଆଉ ଚିହ୍ନି ହେବନି ବୋଲି ପାଣୁ କହିଲା ?**

(କ) କୁକୁରଟାକୁ (ଖ) ବିରାଡ଼ିଟାକୁ

(ଗ) ଛେଳିଟାକୁ (ଘ) ବାଛୁରୀଟାକୁ

**୧୯. କାହାର ଥଣ୍ଟ ଆଉ କୁର୍‌ହାଡ଼ିର ବେଣ୍ଟ ମଝିରେ ମଝିରେ ଶୁଣାଯାଉଛି ବୋଲି ଲେଖକ କହିଛନ୍ତି ?**

(କ) କୁକୁଡ଼ାର (ଖ) ଚଢ଼େଇର

(ଗ) କାଉର (ଘ) ଶାଗୁଣାର

**୨୦. ମସ୍ତବଡ଼ ଠେଙ୍ଗାଟିଏ ଧରି କିଏ ବୁଦାଉହାଡ଼ରୁ ରାସ୍ତା ଉପରକୁ ଉଠି ଆସିଲା ?**

(କ) ପାଣୁ (ଖ) ରାଧୁ

(ଗ) ଯଦୁ (ଘ) ଅଗାଧୁ

**୨୧. କଳିଯୁଗ ବୋଲି କ'ଣ ସବୁ ଆଚ୍ଛର ବିଚ୍ଛର ଗଲା ବୋଲି କିଏ ପୁରୋହିତଙ୍କୁ କହିଲା ?**

(କ) ରାଧୁ (ଖ) ଅଗାଧୁ

(ଗ) ପାଣୁ (ଘ) ମଧୁ

**୨୨. ପୁରୋହିତେ ଛେଳିକୁ କାନ୍ଧରୁ ଓହ୍ଲାଇ ଛେଳିର କ'ଣ ପରଖି ନେଲେ ?**

(କ) ଲାଞ୍ଜ (ଖ) ଖୁର

(ଗ) ବେକ (ଘ) ଗୋଡ଼

**୨୩. ଚରିହାତିଆ ଠେଙ୍ଗା ଧରିଥିବା ବିରାଟକାୟ ପୁରୁଷଟି କିଏ ?**

(କ) ରାଧୁ (ଖ) ଅଗାଧୁ

(ଗ) ପାଣୁ (ଘ) ମଧୁ

**୨୪. ପୁରୋହିତେ ଛେଳିଟିକୁ ରାସ୍ତା ଉପରେ ଠିଆଠିଆ କ'ଣ କଲେ ?**

(କ) କଚାଡ଼ି ଦେଲେ (ଖ) ଫୋପାଡ଼ି ଦେଲେ

(ଗ) ଥୋଇ ଦେଲେ (ଘ) ଛାଡ଼ି ଦେଲେ

**୨୫. ଆଜି ଶିକ୍ଷିତ ଭୋଟଦାତା ଭୋଟ ଦେବାକୁ କ'ଣ ହୋଇଥାନ୍ତି ?**

(କ) ଅନିଚ୍ଛୁକ (ଖ) କୁଣ୍ଠିତ

(ଗ) ଉଦାସୀନ (ଘ) ସଚେତନ

**୨୬. ଆଜି କେଉଁ ଭୋଟଦାତା ଭୋଟ୍‌ଦେବାକୁ ଉଦାସୀନ ହୋଇଥାନ୍ତି ?**

(କ) ଶିକ୍ଷିତ ଭୋଟଦାତା

(ଖ) ଅଶିକ୍ଷିତ ଭୋଟଦାତା

(ଗ) ଅର୍ଦ୍ଧଶିକ୍ଷିତ ଭୋଟଦାତା

(ଘ) ନିରକ୍ଷର ଭୋଟଦାତା

**୨୭. ଗୁଣହୀନ, ନୀତିହୀନ କେତେକ ପ୍ରତିନିଧି ହାତରେ କ୍ଷମତା ପାଇବା ପରେ ଗରିବ ଦେଶର କେଉଁ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟନ୍ତି ?**

(କ) ଶିକ୍ଷିତ (ଖ) ବିବାଦୀ

(ଗ) ମୂର୍ଖ (ଘ) ନିରକ୍ଷର

**୨୮. ଆଜିର ଜନତାଜନାର୍ଦ୍ଦନ କାହାପରି ଓଠଙ୍ଗଟି ତରାଜୁ ଧରିଥିବା ପ୍ରତିନିଧିମାନଙ୍କୁ ଅନାଇ ରହନ୍ତି ?**

(କ) ଦୁଇ ମାଙ୍କଡ଼ (ଖ) ଦୁଇ ଭାଲୁ

(ଗ) ଦୁଇ ବିରାଡ଼ି (ଘ) ଦୁଇ ଶୃଗାଳ

**୨୯. ସେଇ ଜନତା - ସେଇ ପ୍ରତିନିଧି ସେଇ ଖେଳ, ବ୍ୟବଧାନ କେବଳ କ'ଣ ବୋଲି ଲେଖକ କହିଛନ୍ତି ?**

(କ) ସମୟ (ଖ) ପାଞ୍ଚବର୍ଷ

(ଗ) ତିନିବର୍ଷ (ଘ) ଅଭିନୟ

**୩୦. କେଉଁ ଶାସନ ଶ୍ରେଷ୍ଠ ଶାସନ ଏଥିରେ ସନ୍ଦେହ ନାହିଁ ବୋଲି ଲେଖକ କହିଛନ୍ତି ?**

(କ) ଗଣତନ୍ତ୍ର (ଖ) ରାଜତନ୍ତ୍ର

(ଗ) ଏକଛତ୍ରବାଦ (ଘ) ମନ୍ତ୍ରୀତନ୍ତ୍ର

**୩୧. ଗଣଶିକ୍ଷା ସହିତ କାହାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ବୋଲି ଲେଖକ କହିଛନ୍ତି ।**

(କ) ରଣଭାବନା (ଖ) ଗଣପ୍ରଚେଷ୍ଟା

(ଗ) ଗଣଚେତନା (ଘ) ଗଣଧାରଣା

**୩୨. ଗଣତନ୍ତ୍ର ଶାସନରେ ଆମର ଆଜି ଏ ଅବସ୍ଥା ପାଇଁ କିଏ ଦାୟୀ ।**

(କ) ଦେଶ (ଖ) ଜନତା

(ଗ) ଆମେ ନିଜେ (ଘ) ଆପଣମାନେ

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଖ) ଉପଯୁକ୍ତ ଶବ୍ଦ ଯୋଗକରି ଶୂନ୍ୟସ୍ଥାନ ପୂରଣ କର । ପ୍ରତି ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।**

୧. ଅନେକ କହନ୍ତି ଯେ ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ ______ ହିଁ ସର୍ବୋତ୍କୃଷ୍ଟ ।

୨. ______ ମାନଙ୍କ ଦ୍ୱାରା ପ୍ରଚଳିତ ଶାସନ ହିଁ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ ବୋଲି କୁହାଯାଇପାରେ ।

୩. ______ ଶାସନରେ ଲୋକେ ନିଜେନିଜକୁ ଶାସନ କରନ୍ତି ।

୪. ଗଣତନ୍ତ୍ର ଶାସନରେ ଲୋକେ ______କୁ ଶାସନ କରନ୍ତି ।

୫. ______ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ।

୬. ______ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ ।

୭. ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେ ସଙ୍ଗେ ______ ଏ ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଏ ।

୮. ଛୁଆଁ ଅଛୁଆଁର ପୀଠସ୍ଥଳ ଭାରତରେ ______ ଲଙ୍କାରେ ହରି ଶବ୍ଦ ପରି ।

୯. ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରୀର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ______ ସମତାର ଆଶା କେବଳ କଳ୍ପନାର ବିଳାସ ।

୧୦. କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ______ ଅଧିକାର ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ।

୧୧. କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ _____ ପ୍ରଗତି ଆକାଶ କଇଁୟାଁ ପରି କପୋଳ କଳ୍ପିତ।

୧୨. ଗଣତନ୍ତ୍ରରେ ଜନତାର ଶାସନ ______ ହେବା ସ୍ୱାଭାବିକ।

୧୩. ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ______।

୧୪. ______ ମନୋନୟନ ତେଣୁ ଗଣତନ୍ତ୍ରର ମେରୁଦଣ୍ଡ।

୧୫. ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଭୋଟ୍‌ଦାତାମାନେ ______ ହେବା ପାଇଁ ଉପଯୁକ୍ତ।

୧୬. ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶମାନଙ୍କରେ ଗୁଣ ଅପେକ୍ଷା ______ ହିଁ ବିଶେଷ ଭାବରେ କାମ କରେ।

୧୭. 'ବିରାଡ଼ି ବୈଷ୍ଣବ' ମାନେ ଶାସନ କ୍ଷମତା ପାଇବା ଲୋଭରେ ______ ହେବାକୁ ବାହାରି ପଡ଼ନ୍ତି।

୧୮. ______ କୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା।

୧୯. ଭୋର୍‌ଭୋର୍ ______ଟିଏ କାନ୍ଧରେ ବୋହି କୁଆଡ଼ିକି ଚାଲିଛନ୍ତି ବୋଲି ପାଣୁ ଗୋସେଇଁଙ୍କୁ ପଚାରିଲା।

୨୦. ______ ବର୍ଷ ନ ପୁରିଲେ ଡମର ବୁଦ୍ଧି ହୁଏନାହିଁ ବୋଲି ଗୋସେଇଁ ମହାରାଜ ପାଣୁକୁ କହିଛନ୍ତି।

୨୧. ଚଢ଼େଇର ଥଣ୍ଟ ଆଉ ______ର ବେଣ୍ଟ ମଝିରେ ମଝିରେ ଶୁଣାଯାଉଛି ବୋଲି ଲେଖକ କହିଛନ୍ତି।

୨୨. ______ କୁ ଦେଖି ସତରେ ଗୋସେଇଁ ମହାରାଜ ଘାବରେଇ ଯାଇଥିଲେ।

୨୩. ମସ୍ତବଡ଼ ଠେଙ୍ଗାଟିଏ ଧରି ବୁଦାଉହାଡ଼ରୁ ରାସ୍ତା ଉପରକୁ ଉଠି ଆସିଥିବା ଲୋକଟି ______।

୨୪. ଛେଳିକୁ କାନ୍ଧରୁ ଓହ୍ଲାଇ ଗୋସେଇଁ ମହାରାଜ ______ ଟିକିଏ ପରଖି ନେଲେ।

୨୫. ଚାରିହାତ ଠେଙ୍ଗାଟିଏ ଧରିଥିବା ବିରାଟକାୟ ପୁରୁଷଟି ______।

୨୬. ପୁରୋହିତ ସେଇଠି ରାସ୍ତା ଉପରେ ଛେଳିଟିକୁ ______ ଦେଲେ।

୨୭. ଗୋସେଇଁ ଯଜମାନଙ୍କୁ ଅଭିଶାପ ଦେଇ ଗାଁଆଡ଼କୁ ______ ଦଉଡ଼ ନେବାକୁ ଆରମ୍ଭ କରିଦେଲେ।

୨୮. ଆଜି ଶିକ୍ଷିତ ଭୋଟ୍‌ଦାତା ଭୋଟ୍ ଦେବାକୁ ______ ହୋଇଥାନ୍ତି।

୨୯. ଗୁଣହୀନ, ନୀତିହୀନ କେତେ ପ୍ରତିନିଧି ନିଜ ହାତରେ କ୍ଷମତା ପାଇବା ପରେ ଗରିବ ଦେଶର ______ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟନ୍ତି।

୩୦. ଜନତାଜନାର୍ଦ୍ଦନ ଦୁଇ ______ ଙ୍କ ପରି ଖାଲି ଓଠ ଚାଟି ଏହି ପ୍ରତିନିଧିମାନଙ୍କୁ ମିଟିମିଟି ଅନାଇଥାନ୍ତି।

୩୧. ସେଇ ଜନତା - ସେଇ ପ୍ରତିନିଧି, ସେଇଖେଳ, ବ୍ୟବଧାନ କେବଳ ______।

୩୨. ______ ଶାସନ ଯେ ଶ୍ରେଷ୍ଠ ଶାସନ ଏଥିରେ ସନ୍ଦେହ ନାହିଁ।

୩୩. ଗଣତନ୍ତ୍ର ଶାସନ ହିଁ ______ ଶାସନ ଏଥିରେ ସନ୍ଦେହ ନାହିଁ।

୩୪. ବେଳେବେଳେ ମନ ଭିତରେ ସ୍ୱାଭାବିକ ଭାବରେ ପ୍ରଶ୍ନଉଠେ - ଆମେ କ'ଣ ଗଣତନ୍ତ୍ର ଶାସନ ପାଇଁ ନିଜେ ______ ?

୩୫. ଗଣଶିକ୍ଷା ଓ ଗଣ ______ ର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର।

**(ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।**

୧. ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ସର୍ବୋତ୍କୃଷ୍ଟ ?

୨. 'ଗଣଙ୍କଦ୍ୱାରା', 'ଗଣଙ୍କପାଇଁ', 'ଗଣଙ୍କର ଶାସନ'କୁ କ'ଣ କୁହାଯାଏ ?

୩. ରାଜରାଜୁଡ଼ା ଶାସନକୁ କେଉଁ ଶାସନ ବୋଲି ଲେଖକ କହିଛନ୍ତି ?

୪. ଆଚରଭ୍ରଷ୍ଟ 'ମ'କାର ବ୍ୟଭିଚରଗ୍ରସ୍ତ ସାମରିକ ଏକଛତ୍ରବାଦୀ ଶାସକ, କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

୫. ପ୍ରତ୍ୟେକ ଶାସନ ଡିଣ୍ଡିମପିଟି କ'ଣ ଘୋଷଣା କରେ ?

୬. ଗଣତନ୍ତ୍ର ଶାସନରେ କାହାର କଳ୍ପନା କରାଯାଇ ନ ପାରେ ?

୭. ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ?

୮. ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ କାହାପରି ?

୯. କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ କ'ଣ ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ?

୧୦. କାହାର ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ ?

୧୧. ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ-ଜ୍ଞାନ ସମ୍ପର୍କରେ ଅଜ୍ଞ, ସେ ଦେଶମାନଙ୍କରେ କ'ଣ ବିଶେଷ ଭାବରେ କାମ କରେ ?

୧୨. ହଠାତ୍ ପାଣ୍ଡୁକୁ ଦେଖି ବ୍ରାହ୍ମଣ ଗୋସାଇଁଙ୍କ ଦେହରୁ କ'ଣ ବୋହିଗଲା ?

୧୩. ଭୋର୍ ଭୋର୍ କାହାକୁ କାନ୍ଧରେ ବୋହି ଚାଲିଥିବାର ପାଣ୍ଡୁ ଗୋସାଇଁ ମହାପୁରୁକୁ ପଚାରିଲା ?

୧୪. କିଏ ସତରେ ଗୋଟାଏ କୁକୁର ଦେଇନି ତ ! ବୋଲି ପୁରୋହିତ ମହାଶୟ ଚିନ୍ତା କଲେ ?

୧୫. ପୁରୋହିତ ଛେଳିଟିକୁ ରାସ୍ତା ଉପରେ କ'ଣ କଲେ ?

୧୬. ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଆଉ ଅଗାଧୁ କ'ଣ କରିବାକୁ ବାହାରି ପଡ଼ିଛନ୍ତି ?

୧୭. ଜନତାଜନାର୍ଦ୍ଦନ କ'ଣ ଚଟି ଦୁଇ ବିରାଡ଼ିଙ୍କ ପରି ଏହି ପ୍ରତିନିଧିମାନଙ୍କୁ ମିଟିମିଟି କରି ଅନାଇ ରହୁଛନ୍ତି ?

୧୮. ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାର ସୁଯୋଗ ମିଳୁନି ସେମାନେ କ'ଣ କରୁଛନ୍ତି ?

୧୯. କିଏ ମେଣ୍ଢା ପୋଷାକରେ ମେଣ୍ଢାଙ୍କ ଗହଣରେ ମେଣ୍ଢାଶାଳ ଭିତରେ ପଶି ଗୋଟିକ ପରେ ଗୋଟିଏ ମେଣ୍ଢା ଖାଇବା କଥା ଲେଖକ କହିଛନ୍ତି ?

୨୦. ବେଳେବେଳେ ମନ ଭିତରେ ସ୍ୱାଭାବିକଭାବେ କେଉଁ ପ୍ରଶ୍ନ ଉଠେ ?

୨୧. ଆଜି ଆମର ଏ ଅବସ୍ଥା ପାଇଁ କିଏ ଦାୟୀ ବୋଲି ଲେଖକ କହିଛନ୍ତି ?

୨୨. ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କ'ଣ ଆଶା କରିବା ବିଡ଼ମ୍ବନା ବୋଲି ଲେଖକ କହିଛନ୍ତି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ଗଣତନ୍ତ୍ରର ଶାସନ କହିଲେ କ'ଣ ବୁଝାଏ ?
୨. ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?
୩. କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?
୪. ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ ?
୫. ଗଣତନ୍ତ୍ର ଶାସନରେ କେଉଁ ବୃଥା କଳ୍ପନା କରାଯାଇ ନ ପାରେ ?
୬. ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?
୭. କାହା କାହା ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ ବୋଲି ଲେଖକ କହିଛନ୍ତି ?
୮. କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର କିପରି ?
୯. କୁସଂସ୍କାରପୂର୍ଣ୍ଣ ଶିକ୍ଷାବିହୀନ ସମାଜରେ ସମଷ୍ଟିଗତ ପ୍ରଗତି କାହା ପରି ?
୧୦. କେଉଁପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ ?
୧୧. ଗଣତନ୍ତ୍ରର ମେରୁଦଣ୍ଡ ବୋଲି କାହାକୁ କୁହାଯାଏ ?
୧୨. କେଉଁ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ ?
୧୩. କେଉଁ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ କାମ କରେ ?
୧୪. କେଉଁ ଆକୃତିଟିକୁ ଦେଖି ଗୋସାଇଁଙ୍କ ଆଖି ତାଳୁକୁ ଖୋସି ହୋଇଗଲା ?
୧୫. ପାଣ୍ଡୁ ମୁରୁକି ହସ ହସିଦେଇ ଗୋସାଇଁଙ୍କୁ କ'ଣ କହିଲା ?
୧୬. ଛେଳିଟାକୁ କାହିଁକି ଗୋସାଇଁ ବୋହି ନେଉଥିଲେ ?
୧୭. ପାଣ୍ଡୁ ବାଟକାଟି ଯାଉଯାଉ କ'ଣ ଟିପ୍‌ପଣୀ କରିଥିଲା ?
୧୮. ମସ୍ତବଡ଼ ଠେଙ୍ଗାଟିଏ ଧରି ରାସ୍ତା ଉପରକୁ ଉଠି ଆସିଥିବା ଲୋକଟିକୁ ଦେଖି ପୁରୋହିତଙ୍କର କ'ଣ ହେଲା ?
୧୯. ଆଗନ୍ତୁକ ପୁରୋହିତଙ୍କୁ କ'ଣ କହିଲା ?
୨୦. ରାଧୁର କଥା ଶୁଣି ପୁରୋହିତ କ'ଣ କଲେ ?
୨୧. ରାଧୁ ବାଟକାଟି ଯାଉଯାଉ ପୁରୋହିତଙ୍କୁ କ'ଣ ପଦେ ଶୁଣେଇ ଦେଇଗଲା ?
୨୨. ଅଗାଧୁ ଭକ୍ତିପୂତ ପ୍ରଣାମ ଜଣାଇ କ'ଣ କହିଲା ?
୨୩. ପୁରୋହିତ ସେଇଠି ରାସ୍ତା ଉପରେ କ'ଣ କଲେ ?
୨୪. ପୁରୋହିତେ ହଟହଟା ହୋଇଥିବା ଯୋଗୁଁ ନିଜ କର୍ମକୁ ନିନ୍ଦି କ'ଣ କଲେ ?
୨୫. ଅଗାଧୁ ଛେଳିଟିକୁ କ'ଣ କଲା ?
୨୬. ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଆଉ ଅଗାଧୁ କ'ଣ କରୁଛନ୍ତି ?
୨୭. ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କ ପାଖରେ ତିନିତୁଣ୍ଡ ସାଙ୍ଗକୁ ଆଉ କେଉଁ ଅସ୍ତ୍ର ଜମା ରହିଛି ?
୨୮. ଅନେକ କ୍ଷେତ୍ରରେ ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କର ଜୟ ହେବାର କାରଣ କ'ଣ ?
୨୯. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ କେଉଁ ନ୍ୟାୟରେ ସୁବିଧା ଜାଣୁଛନ୍ତି ?

୩୦. ଜନତା ଜନାର୍ଦ୍ଦନ କାହାପରି ଓଠରପି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ?

୩୧. ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାର ସୁଯୋଗ ମିଳୁନି ସେମାନେ କ'ଣ କରୁଛନ୍ତି ?

୩୨. ନେତାମାନେ ତଥାକଥିତ ବାଉଁଶରାଣୀ ଖେଳ ଦେଖାଉ ଦେଖାଉ କ'ଣ କରୁଛନ୍ତି ?

୩୩. ଯଥା ସମୟରେ କ'ଣ ହେଉଛି ?

୩୪. ଲେଖକ ସମୟକୁ ଗୁରୁତ୍ୱ ଦେବାକୁ ଯାଇ କ'ଣ କହିଛନ୍ତି ?

୩୫. ଗଣତନ୍ତ୍ରକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ଯାଇ ଲେଖକ କ'ଣ କହିଛନ୍ତି ?

୩୬. ମନ ଭିତରେ ବେଳେବେଳେ କେଉଁ ପ୍ରଶ୍ନ ଉଠେ ?

୩୭. କେଉଁ କଥାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ବୋଲି ଲେଖକ କହିଛନ୍ତି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଙ) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୩ ନମ୍ବର ରଖାଯାଇଛି। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ।**

୧. ରାଜରାଜୁଡ଼ା ଶାସନ ଠାରୁ ଆରମ୍ଭ କରି ଏକଛତ୍ରବାଦୀ ଶାସନ ପର୍ଯ୍ୟନ୍ତ ଡିଣ୍ଡିମ ପିଟି କ'ଣ ଘୋଷଣା କରେ ?

୨. କାହାକୁ ଲେଖକ କଳ୍ପନାର ବିଳାସ ବୋଲି କହିଛନ୍ତି ?

୩. କେଉଁପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ ?

୪. କେଉଁ ଉପଯୁକ୍ତ ବ୍ୟକ୍ତିକୁ ପ୍ରତିନିଧି ରୂପେ ବାଛିବା ଉଚିତ ?

୫. ବିରାଡ଼ି ବୈଷ୍ଣବମାନେ କ୍ଷମତା ଲୋଭରେ କ'ଣ କରନ୍ତି ?

୬. ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଘୋଷଣା କରାଯାଏ ?

୭. 'ଗଣଙ୍କ ଦ୍ୱାରା' ଶାସନର ଅର୍ଥ କ'ଣ ? ବୋଲି ଲେଖକ କହିଛନ୍ତି ?

୮. କେଉଁମାନଙ୍କୁ ବିରାଡ଼ିବୈଷ୍ଣବ ବୋଲି କୁହାଯାଇଛି ?

୯. ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ କ'ଣ କରନ୍ତି ?

୧୦. ଲେଖକ କେଉଁ ଯୁକ୍ତି ବଦଳରେ 'ଗଣତନ୍ତ୍ର' ଦୋଷୀ ନୁହେଁ ବୋଲି ଦର୍ଶାଇଛନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

### (ଚ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. 'ଗଣତନ୍ତ୍ର' ଶାସନ ପଦ୍ଧତି ସମ୍ପର୍କରେ ଲେଖକ କି ମତ ଉପସ୍ଥାପନ କରିଛନ୍ତି ଦର୍ଶାଅ।

୨. 'ଗଣତନ୍ତ୍ର' ଶାସନରେ ପ୍ରୋପାଗଣ୍ଡାର କିଭଳି ଭୂମିକା ରହିଛି, ପ୍ରବନ୍ଧ ଅନୁସରଣରେ ଆଲୋଚନା କର ?

୩. ସ୍ୱାଧୀନୋତ୍ତର ଭାରତବର୍ଷରେ ନିର୍ବାଚନରେ ବିଜୟ ଲାଗି ପ୍ରାର୍ଥୀମାନେ କାହାକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଓ କାହିଁକି ?

୪. "ଆମେ କ'ଣ ଗଣତନ୍ତ୍ର ଶାସନ ପାଇଁ ନିଜେ ଉପଯୁକ୍ତ" ? ପ୍ରାବନ୍ଧିକଙ୍କୁ ଅନୁସରଣ କରି ଏ ପ୍ରଶ୍ନର ଉତ୍ତର ଦିଅ।

୫. ସ୍ୱାଧୀନତା ପରେ ଆମ ଦେଶରେ ଚାଲିଥିବା ଶାସନ ବ୍ୟବସ୍ଥା ପାଇଁ ଆମେ ନିଜେ ହିଁ ଦାୟୀ, ଏ କଥାର ସତ୍ୟତା ପ୍ରତିପାଦନ କର।

୬. କାହାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର କାହିଁକି ? ପ୍ରବନ୍ଧଟିର ଅନୁସରଣରେ ଉତ୍ତର ପ୍ରଦାନ କର।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

| | | | | | |
|---|---|---|---|---|---|
| ୧. | (ଘ) | ଗଣତନ୍ତ୍ର | ୧୭. | (ଖ) | ପାଣ୍ଡୁ |
| ୨. | (କ) | ଗଣଙ୍କ ଶାସନ | ୧୮. | (କ) | କୁକୁରଟାକୁ |
| ୩. | (ଗ) | ଲୋକେ ନିଜେ ନିଜକୁ | ୧୯. | (ଖ) | ଚଢ଼େଇର |
| ୪. | (ଖ) | ଗଣତନ୍ତ୍ର | ୨୦. | (ଖ) | ରାଧୁ |
| ୫. | (ଗ) | ଭାରତ | ୨୧. | (କ) | ରାଧୁ |
| ୬. | (ଖ) | ସାମାଜିକ ନ୍ୟାୟ | ୨୨. | (ଖ) | ଖୁର |
| ୭. | (ଖ) | ପରୋକ୍ଷ | ୨୩. | (ଖ) | ଅଗାଧୁ |
| ୮. | (କ) | ଲୋକ ପ୍ରତିନିଧି ମନୋନୟନ | ୨୪. | (କ) | କରଢ଼ି ଦେଲେ |
| ୯. | (ଘ) | ଲୋକ ପ୍ରତିନିଧି | ୨୫. | (ଗ) | ଉଦାସୀନ |
| ୧୦. | (କ) | ପ୍ରୋପାଗଣ୍ଡା | ୨୬. | (କ) | ଶିକ୍ଷିତ ଭୋଟଦାତା |
| ୧୧. | (ଖ) | ଜନତାର ପ୍ରତିନିଧି | ୨୭. | (ଖ) | ବିବାଦୀ |
| ୧୨. | (ଖ) | ଭୟ ଦେଖାଇ | ୨୮. | (ଗ) | ଦୁଇ ବିରାଡ଼ି |
| ୧୩. | (ଘ) | ପ୍ରୋପାଗଣ୍ଡାର | ୨୯. | (କ) | ସମୟ |
| ୧୪. | (ଗ) | ପାଣ୍ଡୁ | ୩୦. | (କ) | ଗଣତନ୍ତ୍ର |
| ୧୫. | (ଖ) | ୬୦ | ୩୧. | (ଗ) | ଗଣଚେତନା |
| ୧୬. | (ଗ) | ଯଜମାନ | ୩୨. | (ଗ) | ଆମେ ନିଜେ |

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

| | | | |
|---|---|---|---|
| ୧. ଗଣତନ୍ତ୍ର | ୧୦. ବ୍ୟକ୍ତିଗତ | ୧୯. କୁକର | ୨୮. ଉଦାସୀନ |
| ୨. ଗଣ | ୧୧. ସମଷ୍ଟିଗତ ପ୍ରଗତି | ୨୦. ୬୦ | ୨୯. ବିବାଦୀ |
| ୩. ଗଣତନ୍ତ୍ର | ୧୨. ପରୋକ୍ଷ | ୨୧. କୁରହାଡ଼ି | ୩୦. ଦୁଇ ବିରାଡ଼ି |
| ୪. ନିଜେ ନିଜକୁ | ୧୩. ମେରୁଦଣ୍ଡ | ୨୨. ପାଣ୍ଡୁ | ୩୧. ସମୟ |
| ୫. ଗଣତନ୍ତ୍ର | ୧୪. ଲୋକ ପ୍ରତିନିଧି | ୨୩. ରାଧୁ | ୩୨. ଗଣତନ୍ତ୍ର |
| ୬. ଗଣତନ୍ତ୍ର | ୧୫. ଲୋକ ପ୍ରତିନିଧି | ୨୪. ଖୁରା | ୩୩. ଶ୍ରେଷ୍ଠ |
| ୭. ସମଷ୍ଟିଗତ ପ୍ରଗତି | ୧୬. ପ୍ରୋପାଗଣ୍ଡା | ୨୫. ଅଗାଧୁ | ୩୪. ଉପଯୁକ୍ତ |
| ୮. ସାମାଜିକ ନ୍ୟାୟ | ୧୭. ଜନତାର ପ୍ରତିନିଧି | ୨୬. କରଢ଼ିଦେଲେ | ୩୫. ଗଣଚେତନା |
| ୯. ଅର୍ଥନୈତିକ | ୧୮. ପାଣ୍ଡୁ | ୨୭. ଖଣ୍ଡ ଦଉଡ଼ି | |

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ

୧. ଗଣତନ୍ତ୍ର ଶାସନ

୨. ଗଣତନ୍ତ୍ର

୩. ନିଶଉପୁଡ଼ା

୪. ୟାହିୟାଖାଁର ଶାସନକୁ

୫. ତାଙ୍କ ପ୍ରବର୍ତ୍ତିତ ଶାସନ ଗଣଙ୍କ ସମୂହ ହିତପାଇଁ

୬. ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତ

୭. ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେସଙ୍ଗେ ସମଷ୍ଟିଗତ ପ୍ରଗତି

୮. ଲଙ୍କାରେ ହରିଶଦ୍ଧ ପରି

୯. ବ୍ୟକ୍ତିଗତ ଅଧିକାର

୧୦. ଲୋକ ପ୍ରତିନିଧି

୧୧. ପ୍ରୋପାଗଣ୍ଡା

୧୨. ଗମ୍‌ଗମ୍ ଝାଳ

୧୩. କୁକୁରଟିଏ

୧୪. ଯଜମାନ

୧୫. ଠିଆଠିଆ କରଉଡ଼ି ଦେଲେ

୧୬. ଛେଳିକି କୁକୁର ଆଉ କୁକୁରକୁ ଛେଳି

୧୭. ଓଠ ଘଷି

୧୮. ସେମାନଙ୍କ ମଧ୍ୟରୁ କେତେ ମାଙ୍କଡ଼ ଚିଡ଼ିମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରୁଛନ୍ତି

୧୯. ଗଧିଆ

୨୦. ଆମେ କ'ଣ ଗଣତନ୍ତ୍ର ଶାସନ ପାଇଁ ନିଜେ ଉପଯୁକ୍ତ

୨୧. ଏ ଅବସ୍ଥା ପାଇଁ ଆମେ ନିଜେ ହିଁ ଦାୟୀ

୨୨. ଗଣତନ୍ତ୍ରର ସଫଳତା

## (ଘ) ଦୁଇଟି ବାକ୍ୟରେ ଉତ୍ତର ଦିଅ

୧. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
'ଗଣଙ୍କ ଦ୍ୱାରା', 'ଗଣଙ୍କ ପାଇଁ', 'ଗଣଙ୍କର ଶାସନକୁ ବୁଝାଏ।

୨. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
'ଗଣଙ୍କ ଦ୍ୱାରା' ଶାସନ ହିଁ ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ

୩. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଗଣତନ୍ତ୍ର ଶାସନରେ

୪. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଶାସକ ଓ ଶାସିତ

୫. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତ

୬. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେସଙ୍ଗେ ସମଷ୍ଟିଗତ ପ୍ରଗତି

୭. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ

୮. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ

୯.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଆକାଶ କଇଁଆ ପରି କପୋଳକଳ୍ପିତ

୧୦.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଜନତାର ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନକର୍ତ୍ତା ହେବେ ଓ ନିଜେ ନିଜକୁ ଶାସନ କରି ବସିବେ।

୧୧.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଲୋକ ପ୍ରତିନିଧି ମନୋନୟନ

୧୨.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଯେଉଁ ଦେଶର ଲୋକେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ

୧୩.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ – ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ନେତାମାନଙ୍କରେ

୧୪.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
କଳାମଚମଚ ଦେହ, କହରାନିଶ, ମେହଗାନି କାଠରେ କୁନ୍ଦିଲା ପରିହାତ ଆଉ ଫୁଲ୍‌କା ରୁଟି ପରି ଫୁଲି ଉଠିଥିବା ଚୌଡ଼ାଛାତି – ଲାଠି ହାତରେ ଆକୃତିଟି

୧୫.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପାଣ୍ଡୁ ମୁରୁକି ହସିହସି ଗୋସାଇଁଙ୍କୁ ଏଇ ଭୋର୍‌ଭୋର୍ କୁକୁରଟିଏ କାନ୍ଧରେ ବୋହି କୁଆଡ଼ିକି ଚାଲିଛନ୍ତି ବୋଲି କହିଲା।

୧୬.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଯଜମାନ ଦାନ ଦେଇଥିବା ଛେଳିଟିଏ ସାଙ୍ଗରେ ଆଣିବା ବେଳେ ଛେଳିଟା ଭିଡ଼ି ଓଟାରି ହେବାରୁ କାନ୍ଧରେ ବୋହି ନେଇ ଯାଉଥିଲେ।

୧୭.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପାଣ୍ଡୁ ବାଟକାଟି ଯାଉଯାଉ ଆଉଥରେ ବ୍ରାହ୍ମଣଙ୍କ କାନ୍ଧ ଉପରୁ ଆଖି ବୁଲାଇ ଆଣି ଟିପ୍‌ପଣୀ କରି କହିଲା, ଯେତେ ମୂର୍ଖ ହେଲେ ବି କୁକୁରଟାକୁ ଆଉ ଚିହ୍ନି ହେବନି।

୧୮.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ମସ୍ତବଡ଼ ଠେଙ୍ଗାଟିଏ ଧରି ରାସ୍ତା ଉପରକୁ ଉଠି ଆସିଥିବା ଲୋକଟିକୁ ଦେଖି ପୁରୋହିତଙ୍କ ଛାତିରେ ପବନ ଅଟକିଗଲା, ଆଉ ଛେଳିଟି ଖସି ପଡୁପଡୁ କେମିତି ରହିଗଲା।

୧୯.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଆଗନ୍ତୁକ ଫିକ୍‌କରି ଦି'ଫାଳିଆ ହସଟିଏ ହସିଲେ ପ୍ରଣାମ କରୁକରୁ ନନା କୁକୁରଟାକୁ କାନ୍ଧରେ ବୋହି କ'ଣ ଚାଲିଛନ୍ତି ବୋଲି ପ୍ରଶ୍ନ କରିବା ସଙ୍ଗେସଙ୍ଗେ କଳିଯୁଗ ହେଲା ବୋଲି କ'ଣ ସବୁ ଆଚାର ବିଚାର ଗଲା ବୋଲି ପଚାରିଲେ।

୨୦.	ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ରାଧୁର କଥାଶୁଣି ପୁରୋହିତେ ଛେଳିକୁ କାନ୍ଧରୁ ଓହ୍ଲାଇ ଖୁରା ଟିକିଏ ପରଖି ନେଲେ ଏବଂ ନିଜ ଆଖିଟାକୁ ଭଲକରି ମକଚି ଛେଳିର ଲାଞ୍ଜଟିକୁ ହଲାଇ ଦେଖିଲେ।

୨୧. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ରାଧୁ ବାଟକାଟି ଯାଉଯାଉ, ହଁ ଛେଳି ନା ବାଛୁରୀ, ସରଗକୁ ନିଶୁଣି ନାହିଁ, ଆଉ ... କ'ଣ କହିଲା ଶୁଣାଯାଇ ନ ଥିଲା ଭଳି ପଦେ ଶୁଣାଇ ଦେଇଗଲା ।

୨୨. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଅଗାଧୁ ଭକ୍ତିପୂତ ପ୍ରଣାମଟିଏ କରି ପୁରୋହିତଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରୁକରୁ, ଅବଧାନେ ଏମିତି ଜାତିଆ କୁକୁରଟାଏ କୋଉଠୁ ପାଇଲେ ବୋଲି ପ୍ରଶ୍ନ ପଚାରିବା ସହିତ ଭଲ ଭୁକୁଛି କି'ନା ବୋଲି କହିଲା ।

୨୩. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପୁରୋହିତ ସେଇଠି ଠିଆଠିଆ ଛେଳିଟିକୁ ରାସ୍ତା ଉପରେ କଚାଡ଼ି ଦେଲେ ।

୨୪. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପୁରୋହିତେ ରାଗରେ, ଲାଜରେ ଆଉ ଭଲ ଚଷମା ହଳଟିଏ ନ କିଣି ଏମିତି ହଟହଟା ହୋଇଥିବାରୁ ଦୁଃଖରେ ନିଜ କର୍ମକୁ ନିନ୍ଦି, ଯଜମାନକୁ ଅଭିଶାପ ଦେଇ ଗାଁ ଆଡ଼କୁ ଖଣ୍ଡ ଦଉଡ଼ ଦେବାକୁ ଆରମ୍ଭ କରିଦେଲେ ।

୨୫. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଅଗାଧୁ ଆଦରରେ ଛେଳିଟିକୁ ଛାତି ପାଖରେ ଜାବୁଡ଼ିଧରି ତା'ର ଅନ୍ୟ ଦୁଇ ସାଙ୍ଗ ପାଣୁ ଆଉ ରାଧୁ ପାଖକୁ ଖୁସି ମନରେ ଚାଲିଗଲା ।

୨୬. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଛେଳିକୁ କୁକୁର ଆଉ କୁକୁରକୁ ଛେଳି କରିବା ଉଦ୍ଦେଶ୍ୟରେ ଆଜି ଆମ ଦେଶରେ ଅଗଣିତ ପାଣୁ, ରାଧୁ ଆଉ ଅଗାଧୁ ବାହାରି ପଡ଼ିଛନ୍ତି ।

୨୭. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ପାଣୁ, ରାଧୁ ଆଉ ଅଗାଧୁମାନଙ୍କ ପାଖରେ ତିନିତୁଣ୍ଡ ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ସିନେମା ହଲ୍‌ର ପର୍ଦ୍ଦା, ରେଡ଼ିଓ, ଟେଲିଭିଜନ ଠାରୁ ଆରମ୍ଭ କରି ପାଲା ଦାଶକାଠିଆ, ସଭାସମିତି, ଶୋଭାଯାତ୍ରା ଭଳି ଅସ୍ତ୍ର ଜମାରହିଛି ।

୨୮. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଯେଉଁଠାରେ ଶିକ୍ଷିତ ଭୋଟଦାତାମାନେ ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ ପାଣୁ, ରାଧୁ, ଅଗାଧୁମାନଙ୍କର ଜୟ ହେଉଛି ।

୨୯. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ ମାଙ୍କଡ଼ ଦୁଇବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ନ୍ୟାୟରେ ସୁବିଧା ବାଣ୍ଟୁଛନ୍ତି ।

୩୦. ଲେଖା – ତିନିତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା
ଜନତା ଜନାର୍ଦ୍ଦନ ପିଠା କଳିରେ ଲିପ୍ତଥିବା ଦୁଇ ବରାଡ଼ି କିପରି ଓଠଚାଟି ଏହି ମାଙ୍କଡ଼ ରୂପି ପ୍ରତିନିଧିଙ୍କୁ ମିଟିମିଟି କରି ଅନାଇ ରହୁଛନ୍ତି ।

## (ଙ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର (୩୦ଟି ଶବ୍ଦରେ ଉତ୍ତର ଲେଖ)

୧. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

ନିଶଉପୁଡ଼ା ରାଜରାଜୁଡ଼ା ଶାସନଠାରୁ ଆରମ୍ଭ କରି ଆଚାରଭ୍ରଷ୍ଟ 'ମ'କାର ବ୍ୟଭିଚାରଗ୍ରସ୍ତ ଏକଛତ୍ରବାଦୀ ଯାହିୟା ସାମରିକ ସରକାର ପର୍ଯ୍ୟନ୍ତ ପ୍ରତ୍ୟେକ ଶାସନ ଡିଣ୍ଡିମ ପିଟି ଘୋଷଣା କରି କହେ ଯେ ତାଙ୍କ ପ୍ରବର୍ତ୍ତିତ ଶାସନ ଗଣସମୂହଙ୍କ ହିତପାଇଁ ଉଦ୍ଦିଷ୍ଟ।

୨. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

ଆମ ଦେଶରେ ଅର୍ଥନୈତିକ ତାରତମ୍ୟ ସମ୍ପର୍କରେ ଲେଖକ ସ୍ୱମତ ଉପସ୍ଥାପନ କରିବାକୁ ଯାଇ କହିଛନ୍ତି, ପୁଞ୍ଜିପତିର ବିଶାଳ ପ୍ରାସାଦ ଆଉ ରାସ୍ତାକଡ଼ର ପତ୍ରକୁଡ଼ିଆରେ ବାସ କରୁଥିବା ଭିକାରୀ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ ଛଡ଼ା ଆଉ କିଛି ହୋଇ ନ ପାରେ।

୩. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

'ଗଣଙ୍କ ଦ୍ୱାରା' ଶାସନର ଅର୍ଥ ନୁହେଁ ଯେ, ସମସ୍ତ ଜନତା ବ୍ୟକ୍ତିଗତ ଭାବେ ସିଧାସଳଖ ଶାସନ କର୍ତ୍ତା ସାଜି ନିଜେନିଜକୁ ଶାସନ କରିବେ। ବାସ୍ତବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ। ତେଣୁ ଗଣତନ୍ତ୍ରର ଗଣଙ୍କ ଦ୍ୱାରା ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବା ସ୍ୱାଭାବିକ।

୪. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

ଯେଉଁ ବ୍ୟକ୍ତିର କ୍ରିୟାକଳାପ, ଚିନ୍ତାଧାରା ଓ ମାନସିକ ଦୃଷ୍ଟିକୋଣ, ଉନ୍ନତ ଓ ଉଚ୍ଚକୋଟିର ହୋଇଥିବ ତତ୍‌ସହିତ ତା'ର ସାଧୁତା, ସଚ୍ଚୋଟପଣିଆ ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ଯଥେଷ୍ଟ ଜ୍ଞାନଥିବ ସେଭଳି ଲୋକକୁ ପ୍ରତିନିଧି ରୂପେ ବାଛିବା ଉଚିତ।

୫. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

ବିରାଡ଼ିବୈଷ୍ଣବମାନେ କ୍ଷମତା ଲୋଭରେ ନିଜ ପେଁକାଳି ନିଜେ ବଜାଇ ସଭାସମିତିରେ ଛାତିପିଟି, ବାହାସ୍ଫୋଟ ମାରି, ଧୂଆଁବାଣ ଛାଡ଼ି, ଭଡ଼ାଟିଆ ଲୋକଙ୍କ ସାହାଯ୍ୟରେ ଡ୍ରମ ବାଡ଼େଇ, ପ୍ରତିଦ୍ୱନ୍ଦ୍ୱୀମାନଙ୍କ କୁତ୍ସାରଟନା କରି ଧନକାର୍ପଣ୍ୟ ଓ ସେବାର କ୍ଷଣିକ ଆଶ୍ରୟ ନେଇ ଲୋକଙ୍କୁ ଭୟଦେଖାଇ ପ୍ରଚାରବଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରନ୍ତି।

୬. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

ଗଣତନ୍ତ୍ର ଶାସନରେ ପ୍ରଭୁ ଓ ଦାସ, ଶୋଷକ କିମ୍ବା ଶୋଷିତ ଶାସକ କିମ୍ବା ଶାସିତର କଳ୍ପନା କରାଯାଇ ନ ପାରେ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେସଙ୍ଗେ ସମଷ୍ଟିଗତ ପ୍ରଗତି ଏ ଶାସନର ସ୍ୱାଭାବିକ ପରିଣତ ବୋଲି ଘୋଷଣା କରାଯାଏ।

୭. ଲେଖା – ତିନିତୁଣ୍ଡରେ, ଲେଖକ – ଭୁବନେଶ୍ୱର ବେହେରା

'ଗଣଙ୍କ ଦ୍ୱାରା' ଶାସନର ଅର୍ଥ ଲୋକମାନେ ନିଜେ ନିଜକୁ ପ୍ରତ୍ୟକ୍ଷ ଭାବେ ଶାସନ କରିବସିବେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଅସମ୍ଭବ ବୋଲି ଲେଖକ କହିଛନ୍ତି। ତେଣୁ ଗଣତନ୍ତ୍ରରେ ଜନତାଦ୍ୱାରା ଜନତାର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବା ସ୍ୱାଭାବିକ। ଜନତା ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ଶାସନଭାର ଗ୍ରହଣ କରନ୍ତି ଯାହା ଜନତାମାନେ ହିଁ ଜାଣିଶୁଣି ସେମାନଙ୍କ ହାତରେ ସମର୍ପଣ କରିଥା'ନ୍ତି।

୮. ଲେଖା - ତିନିତୁଣ୍ଡରେ, ଲେଖକ - ଭୁବନେଶ୍ୱର ବେହେରା

ଅଧିକାରୀ ସେହିମାନଙ୍କୁ ଲେଖକ ବିରାଡ଼ିବୈଷ୍ଣବ ବୋଲି କହିଛନ୍ତି। ସେମାନେ ନିର୍ବାଚନ ଆସିଲେ ନିଜ ପେଁକାଳି ନିଜେ ବଜାଇ, ସଭାସମିତିରେ ଛାତିପିଟି ବାହାସ୍ଫୋଟ ମାରି, ଧୂଆଁବାଣ ଛାଡ଼ି, ଭଡ଼ାଟିଆ ଲୋକଙ୍କ ସାହାଯ୍ୟରେ ଡ୍ରମ୍‌ବାଡ଼େଇ, ଧନ କାର୍ପଣ୍ୟ ଓ ସେବାର ସାମୟିକ ଆଶ୍ରୟ ନେଇ, ପ୍ରତିଦ୍ୱନ୍ଦ୍ୱୀମାନଙ୍କର କୁତ୍ସାରଟନା କରି ପ୍ରଚାର ବଳରେ କଳାକୁ ଧଳା ଆଉ ଧଳାକୁ କଳା କରିବାକୁ ଚେଷ୍ଟା କରନ୍ତି।

୯. ଲେଖା - ତିନିତୁଣ୍ଡରେ, ଲେଖକ - ଭୁବନେଶ୍ୱର ବେହେରା

ଯେଉଁ ନେତାମାନେ ନିର୍ବାଚନରେ ମାଙ୍କଡ଼ଚିତ୍ ମାରନ୍ତି ସେମାନଙ୍କ ମଧ୍ୟରୁ କେତେ ନେତା ରାଜନୈତିକ ପକ୍ଷ ପରିବର୍ତ୍ତନ କରନ୍ତି ଓ ବାଉଁଶରାଣୀ ଖେଳ ଆରମ୍ଭ କରିଦିଅନ୍ତି। ଦୁଇ ବାଉଁଶଖୁଣ୍ଟ ମଧ୍ୟରେ ବନ୍ଧା ହୋଇଥିବା ତା'ର ଦଉଡ଼ିରେ କେଉଁ ନେତା ଲାଠିଟିଏ ଧରି ବା ଆଉ କିଏ ରଙ୍ଗବେରଙ୍ଗର ଛତାଟିଏ ଧରି ଖେଳ ଦେଖାଉ ଦେଖାଉ ବିଚିତ୍ର ଗତିରେ ଗୋଟିଏ ଗୋଡ଼ରେ ଭଅଁର ଖେଳି ଦିଗ ପରିବର୍ତ୍ତନ କରିନିଅନ୍ତି।

୧୦. ଲେଖା - ତିନିତୁଣ୍ଡରେ, ଲେଖକ - ଭୁବନେଶ୍ୱର ବେହେରା

ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆରମ୍ଭ ହେଉଥିବା ରାଜନୈତିକ ଖେଳରେ ଘଟୁଥିବା ଚମତ୍କାର ଘଟଣାକୁ ଲେଖକ ଏକ ଉଦାହରଣ ମାଧ୍ୟମରେ ପ୍ରକାଶ କରିଛନ୍ତି। ଯେଉଁ ଛଦ୍ମବେଶୀ ନେତାମାନେ ଖେଳ ଦେଖାଉଛନ୍ତି ଯଦି ଜନତା ସେମାନଙ୍କୁ ଚିହ୍ନି ନ ପାରିଲା ସେଥିରେ ମେଣ୍ଢା ପୋଷାକଧାରୀ ଗଧିଆ ମେଣ୍ଢାଶାଳରେ ପଶି ଗୋଟିଏ ପରେ ଗୋଟିଏ ମେଣ୍ଢା ଖାଇବା ଓ ଦୋଷୀ ନ ହେବାଭଳି ଶାଣିତ ଯୁକ୍ତିରଖି ଲେଖକ ନେତାମାନଙ୍କୁ ଦୋଷମୁକ୍ତ କରିଛନ୍ତି। ଭୋଟଦାତାମାନେ ଯେଉଁଠି ଅଜ୍ଞ ଓ ଅଶିକ୍ଷିତ ସେଠାରେ ଏହା ହିଁ ଘଟିଥାଏ।

## (ଚ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. ଲେଖା - ତିନି ତୁଣ୍ଡରେ
ଲେଖକ - ଭୁବନେଶ୍ୱର ବେହେରା

(କ) ପ୍ରାବନ୍ଧିକଙ୍କ ସମ୍ପର୍କରେ ସ୍ୱଳ୍ପ ଲେଖା ରହିବ
(ଖ) ଗଣତନ୍ତ୍ର କ'ଣ
(ଗ) ଏହାର ନିର୍ବାଚନ ପଦ୍ଧତି
(ଘ) ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
(ଙ) ତିନି ତୁଣ୍ଡରେ ଗଳ୍ପର ସାମାନ୍ୟ ଆଲୋଚନା
(ଚ) ଗଣତନ୍ତ୍ରରେ ଅଶିକ୍ଷିତ ନିରକ୍ଷରଙ୍କ ଭୂମିକା
(ଛ) ଏହାର କୁଫଳର ଆଲୋଚନା ରହିବ

୨. ଲେଖା - ତିନି ତୁଣ୍ଡରେ
ଲେଖକ - ଭୁବନେଶ୍ୱର ବେହେରା

(କ) ପ୍ରଥମେ ପ୍ରାବନ୍ଧିକଙ୍କ ସମ୍ପର୍କରେ ଅଳ୍ପ କିଛି
(ଖ) ତିନିତୁଣ୍ଡରେ ଗଳ୍ପର ସଂକ୍ଷିପ୍ତ ଆଲୋଚନା
(ଗ) ଗଣତନ୍ତ୍ରରେ ଅଶିକ୍ଷିତ ନିରକ୍ଷରଙ୍କ ଭୂମିକା
(ଘ) ଉପଯୁକ୍ତ ପ୍ରତିନିଧି ବାଛିବାରେ ଏମାନଙ୍କର ଅକ୍ଷମତା
(ଙ) ଏଠାରେ ପ୍ରୋପାଗଣ୍ଡାର ବିଜୟ
(ଚ) ପ୍ରୋପାଗଣ୍ଡାର କୁପ୍ରଭାବ

୩. ଲେଖା - ତିନି ତୁଣ୍ଡରେ
ଲେଖକ - ଭୁବନେଶ୍ୱର ବେହେରା

(କ) ଲେଖକଙ୍କ ସମ୍ପର୍କରେ
(ଖ) ନିର୍ବାଚନରେ ଜିତିବା ଲାଗି ଭାରତବର୍ଷରେ ପ୍ରାର୍ଥୀମାନଙ୍କର ପ୍ରୋପାଗଣ୍ଡାର ଆଶ୍ରୟ
(ଗ) ଏହାର କାରଣ ନିର୍ଦ୍ଦେଶ
(ଘ) ଭାରତ ବର୍ଷରେ ନିରକ୍ଷର ଓ ଅଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ
(ଙ) ପ୍ରୋପାଗଣ୍ଡା ସହ ତେଣୁ ଅର୍ଥଲୋଭ କାମ କରେ
(ଚ) ଉପଯୁକ୍ତ ପ୍ରାର୍ଥୀ ନିର୍ବାଚିତ ହୋଇପାରନ୍ତି ନାହିଁ

୪. ଲେଖା – ତିନି ତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା

(କ) ଲେଖକଙ୍କ ସମ୍ପର୍କରେ

(ଖ) ଗଣତନ୍ତ୍ର କ'ଣ

(ଗ) ଗଣତନ୍ତ୍ର ଶାସନ ପାଇଁ ଉପଯୁକ୍ତ ପ୍ରାର୍ଥୀଚୟନରେ ଭାରତୀୟମାନେ କାହିଁକି ଅସମର୍ଥ

(ଘ) ଶିକ୍ଷାର ଅଭାବ ଏହାର ମୁଖ୍ୟ କାରଣ

(ଙ) ଫଳତଃ ନିର୍ବାଚିତ ପ୍ରତିନିଧିଙ୍କ ମନମୁଖୀ ଶାସନ

(ଚ) ସାଧାରଣ ଜନତାଙ୍କ ଅସହାୟ ବିରାଡ଼ି ଦୁହିଁଙ୍କ ଅବସ୍ଥା ପରି

(ଛ) ମାଙ୍କଡ଼ର ସବୁପିଠା ଗର୍ଭସାତ୍ ଓ ଦୁଇ ବିରାଡ଼ିଙ୍କ ଓଠଚାଟିବା ଭଳି ଅଶିକ୍ଷିତ ନିରକ୍ଷର ଜନତାଙ୍କ ଅବସ୍ଥା

(ଜ) ପ୍ରକୃତ ଗଣତନ୍ତ୍ର ଶାସନ ଲାଗି ଆମର ଯୋଗ୍ୟତାର ଅଭାବ କାହିଁକିର ଆଲୋଚନା ରହିବ

୫. ଲେଖା – ତିନି ତୁଣ୍ଡରେ
ଲେଖକ–ଭୁବନେଶ୍ୱର ବେହେରା

(କ) ଉପରଲିଖିତ ଶେଷ କାରଣଟିର ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ଏହାର ଯଥାଯଥ ଉତ୍ତର ମିଳିବ।

(ଖ) ଉପଯୁକ୍ତ ପ୍ରାର୍ଥୀ ନିର୍ବାଚନ କରିବାର ଅଯୋଗ୍ୟତା କାରଣରୁ ଶାସନ ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ। ଫଳତଃ ଏଥିଲାଗି ଆମକୁ ଦାୟୀ କରାଯିବା ଯଥାର୍ଥ।

୬. ଲେଖା – ତିନି ତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା

(କ) ଜଣେ ସଫଳ ଶିକ୍ଷାବିତ ହିସାବରେ ଲେଖକଙ୍କ ଯଥାଯଥ ଭୂମିକା ନିର୍ବାହ ବର୍ଣ୍ଣନା ରହିବ।

(ଖ) ଶିକ୍ଷାର ଅଭାବରେ ଗଣତନ୍ତ୍ର କିପରି ବିପଦଗ୍ରସ୍ତ ହୁଏ

(ଗ) ପ୍ରୋପାଗଣ୍ଡାର କୁପରିଣତି

(ଘ) ଶିକ୍ଷାର ଅଭାବ ଯୋଗୁ ଉପଯୁକ୍ତ ପ୍ରାର୍ଥୀ ନିର୍ବାଚନରେ ସଫଳତା ନମିଳିବା

(ଙ) ଫଳତଃ ଶାସନ ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ଲୋକଙ୍କ ହାତକୁ ଚାଲିଯିବା

(ଚ) ତେଣୁ ଉପଯୁକ୍ତ ଶିକ୍ଷାର ଅଭାବ ଥିବା ପର୍ଯ୍ୟନ୍ତ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର।

୭. ଲେଖା – ତିନି ତୁଣ୍ଡରେ
ଲେଖକ – ଭୁବନେଶ୍ୱର ବେହେରା

(କ) ଲେଖକଙ୍କ ସମ୍ପର୍କରେ

(ଖ) ନିର୍ବାଚନରେ ଜିତିବା ଲାଗି ଭାରତବର୍ଷରେ ପ୍ରାର୍ଥୀମାନଙ୍କର ପ୍ରୋପାଗଣ୍ଡାର ଆଶ୍ରୟ

(ଗ) ଏହାର କାରଣ ନିର୍ଦ୍ଦେଶ

(ଘ) ଭାରତ ବର୍ଷରେ ନିରକ୍ଷର ଓ ଅଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ

(ଙ) ପ୍ରୋପାଗଣ୍ଡା ସହ ତେଣୁ ଅର୍ଥଲୋଭ କାମ କରେ

(ଚ) ଉପଯୁକ୍ତ ପ୍ରାର୍ଥୀ ନିର୍ବାଚିତ ହୋଇପାରନ୍ତି ନାହିଁ

**ଦ୍ୱିତୀୟ ଏକକ : ପଦ୍ୟ**

# ବଡ଼ପଣ

## କବିବର ରାଧାନାଥ ରାୟ

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. 'ବଡ଼ପଣ' କବିତାଟି କେଉଁ କାବ୍ୟରୁ ସଂଗୃହୀତ ?**
(କ) ଚିଲିକା (ଖ) ଦରବାର
(ଗ) ମହାଯାତ୍ରା (ଘ) ଚନ୍ଦ୍ରଭାଗା

**୨. 'କେଶରୀ ଔରସେ ତୁମ୍ଭେ ସିନା ଶ୍ୱାନ' ଏହା କାହାକୁ କୁହାଯାଇଛି ?**
(କ) ସାମନ୍ତ ଚନ୍ଦ୍ର ଶେଖରଙ୍କୁ
(ଖ) ଇଂରେଜ ସାହେବମାନଙ୍କୁ
(ଗ) କବି ରାଧାନାଥଙ୍କୁ
(ଘ) ଦରବାରରେ ଯୋଗଦେଇଥିବା ରାଜାମାନଙ୍କୁ

**୩. ଆଗେ ଥିବା ଉତ୍କଳର ଗଜପତିମାନଙ୍କୁ କାହା ସହିତ ତୁଳନା କରାଯାଇଛି ?**
(କ) ଜଳଧାରା (ଖ) ବହ୍ନିଶିଖା
(ଗ) ବାୟୁର ଗତି (ଘ) ଆଲୋକର ଗତି

**୪. ଜଳଧାରା ପରି ଆଧୋଗତି କାହାର ?**
(କ) ସାମନ୍ତ ଚନ୍ଦ୍ରଶେଖର
(ଖ) କବିଙ୍କ ସମୟର ଉତ୍କଳର ରାଜାମାନଙ୍କର
(ଗ) ଉତ୍କଳର ସେନାପତି
(ଘ) ବକ୍ସି ଜଗବନ୍ଧୁ

**୫. କେଉଁମାନେ ରାଜ୍ୟକୁ ଏକ ପରିବାର ମନେ କରୁଥିଲେ ?**
(କ) ଇଂରେଜମାନେ
(ଖ) ମନ୍ତ୍ରୀମାନେ
(ଗ) ଜମିଦାରମାନେ
(ଘ) ଦରବାରରେ ଯୋଗଦେଇଥିବା ରାଜାମାନଙ୍କର ପିତୃଗଣ

**୬. କବିଙ୍କ ସମୟର ରାଜା ଓ ପ୍ରଜାଙ୍କ ସଂପର୍କ କିପରି ଥିଲା ?**
(କ) ପିତାପୁତ୍ରପରି (ଖ) ସିଂହ-ଶଶକପରି
(ଗ) ବାଜ-ପାରାପରି (ଘ) ଶୁଆଶାରୀ ପରି

**୭. ଦରବାରରେ ଯୋଗ ଦେଇଥିବା ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?**
(କ) ଚାବୁକ ମାରି
(ଖ) ବେତମାଡ଼ ଦେଇ
(ଗ) ବନ୍ଦୀକରି
(ଘ) ବିଦେଶୀ ବନ୍ଧୁକ ଦେଖାଇ

**୮. ଦରବାରରେ ଯୋଗଦେଇଥିବା ରାଜାଙ୍କର ରାଜଧର୍ମ କ'ଣ ଥିଲା ?**
(କ) ପ୍ରଜାଧନ ବୁହାଇବା
(ଖ) ପ୍ରଜାମାନଙ୍କୁ ସାହାଯ୍ୟ କରିବା
(ଗ) ପ୍ରଜାମାନଙ୍କୁ ଦାନଦେବା
(ଘ) ପ୍ରଜାମାନଙ୍କୁ ସୁଖରେ ପାଳନ କରିବା

**୯. ଦୁଃଖୀରଙ୍କିଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?**
(କ) ଖୁଦକୁଣ୍ଡା (ଖ) ଛାଗମୁଣ୍ଡା
(ଗ) ଘିଅଅଟା (ଘ) କୁକ୍କୁଟାଣ୍ଡ

**୧୦. ରାଜାମାନେ ନିଜର ମାଲିକାନା ପୂର୍ଣ୍ଣପାଇଁ କ'ଣ କରୁଥିଲେ ?**
(କ) ଜରିମାନା କରି
(ଖ) ପ୍ରଜାମାନଙ୍କ ଧନ ଅପହରଣ କରି
(ଗ) ବ୍ରିଟିଶ ସରକାରଙ୍କଠାରୁ କରଜ ଆଣି
(ଘ) ଭୂ-ସମ୍ପତ୍ତି ବିକ୍ରିକରି

**୧୧. ଧନ ଅର୍ଜନର ସଫଳତା କେଉଁଠି ଥାଏ ?**
(କ) ଖାଇପିଇ ଆରାମ କରିବାରେ
(ଖ) ସୁ-ବ୍ୟୟରେ
(ଗ) ବିଳାସ ବ୍ୟସନରେ ବ୍ୟୟ କରିବାରେ
(ଘ) ଅନ୍ୟକୁ ଦାନ କରିବାରେ

**୧୨. ମରିଗଲାପରେ ଦୁଇ ହାତକୁ କୋକେଇରେ କିପରି ରଖିବାକୁ ଆଲେକ୍‌ଜାଣ୍ଡାର କହିଥିଲେ ?**
(କ) ସମ୍ମୁଖକୁ (ଖ) ଦୁଇପାର୍ଶ୍ୱକୁ
(ଗ) ପଛଭାଗକୁ (ଘ) ଉପରକୁ

**୧୩. ରାଜାମାନଙ୍କୁ କବି କେଉଁ ଗୁଣକୁ ଭଜିବାକୁ କହିଛନ୍ତି ?**
(କ) ରଜ (ଖ) ତମ
(ଗ) ଲୋଭ (ଘ) ସତ୍ୱ

**୧୪. ଦରବାରରେ ଯୋଗଦେଇଥିବା ରାଜାମାନେ ଯଜ୍ଞକୁଣ୍ଡ-ଘୃତକୁ କାହା ମୁଖରେ ଢ଼ାଳି ପାପ ଅର୍ଜନ କରୁଛନ୍ତି ବୋଲି କବି କହିଛନ୍ତି ?**
(କ) ହସ୍ତୀମୁଖେ (ଖ) ଘୋଡ଼ାମୁଖେ
(ଗ) ଘୃଷ୍ଟିମୁଖେ (ଘ) ଭାଲୁମୁଖେ

**୧୫. ଭଗ୍ନଘଟରୁ କ'ଣ ସରି ଯାଉଛି ?**
(କ) ସଲିଳ (ଖ) ବାୟୁ
(ଗ) ଆଲୋକ (ଘ) ମାଟି

**୧୬. ଆୟୁ ବଢ଼ିଗଲେ ଜୀବନରେ ମାୟାର ପ୍ରଭାବ କିପରି ହୁଏ ?**
(କ) ମାୟା କମିଯାଏ
(ଖ) ଛାୟାପରି ବଢ଼ିଯାଏ
(ଗ) ମାୟାର ଆକର୍ଷଣ ରହେନାହିଁ
(ଘ) ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ

**୧୭. ବିଧାତା ଧର୍ମରୂପକ ପୋତ ଗଢ଼ିଛନ୍ତି କାହିଁକି ?**
(କ) ସମୁଦ୍ରକୁ ପାର ହେବା ପାଇଁ
(ଖ) ନଦୀକୁ ପାର ହେବାପାଇଁ
(ଗ) ସଂସାର ବାରିଧିକୁ ପାରି ହେବାପାଇଁ
(ଘ) ହ୍ରଦକୁ ପାରିହେବା ପାଇଁ

**୧୮. ଏ ସଂସାରରେ କିଏ ମହତ ପଣିଆ ?**
(କ) ଧର୍ମ (ଖ) ଅଧର୍ମ
(ଗ) ଲୋଭ (ଘ) ପାପ

**୧୯. ବଡ଼ପଣ ଲାଭ କରିଥିବା ବ୍ୟକ୍ତି ନିକଟରେ କାହାର ବଜ୍ରଦାନ୍ତ ଭାଙ୍ଗିଯାଏ ?**
(କ) ଇନ୍ଦ୍ରଙ୍କର (ଖ) ଅନ୍ତକ ର
(ଗ) ବରୁଣଙ୍କର (ଘ) କୁବେରଙ୍କର

**୨୦. କଟକର ବାରବାଟୀ ଦୁର୍ଗରେ ବସିଥିବା ଦରବାରରେ ଚନ୍ଦ୍ରଶେଖର ସିଂହସାମନ୍ତଙ୍କୁ କେଉଁ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା ?**
(କ) ରାୟବାହାଦୁର (ଖ) ରାୟଗୁରୁ
(ଗ) ମହାମହୋପାଧ୍ୟାୟ (ଘ) କବିସୂର୍ଯ୍ୟ

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଖ) ଉପଯୁକ୍ତ ଶବ୍ଦ ଯୋଗକରି ଶୂନ୍ୟସ୍ଥାନ ପୂରଣ କର । ପ୍ରତି ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।**

୧. ପୂର୍ବପୁରୁଷର ______ ବିଶାଳ ଥିଲା ।
୨. ତୁମ୍ଭ ପିତୃଗଣ ପରମ ଉଦାର, ______ ମଣୁଥିଲେ ଏକ ପରିବାର ।
୩. ରାଜା ପ୍ରଜା ଏବେ ହେଲେ ବାଜ ______ ।
୪. ବିଦେଶୀ ସଙ୍ଗୀନେ କଲ ତାଙ୍କୁ ______ ।
୫. ମନ୍ତ୍ରୀ ହେଲେ ଖଳ, ______, କାନ କୁହା ।
୬. ରାଜାମାନେ ଘିଅ, ଅଟା ସଙ୍ଗେ ____ ବିଦେଶୀଙ୍କୁ ଦେଲେ ।
୭. ______ରେ ମାଲଖାନା ପୂରେଇ ପାଇଁ ଚାକି ରହିଥାନ୍ତି ।
୮. ମଲାବେଳେ ବିଶ୍ୱ-ବିଜୟୀ ସ୍କନ୍ଦର ______ ଅଶ୍ରୁସିକ୍ତ କରିଥିଲେ ।
୯. ଗଣିକା, ଓକିଲ, ଓ ଛାମୁଆ ପୋଷଣ ଲାଗି ରାଜା ______ ଙ୍କୁ ଶୋଷଣ କରୁଥିଲେ ।
୧୦. ______ ବଡ଼ କ୍ରୂର ଓ ବଡ଼ ଅବିଶ୍ୱାସୀ ।
୧୧. ରାଜାମାନଙ୍କର ______ ବେଳ ପାଖେଇ ଆସୁଛି ବୋଲି କବି କହିଛନ୍ତି ।
୧୨. ବଡ଼ପଣକୁ ଭବରେ ______ ଚିରସ୍ଥାୟୀ କର ।
୧୩. ଅନ୍ତକର ବଜ୍ରଦନ୍ତ ______ ଲାଗି ଭାଙ୍ଗିଯାଏ ।
୧୪. ମନକୁ ______ ଏକତାନ କରିବାକୁ କବି କହିଛନ୍ତି ।
୧୫. 'ବଡ଼ପଣ' କବିତା ______ ଖଣ୍ଡ କାବ୍ୟରୁ ସଂଗୃହୀତ ।

**(ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି।**

୧. 'ବଡ଼ପଣ' କବିତା କବିଙ୍କର କେଉଁ କାବ୍ୟରୁ ସଂଗୃହୀତ ?
୨. ଦରବାର କଟକର କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
୩. ଦରବାରରେ କାହାକୁ ସମ୍ବର୍ଦ୍ଧିତ କରାଯାଇଥିଲା ?
୪. ଦରବାରକୁ କେଉଁମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ?
୫. ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କୁ କିଏ ସମ୍ବର୍ଦ୍ଧିତ କରିଥିଲେ ?
୬. ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ କ'ଣ ବିକି ଭାଙ୍ଗି ଖାଉଥିଲେ ?
୭. ବହ୍ନିଶିଖା ସହିତ କାହାକୁ ତୁଳନା କରାଯାଇଅଛି ?
୮. ଜଳଧାରା ସହିତ କେଉଁମାନଙ୍କୁ ତୁଳନା କରାଯାଇଛି ?
୯. କବି ରାଧାନାଥ କେଉଁମାନଙ୍କୁ "କେଶରୀ ଔରସେ ଶ୍ୱାନ" ବୋଲି କହିଛନ୍ତି ?
୧୦. କେଉଁମାନେ ରାଜ୍ୟକୁ ଏକ ପରିବାର ବୋଲି ମଣୁଥିଲେ ?
୧୧. ବାଜ ଓ ପାରା ସହିତ କବି କାହାକୁ ତୁଳନା କରିଛନ୍ତି ?
୧୨. ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ କ'ଣ କାଢ଼ିନେଲା ?
୧୩. ନିର୍ମମ ବିଦେଶୀ ନୀତି କ'ଣ ?
୧୪. ବାତ୍ସଲ୍ୟ ମମତାରେ କିଏ ପ୍ରଜାମାନଙ୍କ ଚିତ୍ତକୁ ବାନ୍ଧିଥିଲେ ?
୧୫. ଆଜିର ରାଜାମାନଙ୍କର ସର୍ବସ୍ୱ କ'ଣ ?
୧୬. ପ୍ରଜାଧନ ବୁହା ରାଜଧର୍ମ କାହାର ହୋଇଛି ?
୧୭. ଖଳ, ଖଣ୍ଡ ଓ କାନକୁହା କେଉଁମାନଙ୍କୁ କବି କହିଛନ୍ତ ?
୧୮. କାହାକୁ ତଣ୍ଡୀ ତତ୍‌କାଳୀନ ରାଜାମାନେ ବିଦେଶୀଙ୍କୁ କୁକ୍କୁଟାଣ୍ଡ ଖୁଆଇଲେ ?
୧୯. ଦୁଃଖୀପ୍ରଜା କ'ଣ ଖାଇବାକୁ ପାଇଲେ ନାହିଁ ?
୨୦. ଛାଗମୁଣ୍ଡା ସହିତ ଆଉ କ'ଣ ବିଦେଶୀଙ୍କୁ ଦେଲେ ?
୨୧. ତତ୍‌କାଳୀନ ରାଜାଙ୍କର ଅଭୀଷ୍ଟ ଦେବତା କିଏ ?
୨୨. ପ୍ରଜାଙ୍କ ମଧ୍ୟରେ କିଏ ପାପ ବୃଦ୍ଧିକୁ ମନାସୁ ଥିଲେ ?
୨୩. ରାଜାମାନେ କ'ଣ କରି ମାଲଖାନା ଧନରେ ପୂର୍ଣ୍ଣ କରୁଥିଲେ ?
୨୪. ଜାଗ୍ରତେ ସ୍ୱପନେ ରାଜାଙ୍କର ଲାଳସା କ'ଣ ଥିଲା ?
୨୫. ଧନର ସାଫଲ୍ୟ କେଉଁଥିରେ ଥାଏ ?
୨୬. କିଏ ଧନକୁ ଜଗି ବସିଥାଏ ?
୨୭. ରାଧାନାଥ କାହାକୁ ସ୍କନ୍ଦର ବୋଲି କହିଛନ୍ତି ?
୨୮. କିଏ ଓ କାହିଁକି ଅଶ୍ରୁସିକ୍ତ ଗଣ୍ଡ କରିଥିଲେ ?
୨୯. ଶୂନ୍ୟ ହସ୍ତରେ ଫେରିଗଲି ବୋଲି କିଏ କହିଥିଲେ ?
୩୦. ଲୋଭ ଓ ମଦକୁ ତେଜି କ'ଣ ଭଜିବାକୁ କୁହାଯାଇଛି ?
୩୧. କେଉଁମାନେ ଜଗତରେ ଲକ୍ଷପୋଷୀ ବୋଲାଉ ଥିଲେ ?
୩୨. ରାଜା ଓ ଜମିଦାରମାନେ କାହିଁକି ପ୍ରଜାମାନଙ୍କୁ ଶୋଷଣ କରୁଥିଲେ ?
୩୩. ପାପବିତ୍ତ କିପରି ଅର୍ଜିତ ହୁଏ ?
୩୪. ରାଜା ଓ ଜମିଦାରମାନେ ଯଜ୍ଞକୁଣ୍ଡ ଘୃତକୁ କାହାମୁଖରେ ଢାଳୁଥିଲେ ?
୩୫. ଆୟୁ ପ୍ରତିକ୍ଷଣରେ କିପରି ସରିଯାଉଅଛି ?
୩୬. କିଏ ବଡ଼କ୍ରୂର ଓ ବଡ଼ ଅବିଶ୍ୱାସୀ ?
୩୭. କିଏ ହଠାତ୍ ଆସି ହାବୁଡ଼ି ଯିବ ବୋଲି କୁହାଯାଇଛି ?
୩୮. କାହା ପଛରେ କାଳ ଲୁଚି ବସିଥାଏ ?
୩୯. ନୀତିବେଳ ବୁଝି ଛାମୁରେ ହାଜର କାହାକୁ ଗୋଚର ନାହିଁ ?
୪୦. ଛାୟା କେତେବେଳେ ବଢ଼ିଯାଏ ?
୪୧. ମାୟାର ଚେର ଭେଦିଗଲେ କି କ୍ଷତି ହୁଏ ?
୪୨. ବେଳ ଥାଉ କ'ଣ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ?
୪୩. ଅନ୍ତକ କିଏ ?
୪୪. ଧର୍ମଫଳେ ସଂସାରରେ କିଏ ଚିରସ୍ଥାୟୀ ହୁଏ ?

୪୫. ଧର୍ମପୋତ କିଏ ଗଢ଼ିଛନ୍ତି ?

୪୬. ବିଧି କାହିଁକି ଧର୍ମପୋତ ଗଢ଼ିଛନ୍ତି ?

୪୭. ସଂସାରରେ ମହତ ପଣିଆ କ'ଣ ?

୪୮. କବି କାହାକୁ ଦ୍ୱିଲୋକ ସାଧନୀ ବୋଲି କହିଛନ୍ତି ?

୪୯. ଦ୍ୱିଲୋକ ଶବ୍ଦର ଅର୍ଥ କ'ଣ ?

୫୦. କେଉଁ ବଡ଼ପଣରେ ମତି ବଳାଇବାକୁ କବି ପରାମର୍ଶ ଦେଇଛନ୍ତି ?

୫୧. କେଉଁଥିରୁ ମନ ବାହୁଡ଼ାଇ ନେବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

୫୨. ନିଜେ ଉଚ୍ଚହୋଇ କ'ଣ ଲାଭ କରିବା ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ପ୍ରାଚୀନ ଉତ୍କଳର ରାଜାମାନଙ୍କର ପରିଚୟ କିପରି ଥିଲା ?

୨. ଦରବାରରେ ଯୋଗ ଦେଉଥିବା ରାଜାମାନଙ୍କର ପ୍ରଜାମାନଙ୍କ ସହିତ କିପରି ସମ୍ପର୍କ ଥିଲା ?

୩. ଧନ ଅର୍ଜନ ଓ ତାହାର ସୁବ୍ୟୟ କିପରି ହୋଇପାରିବ ବୋଲି କବି କହିଛନ୍ତି ?

୪. ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?

୫. 'ଘୃଷ୍ଟି ମୁଖେ ଢାଳି ଯଜ୍ଞକୁଣ୍ଡ ଘୃତ' – ଏହା କେଉଁ ପ୍ରସଙ୍ଗରେ କବି କହିଛନ୍ତି ?

୬. ମାନବ ଜୀବନରେ କାଳର ମହତ୍ତ୍ୱକୁ କବି କିପରି ବର୍ଣ୍ଣନା କରିଛନ୍ତି ?

୭. ଜନ୍ମ ଅନୁରୂପରେ ପାଇଥିବା ବଡ଼ପଣ କିପରି ସଫଳ ହେବ ବୋଲି କବି କହିଛନ୍ତି ?

୮. ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ବୋଲି କବି କହିଛନ୍ତି ?

୯. 'ବଡ଼ପଣ ବିଦା' କହିବାର ଅର୍ଥ କ'ଣ ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଚ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ରଖାଯାଇଛି ।**

୧. 'ବଡ଼ପଣ' କବିତାର ସାରମର୍ମ ନିଜ ଭାଷାରେ ବର୍ଣ୍ଣନା କର ?

୨. 'ବଡ଼ପଣ' କବିତାରୁ ମହାକାଳର କ୍ରୂରତା ସମ୍ପର୍କରେ ଲେଖ ?

୩. ଧର୍ମ ଦ୍ୱାରାହିଁ ମାନବ ବଡ଼ପଣର ଅଧିକାରୀ ହୋଇଥାଏ – ବର୍ଣ୍ଣନା କର ?

୪. କବି ରାଧାନାଥଙ୍କ କବିତା 'ବଡ଼ପଣ'ରେ ତାଙ୍କ ସମୟର ରାଜା ଓ ଜମିଦାରମାନଙ୍କୁ ରାଜ ଧର୍ମ ପାଳନର ଯେଉଁ ପରାମର୍ଶ ଦେଇଛନ୍ତି ଆଲୋଚନା କର ?

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଖ) ଦରବାର
୨. (ଘ) ଦରବାରରେ ଯୋଗଦେଇଥିବା ରାଜାମାନଙ୍କୁ
୩. (ଖ) ବହ୍ନିଶିଖା
୪. (ଖ) କବିଙ୍କ ସମୟର ଉତ୍କଳ ରାଜାମାନଙ୍କର
୫. (ଘ) ଦରବାରରେ ଯୋଗଦେଇଥିବା ରାଜା ମାନଙ୍କର ପିତୃଗଣ
୬. (ଗ) ବାଜ-ପାରାପରି
୭. (ଘ) ବିଦେଶୀ ବନ୍ଧୁକ ଦେଖାଇ
୮. (କ) ପ୍ରଜାଧନ ବୁହା
୯. (ଘ) କୁକ୍କୁଟାଣ୍ଡ
୧୦. (କ) ଜରିମାନା କରି
୧୧. (ଖ) ସୁ-ବ୍ୟୟରେ
୧୨. (ଖ) ଦୁଇପାର୍ଶ୍ୱକୁ
୧୩. (ଘ) ସତ୍ୱ
୧୪. (ଗ) ଘୃଷ୍ଟିମୁଖେ
୧୫. (କ) ସଳିକ
୧୬. (ଖ) ଛାୟାପରି ବଢ଼ିଯାଏ
୧୭. (ଗ) ସଂସାର ବାରିଧିକୁ ପାରି ହେବାପାଇଁ
୧୮. (କ) ଧର୍ମ
୧୯. (ଖ) ଅନ୍ତକର
୨୦. (ଗ) ମହାମହୋପାଧ୍ୟାୟ

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

୧. ପ୍ରତିଷ୍ଠା
୨. ରାଜ୍ୟ
୩. ପାରା
୪. ଭୀତ
୫. ଖଣ୍ଡ
୬. ଛାଗମୁଣ୍ଡା
୭. ଧନ
୮. ଗଣ୍ଡ
୯. ପ୍ରଜା
୧୦. କାଳ
୧୧. ଅନ୍ତିମ
୧୨. ଧର୍ମଫଳେ
୧୩. ବଡ଼ପଣ
୧୪. ଧର୍ମରେ
୧୫. ଦରବାର

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର

୧. ଦରବାର
୨. ବାରବାଟୀ ଦୁର୍ଗରେ
୩. ଚନ୍ଦ୍ରଶେଖର ସିଂହସାମନ୍ତ ବା ପଠାଣି ସାମନ୍ତ (ଗୋବିନ୍ଦ ବଲ୍ଲଭ ରାୟ)
୪. ତତ୍‌କାଳୀନ ରାଜା, ଜମିଦାର ଓ ସରକାରୀ କର୍ମଚାରୀମାନଙ୍କୁ
୫. ରେଭେନ୍‌ସା ସାହେବ (ଇଂରେଜ କମିଶନର)
୬. ବିଶାଳ ପ୍ରତିଷ୍ଠା
୭. ଅତୀତ ଉତ୍କଳର ରାଜାମାନଙ୍କୁ
୮. ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କୁ
୯. କବିଙ୍କ ସମୟର ରାଜାମାନଙ୍କୁ
୧୦. ଦରବାରରେ ଯୋଗ ଦେଇଥିବା ରାଜାଙ୍କ ପୂର୍ବପୁରୁଷମାନେ
୧୧. ଦରବାରରେ ଯୋଗ ଦେଇଥିବା ରାଜା ଓ ତତ୍‌କାଳୀନ ପ୍ରଜାଙ୍କୁ
୧୨. ଶ୍ରମାର୍ଜିତ ଗ୍ରାସ
୧୩. ସର୍ବଶେଷ
୧୪. ଅତୀତ ଉତ୍କଳର ରାଜାମାନେ
୧୫. ଗନ୍ତାଘର
୧୬. ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର
୧୭. ମନ୍ତ୍ରୀମାନଙ୍କୁ

୧୮. ଦୁଃଖୀ, ରଙ୍କି, ଅରକ୍ଷିତ, ରାଣ୍ଡ

୧୯. ଖୁଦକୁଣ୍ଡା

୨୦. ଘିଅ ଓ ଅଟା

୨୧. ଲୋଭପ୍ରେତ

୨୨. ଦରବାରରେ ଯୋଗ ଦେଇଥିବା ରାଜାମାନେ

୨୩. ଜରିମନା

୨୪. ଧନର

୨୫. ସୁ-ବ୍ୟୟରେ

୨୬. ଯକ୍ଷ

୨୭. ଆଲେକ୍‌ଜାଣ୍ଡରଙ୍କୁ

୨୮. ଧରାଖଣ୍ଡ ଆଉ ଜୟ କରବାକୁ ନ ଥିଲା ବୋଲି

୨୯. ଆଲେକ୍‌ଜାଣ୍ଡାର

୩୦. ସତ୍ତ୍ୱଗୁଣକୁ ରୋକିବା ପାଇଁ

୩୧. ଦରବାରରେ ଯୋଗ ଦେଇଥିବା ରାଜାମାନେ

୩୨. ଗଣିକା, ଓକିଲ ଓ ଛାମୁଆଙ୍କୁ ପୋଷଣ କରିବା ପାଇଁ

୩୩. ପ୍ରଜାଙ୍କର ରକ୍ତ, ସ୍ୱେଦ ଓ ଲୋତକରେ ଅର୍ଜିତ ଧନକୁ ହରଣ କରିବା ଦ୍ୱାରା

୩୪. ଘୃଷ୍ଟିମୁଖରେ

୩୫. ଭଗ୍ନଘଟରୁ ସଲିଳ ସରିବା ପରି

୩୬. କାଳ

୩୭. କାଳ

୩୮. କାଳ ଦୂରରେ ଅଛି ବୋଲି ଯେ ହସିଥାଏ

୩୯. କାଳକୁ

୪୦. ଆୟୁ-ସୂର୍ଯ୍ୟ ତଳେ ଯେତେବେଳେ ଗଡ଼ିଯାଏ

୪୧. ଅନ୍ତକ ତା' ଆଡ଼କୁ ଝିଙ୍କିଥାଏ

୪୨. ଧର୍ମ

୪୩. ଯମ

୪୪. ବଡ଼ପଣ

୪୫. ବିଧି

୪୬. ସଂସାର ବାରିଧି ପାର ହେବାପାଇଁ

୪୭. ଧର୍ମ

୪୮. ବଡ଼ପଣ

୪୯. ମର୍ତ୍ତ୍ୟଲୋକ ଓ ସ୍ୱର୍ଗଲୋକ (ଦ୍ୟୁଲୋକ)

୫୦. ଯାହା ପାଖକୁ କାଳ ପଶି ପାରିବ ନାହିଁ

୫୧. ତ୍ୱକସାର ବଡ଼ପଣ ଲାଳସାରୁ

୫୨. ଉଚ୍ଚତର ଗତି

## (ଘ) ଦୁଇଟି ବାକ୍ୟରେ ଉତ୍ତର ଦିଅ

୧. କବିତା - ବଡ଼ପଣ, କବି - ରାଧାନାଥ ରାୟ

ପ୍ରାଚୀନ ଉତ୍କଳର ରାଜାମାନେ ବିପୁଳ ପ୍ରତିଷ୍ଠାର ଅଧିକାରୀ-ସେମାନେ ସିଂହପରି ବଳୀୟାନ୍- ସେମାନେ ଉଦାର ଗୁଣର ଅଧିକାରୀ, ପ୍ରଜାବତ୍ସଳ ଓ ରାଜ୍ୟକୁ ଏକ ପରିବାର ଭଳି ଭାବିବାର ବର୍ଣ୍ଣନା ରହିବ।

୨. କବିତା - ବଡ଼ପଣ, କବି - ରାଧାନାଥ ରାୟ

ରାଜା ଓ ପ୍ରଜା ମଧ୍ୟରେ ଖାଦ୍ୟ ଓ ଖାଦକର ସମ୍ପର୍କ - ପ୍ରଜାମାନଙ୍କୁ ଶୋଷଣ ମନୋବୃତ୍ତି - ରାଜା ଓ ପ୍ରଜାର ସମ୍ପର୍କ ବାଜପାରା ଭଳି ବର୍ଣ୍ଣନା ରହିବ।

୩. କବିତା - ବଡ଼ପଣ, କବି - ରାଧାନାଥ ରାୟ

ଧନକୁ ସତ୍‌ମାର୍ଗରେ ଅର୍ଜନ କରିବା - ଯକ୍ଷଭଳି ଧନକୁ ନ ଜଗି ପ୍ରଜାମାନଙ୍କ ହିତରେ ଧନବ୍ୟୟ କରିବା - ସଂସାରରରୁ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ କିଛି ନେଇଯାଏ ନାହିଁ - ସମସ୍ତ ସମ୍ପଦ ଏହିଠାରେ ପଡ଼ି ରହେ ବୋଲି କବି କହିଛନ୍ତିର ବର୍ଣ୍ଣନା ରହିବ।

୪. କବିତା - ବଡ଼ପଣ, କବି - ରାଧାନାଥ ରାୟ

ମୃତ୍ୟୁପରେ ଦୁଇହାତକୁ ଶବାଧାରର ଦୁଇପାର୍ଶ୍ୱରେ ଝୁଲାଇ ରଖିବା - ସେ ବିଶ୍ୱବିଜୟୀ ହୋଇଥିଲେ ମଧ୍ୟ କିଛି ମରିବା ପରେ ନେଇ ଯାଇନାହାନ୍ତିର ସୂଚନା - ସେ ଶୂନ୍ୟ ହସ୍ତରେ ଆସିଥିଲେ ଓ ଶୂନ୍ୟ ହସ୍ତରେ ଚାଲିଯିବାର ବର୍ଣ୍ଣନା ରହିବ।

୫. କବିତା – ବଡ଼ପଣ, କବି – ରାଧାନାଥ ରାୟ

ପ୍ରଜାମାନଙ୍କୁ ଶୋଷଣ କରି ଅର୍ଜିତ ଧନର ଅପବ୍ୟୟ – ରାଜକୋଷର ଧନ ବୃଦ୍ଧି – ଅର୍ଜିତ ଧନକୁ ବେଶ୍ୟା, ଓକିଲ ଓ ପାରିଷଦବର୍ଗଙ୍କୁ ତୁଷ୍ଟ କରିବାରେ ଅପବ୍ୟୟ – ଏପରି କାର୍ଯ୍ୟକୁ ଘୃଷ୍ଟିମୁଖେ ପବିତ୍ର ଯଜ୍ଞକୁଣ୍ଡର ଘୃତ ଢାଳିବାର ବର୍ଣ୍ଣନ ରହିବ।

୬. କବିତା – ବଡ଼ପଣ, କବି – ରାଧାନାଥ ରାୟ

କାଳ ବଡ଼ ଦାରୁଣ – ଭଲ ମନ୍ଦ ବିଚାର ନ କରି ହଠାତ୍ ପହଞ୍ଚିଯାଏ – ସେ ପାପପୁଣ୍ୟର ବିଚାରକ – ମାନବ ମୋହମୁକ୍ତ ହୋଇ ଧର୍ମ ଓ ପୁଣ୍ୟ ଅର୍ଜନ କରିବା ଦରକାର – ସେ ସଂସାରରୁ ମୁକ୍ତି ପାଇପାରିବର ବର୍ଣ୍ଣନା ରହିବ।

୭. କବିତା – ବଡ଼ପଣ, କବି – ରାଧାନାଥ ରାୟ

ଜନ୍ମ ଫଳରେ ମାନବ ବଡ଼ପଣ ପାଇଥାଏ – ଧର୍ମ ଦ୍ୱାରା ତାହା ଚିରସ୍ଥାୟୀ ହୁଏ – ସଂସାର ବାରିଧିରୁ ତରିବା ପାଇଁ ଧର୍ମ ଏକ ପୋତ ସଦୃଶ – ବଡ଼ପଣକୁ କେହି ଛଡ଼ାଇ ନେଇ ପାରିବେ ନାହିଁ – ବଡ଼ପଣ ଅନ୍ତରରେ ବଜ୍ରଦାନ୍ତକୁ ଭାଙ୍ଗିଦିଏ – ତାହାର ସୌରଭ ଦ୍ୱିଲୋକ ସାଧନାର ବର୍ଣ୍ଣନା ରହିବ।

୮. କବିତା – ବଡ଼ପଣ, କବି – ରାଧାନାଥ ରାୟ

ଧର୍ମ ଏକମାତ୍ର ମହତପଣିଆ – ବଡ଼ପଣ ପାଇଁ ଧର୍ମ ରୂପକ ଧନକୁ ଅର୍ଜନ କରିବାକୁ ହେବ – ମାନବକୁ ଧର୍ମ ହିଁ କାଳଜୟୀ କରିଥାଏ – ମାନବ ସତ୍ କର୍ମରେ ଗତି କଲେ ଉଚ୍ଚର ଗତି ପ୍ରାପ୍ତ ହୋଇଥାଏ – ତେଣୁ ସତ୍ୟ ଓ ଧର୍ମ ପଥ ଅବଲମ୍ବନ କରିବାର ବର୍ଣ୍ଣନା ରହିବ।

୯. କବିତା – ବଡ଼ପଣ, କବି – ରାଧାନାଥ ରାୟ

ଉଚ୍ଚବଂଶ, ପ୍ରତିପତ୍ତି ବା ପ୍ରତିଷ୍ଠା ଲାଭ ବଡ଼ପଣର ମାନଦଣ୍ଡ ନୁହେଁ। ବଡ଼ପଣକୁ ଅହଂକାର ସମୂଳେ ବିନାଶ କରିଥାଏ। ସଂସାରର ମୋହମାୟାରୁ ମୁକ୍ତ ହୋଇ ଧର୍ମ ପଥରେ ଗତି କଲେ ବଡ଼ପଣ ମିଳିଥାଏ – ଯାହାଦ୍ୱାରା ଜଗତ ଓ ଜୀବନର ମଙ୍ଗଳ ସାଧିତ ହୋଇଥାଏ ବୋଲି କବି କହିଛନ୍ତି।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. କବିଙ୍କ କୃତି ଓ କୃତିତ୍ୱ ଉପରେ ପାଞ୍ଚଟି ବାକ୍ୟ ବର୍ଣ୍ଣନା ରହିବ। ଉକ୍ତ କବିତା 'ଦରବାର'ରୁ ଆସିଛି ରହିବ – ଅତୀତ ଉତ୍କଳର ରାଜାମାନଙ୍କ ପ୍ରତିଷ୍ଠା ଓ ପ୍ରଜାମାନଙ୍କ ସହିତ ସମ୍ପର୍କ ବର୍ଣ୍ଣନା ରହିବ – ଦରବାରରେ ଯୋଗଦେଇଥିବା ରାଜାମାନଙ୍କ କୁଶାସନ ଓ ଶୋଷଣ ବର୍ଣ୍ଣନା ରହିବ – ଧର୍ମର ମାହାତ୍ମ୍ୟ ବର୍ଣ୍ଣନା ଓ କାଳର କରାଳ ରୂପବର୍ଣ୍ଣନା ରହିବ – ସତ୍‌ପଥରେ ଗତି ଲାଗି ନିର୍ଦ୍ଦେଶ ଓ ଉପଦେଶର ବର୍ଣ୍ଣନା ରହିବ।

୨. କଲିଙ୍ଗ କୃତି ଓ କୃତିତ୍ୱ ସଂକ୍ଷିପ୍ତରେ ବର୍ଣ୍ଣନା – ଅଧର୍ମରେ ଗତିର କୁପରିଣାମ ବର୍ଣ୍ଣନା – ଧର୍ମର ମାହାତ୍ମ୍ୟ ବର୍ଣ୍ଣନା – ବଡ଼ପଣର ଅଧିକାରୀ ବ୍ୟକ୍ତି କାଳର କ୍ରୂରତାକୁ ଜୟକରିବାରେ ସକ୍ଷମ ବର୍ଣ୍ଣନା ରହିବ।

୩. କବିଙ୍କ କୃତି ଓ କୃତିତ୍ୱ ସଂକ୍ଷିପ୍ତରେ ବର୍ଣ୍ଣନା – ମାନବ ଜୀବନର ଲକ୍ଷ୍ୟ – ସତ୍‌ପଥରେ ଗତିର ପରିଣତି – ଧର୍ମ ଓ ଅଧର୍ମର ବିଚାର – ଜୀବନର ଅସାରତା – ଧର୍ମ ପଥରେ ଗତି କରି ବଡ଼ପଣର ଅଧିକାରୀ ହେବାର ବର୍ଣ୍ଣନା ରହିବ।

୪. କବିଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା – ଶାସକମାନଙ୍କର ଧର୍ମପାଳନ ଓ ପ୍ରଜାପାଳନ ଲାଗି ପରାମର୍ଶ – ସତ୍‌ମାର୍ଗରେ ଗତି କରି ଉଚ୍ଚତର ଗତି ଲାଭ କରିବାର ବର୍ଣ୍ଣନା ରହିବ।

# ତପସ୍ୱିନୀର ପତ୍ର

## ଗଙ୍ଗାଧର ମେହେର

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**୧. 'ତପସ୍ୱିନୀର ପତ୍ର' କବିତାଟି କବିଙ୍କର କେଉଁ କାବ୍ୟରୁ ସଂଗୃହୀତ ?**

(କ) କୀଚକ ବଧ (ଖ) ପଦ୍ମିନୀ

(ଗ) ପ୍ରଣୟବଲ୍ଲରୀ (ଘ) ତପସ୍ୱିନୀ

**୨. ତପସ୍ୱିନୀ କାବ୍ୟର କେଉଁ ସର୍ଗରୁ 'ତପସ୍ୱିନୀର ପତ୍ର' କବିତା ସଂଗୃହୀତ ?**

(କ) ସପ୍ତମ (ଖ) ଅଷ୍ଟମ

(ଗ) ଦଶମ (ଘ) ଏକାଦଶ

**୩. ଦୀନ ଭିକାରିଣୀ ବୋଲି କବି କାହାକୁ କହିଛନ୍ତି ?**

(କ) ଅନସୂୟାଙ୍କୁ (ଖ) ଅନୁକମ୍ପାଙ୍କୁ

(ଗ) ସୀତାଙ୍କୁ (ଘ) ଊର୍ମିଳାଙ୍କୁ

**୪. କିଏ ମହାଯଜ୍ଞରେ ରାମଚନ୍ଦ୍ରଙ୍କ ବାମାଙ୍କେ ଶୋଭିତ ହେଉଥିବ ?**

(କ) ସୁନାର ସୀତା (ଖ) ନବବାମା

(ଗ) ସୀତା (ଘ) ରୁକ୍ମିଣୀ

**୫. ଶ୍ରୀରାମଚନ୍ଦ୍ର ମହାଯଜ୍ଞରେ କେଉଁ ବସ୍ତ୍ର ପ୍ରଦାନ କରିବେ ?**

(କ) ତୁଳାବସ୍ତ୍ର (ଖ) ଶୀତବସ୍ତ୍ର

(ଗ) କ୍ଷୌମବସ୍ତ୍ର (ଘ) ଝୀନବସ୍ତ୍ର

**୬. ଦାନ-ବାରିଧି ବୋଲି କାହାକୁ କୁହାଯାଇଛି ?**

(କ) ରାବଣ (ଖ) ରାମଚନ୍ଦ୍ର

(ଗ) ଲକ୍ଷ୍ମଣ (ଘ) ବାଲ୍ମୀକି

**୭. ତାପସଙ୍କ ଅଶାନ୍ତି - ନାଶକ ବୋଲି କାହାକୁ କୁହାଯାଇଛି ?**

(କ) ରାମଚନ୍ଦ୍ର (ଖ) ରାବଣ

(ଗ) ସୀତା (ଘ) ଊର୍ମିଳା

**୮. କୋଟି ଅଶ୍ୱମେଧ ଯଜ୍ଞରେ ଯେତେ ଧନ ଦାନ ଦିଆଯାଏ ତା'ଠାରୁ କ'ଣ ଅଧିକ ବୋଲି ସୀତା କହିଛନ୍ତି ?**

(କ) ପୁଅ ଦୁହିଁଙ୍କୁ ରାଜଭୋଗ ପ୍ରଦାନ କରିବା

(ଖ) ନବ ପ୍ରଣୟିନୀଙ୍କୁ ବାହାର କରିଦେବା

(ଗ) ନବ ପ୍ରଣୟନୀ କେଉଁ ଘୋର ତପସ୍ୟା କରି, ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା

(ଘ) ତାଙ୍କ ଦୋଷ କ୍ଷମା କରିଦେବା

**୯. ଜନ୍ମକାଳରୁ ଲବ ଓ କୁଶ ପିତାଙ୍କର କ'ଣ ଜାଣି ନ ଥିଲେ ?**

(କ) ଅନୁରାଗ (ଖ) ବିରାଗ

(ଗ) ଘୃଣା (ଘ) କ୍ରୋଧ

**୧୦. ସୀତାଙ୍କ ପୁତ୍ରଦ୍ୱୟ କ'ଣ ଗାନ କରି ଜନନୀଙ୍କ ଜୀବନ କନ୍ଦାଉଥିଲେ ?**

(କ) ମହାଭାରତ (ଖ) ରାମାୟଣ

(ଗ) ଭାଗବତ (ଘ) ଚଣ୍ଡିପୁରାଣ

**୧୧. ଲବ-କୁଶଙ୍କ ମୁଖରେ ରାମାୟଣ ଗାନ ଶୁଣି କେଉଁମାନେ ଅଥୟ ହୁଅନ୍ତି ?**

(କ) ତରୁଲତାଗଣ (ଖ) ମୃଗମାନେ

(ଗ) ପକ୍ଷୀମାନେ (ଘ) ପଶୁମାନେ

**୧୨. ଲବ-କୁଶ କେଉଁ ଋଷିଙ୍କ ସହିତ ଅଯୋଧ୍ୟା ଯାଇଥିଲେ ?**

(କ) ବିଶ୍ୱାମିତ୍ର (ଖ) ବାଲ୍ମିକୀ

(ଗ) ବଶିଷ୍ଠ (ଘ) ଅଷ୍ଟବକ୍ର

**୧୩. ସୀତାଙ୍କ ଶିଶୁଦ୍ୱୟଙ୍କ ମନ କ'ଣ ପାଇଁ ସେମାନଙ୍କୁ ଆକର୍ଷିତ କରି ନେଉଥିଲା ?**

(କ) ରାଜା ରାମଙ୍କ ନିକଟରେ ରାମାୟଣ ଗାନ କରିବା ପାଇଁ

(ଖ) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ

(ଗ) ମାତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବା ପାଇଁ

(ଘ) ଅଯୋଧ୍ୟା ଯାଇ ନିଜର ପିତାଙ୍କୁ ପରିଚୟ ଦେବା ପାଇଁ

**୧୪. କ'ଣ ଶୁଣି ସୀତାଙ୍କର ହୃଦୟ ହାଣି ହୋଇଯାଉଥିଲା ?**

(କ) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ

(ଖ) ଶିଶୁଦ୍ୱୟଙ୍କ କ୍ରନ୍ଦନ

(ଗ) ଜନକଙ୍କ ଅସୁସ୍ଥତା

(ଘ) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ

**୧୫. ମନ ପ୍ରଣୟିନୀର ମୁଖକୁ ଚାହିଁ ସୀତାଙ୍କର ପ୍ରଣୟକୁ କ'ଣ ମଣିବା ପାଇଁ ସୀତା କହିଛନ୍ତି ?**

(କ) ସ୍ୱପ୍ନମଣିବା (ଖ) ନିଦ୍ରାମଣିବା

(ଗ) ଭୁଲିଯିବା (ଘ) ମନେପକାଇବା

**୧୬. ସୀତା ଲେଖୁଥିବା ପତ୍ର କେଉଁ ଜଳରେ ଧୌତ ହେଉଥିଲା ?**

(କ) ନଦୀ ଜଳରେ (ଖ) ପୁଷ୍କରିଣୀ ଜଳରେ

(ଗ) ନୟନର ଜଳରେ(ଘ) କୂପ ଜଳରେ

**୧୭. ସୀତା ପତ୍ର ଲେଖୁଥିବା ବେଳେ କିଏ ହସିହସି ପହଞ୍ଚିଲେ ?**

(କ) ସଖୀ (ଖ) ଅନସୂୟା

(ଗ) କୁଶଲବ (ଘ) ବାଲ୍ମୀକି

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଖ) ଉପଯୁକ୍ତ ଶବ୍ଦ ଯୋଗକରି ଶୂନ୍ୟସ୍ଥାନ ପୂରଣ କର । ପ୍ରତି ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।**

୧. ଶ୍ରୀରାମଚନ୍ଦ୍ରଙ୍କ ______ ଦ୍ୱୟରେ ସୀତା ଦୂରରୁ ନତଶିରରେ ବନ୍ଦନା କରିଥିଲେ ।

୨. ନବବାମା ଶ୍ରୀରାମଚନ୍ଦ୍ରଙ୍କ ______ ଦୀକ୍ଷିତ ହେଉଥିବେ ।

୩. ମହାଯଜ୍ଞରେ କ୍ଷୌମବସ୍ତ୍ର ସହିତ ______ ଦୀକ୍ଷିତ ହେଉଥିବେ ।

୪. ସୀତାଙ୍କର ମାନସରେ ______ ଏକ ଉଦୟ ହୋଇଥିଲା ।

୫. ଶ୍ରୀରାମଚନ୍ଦ୍ର ______ଙ୍କ ଅଶାନ୍ତି-ନାଶକ ବୋଲି କୁହାଯାଇଛି ।

୬. ନବବାମାକୁ ______ ଦୃଷ୍ଟିରେ ଜଗତର ଜନ ଦେଖୁଥିବେ ।

୭. ଶ୍ରୀରାମଚନ୍ଦ୍ର ______ ଯଜ୍ଞର ଆୟୋଜନ କରିଥିଲେ ।

୮. ଲବ ଓ କୁଶଙ୍କର ପିତୃକୋଳ ______ କରିବାର ଭାଗ୍ୟନାହିଁ ବୋଲି ସୀତା କହିଛନ୍ତି ।

୯. ଲବ ଓ କୁଶ ______ ଗାଇ ସୀତାଙ୍କର ଜୀବନ କନ୍ଦାଇ ପାରୁଥିଲେ ।

୧୦. ଲବ ଓ କୁଶ ______ ସାହାଯ୍ୟରେ ରାମାୟଣ ଗାନ କରୁଥିଲେ ।

୧୧. ସୀତାଙ୍କର ଶିଶୁଦ୍ୱୟ ______ ସହିତ ଅଯୋଧ୍ୟା ଯାଇଥିଲେ ।

୧୨. ଶ୍ରୀରାମଚନ୍ଦ୍ରଙ୍କ ଗତଦୁଃଖର ______ ଶୁଣି ସୀତାଙ୍କର ହୃଦୟ ହାଣି ହୁଏ ।

୧୩. ନବ ପ୍ରଣୟିନୀର ସୁନ୍ଦର ମୁଖକୁ ଚାହିଁ ______ ପ୍ରଣୟକୁ ସ୍ୱପ୍ନ ମଣିବ ବୋଲି କୁହାଯାଇଛି ।

୧୪. ______ ଜଳରେ ପତ୍ର ଧୋଇ ହୋଇଯାଇଥିଲା ।

୧୫. ସୀତାଦେବୀ ପତ୍ର ଲେଖୁଥିବା ସମୟରେ ______ ଆନନ୍ଦରେ ହସିହସି ପହଞ୍ଚିଥିଲେ ।

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।

୧. ତପସ୍ୱିନୀର ପତ୍ର କବିତାର କବି କିଏ ?

୨. ତପସ୍ୱିନୀର ପତ୍ର କବିତାଟି କବିଙ୍କର କେଉଁ କାବ୍ୟରୁ ସଂଗୃହୀତ ?

୩. ତପସ୍ୱିନୀ ବୋଲି କବି କାହାକୁ କହିଛନ୍ତି ?

୪. ତପସ୍ୱିନୀର ପତ୍ର କିଏ କାହା ପାଖକୁ ଲେଖିଛନ୍ତି ?

୫. ଶରଣବତ୍ସଳ ବୋଲି କବି କାହାକୁ କହିଛନ୍ତି ?

୬. ଶ୍ରୀରାମଚନ୍ଦ୍ର କେଉଁ ଗିରିର ବଜ୍ର ସଦୃଶ୍ୟ ?

୭. ଦୀନ ଭିଖାରୁଣୀ ବୋଲି କବି କାହାକୁ କହିଛନ୍ତି ?

୮. ରାଜରାଜେଶ୍ୱର ବୋଲି କବି କାହାକୁ କହିଛନ୍ତି ?

୯. ରାମଚନ୍ଦ୍ର କେଉଁ ଯଜ୍ଞରେ ଦୀକ୍ଷିତ ହୋଇଥିବେ ବୋଲି କୁହାଯାଇଛି ?

୧୦. ରାମଚନ୍ଦ୍ରଙ୍କ ଦ୍ୱିତୀୟା ପତ୍ନୀଙ୍କୁ କ'ଣ ନାମରେ କବି ନାମିତ କରିଛନ୍ତି ?

୧୧. ନବବାମା ଶ୍ରୀରାମଚନ୍ଦ୍ରଙ୍କ କେଉଁଠାରେ ଶୋଭା ପାଉଥିବେ ବୋଲି କୁହାଯାଇଛି ?

୧୨. ଯଜ୍ଞକାଳରେ ରାମଚନ୍ଦ୍ରଙ୍କ ସଦ୍‌ଗୁଣ କାହିଁକି ବଢ଼ିଯାଉଥିବ ବୋଲି କୁହାଯାଇଛି ?

୧୩. କିଏ ମୁଗ୍ଧ ହେବ ବୋଲି ସୀତା ଭାବିଛନ୍ତି ?

୧୪. ମହାଯଜ୍ଞରେ ରାମଚନ୍ଦ୍ର କ'ଣ ପ୍ରଦାନ କରୁଥିବେ ବୋଲି କୁହାଯାଇଛି ?

୧୫. ଦାନ-ବାରିଧି ବୋଲି କାହାକୁ କୁହାଯାଇଛି ?

୧୬. ରାମଚନ୍ଦ୍ର କେଉଁମାନଙ୍କର ଅଶାନ୍ତି ନାଶକ ବୋଲି କୁହାଯାଇଛି ?

୧୭. ରାମଚନ୍ଦ୍ରଙ୍କର କେଉଁମାନଙ୍କୁ କିଛି ଅଦେୟ ନ ଥିଲା ?

୧୮. କିଏ କହିଛନ୍ତି, 'ମୋତେ ନ କରିବ ହେୟ' ?

୧୯. ଜଗତର ଜନ କାହାକୁ ଭକ୍ତିଭରେ ଦେଖୁଥିବେ କୁହାଯାଇଛି ?

୨୦. ସୀତା ରାମଚନ୍ଦ୍ରଙ୍କୁ କ'ଣ ଜଣାଇ ଦେବାକୁ ଲେଖିଛନ୍ତି ?

୨୧. ଲବ ଓ କୁଶ କିପରି ଥିଲେ ବୋଲି ସୀତା କହିଛନ୍ତି ?

୨୨. ପିତୃକୋଳ ଆରୋହଣ କରିବାର ଭାଗ୍ୟ କାହାର ନାହିଁ ବୋଲି ସୀତା କହିଛନ୍ତି ?

୨୩. ସୀତାଙ୍କର ପୁତ୍ରଦ୍ୱୟର ନାମ କ'ଣ ?

୨୪. ଲବ ଓ କୁଶ ମଧ୍ୟରେ ବଡ଼ କିଏ ?

୨୫. ବୀଣାବାଦ୍ୟ ବାଦନ କରି କିଏ ରାମାୟଣ ଗାନ କରୁଥିଲେ ?

୨୬. ରାମାୟଣର ଗାନ ଲବ ଓ କୁଶଙ୍କ ମୁଖରେ ଶୁଣି କିଏ ଅଥୟ ହୁଅନ୍ତି ?

୨୭. ଶିଶୁପୁତ୍ରଦ୍ୱୟ କାହା ସହିତ ଅଯୋଧ୍ୟା ଯାଇଥିଲେ ?

୨୮. ମହର୍ଷି କିଏ ?

୨୯. କାହାର ଚରିତରେ ବିମୋହିତ ହୋଇ ଲବ ଓ କୁଶ ମହର୍ଷିଙ୍କ ସହିତ ଅଯୋଧ୍ୟା ଯାଇଥିଲେ ।

୩୦. ଲବ ଓ କୁଶ କ'ଣ ଦର୍ଶନ କରିବାକୁ ମନ ତାଙ୍କର ଆକର୍ଷିତ ହେଉଥିଲା ?

୩୧. ସୀତାଙ୍କ ହୃଦୟ କ'ଣ ଶୁଣି ହାଣି ହେଉଥିଲା ?

୩୨. କାହାର ପ୍ରଣୟକୁ ସ୍ୱପ୍ନ ମଣିବା ପାଇଁ କୁହାଯାଇଛି ?

୩୩. କାହାର ସୁନ୍ଦର ମୁଖମଣ୍ଡଳକୁ ଚାହିଁ ସୀତାଙ୍କର ପ୍ରଣୟକୁ ସ୍ୱପ୍ନଭଳି ମନେ କରିବାକୁ ସୀତା କହିଛନ୍ତି ?

୩୪. ସୀତାଙ୍କର ପତ୍ର କିପରି ଧୌତ ହେଉଥିଲା ?

୩୫. କାହାକୁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଯାଇଥିଲା ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

୨. ରାମଚନ୍ଦ୍ରଙ୍କଠାରେ ବିଦୂଷମାନେ କ'ଣ ଦେଖିଥାନ୍ତି ?

୩. 'ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ'- ଏହା କେଉଁ ପ୍ରସଙ୍ଗରେ କବି କହିଛନ୍ତି ?

୪. ସୀତା ପତ୍ର ଲେଖି ରାମଚନ୍ଦ୍ରଙ୍କ ଠାରୁ କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?

୫. ସୀତାଙ୍କ ପ୍ରେମକୁ ରାମଚନ୍ଦ୍ର ସ୍ୱପ୍ନପରି ମନେ କରିବେ ବୋଲି ସୀତା ରାମଚନ୍ଦ୍ରଙ୍କୁ ନିବେଦନ କରିଛନ୍ତି ?

୬. ନିଜର ପୁତ୍ରମାନଙ୍କର କେଉଁ ଅସହାୟତା ବିଷୟରେ ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ଲେଖିଥିଲେ ?

୭. ବାଲ୍ମୀକିଙ୍କ ସହିତ ଲବ ଓ କୁଶ ଅଯୋଧ୍ୟାକୁ କାହିଁକି ଯାଇଥିଲେ ?

୮. ସୀତାଦେବୀ ପତ୍ର କିପରି ଲେଖିଥିଲେ ବୋଲି କବି ବର୍ଣ୍ଣନା କରିଛନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଚ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ରଖାଯାଇଛି ।**

୧. 'ତପସ୍ୱିନୀର ପତ୍ର' କବିତାର ସାରମର୍ମ ନିଜ ଭାଷାରେ ଉଲ୍ଲେଖ କର ?

୨. ପତି ହିତସାଧିନୀ ତପସ୍ୟାର ବ୍ରତୀ ତପସ୍ୱିନୀଙ୍କ ଚରିତ୍ରର ମହତ୍ତ୍ୱ ବିଶ୍ଳେଷଣ କର ?

୩. କବି ଗଙ୍ଗାଧରଙ୍କ ନିର୍ମଳ କବିତ୍ୱର ପରିଚୟ 'ତପସ୍ୱିନୀର ପତ୍ର' କବିତାରୁ ଆଲୋଚନା କର ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଘ) ତପସ୍ୱିନୀ
୨. (ଘ) ଏକାଦଶ
୩. (ଗ) ସୀତାଙ୍କୁ
୪. (ଖ) ନବବାମା
୫. (ଗ) କ୍ଷୌମବସ୍ତ୍ର
୬. (ଖ) ରାମଚନ୍ଦ୍ର
୭. (କ) ରାମଚନ୍ଦ୍ର
୮. (ଘ) ନବ ପ୍ରଣୟିନୀ କେଉଁ ଘୋର ତପସ୍ୟା କରି, ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା
୯. (କ) ଅନୁରାଗ
୧୦. (ଖ) ରାମାୟଣ
୧୧. (କ) ତରୁଲତାଗଣ
୧୨. (ଖ) ବାଲ୍ମିକୀ
୧୩. (ଖ) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ
୧୪. (କ) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ
୧୫. (କ) ସ୍ୱପ୍ନମଣିବା
୧୬. (ଗ) ନୟନର ଜଳରେ
୧୭. (ଗ) ଲବକୁଶ

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

୧. ପାଦପଦ୍ମ
୨. ବାମାଙ୍କେ
୩. ରନ୍ଧନ
୪. ଭିକ୍ଷା
୫. ତାପସ
୬. ଭକ୍ତିଭରା
୭. ଅଶ୍ୱମେଧ (ମହାଯଜ୍ଞ)
୮. ଆରୋହଣ
୯. ରାମାୟଣ
୧୦. ବୀଣା
୧୧. ମହର୍ଷି (ବାଲ୍ମୀକି)
୧୨. କାହାଣୀ
୧୩. ବୈଦେହୀର
୧୪. ନୟନର
୧୫. କୁଶ-ଲବ

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର

୧. ଗଙ୍ଗାଧର ମେହେର
୨. ତପସ୍ୱିନୀ
୩. ସୀତାଙ୍କୁ
୪. ସୀତା-ରାମଚନ୍ଦ୍ରଙ୍କ
୫. ରାମଚନ୍ଦ୍ରଙ୍କୁ
୬. ଦୁଃଖ
୭. ସୀତାଙ୍କୁ
୮. ରାମଚନ୍ଦ୍ରଙ୍କୁ

୯.  ମହାଯଜ୍ଞେ

୧୦. ନବବାମା

୧୧. ବାମାଙ୍କେ

୧୨. ନବବଧୂ ମୁଗ୍ଧ ହେବା ହେତୁ

୧୩. ନବବଧୂ

୧୪. ଅଶେଷ ରନ୍ଧାନ ଓ କ୍ଷୌମବସ୍ତ୍ର

୧୫. ରାମଚନ୍ଦ୍ରଙ୍କୁ

୧୬. ତାପସ

୧୭. ତାପସ

୧୮. ତପସ୍ୱିନୀ

୧୯. ନବବାମା

୨୦. ନବବାମା ପୂର୍ବରେ କେଉଁ ତପ ଓ ମନ୍ତ୍ର ଜପ କରିଥିଲେ

୨୧. ଅତ୍ୟନ୍ତ ଅବୋଧ

୨୨. କୁଶ-ଲବ (ପୁତ୍ରଦ୍ୱୟ)

୨୩. କୁଶ ଓ ଲବ

୨୪. କୁଶ

୨୫. ଲବ କୁଶ

୨୬. ତରୁଲତାଚୟ

୨୭. ମହର୍ଷି (ବାଲ୍ମୀକି)

୨୮. ବାଲ୍ମୀକି

୨୯. ରାମଚନ୍ଦ୍ରଙ୍କ

୩୦. ରାମଚନ୍ଦ୍ରଙ୍କ ପଦପଙ୍କଜ ଦର୍ଶନ

୩୧. ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ

୩୨. ସୀତାଙ୍କର (ବୈଦେହୀ)

୩୩. ନବ ପ୍ରଣୟିନୀ

୩୪. ନୟନର ଜଳରେ

୩୫. କୁଶ-ଲବ

## (ଘ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର (୩୦ଟି ଶବ୍ଦରେ ଉତ୍ତର ଲେଖ)

୧. କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ବାଲ୍ମୀକିଙ୍କ ଆଶ୍ରମରେ ସୀତାଙ୍କ ଅବସ୍ଥାନ – ଶ୍ରୀରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ ଆୟୋଜନର ସନ୍ଦେଶ ପ୍ରାପ୍ତ – ପତ୍ନୀବିନା ଅଶ୍ୱମେଧ ଯଜ୍ଞ ଅସମ୍ଭବ – ଶ୍ରୀରାମଚନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାର ଆଶଙ୍କାରେ ସତୀସୀତା ଦୁଃଖ ଅନୁଭବ କରିବାର ବର୍ଣ୍ଣନା ରହିବ।

୨. କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ଶ୍ରୀରାମଚନ୍ଦ୍ର ଶରଣାଗତଙ୍କ ରକ୍ଷାକବଚ – ପ୍ରଜାମାନଙ୍କୁ ବାତ୍ସଲ୍ୟ ମମତାରେ ବାନ୍ଧି ରଖନ୍ତି – ଶତ୍ରୁରୂପକ ପଦର ଅଙ୍କୁଶ ସଦୃଶ – ଦୁଃଖ ରୂପକ ପର୍ବତ ପାଇଁ ବଜ୍ର ସଦୃଶର ବର୍ଣ୍ଣନା ରହିବ।

୩. କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ଶ୍ରୀରାମଚନ୍ଦ୍ର ଜଣେ ଦୟାଶୀଳ ରାଜା – ତାପସମାନଙ୍କୁ ମୁକ୍ତ ହସ୍ତରେ ଦାନ କରନ୍ତି – ଯେହେତୁ ସୀତା ଜଣେ ତପସ୍ୱିନୀ ତାଙ୍କର ଇଚ୍ଛାକୁ ମୁକ୍ତ ହସ୍ତରେ ଦାନ କରିବେ, ନିରାଶ କରିବେ ନାହିଁର ବର୍ଣ୍ଣନା ରହିବ।

୪.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ଶ୍ରୀରାମଚନ୍ଦ୍ର ଦ୍ୱିତୀୟା ପତ୍ନୀ ଗ୍ରହଣ କରିଥିବା ଧାରଣା ସୀତାଙ୍କ ମନ ଭିତରେ ସ୍ଥିର ହୋଇସାରିଛି – ବିନା ସ୍ତ୍ରୀରେ ଅଶ୍ୱମେଧ ଯଜ୍ଞ ସମ୍ଭବ ନୁହେଁ – ତେଣୁ ଦ୍ୱିତୀୟା ପତ୍ନୀ କେଉଁ ଘୋର ତପସ୍ୟା କରି ଓ କେଉଁ ମନ୍ତ୍ର ଉଚ୍ଚାରଣ କରି ଶ୍ରୀରାମଚନ୍ଦ୍ରଙ୍କୁ ବର ରୂପେ ପାଇଥିବା କଥାକୁ ଜଣାଇବା ପାଇଁ ଚାହିଁଥିଲେ।

୫.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ସୀତାଙ୍କର ଧାରଣା ରାମଚନ୍ଦ୍ର ଦ୍ୱିତୀୟା ପତ୍ନୀ ଗ୍ରହଣ କରିଛନ୍ତି–ଦ୍ୱିତୀୟା ପତ୍ନୀଙ୍କ ସୁନ୍ଦର ମୁଖମଣ୍ଡଳକୁ ଚାହିଁ ସୀତାଙ୍କର ଅତୀତର ସ୍ମୃତିକୁ ଭୁଲିଯିବାର ବର୍ଣ୍ଣନା ରହିବ।

୬.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ଲବ ଓ କୁଶ ରାଜବଂଶରେ ଜନ୍ମ ଲାଭ କରିଥିଲେ ମଧ୍ୟ ବାଲ୍ମୀକିଙ୍କ ଆଶ୍ରମରେ ରହିଛନ୍ତି। ସେମାନେ ପିତୃ ଅନୁଭାଗରୁ ବର୍ଣ୍ଣିତ। ପିତୃକୋଳ ଆରୋହଣର ସୌଭାଗ୍ୟରୁ ବଞ୍ଚିତ। ସେମାନେ ଅତ୍ୟନ୍ତ ଅବୋଧର ବର୍ଣ୍ଣନା ରହିବ।

୭.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ରାମଚନ୍ଦ୍ରଙ୍କ ଚରିତରେ ଲବକୁଶ ବିମୋହିତ ହେବା – ପିତାଙ୍କର ପଦ–ପଙ୍କଜ ଦର୍ଶନର ଅଭିଳାଷ ପିତୃ ଅନୁରାଗ ଲାଭ ଆଶା – ପିତୃକୋଳ ଆରୋହଣ – ରାମଚନ୍ଦ୍ର ଅତୀତ କାହାଣୀ ବର୍ଣ୍ଣିତ ରାମାୟଣ ଗାନର ବର୍ଣ୍ଣନା ରହିବ।

୮.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

ସତୀ ସୀତା ହୃଦୟ ବିକଳେ ପତ୍ର ଲେଖୁଥିଲେ – ପତ୍ର ତାଙ୍କର ନୟନର ଜଳରେ ଧୌତ ହେବା – ଲବକୁଶଙ୍କର ହସିହସି ପ୍ରବେଶର ବର୍ଣ୍ଣନା ରହିବ।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

କବି ଗଙ୍ଗାଧର ମେହେରଙ୍କ କୃତି ଓ କୃତିତ୍ୱ ବର୍ଣ୍ଣନା – ତପସ୍ୱିନୀ ସୀତାଦେବୀଙ୍କ ପାତିବ୍ରତ୍ୟର ବର୍ଣ୍ଣନା – ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତି ଥିବା ପ୍ରଗାଢ଼ ପ୍ରେମ ଓ ଭକ୍ତିର ବର୍ଣ୍ଣନା

୧.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

କବିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବର୍ଣ୍ଣନା – ସୀତାଙ୍କ ମନର ଦୁଃଖ, ବେଦନା – ରାମଚନ୍ଦ୍ରଙ୍କ ଦ୍ୱିତୀୟା ପତ୍ନୀ ଗ୍ରହଣର ବର୍ଣ୍ଣନା – କେଉଁ ତପ ଓ ମନ୍ତ୍ର ଜପକରି ରାମଚନ୍ଦ୍ରଙ୍କ ସ୍ୱାମୀ ରୂପରେ ପ୍ରାପ୍ତ ତାହା ଜାଣିବାକୁ ସୀତାଙ୍କ ଇଚ୍ଛା ପ୍ରକାଶ।

୩.  କବିତା – ତପସ୍ୱିନୀର ପତ୍ର, କବି – ଗଙ୍ଗାଧର ମେହେର

କବିଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ସଂକ୍ଷେପରେ ବର୍ଣ୍ଣନା– ଶ୍ରୀରାମଚନ୍ଦ୍ରଙ୍କ ନିକଟକୁ ସୀତାଦେବୀଙ୍କ ପତ୍ରଲେଖା – ସୀତା ନିର୍ବାସନ ଦଣ୍ଡ ସତ୍ତ୍ୱେ ବି ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରତି ଗଭୀର ପ୍ରେମ, ଭକ୍ତି ଓ ଗୁଣଗାନ କରିବା ବର୍ଣ୍ଣନା – ମହାଭାରତୀୟ ନାରୀର ଆଦର୍ଶ ବର୍ଣ୍ଣନା

# ବନ୍ଦୀର ବିରହ ବ୍ୟଥା

## ଗୋପବନ୍ଧୁ ଦାଶ

### ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ୧ ନମ୍ବର ଦିଆଯିବ ।**

**୧. 'ବନ୍ଦୀର ବିହର ବ୍ୟଥା' କବିତାଟି କେଉଁ ସମୟର ପୃଷ୍ଠଭୂମିରେ ରଚିତ ?**

(କ) ବର୍ଷା (ଖ) ବସନ୍ତ

(ଗ) ଶୀତ (ଘ) ଗ୍ରୀଷ୍ମ

**୨. ନାନାରଙ୍ଗର ଚନ୍ଦ୍ରାତପରେ କିଏ ଆଚ୍ଛାଦିତ ହୋଇଛି ?**

(କ) ଧରଣୀ (ଖ) ଦିଗ୍‌ଧନୀ

(ଗ) ଅମ୍ବର (ଘ) ବନପ୍ରଦେଶ

**୩. ତରୁଗିରି ଛାୟା ବିସ୍ତାରିତ ହୋଇ କ'ଣ କରୁଥିଲେ ?**

(କ) ସୂର୍ଯ୍ୟାସ୍ତ ଦେଖୁଥିଲେ

(ଖ) ପୃଥିବୀ ସହିତ ମିଶିବାକୁ ଚେଷ୍ଟା କରୁଥିଲେ

(ଗ) ସଂଧ୍ୟାକୁ ପ୍ରଣତି ଜଣାଉଥିଲେ

(ଘ) ସୂର୍ଯ୍ୟଙ୍କ ପାଦତଳେ ପ୍ରଣାମ ଜଣାଉଥିଲେ

**୪. ତରୁଗିରିଙ୍କ ଶିରରେ କିଏ ହେବବରଣୀ ପାଟ ଦିଅନ୍ତି ?**

(କ) ଧରିତ୍ରୀ (ଖ) ଆକାଶ

(ଗ) ଅସ୍ତାଚଳ (ଘ) ସୂର୍ଯ୍ୟ

**୫. 'ପ୍ରାଚୀ' ଶବ୍ଦର ଅର୍ଥ କ'ଣ ?**

(କ) ପୂର୍ବଦିଗ (ଖ) ପଶ୍ଚିମଦିଗ

(ଗ) ଦକ୍ଷିଣଦିଗ (ଘ) ଉତ୍ତରଦିଗ

**୬. କ୍ଷଣକରେ ପ୍ରାଚୀର କପୋଳରେ କେଉଁ ରଙ୍ଗ ପ୍ରକାଶିତ ହେବାର ବର୍ଣ୍ଣିତ ?**

(କ) ଅନୁରାଗ (ଖ) ଅରୁଣ

(ଗ) ସୁନେଲି (ଘ) ମିଶ୍ରିତ

**୭. ଜଗତରେ ସକଳ ଜଡ଼ ଓ ଚେତନ କାହା ପାଖରେ ବନ୍ଧା ?**

(କ) ଶ୍ରଦ୍ଧା (ଖ) ଅନୁରାଗ

(ଗ) ପ୍ରେମ (ଘ) ଋଣ

**୮. ପ୍ରଣୟ ପୀୟୂଷରେ କ'ଣ ମିଶିଛି ବୋଲି କହି ଲେଖିଛନ୍ତି ?**

(କ) ଅବିଶ୍ୱାସ (ଖ) ବିରହ ବିଷ

(ଗ) ପ୍ରତାରଣା (ଘ) ମୃତ୍ୟୁ ଯନ୍ତ୍ରଣା

**୯. କେତେବେଳକୁ କକ୍ଷରେ ଅବରୋଧ କାଳ ବୋଲି ବର୍ଣ୍ଣନା କରାଯାଇଛି ?**

(କ) ପ୍ରାତଃକାଳ

(ଖ) ମଧ୍ୟାହ୍ନକାଳ

(ଗ) ଅପରାହ୍ଣକାଳ

(ଘ) ଗୋଧୂଳିକାଳ

**୧୦. "ଅଧିକ ନ କହି _____ ଜଗି ପଶିବି ବିଳେ ।" ଶୂନ୍ୟସ୍ଥାନ ପୂରଣ କର ।**

(କ) ସମ୍ମାନ (ଖ) ବଚନ

(ଗ) ମର୍ଯ୍ୟାଦା (ଘ) ଆଦେଶ

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର ଲେଖ। ପ୍ରତି ଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର।

୧. ମଧୁର ବସନ୍ତ କାଳର ସଂଧ୍ୟାବେଳେ କାହାର ଆୟୋଜନ ଲାଗିଛି ?

୨. ସଂଧ୍ୟାକାଳୀନ ପକ୍ଷୀଗାନ କିପରି ଥିଲା ?

୩. କେଉଁମାନଙ୍କ ଶିରରେ ସୂର୍ଯ୍ୟ ହେମବରଣୀ ପାଟ ଦେଇଥାନ୍ତି ?

୪. ସୂର୍ଯ୍ୟ କିପରି ପ୍ରାଚୀ ଦିଗ ପ୍ରତି ନିଜ ସ୍ନେହ ଆଦର ପ୍ରକଟ କରିଥା'ନ୍ତି ?

୫. ଅନୁଭବୀର ଆଖିରେ କ'ଣ ଦେଖାଯାଏ ବୋଲି ବର୍ଣ୍ଣିତ ?

୬. ପ୍ରୀତିପାଶରେ ଜଗତର କେଉଁମାନେ ବନ୍ଧା ଥା'ନ୍ତି ବୋଲି ବର୍ଣ୍ଣିତ।

୭. ବାହାରେ ରହି କ'ଣ ଦେଖିବେ ବୋଲି କବି ଲେଖିଛନ୍ତି ?

୮. ବିପରୀତ ସ୍ଥିତି ବୋଲି କବି କାହାକୁ କହିଛନ୍ତି ?

୯. ସଂଧ୍ୟାକାଳୀନ ତରୁଗିରିର ଛାୟାକୁ କବି କାହା ସହିତ ତୁଳନା କରିଛନ୍ତି ?

୧୦. ତାପିତ ଅନ୍ତରରେ କେତେବେଳେ ସାନ୍ତ୍ୱନା ଆସିବ ବୋଲି ବର୍ଣ୍ଣିତ ?

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତି ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ।

୧. ବିଦାୟର ଆୟୋଜନ ବୋଲି କବି କେଉଁ ଅବସ୍ଥାକୁ କହିଛନ୍ତି ?

୨. ଅସ୍ତକାଳୀନ ସୂର୍ଯ୍ୟକିରଣର ବର୍ଣ୍ଣନା କବି କିପରି କହିଛନ୍ତି ?

୩. କହନ୍ତି 'ଅଚିରେ ଫେରିବି ଧନି ! ନୁହ କାତର' - ଏଠାରେ କିଏ କାହାକୁ କହୁଛି ?

୪. 'କାହାକୁ ବିଧି ଆଶିଷ କି' ବୋଲି କବି ପ୍ରଶ୍ନ କରିଛନ୍ତି ?

୫. କେଉଁ ବିଷମବିଷ କବିଙ୍କର ପ୍ରାଣକୁ ଘାରି ରହିଛି ବୋଲି ବର୍ଣ୍ଣିତ ?

୬. ମର୍ଯ୍ୟାଦା ରକ୍ଷା କରି ବିଳରେ ପଶିବାକୁ କବି କାହିଁକି ଲେଖିଛନ୍ତି ?

## (ଘ) ତିରିଶିଟି ଶବ୍ଦରେ ପ୍ରତି ପ୍ରଶ୍ନର ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. ପଠିତ କବିତାରେ ସୂର୍ଯ୍ୟାସ୍ତର ବର୍ଣ୍ଣନା କିପରି କରାଯାଇଛି - ଉଲ୍ଲେଖ କର।

୨. ଆସ୍ତାଚଳରେ ସୂର୍ଯ୍ୟଙ୍କର ଅବସ୍ଥାନ ଓ ପ୍ରାଚୀ ଦିଗ ସହିତ ତା'ର ସମ୍ପର୍କକୁ କବି କିପରି ଉପସ୍ଥାପନା କରିଛନ୍ତି ?

୩. କବିତାରେ ଯମଦୂତ ବୋଲି କାହାକୁ କାହିଁକି କୁହାଯାଇଛି ?

## (ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଲେଖାଏଁ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।

୧. "ପ୍ରକୃତି ଓ ମନୁଷ୍ୟ ପ୍ରାୟ ଏକ ପ୍ରକାର ପରିବର୍ତ୍ତନର ଧାରା ସହିତ ଜଡ଼ିତ।" ପଠିତ କବିତା ଆଧାରରେ ବର୍ଣ୍ଣନା କର।

୨. ସିପାହୀ ସହିତ କବିଙ୍କର ଆଳାପର ଯୌକ୍ତିକତା ପ୍ରତିପାଳନ କର।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) ବସନ୍ତ

୨. (ଗ) ଅମ୍ବର

୩. (ଘ) ସୂର୍ଯ୍ୟଙ୍କ ପାଦତଳେ ପ୍ରଣାମ ଜଣାଉଥିଲେ

୪. (ଘ) ସୂର୍ଯ୍ୟ

୫. (କ) ପୂର୍ବଦିଗ

୬. (କ) ଅନୁରାଗ

୭. (ଗ) ପ୍ରେମ

୮. (ଖ) ବିରହ ବିଷ

୯. (ଘ) ଗୋଧୂଳିକାଳ

୧୦. (ଗ) ମର୍ଯ୍ୟାଦା

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର

୧. ବିଦାୟର ଆୟୋଜନ ଲାଗିଛି ।

୨. ସଂଧ୍ୟାକାଳରେ ପକ୍ଷୀ ଦଳଦଳ ହୋଇ ଉଚ୍ଚ କରୁଣ ଗାନରେ ରତ ଥିଲେ ।

୩. ତରୁଗିରିଙ୍କ ଶିରରେ ସୂର୍ଯ୍ୟ ହେମବରଣୀ ପାଟ ଦେଇଥିଲେ ।

୪. ସୂର୍ଯ୍ୟାସ୍ତ କାଳର ପ୍ରାଚ୍ୟ ଦିଗ ପ୍ରତି ନିଜର ସ୍ନିଗ୍ଧ କନକ କିରଣ ପ୍ରଦର୍ଶନ କରି ନିଜର ସ୍ନେହ ଆଦର ପ୍ରଦର୍ଶନ କରିଥାନ୍ତି ।

୫. ସୂର୍ଯ୍ୟଙ୍କର ଲାସ୍ୟଭରା ହସରେ ଗୁରୁବିଷାଦ ରେଖା ପ୍ରକଟନ ହିଁ କେବଳ ଅନୁଭବୀ ନେତ୍ରରେ ଦେଖାଯାଏ ।

୬. ଏ ଜଗତର ସବୁ ଜଡ଼ ଓ ଚେତନ ପ୍ରୀତି ପାଖରେ ବନ୍ଧା ବୋଲି ବର୍ଣ୍ଣନା କରାଯାଇଛି ।

୭. ବାହାରେ ରହି କବି ପ୍ରଣୟ ପ୍ରଭାବ ଦେଖିବେ ବୋଲି ବର୍ଣ୍ଣନା କରିଛନ୍ତି ।

୮. ସୁନ୍ଦର ସରୋଜ ଚରଣରେ ସର୍ପର ଉପସ୍ଥିତିକୁ ବିପରୀତ ସ୍ଥିତି ବୋଲି କବି କହିଛନ୍ତି ।

୯. ଅନୁରକ୍ତ ଭୃତ୍ୟ ସହିତ ତୁଳନା କରିଛନ୍ତି ।

୧୦. ବିଶ୍ୱ ପ୍ରକୃତିରେ ସମାନ ହୃଦ୍-ବେଦନା ଦେଖିଲେ ସାନ୍ତ୍ୱନା ଆସିବ ବୋଲି ବର୍ଣ୍ଣିତ ।

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ।

**ଏ ସମସ୍ତ ପ୍ରଶ୍ନର ଉତ୍ତର ଲେଖିଲାବେଳେ କବିତା - "ବନ୍ଦୀର ବିରହବ୍ୟଥା", କବି - ଗୋପବନ୍ଧୁ ଦାଶ।**

୧. ମଧୁର ବସନ୍ତରତୁ ଏକ ଦିନାନ୍ତରେ ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ଯିବାକୁ ଏଠାରେ କବି ବିଦାୟର ଆୟୋଜନ ବୋଲି ବର୍ଣ୍ଣନା କରିଛନ୍ତି।

୨. ତରୁଗିରିଙ୍କର ପ୍ରଲମ୍ବିତ ଛାୟା ସୂର୍ଯ୍ୟଙ୍କୁ ପ୍ରଣତ ହେଲା ଭଳି ପ୍ରତୀତ ହେଉଛି ବୋଲି ବର୍ଣ୍ଣିତ।

୩. ସମୀରଣର ମୃଦୁ ମର୍ମର ଧ୍ୱନିରେ ଅସ୍ପଷ୍ଟରେ ସୂର୍ଯ୍ୟ ଏହା 'ପ୍ରାଚୀ'କୁ କହୁଛନ୍ତି ବୋଲି ବର୍ଣ୍ଣିତ।

୪. 'ପ୍ରଣୟ ପୀୟୂଷରେ ବିରହ-ବିଷର ମିଶ୍ରଣ କ'ଣ ବିଧି ଆଶିଷ କି' ବୋଲି କବି ପ୍ରଶ୍ନ କରିଛନ୍ତି।

୫. ପ୍ରିୟଜନ ଓ ପ୍ରିୟସ୍ଥାନ ଛାଡ଼ି ଏଠାରେ ବନ୍ଦୀ ହୋଇ ରହିବାର ବିଷମ ବିଷ କବି ପ୍ରାଣକୁ ଆଚ୍ଛନ୍ନ କରିଛି ବୋଲି ବର୍ଣ୍ଣିତ।

୬. ଯମଦୂତର ହୃଦୟରେ କରୁଣା କାହୁଁ ବସିବ ବୋଲି ସ୍ୱଗୋତୋକ୍ତି କରି କବି ବିଳରେ ପ୍ରବେଶ କରିବାକୁ ପ୍ରସନ୍ଦ କରିଛନ୍ତି।

## (ଘ) ଏ ବର୍ଗର ପ୍ରଶ୍ନର ଉତ୍ତର ଦେଲାବେଳେ - ଆରମ୍ଭରେ ଲେଖା ଓ ଲେଖକଙ୍କ ସମ୍ପର୍କରେ ସୂଚନା ରହିବ।

**(ବିଷୟ - "ବନ୍ଦୀର ବିରହ ବ୍ୟଥା", କବି - ଗୋପବନ୍ଧୁ ଦାସ)**

୧. ମଧୁର ବସନ୍ତକାଳୀନ ସଂଧ୍ୟାକାଳ। ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତାଚଳଗାମୀ। ଆକାଶ ନାନା ରଙ୍ଗର ଚନ୍ଦ୍ରାତାପ ଭଳି ସୁସଜ୍ଜିତ। ନୀଡ଼ ଫେରନ୍ତା ପକ୍ଷୀଙ୍କର କରୁଣଗାନରେ ବାୟୁମଣ୍ଡଳ ମୁଖରିତ। ତରୁଗିରିଙ୍କ ପ୍ରଲମ୍ବିତ ଛାୟା ସୂର୍ଯ୍ୟଙ୍କ ନିକଟରେ ପ୍ରଣତ ହେଲା ଭଳି ପ୍ରତୀତ। ଅସ୍ତ ସୂର୍ଯ୍ୟଙ୍କର ସୁନେଲି କିରଣରେ ଗିରିଚୂଡ଼ା ଏବଂ ତରୁ ଶୀର୍ଷ ସୁନେଲି ରଙ୍ଗଧାରଣ କରିଛି। ଜଣାଯାଉଛି ସତେ ଯେମିତି ସମ୍ରାଟ ନିଜର ଅନୁରକ୍ତ ଭୃତ୍ୟମାନଙ୍କ ମସ୍ତକରେ ହେବବରଣୀ ପାଟ ବାନ୍ଧି ଦେଇଛନ୍ତି। ସୂର୍ଯ୍ୟଙ୍କର କିରଣ ପ୍ରାଚ୍ୟ ନଭକୁ ମଧ ଆଚ୍ଛନ୍ନ କରିଦେଇଛି।

୨. ସଂଧ୍ୟାକାଳରେ ଅସ୍ତାଚଳରେ ରବି ଆସୀନ। ତାଙ୍କର କନକ କିରଣ ପ୍ରାଚୀଦିଗ ଯାଏ ପ୍ରଲମ୍ବିତ। ପ୍ରାଚୀ ନଭ ସେଇ ଅପୂର୍ବ ବର୍ଣ୍ଣବିଭାରେ ରଞ୍ଜିତ। ଏଇ କନକ କିରଣରେ ରଞ୍ଜିତ କରି ରବି ନିଜର ସ୍ନେହ ଆଦର ପ୍ରକାଶ କରିଛନ୍ତି। ଏବଂ ସମୀରଣର ମୃଦୁ ପ୍ରବହମାନତା ମାଧ୍ୟମରେ କବି ବିଚାର କରୁଛନ୍ତି ଯେ ସେ ପ୍ରାଚୀଦିଗକୁ ଆଶ୍ୱାସନା ଦେଇ କହୁଛନ୍ତି - ଦୁଃଖିତ ହୁଅ ନାହିଁ। ମୁଁ ଅଚିର ଫେରି ଆସିବି।"

୩. କବିତାରେ ସିପାହୀକୁ ଯମଦୂତ ବୋଲି କୁହାଯାଇଛି। ବିଶ୍ୱାସ ଅନୁସାରେ କେବଳ ଯମଙ୍କ ନିର୍ଦ୍ଦେଶରେ ଯମଦୂତମାନେ କାର୍ଯ୍ୟ କରିଥା'ନ୍ତି। ସେମାନଙ୍କ ନିକଟରେ ବ୍ୟକ୍ତିଗତ ନିଷ୍ପତ୍ତି, କିମ୍ବା ଅନ୍ୟ କାହାରି ଗୁହାରୀର କିଛି ମୂଲ୍ୟ ନ ଥାଏ। ସେହିପରି ଦ୍ୱାରରକ୍ଷୀ ବା ସିପାହୀ ନିୟମରେ ବନ୍ଧା। ସଂଧ୍ୟା କାଳୀନ ଶୋଭାମୟ ପୃଥିବୀକୁ ଆଉ ଘଡ଼ିଏ ଉପଭୋଗ କରିବାର କବିଙ୍କର ଅନୁରୋଧ ଯେ ନିଷ୍ଫଳ ହେବ ଏହି କାରଣରୁ କବି ତାକୁ ଯମଦୂତ ରୂପେ ବର୍ଣ୍ଣନା କରିଛନ୍ତି।

## (ଡ) ୧୫୦ ଶବ୍ଦରେ ଉତ୍ତର ଦେବାକୁ ହେବ। ଆରମ୍ଭରେ କବି ଓ କବିତା ସମ୍ପର୍କରେ ସୂଚନା ରହିବ।

୧. କବିତା – 'ବନ୍ଦୀର ବିରହ ବ୍ୟଥା', କବି – ଗୋପବନ୍ଧୁ ଦାସ

ଦେଶ ପାଇଁ କାରାରୁଦ୍ଧ ହୋଇଥିବାର ଅବକାଶରେ ବସନ୍ତର ମଧୁର ସଂଧ୍ୟାକାଳୀନ ପ୍ରାକୃତିକ ଶୋଭା ସୌନ୍ଦର୍ଯ୍ୟ ଭିତରେ କବି ଏକ ଚିରନ୍ତନ ସତ୍ୟର ଉପଲବ୍ଧି କରିଛନ୍ତି। ଅସ୍ତାଚଳସ୍ଥିତ ରବିଙ୍କର ଲୋହିତ କିରଣରେ ପୂର୍ବାଶା ରଞ୍ଜିତ। ବିଦାୟ ମୁହୂର୍ତ୍ତର ଅନୁରାଗ ଏ ରଙ୍ଗ। ତରୁଗିରଙ୍କର ପ୍ରଲମ୍ବିତ ଛାୟା ସେଗୁଡ଼ିକର ପ୍ରଣତ ହେବାର ଭଙ୍ଗୀର ସୂଚକ। ତରୁ ଗିରିଶୀର୍ଷକୁ ସ୍ପର୍ଶ କରିଥିବା କନକ ସୂର୍ଯ୍ୟ କିରଣର ଶୋଭା କବିଙ୍କ ଚେତନାରେ ବଶମ୍ବଦ ଭୃତ୍ୟଙ୍କ ଶିରରେ ଗୁଣଗ୍ରାହୀ ସମ୍ରାଟଙ୍କର ପାଗ ବନ୍ଧନର ଦୃଶ୍ୟ ଉଦ୍‌ଭାସିତ କରୁଛି। ପକ୍ଷୀଙ୍କର କଳରବରେ କରୁଣଧ୍ୱନି କେବଳ ବିରହ ବିଚ୍ଛେଦର କାହାଣୀର ହିଁ ଉଦ୍‌ଘାତକ।

କିନ୍ତୁ ଏ ବିରହ ଯେ କ୍ଷଣିକ, କେତେ ମୁହୂର୍ତ୍ତ ଅତିକ୍ରାନ୍ତ ହୁଅନ୍ତେ ଯେ ସୂର୍ଯ୍ୟ ପୁନଶ୍ଚ ପ୍ରାଚୀ ଦିଗନ୍ତର କୋଳଭୂଷିତ କରିବେ, ଏଇ ଆଶ୍ୱାସନା ପବନର ପ୍ରବହମାନତାର ସ୍ୱରରେ ହିଁ ପ୍ରଦତ୍ତ ହୋଇଛି କବି କଲମରେ।

ଗୋଟିଏ ଦିଗରେ ପ୍ରକୃତିରେ ବିଚ୍ଛେଦ ଲୀଳାର ମଧୁର ଅବତାରଣା, ମିଳନ ଓ ବିରହର ମିଶାମିଶି ପରିବେଶ ଭିତରେ ବିଧାତାଙ୍କ ଅପୂର୍ବ ନିର୍ଦ୍ଦେଶ – ଏବଂ ବ୍ୟକ୍ତି ଜୀବନରେ ପ୍ରିୟଜନଙ୍କ ଠାରୁ ପ୍ରିୟସ୍ଥାନ ଠାରୁ ଦୂରେଇ ରହିବାର ପୀଡ଼ାଦାୟକ ସ୍ମୃତି ଅନୁଭବ କବିଙ୍କର କବିତାକୁ ଅତ୍ୟନ୍ତ ଚମତ୍କାର କରି ପ୍ରକାଶିତ କରିଛି।

୨. କବିତା – 'ବନ୍ଦୀର ବିରହ ବ୍ୟଥା', କବି – ଗୋପବନ୍ଧୁ ଦାସ

କାରାଗୃହରେ ଜୀବନ କାଟିବା ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ହୁଏ। ବାହାରେ ସମୟ କାଟିବା ମୁହୂର୍ତ୍ତରେ ପ୍ରାକୃତିକ ଶୋଭାକୁ ଅବଲୋକନ କରି କବିଙ୍କର ଭାବାବେଶ ଜାଗ୍ରତ ହୋଇଛି। ବସନ୍ତ ସମୟ, ସାୟାହ୍ନ, ବିଦାୟର ଆୟୋଜନ ଲାଗିଛି। ବିଚିତ୍ର ରଙ୍ଗରେ ରଞ୍ଜିତ ଆକାଶ। ପକ୍ଷୀଙ୍କର କଳରବରେ ଦିଗବିଦିଗ ମୁଖରିତ। ତରୁଗିରି ଛାୟାବିସ୍ତାର କରି ପ୍ରଣତପ୍ରାୟ। ସେମାନଙ୍କ ଶିରରେ ହେମବରଣ ପାଟ ଦେଲା ଭଳି ପ୍ରତୀୟମାନ। ଅସ୍ତାଚଳରେ ବସି ରହୁଥିବା ରବି କିରଣରେ ପ୍ରାଚ୍ୟଦିଗ ଅନୁରାଗ ରଞ୍ଜିତ। ମୃଦୁ ମନ୍ଦ ସମୀରଣ। ଏ ସମସ୍ତ ପରିବେଶକୁ ଉପଭୋଗ କରିବା ପାଇଁ ସମୟର ନିର୍ଦ୍ଦିଷ୍ଟତା ନ ଥାଏ। ମାତ୍ର ବନ୍ଦୀ ଜୀବନର ଭ୍ରମଣ ସ୍ୱାଧୀନତା ତ ନ ଥାଏ। ତେଣୁ ଏ ଛବିକୁ ମନଭରି ଉପଭୋଗ କରିବା ପାଇଁ ସିପାହୀକୁ ଦଣ୍ଡେ ଅପେକ୍ଷା କରିବାକୁ କହିଛନ୍ତି। ବାହାରେ ତାଲା ନ ଦେଇ ମୁକ୍ତ ପରିବେଶକୁ ଭୋଗ କରିବାର ଲୋଭ କରିଛନ୍ତି କବି। କାରାକକ୍ଷରେ ଅବରୋଧ କରିବାର ସମୟ ଗୋଧୂଳି କାଳ। ଏବେ ତ ବେଳ ରତ ରତ। ଆଉ କିଛି ସମୟ କାରା ପ୍ରାଙ୍ଗଣରେ ବିଚରଣ କରିବାର ମାନସିକ ଭାବ ପ୍ରବଣତା ନିକଟରେ ମର୍ଯ୍ୟାଦା ରୂପି ବିଚରଣଶୀଳତା ଅଧିକ ବଳବତ୍ତର ହୋଇଛି। ତେଣୁ ସୀପାହୀଙ୍କୁ କର୍ତ୍ତବ୍ୟନିଷ୍ଠ ଯମଦୂତ ସହିତ ତୁଳନା କରି କବି କାରାକକ୍ଷରେ ବିଶ୍ରାମ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ବାର୍ତ୍ତା

## ସଚ୍ଚିଦାନନ୍ଦ ରାଉତରାୟ

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. 'ବାର୍ତ୍ତା' କବିତାର କବି କିଏ ?**

(କ) ଅନନ୍ତ ପଟ୍ଟନାୟକ

(ଖ) ରବି ସିଂ

(ଗ) ରାଧାମୋହନ ଗଡ଼ନାୟକ

(ଘ) ସଚ୍ଚିଦାନନ୍ଦ ରାଉତରାୟ

**୨. 'ବାର୍ତ୍ତା' କବିତାଟି କବିଙ୍କର କେଉଁ କବିତା ପୁସ୍ତକରୁ ସଂଗୃହୀତ ?**

(କ) ଅଭିଯାନ (ଖ) ରକ୍ତଶିଖା

(ଗ) ପାଣ୍ଡୁଲିପି (ଘ) ପାଥେୟ

**୩. ଦୂତ ଭବିଷ୍ୟତର ବାର୍ତ୍ତା କେଉଁଠାରୁ ଆଣିଅଛି ?**

(କ) ଶତାବ୍ଦୀର ସିଂହାସନରୁ

(ଖ) ଶତାବ୍ଦୀର ସିଂହଦ୍ୱାରରୁ

(ଗ) ଶତାବ୍ଦୀର ମୁଖଶାଳାରୁ

(ଘ) ଶତାବ୍ଦୀର ମନ୍ଦିରରୁ

**୪. ଲୌକିକ ଜ୍ଞାନକୁ ଧରି ଜାଗ୍ରତ ହେବାପାଇଁ କବି କାହାକୁ ପରାମର୍ଶ ଦେଇଛନ୍ତି ?**

(କ) ଦେବତାଙ୍କୁ (ଖ) ମାନବ ଶିଶୁକୁ

(ଗ) ରାକ୍ଷସଙ୍କୁ (ଘ) ଯକ୍ଷଙ୍କୁ

**୫. ମାନବ ଶିଶୁ କାହାର ପ୍ରତିଶୋଧ ନେବା ପାଇଁ କବି ଆହ୍ୱାନ କରିଛନ୍ତି ?**

(କ) ହୀନ ଦାସତ୍ୱର (ଖ) ଆନନ୍ଦର

(ଗ) ଦେବତାର (ଘ) ମୁକ୍ତିର

**୬. ଦୀପ୍ତ କଣ୍ଠରେ କ'ଣ ପଚାରିବା ପାଇଁ ସମୟ ଆସିଛି ?**

(କ) ଭବିଷ୍ୟତର କି ଆଶା ଥିଲା

(ଖ) ଜୀବନର କ'ଣ ସମ୍ଭାବନା ଥିଲା

(ଗ) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା

(ଘ) ମଣିଷ କାହିଁକି ଆଖିକୁ ବିଶ୍ୱାସ କରୁଥିଲା

**୭. ଦେବତାର ବର ଶତାବ୍ଦୀର ସିଂହଦ୍ୱାରରୁ କିଏ ଆଣିଛି ?**

(କ) ମେଘ (ଖ) ଦୂତ

(ଗ) ପାରା (ଘ) ଡାକବାଲା

**୮. ଦଗ୍ଧ ଓ ଭସ୍ମ ହେବା ପାଇଁ କବି କାହାକୁ କହିଛନ୍ତି ?**

(କ) ମନୁଷ୍ୟ ପୁତ୍ରକୁ (ଖ) ଦେବତାଙ୍କୁ

(ଗ) ରାକ୍ଷସଙ୍କୁ (ଘ) ଅତ୍ୟାଚାରୀଙ୍କୁ

**୯. କବି ମାନବ ପୁତ୍ରକୁ କାହାପରି ପ୍ରତିଶୋଧ ନେବାକୁ କହିଛନ୍ତି ?**

(କ) ଶ୍ୱାନପରି (ଖ) ଶ୍ୟେନପରି

(ଗ) ସିଂହପରି (ଘ) ବ୍ୟାଘ୍ରପରି

**୧୦. ମାନବ ଶିଶୁର ମହାଧର୍ମ କ'ଣ ବୋଲି କବି କହିଛନ୍ତି ?**

(କ) ଶ୍ରେଣୀ-ଚେତନା

(ଖ) ସମାଜ- ବିଭାଜନ

(ଗ) ମାଲିକ ପ୍ରତି ଆନୁଗତ୍ୟ

(ଘ) ଅନ୍ୟର ଦାସତ୍ୱ

**୧୧. କବି କାହାର ଜୟ ଲାଭ କରୁ ବୋଲି କହିଛନ୍ତି ?**

(କ) ଉତ୍ପୀଡ଼ନର ସାଧନା

(ଖ) କ୍ରୁସର ସାଧନା

(ଗ) ଶିକ୍ଷାର ସାଧନା

(ଘ) ତତ୍ତ୍ୱଜ୍ଞାନର ସାଧନା

**୧୨. ବାର୍ତ୍ତା କବିତାରେ କବି ନିଷ୍ପେଷିତ ମଣିଷମାନଙ୍କୁ କେଉଁ ସ୍ୱପ୍ନ ଦେଖାଇଛନ୍ତି ?**

(କ) ଦାସତ୍ୱର

(ଖ) ମୁକ୍ତିର

(ଗ) ପୀଡ଼ନର

(ଘ) ବନ୍ଧନର

## ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

**(ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।**

୧. ବାର୍ତ୍ତା କବିତାଟି କବି ସଚ୍ଚିଦାନନ୍ଦ ରାଉତରାୟଙ୍କର _______ କବିତା ପୁସ୍ତକରୁ ସଂଗୃହୀତ ।

୨. ଶତାବ୍ଦୀର ସିଂହଦ୍ୱାରରୁ ଦୂତ _______ ସମୟର ବାର୍ତ୍ତା ଆଣିଅଛି ।

୩. କବି ମାନବ ଶିଶୁକୁ _______ ଜ୍ଞାନ ଧରି ଜାଗ୍ରତ ହେବା ପାଇଁ କହିଛନ୍ତି ।

୪. ଯୁଗବ୍ୟାପୀ ହୀନ ଦାସତ୍ୱର _______ ନେବାପାଇଁ କହିଛନ୍ତି ।

୫. _______ ମାନବ ଆତ୍ମାକୁ ଯୁଗଯୁଗଧରି ପୀଡ଼ା ଦେଇଅଛି ।

୬. ଦେବତାର ବର ସିଂହଦ୍ୱାରରୁ _______ ଆଣିଅଛି ।

୭. _______ ସମ ନିଷ୍ପେଷିତ ହେଉଅଛି ।

୮. ମନୁଷ୍ୟ ପୁତ୍ରକୁ _______ ପରି ପ୍ରତିଶୋଧ ନେବାକୁ କହିଛନ୍ତି ।

୯. _______ ମାନବ ଶିଶୁର ମହାଧର୍ମ ।

୧୦. _______ ର ଧନ୍ୟ ହେଉ ବୋଲି କବି କହିଛନ୍ତି ।

୧୧. _______ ର ସାଧନା ଜୟ ଲାଭକରୁ ବୋଲି କବି କହିଛନ୍ତି ।

**(ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ଦୂତ କାହାର ବାର୍ତ୍ତା ନେଇ ଆସଅଛି ?

୨. ଦୂତ କେଉଁଠାରୁ ଭବିଷ୍ୟତର ବାର୍ତ୍ତା ନେଇ ଆସିଛି ?

୩. ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା ଧରି କିଏ ଆସିଛି ?

୪. ବାର୍ତ୍ତା କବିତାଟି କବିଙ୍କର କେଉଁ କବିତା ପୁସ୍ତକରୁ ସଂଗୃହୀତ ?

୫. କାହାର ପ୍ରତିଶୋଧ ନେବା ପାଇଁ ମାନବ ଶିଶୁକୁ କବି କହିଛନ୍ତି ?

୬. କିଏ ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ ଆସିଛି ?

୭.  ଭୀମ ଅତ୍ୟାଚାର ଯୁଗ ଯୁଗ ଧରି କାହାର ଆତ୍ମାକୁ ପୀଡ଼ାଦେଇଛି ?

୮.  ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଅଛି ?

୯.  ଦଗ୍‌ଧ ଓ ଭସ୍ମ ହୁଅ ବୋଲି କବି କାହାକୁ କହିଛନ୍ତି ?

୧୦.  କିଏ କୀଟ ସମ ନିଷ୍ପେଷିତ ହେଉଛନ୍ତି ?

୧୧.  କବି କେଉଁ ରଶ୍ମି ଲାଭ କରିବାକୁ କହିଛନ୍ତି ?

୧୨.  କବି କାହାର ଉଚ୍ଛେଦ କରିବାକୁ କହିଛନ୍ତି ?

୧୩.  ଶ୍ୟେନପରି କଣ ନେବାପାଇଁ ମାନବ ପୁତ୍ରକୁ କହିଛନ୍ତି ?

୧୪.  ଶ୍ରେଣୀ-ଚେତନାର ଦୀକ୍ଷା କାହା ମଧ୍ୟରୁ ଗ୍ରହଣ କରିବାକୁ କବି କହିଛନ୍ତି ?

୧୫.  କ୍ରୁସର ସାଧନାର କଣ ହେବ ବୋଲି କବି କହିଛନ୍ତି ?

୧୬.  କିଏ ଧନ୍ୟ ହେଉ ବୋଲି କବି କହିଛନ୍ତି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଘ) ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି । ଦୁଇଟି ବାକ୍ୟରେ ଉତ୍ତର ଦିଅ । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧.  ଶତାବ୍ଦୀର ସିଂହଦ୍ୱାରରୁ କିଏ, କ'ଣ ବାର୍ତ୍ତା ନେଇ ଆସିଛି ?

୨.  କେଉଁ ବିଷୟରେ ପଚାରିବା ପାଇଁ ଆଜି ସମୟ ଆସିଛି ?

୩.  କେଉଁ ବିଷୟରେ କୈଫୟତ ମାଗିବାର ଆଜି ବେଳ ଆସିଛି ବୋଲି କବି କହିଛନ୍ତି ?

୪.  କବି ମନୁଷ୍ୟ ପୁତ୍ରକୁ ଦଗ୍‌ଧ ହେବାପାଇଁ କାହିଁକି କହିଛନ୍ତି ?

୫.  'ଉତ୍ପୀଡ଼ନର ଜୟ ହେଉ' କହିବା ପଛରେ କବିଙ୍କ ଉଦ୍ଦେଶ୍ୟ କ'ଣ ?

୬.  ଶ୍ୟେନର ପ୍ରତିଶୋଧକୁ କବି ମହାଧର୍ମ ଆଖ୍ୟା କାହିଁକି ଦେଇଛନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଚ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ରଖାଯାଇଛି ।**

୧.  'ବାର୍ତ୍ତା' କବିତା ଏକ ସାମ୍ୟବାଦ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ - ବର୍ଣ୍ଣନା କର ।

୨.  ଏକ ଶ୍ରେଣୀ ହୀନ ଓ ଶୋଷଣ ମୁକ୍ତ ସମାଜ ଗଠନର ସନ୍ଦେଶ 'ବାର୍ତ୍ତା' କବିତା ବହନ କରେ - ଆଲୋଚନା କର ।

୩.  'ଜୟ ଲଭୁ କ୍ରୁସର ସାଧନା' ଉକ୍ତିରେ ସମଗ୍ର କବିତାର ଭାବ କିପରି ପ୍ରତିଫଳିତ - ବର୍ଣ୍ଣନା କର ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଘ) ସଚ୍ଚିଦାନନ୍ଦ ରାଉତରାୟ

୨. (ଗ) ପାଣ୍ଡୁଲିପି

୩. (ଖ) ଶତାବ୍ଦୀର ସିଂହଦ୍ୱାରରୁ

୪. (ଖ) ମାନବ ଶିଶୁକୁ

୫. (କ) ହୀନ ଦାସତ୍ୱର

୬. (ଗ) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା

୭. (ଖ) ଦୂତ

୮. (କ) ମନୁଷ୍ୟ ପୁତ୍ରକୁ

୯. (ଖ) ଶ୍ୟେନପରି

୧୦. (କ) ଶ୍ରେଣୀ-ଚେତନା

୧୧. (ଖ) କ୍ରୁସର ସାଧନା

୧୨. (ଖ) ମୁକ୍ତିର

## (ଖ) ଶୂନ୍ୟସ୍ଥାନ ପୂରଣ ପ୍ରଶ୍ନୋତ୍ତର

୧. ପାଣ୍ଡୁଲିପି

୨. ଭବିଷ୍ୟର

୩. ଲୌକିକ

୪. ପ୍ରତିଶୋଧ

୫. ଭୀମ ଅତ୍ୟାଚାର

୬. ଦୂତ

୭. କୀଟ

୮. ଶ୍ୟେନ

୯. ଶ୍ରେଣୀ-ଚେତନା

୧୦. ଉତ୍ପୀଡ଼ନ

୧୧. କ୍ରୁସ

## (ଗ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର

୧. ଭବିଷ୍ୟତର

୨. ସିଂହଦ୍ୱାରରୁ

୩. ଦୂତ

୪. ପାଣ୍ଡୁଲିପି

୫. ହୀନ ଦାସତ୍ୱର

୬. ସମୟ

୭. ମାନବପୁତ୍ର

୮. ଦେବତାର

୯. ମନୁଷ୍ୟପୁତ୍ରକୁ

୧୦. ମନୁଷ୍ୟପୁତ୍ର

୧୧. ଜ୍ଞାନ

୧୨. ପୀଡ଼ନ କାରଣ ଯିଏ

୧୩. ପ୍ରତିଶୋଧ

୧୪. ଭସ୍ମ ମଧ୍ୟରୁ

୧୫. ଜୟ

୧୬. ଉତ୍ପୀଡ଼ନ

## (ଘ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର (୩୦ଟି ଶବ୍ଦରେ ଉତ୍ତର ଲେଖ)

୧. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ଯୁଗେ ଯୁଗେ ପୁଞ୍ଜିପତିମାନଙ୍କ ଦ୍ୱାରା ସମାଜର ଖଟିଖିଆ ମଣିଷ ଶୋଷଣର ଶିକାର ହୋଇଛନ୍ତି – ଭବିଷ୍ୟତର ସାମ୍ୟବାଦୀ ସମାଜର ଆହ୍ୱାନର ବାର୍ତ୍ତା – ମେହନତି ମଣିଷର ସଚେତନ ହେବାର ବାର୍ତ୍ତା ନେଇ ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଆସିବାର ବର୍ଣ୍ଣନା ରହିବ।

୨. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ମାନବ ପୁତ୍ର ଦୃଢ଼ ରୂଢ଼ ହେବା – ଯୁଗବ୍ୟାପୀ ହୀନ ଦାସତ୍ୱର ବିଲୋପ – ଲୌହ ଶୃଙ୍ଖଳ ଓ କାରାଗାର କାହାପାଇଁ ଥିଲା ପଚାରିବାର ବର୍ଣ୍ଣନା

୩. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ଯୁଗଯୁଗ ଧରି ସାଧାରଣ ମଣିଷ ଶୋଷିତ ହେବା – ଲୌହ ଶୃଙ୍ଖଳ ଓ କାରାଗାର ମଧ୍ୟରେ ଜୀବନ ବିତାଇବା – ବିନାକାରଣରେ ଭୀମ ଅତ୍ୟାଚାର ଯାହା ମାନବ ଆତ୍ମାକୁ ପୀଡ଼ା ଦେଇଛିର ବର୍ଣ୍ଣନା ରହିବ।

୪. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ଧ୍ୱଂସ ଅବଶେଷ ମଧ୍ୟରୁ ନୂତନର ସୃଷ୍ଟି ହିଁ ସମ୍ଭବ। ପୁରୁଣା ବିଶ୍ୱାସ ଓ ଚଳଣିର ବିଲୋପ ଘଟିଲେ ନୂତନ ସମ୍ଭାବନା ସୃଷ୍ଟି ହୁଏ। ଯୁଗବ୍ୟାପୀ ଅତ୍ୟାଚାର ଓ ଶୋଷଣରୁ ମୁକ୍ତି ପାଇ ମାନବର ନବଜନ୍ମ ହେବ ବୋଲି କବି କହିଛନ୍ତି।

୫. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ସମାଜରେ ଅନେକ ଦିନ ବ୍ୟାପି ମଣିଷ ପୀଡ଼ା ପାଇଲେ ତା'ର ଅନ୍ତରରେ ବିପ୍ଳବର ସ୍ୱର ସୃଷ୍ଟି ହୁଏ। ତେଣୁ ଉତ୍ପୀଡ଼ନ ହେଉଛି ବିପ୍ଳବର ଜନନୀ। ଶୋଷିତ ଓ ପୀଡ଼ିତ ମଣିଷ ନିଜର ହକ୍ ପାଇଁ ବିପ୍ଳବ କରେ। ତେଣୁ ଉତ୍ପୀଡ଼ନର ଜୟ ହେଉ ବୋଲି କବି କହିଛନ୍ତି।

୬. କବିତା – ବାର୍ତ୍ତା, କବି – ସଚ୍ଚିଦାନନ୍ଦ ରାଉତରାୟ

ଶୋଷିତ ମଣିଷକୁ ଶ୍ୟେନ ବା ଛଞ୍ଚାଣ ପରି ପ୍ରତିଶୋଧ ନେବାପାଇଁ ଆହ୍ୱାନ କରାଯାଇଛି। ସଂଗ୍ରାମଦ୍ୱାରା ମଣିଷ ଯୁଗଯୁଗ ବ୍ୟାପି ଶୋଷଣ ଓ ପୀଡ଼ନର ଅନ୍ତ ଘଟାଏ। ଶ୍ୟେନ ଯେପରି ତା'ର ଶାଣିତ ଥଣ୍ଟ ଓ ନଖରେ ଆକ୍ରମଣ କରେ, ଶୋଷିତ ମଣିଷ ସେହିପରି ପ୍ରତିଶୋଧ ନେବାର ଆହ୍ୱାନ କବି ଦେଇଛନ୍ତି।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. କବିଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ୪/୫ଟି ବାକ୍ୟରେ ଆଲୋଚ୍ୟ – ପରିବର୍ତ୍ତନ ସ୍ୱର ସମୟର ଆହ୍ୱାନ – ଶାସକ ଓ ଶୋଷକ ବିରୁଦ୍ଧରେ ବିଦ୍ରୋହ ଘୋଷଣା – ଶୋଷକ ଶାସନର ବିଲୁପ୍ତି – ଶ୍ରେଣୀହୀନ ମଣିଷ ସମାଜର ପ୍ରତିଷ୍ଠା ବର୍ଣ୍ଣନା ରହିବ।

୨. କବିଙ୍କ କୃତି ଓ କୃତିତ୍ୱ ସଂକ୍ଷେପରେ ଆଲୋଚନା– ଶୋଷିତ – ସର୍ବହରାର ପ୍ରତିନିଧି କାଳ – ପୁଞ୍ଜିପତି ଶାସନର ବିଲୋପ ବର୍ଣ୍ଣନା – ସର୍ବହରାର ବିଜୟ – ସାମ୍ୟବାଦୀ ଶାସନର ପ୍ରତିଷ୍ଠା – କବିଙ୍କ ଆଭିମୁଖ୍ୟ ସୂଚନା।

୩. କବିଙ୍କ କୃତି ଓ କାକତ୍ୱ ସମ୍ପର୍କରେ ସଂକ୍ଷିପ୍ତ ସୂଚନା– ଯୁଗଯୁଗ ଧରି ପୀଡ଼ନର ଶିକାର ହୋଇଥିବା ସର୍ବହରାଙ୍କୁ ଜାଗ୍ରତ ହେବାପାଇଁ ଆହ୍ୱାନ – ଅତୀତର ସର୍ବହରାମାନଙ୍କ ଆତ୍ମବଳୀ ଦାନରୁ ଶିକ୍ଷା – କର୍ତ୍ତାମାନଙ୍କୁ ସାମ୍ନା କରିବା – ପ୍ରତିଶୋଧ ନେଇ ନିଜର ନ୍ୟାଯ୍ୟ ଦାବୀକୁ ହାସଲ କରିବା – ନିଜର ପ୍ରତିଷ୍ଠା ପାଇଁ ଧ୍ୱଂସର ବିଭୀଷିକାକୁ ଗ୍ରହଣ କରିବାକୁ କବିଙ୍କ ଆହ୍ୱାନର ବର୍ଣ୍ଣନା।

# ପିଙ୍ଗଳାର ଅଭିସାର

## ରାଧାମୋହନ ଗଡ଼ନାୟକ

### ବହୁବିକଳ୍ପମୂଳକ ପ୍ରଶ୍ନ

**(କ) ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ୧ ନମ୍ବର ଦିଆଯିବ ।**

**୧. ପିଙ୍ଗଳା ନିଜକୁ କ'ଣ କହି ନିଜର ପରିଚୟ ଦେଇଛି ?**
(କ) ନବବଧୂ (ଖ) ପଲ୍ଲୀବଧୂ
(ଗ) ନବବଧୂ (ଘ) ବାରବଧୂ

**୨. ରାତିସାରା ବସି କେଉଁ ଶେଯ ଶେଯାଇବ ନାହିଁ ବୋଲି ପିଙ୍ଗଳା ଭାବିଛି ?**
(କ) ଗଦିଶେଯ (ଖ) ସଫାଶେଯ
(ଗ) ଫୁଲଶେଯ (ଘ) କଟକୀଶେଯ

**୩. କେଉଁ ଦୀପ ଜାଳିବ ନାହିଁ ବୋଲି ପିଙ୍ଗଳା ଭାବିଛି ?**
(କ) ଘିଅଦୀପ (ଖ) କେଳିଦୀପ
(ଗ) ସଂଜଦୀପ (ଘ) ମାଟିଦୀପ

**୪. ଆଉ କାହରି ଆଗରେ କେଉଁ ଅଭିନୟ ଦେଖାଇବ ନାହିଁ ପିଙ୍ଗଳା କହିଛି ?**
(କ) ପୀରତିର (ଖ) ବାନ୍ଧବୀର
(ଗ) ନର୍ତ୍ତକୀର (ଘ) ଛଳନାର

**୫. କାହାର ଗର୍ଭରେ ମୁକ୍ତାଫଳ ଫଳିଛି ବୋଲି କୁହାଯାଇଛି ?**
(କ) ଶୁକ୍ତି (ଖ) ସାଗର
(ଗ) ଧରିତ୍ରୀ (ଘ) ଅଗ୍ନି

**୬. କାହାକୁ ତା'ପୁରକୁ ଆସିବ ନାହିଁ ପିଙ୍ଗଳା କହିଛି ?**
(କ) ପ୍ରେମିକ ପ୍ରବର (ଖ) ଧନିକ ନାଗର
(ଗ) ପ୍ରେମିକ ନାଗର (ଘ) ରସିକ ନାଗର

**୭. ପିଙ୍ଗଳାର ଅଙ୍ଗ କିପରି ପୁଲକି ଉଠେ ବୋଲି ବର୍ଣ୍ଣିତ ?**
(କ) କୋରକିତ କେତକୀ ପରି
(ଖ) ପୁଲକିତ ପଦ୍ମ ପରି
(ଗ) ବରଷାର ଦୀପ ପରି
(ଘ) ଶ୍ରାବଣର ଧାରା ପରି

**୮. କିଏ ମଞ୍ଜୁ ମଦିରାବେଶେ ଉଜାଣି ଉଠୁଛି ବୋଲି ପିଙ୍ଗଳା କହିଛି ?**
(କ) ପରାଣ ସଙ୍ଗୀତ (ଖ) ଜୀବନ ପାତ୍ର
(ଗ) ଜୀବନ ଯମୁନା (ଘ) ଜୀବନ ବୀଣା

**୯. କେଉଁ ତଟିନୀର ସମ ଛୁଟିଯିବ ବୋଲି ପିଙ୍ଗଳା ଭାବିଛି ?**
(କ) ମୁକ୍ତଚାରିଣୀ (ଖ) କୂଳପ୍ଲାବିନୀ
(ଗ) ଧୀର ଗାମିନୀ (ଘ) ମନ୍ଦ୍ର ପ୍ରବାହିନୀ

**୧୦. ପିଙ୍ଗଳା କେଉଁ ଦେଶର ନଟୀ ଥିଲା ?**
(କ) ମିଥିଳାର (ଖ) ବିଦେହର
(ଗ) ଅବନ୍ତୀର (ଘ) ଉଜ୍ଜୟିନୀର

**୧୧. ଉଷା ଉଷସୀର ଗଗନରେ କାହାର ରୂପବୀଥି ଦେଖିବ ବୋଲି ପିଙ୍ଗଳା ଆଶା କରିଛି ?**
(କ) ଆକାଶର (ଖ) ଧରିତ୍ରୀର
(ଗ) ନଦୀଧାରର (ଘ) ବନ୍ଧୁଙ୍କର

**୧୨. ଘୃଣ୍ୟ ଜୀବନ ସେବା କରି ପିଙ୍ଗଳା କ'ଣ ସାଜିଥିଲା ବୋଲି ବର୍ଣ୍ଣିତ ?**
(କ) ନଟୀ (ଖ) ବାରବଧୂ
(ଗ) ଉପେକ୍ଷିତା (ଘ) ପତିତା

**୧୩. କାହା ସମ ସୃଷ୍ଟିର ତଳେ ବିଷମ ବିଷ ସୃଜିଲି ବୋଲି କୁହାଯାଇଛି ?**
(କ) କାଳକୂଟସମ (ଖ) ସର୍ପିଣୀସମ
(ଗ) ଅବିଶ୍ୱାସୀସମ (ଘ) ମୃତ୍ୟୁସମ

**୧୪. ପିଙ୍ଗଳା ନିଜର ବନ୍ଧୁ ପତିତପାବନଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛି ?**
(କ) ବିଶ୍ୱ-ପରଶମଣି (ଖ) କଳୁଷହାରକ
(ଗ) ପୂଣ୍ୟସ୍ପର୍ଶଦାୟୀ (ଘ) ପ୍ରିୟତମ

**(ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର ଲେଖ। ପ୍ରତି ଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର।**

୧. ପିଙ୍ଗଳାର ପୀରତିର ଅଭିନୟ କିପରି ଲୋପ ହୋଇଛି ବୋଲି ସେ ସ୍ୱୀକାର କରିଛି ?
୨. କେଉଁଠାରେ ଶତଦଳ ଫୁଟିଅଛି ବୋଲି କବିତାରେ ବର୍ଣ୍ଣିତ ?
୩. ପିଙ୍ଗଳା ନିଜକୁ କ'ଣ କହି ଦୂରକୁ ଯାଉଛି ବୋଲି କହିଛି ?
୪. ଗଗନରେ କିଏ କିଏ ହସୁଥିବାର କୁହାଯାଇଛି ?
୫. ଅଜଣା ଦୂରଦେଶରେ କ'ଣ ବାଜି ଉଠିବାର ବର୍ଣ୍ଣନା କରାଯାଇଛି ?
୬. ସକଳବନ୍ଧନ ତୁଟି ଯାଇଥିବାରୁ କିପରି ଛୁଟିଯିବାକୁ ପିଙ୍ଗଳା ଇଚ୍ଛା କରିଛି ?
୭. ପିଙ୍ଗଳା କେଉଁ ରୂପରେ ଆଜି ଜଗତର ପଥେ ଚାଲିଯିବାକୁ ଚାହିଁଛି ?
୮. ପ୍ରାଣର କଳୁଷକାଳିମାକୁ କିପରି ଧୋଇବ ବୋଲି ପିଙ୍ଗଳା ଭାବିଛି ?
୯. ପିଙ୍ଗଳା କାହାକୁ ଆରତିର ଧୂପ କରି ଜାଳିବ ବୋଲି କହିଛି ?
୧୦. ନିଜ ସମ୍ପର୍କରେ ପିଙ୍ଗଳାର କେଉଁ ସ୍ୱୀକାରୋକ୍ତି ପ୍ରକାଶ ପାଇଛି ?

**(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତି ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ।**

୧. ପିଙ୍ଗଳା ଆଉ ପୀରତିର ଅଭିନୟ କରିବ ନାହିଁ ବୋଲି କାହିଁକି କହିଛି ?
୨. କେଉଁ ଅନୁଭୂତିର ସ୍ପର୍ଶ ପାଇ ପିଙ୍ଗଳା ଆଉ ପୀରତିର ଅଭିନୟ କରିବ ନାହିଁ ବୋଲି ଭାବିଛି ?
୩. ଜୀବନ ପୁଷ୍କରିଣୀରେ ପଙ୍କଜ ବିକଶିତ ହେବାର ଦେଖି ପିଙ୍ଗଳାର କ'ଣ ଲୋଡ଼ାନାହିଁ ବୋଲି କହିଛି ?
୪. ପ୍ରେମର ଧନଙ୍କୁ ଭେଟିବା ପାଇଁ ପଙ୍ଗଳା କିପରି ଛୁଟିଯିବ ବୋଲି ସ୍ୱୀକାର କରିଛି ?
୫. "ମୁକ୍ତ ଭୁବନେ ବୁଲିବି ହରଷେ ମୁକ୍ତ ଆକାଶ ତଳେ" - ପିଙ୍ଗଳାର ଏ ଭାବନାର ତାତ୍ପର୍ଯ୍ୟ କ'ଣ ?
୬. ଚନ୍ଦ୍ର, ତପନ, ଗଗନ, ଭୁବନ ଇତ୍ୟାଦି କାହାର ସାକ୍ଷୀ ରହିଥିବେ ?
୭. ସର୍ପିଣୀସମ ସୃଷ୍ଟି କରିଥିବା ବିଷର କ୍ରିୟା କ'ଣ ଥିଲା ବୋଲି ପିଙ୍ଗଳା ବର୍ଣ୍ଣନା କରିଛି ?
୮. ପତିତପାବନ, ବିଶ୍ୱପରଶମଣି କ'ଣ କରିବେ ବୋଲି ବର୍ଣ୍ଣିତ ?

**(ଘ) ତିରିଶିଟି ଲେଖାଏଁ ଶବ୍ଦରେ ପ୍ରତି ପ୍ରଶ୍ନର ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

୧. ପିଙ୍ଗଳାର ବୈରାଗ୍ୟଭାବ କିପରି ପ୍ରକାଶିତ ହୋଇଛି ?
୨. ପିଙ୍ଗଳାର ମଣିକାଞ୍ଚନମାଳା, ବିଳାସକୁଞ୍ଜ ଇତ୍ୟାଦି କାହିଁକି ଦରକାର ନାହିଁ ବୋଲି ସେ କହିଛି ?
୩. ପିଙ୍ଗଳାର ହୃଦୟକୁ କେଉଁ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମୋହିତ କରିଛି ?
୪. ପରମ ବନ୍ଧୁଙ୍କର ସ୍ପର୍ଶପାଇ ପିଙ୍ଗଳା କିପରି ଅନୁଭବ କରିଛି ?
୫. ଅତୀତରେ ପରିଚୟରୁ ମୁକ୍ତି ପାଇବାର ପିଙ୍ଗଳାର ଅନୁଭୂତି କିପରି ଥିଲା ?

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଲେଖାଏଁ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧. ପିଙ୍ଗଳା ତା'ର ଅଭିବ୍ୟକ୍ତିରେ ରସିକନାଗରଙ୍କୁ ଆସିବା ପାଇଁ ବାରଣ କରିବାରେ କେଉଁ ଯୁକ୍ତି ବାଢ଼ିଛି ? ଆଲୋଚନା କର।
୨. ଦିବ୍ୟ ପରମ ବନ୍ଧୁଙ୍କ ଅବିର୍ଭାବରେ ପିଙ୍ଗଳା ଆଖି ଆଗରେ କେଉଁ ପ୍ରାକୃତିକ ପରିବର୍ତ୍ତନ ଦେଖାଯାଇଛି - ବର୍ଣ୍ଣନା କର।
୩. ଦିବ୍ୟ ସ୍ପର୍ଶର ପ୍ରଭାବରେ ପିଙ୍ଗଳା କ'ଣ କରିବ ବୋଲି ଚିନ୍ତା କରିଛି ?

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ବାରବଧୂ
୨. (ଗ) ଫୁଲଶେଯ
୩. (ଖ) କେଳିଦୀପ
୪. (କ) ପୀରତିର
୫. (କ) ଶୁକ୍ତି
୬. (ଘ) ରସିକ ନାଗର
୭. (ଗ) ବରଷାର ନୀପ ପରି
୮. (ଗ) ଜୀବନ ଯମୁନା
୯. (କ) ମୁକ୍ତଚାରିଣୀ
୧୦. (ଖ) ବିଦେହର
୧୧. (ଘ) ବନ୍ଧୁଙ୍କର
୧୨. (ଘ) ପତିତା
୧୩. (ଖ) ସର୍ପିଣୀସମ
୧୪. (କ) ବିଶ୍ୱ-ପରଶମଣି

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର

୧. ନିଶାର ଅସାର ସ୍ୱପ୍ନ ପରି ଲୋପ ପାଇଛି ।
୨. ପିଙ୍ଗଳାର ଜୀବନ ପଙ୍କ ଉରସରେ ଶତଦଳ ଫୁଟି ଅଛି ।
୩. ବାରବଧୂ ବୋଲି କହି ।
୪. ଗଗନରେ ମୋହନ ଇନ୍ଦୁ ଓ ମୁଗ୍ଧ ତାରା ହସୁଥିବାର କୁହାଯାଇଛି ?
୫. କାହିଁ ଦୂର ଦେଶରେ ମଞ୍ଜୁ ମୁରଲୀ ବାଜି ଉଠିବାର ବର୍ଣ୍ଣନା କରାଯାଇଛି ।
୬. ମୁକ୍ତଚାରିଣୀ ତଟିନୀ ପରି ଛୁଟିଯିବାକୁ ପିଙ୍ଗଳା ଇଚ୍ଛା କରିଛି ।
୭. ପିଙ୍ଗଳା ପ୍ରେମର ସନ୍ନ୍ୟାସିନୀ ସାଜି ଜଗତର ପଥରେ ଚାଲିଯିବାକୁ ଚାହିଁଛି ।
୮. ପିଙ୍ଗଳା କଳୁଷକାଳିମାକୁ ତିକ୍ତ ଲୋତକ ଧାରେ ଧୋଇବାକୁ ଭାବିଛି ।
୯. ଯୌବନ ଧନପୂର୍ଣ୍ଣ ପିଙ୍ଗଳାର ରୂପକୁ ପୀରତି ଅନଳରେ ଜାଳି ପ୍ରିୟ ଲାଗି ଆରତି, ଧୂପ କରିବ ବୋଲି ପିଙ୍ଗଳା କହିଛି ।
୧୦. ପିଙ୍ଗଳା କହିଛି ଯେ ସେ ସରଗର ଅମରକନ୍ୟା – ସେ ହିଁ ନାରୀ ଏବଂ ସେ ହିଁ ଦେବୀ – ଏଇ ବିଶ୍ୱାସ ତା ନିକଟରେ ପ୍ରକାଶିତ ହୋଇଛି ।

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।

**ଏ ସମସ୍ତ ପ୍ରଶ୍ନର ଉତ୍ତର ଲେଖିଲାବେଳେ "କବିତା – ପିଙ୍ଗଳାର ଅଭିସାର – କବି – ରାଧାମୋହନ ଗଡ଼ନାୟକ" ଲେଖିବାକୁ ହେବ ।**

୧. କବିତା – ପିଙ୍ଗଳାର ଅଭିସାର, କବି – ରାଧାମୋହନ ଗଡ଼ନାୟକ

ଫୁଲ ଶେଯ ସଜାଇବା, ଆଉ କାହା ପାଇଁ ରାତିସାରା ଉଜାଗର ରହି କେଳିଦୀପ ଜଳାଇଲା ସବୁ ନିଶାର ଅସାର ସପନ ଭଳି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଥିବା ହେତୁ ପିଙ୍ଗଳା ଆଉ ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ।

୨. ପିଙ୍ଗଳାର ହୃଦୟରେ ଆଜି ମରତପଥର ଅମର ବନ୍ଧୁ ଅନ୍ତର ବିମୋହନଙ୍କର ଦିବ୍ୟ ପରମ ସ୍ପର୍ଶ ଉପଲବ୍ଧ ହୋଇଥିବାରୁ ତାଙ୍କର ପୀରତିର ଅଭିନୟ ଆଉ ଆବଶ୍ୟକ ନାହିଁ ବୋଲି ବର୍ଣ୍ଣିତ ।

୩. ପିଙ୍ଗଳା ହୃଦୟରେ ପଦ୍ମ ବିକଶିତ ହେବାର ଅନୁଭବ କରି ତା'ର ଆଉ ଧନ, ସମ୍ପଦ, ମଣିକାଞ୍ଚନ ମାଳା, ବିଳାସକୁଞ୍ଜ ଓ ଚାରୁଚିତ୍ର ଶାଳା ଦରକାର ନାହିଁ ବୋଲି ସେ ଭାବିଛି ।

୪. ମୁକ୍ତଚାରିଣୀ ତଟିନୀର ସମ ଶତ ବନଗିରି କାନ୍ତାର ଭ୍ରମଣ କରି ପିଙ୍ଗଳା ପ୍ରେମର ଧନକୁ ଭେଟିବ ବୋଲି ସ୍ଥିର କରିଛି ।

୫. ପିଙ୍ଗଳା ସ୍ୱଗୋତୋକ୍ତି କରିଛି ଯେ ସେ ଆଜି ବିଦେହର ନଟୀ ନୁହେଁ କି ବାରବିଳାସିନୀ ନୁହେଁ । ମାତ୍ର ପ୍ରେମର ସନ୍ନ୍ୟାସିନୀ ସାଜି ଜଗତର ପଥରେ ପଥିକା । ତେଣୁ ଏଭଳି ଭାବନା ତା ମନକୁ ଆସିବ ।

୬. ପିଙ୍ଗଳା ଭାବିଛି, ଧରଣୀ ତୃଣ ଶେଯରେ ଶୟନ କରି ଗଗନ ବିତାନକୁ ମୁଗ୍ଧ ନୟନରେ ଚାହିଁ ଚାହି ପ୍ରାଣ ବନ୍ଧୁର ମୁଗ୍ଧ ସପନ ଦେଖୁ ଦେଖୁ ସେ ଆଖି ବୁଜିବ । ଏହାର ହିଁ ଗଗନ, ତପନ, ଚନ୍ଦ୍ର ଇତ୍ୟାଦି ସାକ୍ଷୀ ରହିବେ ।

୭. ପିଙ୍ଗଳା ସର୍ପିଣୀ ସମ ବିଷ ସୃଷ୍ଟି କରି ସେ ବିଷରେ ଜଗତ ଜାଳିଛି ଏବଂ ନିଜେ ମଧ୍ୟ ଜଳିଛି ବୋଲି ବର୍ଣ୍ଣନା କରିଛି ।

୮. ବିଶ୍ୱ ପରଶମଣିଙ୍କ ପୁଣ୍ୟ ସ୍ପର୍ଶରେ ତା'ର କଳୁଷିତ ଅଙ୍ଗକୁ ସ୍ୱର୍ଣ୍ଣ କରିବ ବୋଲି ପିଙ୍ଗଳା ବର୍ଣ୍ଣନା କରିଛି ।

**(ଘ) ଏ ବର୍ଗର ପ୍ରଶ୍ନର ଉତ୍ତର ଦେଲାବେଳେ - ଆରମ୍ଭରେ ଲେଖା ଓ ଲେଖକଙ୍କ ସମ୍ପର୍କରେ ସୂଚନା ରହବ ।**
**(ବିଷୟ - ପିଙ୍ଗଳାର ଅଭିସାର, କବି - ରାଧାମୋହନ ଗଡ଼ନାୟକ)**

୧. ପିଙ୍ଗଳା ପ୍ରକାଶ କରିଛି ଯେ - ତା' ପୁରକୁ ଆଉ ରସିକ ନାଗର କେହି ଆସିବେ ନାହିଁ । କାରଣ ବାରବଧୂ ପିଙ୍ଗଳା ଆଜି ଦୂରକୁ ଚାଲିଯାଉଛି । ସେ ଆଉ ଫୁଲଶେଯ ସଜାଇବ ନାହିଁ । କେଳିଦୀପ ଜାଳିବ ନାହିଁ । ରାତିର ଅସାର ସ୍ୱପ୍ନଭଳି ଉଭେଇ ଯାଇଥିବା ପ୍ରୀତିର ଅଭିନୟ ଆଉ କାହାରି ଆଗରେ କହିବ ନାହିଁ ।

୨. ପିଙ୍ଗଳା ଆଜି ତା'ର ଅନ୍ତରରେ ମର୍ତ୍ତ୍ୟଧାମର ଅମର ବନ୍ଧୁଙ୍କର ଦର୍ଶନ ପାଇଛି । ତେଣୁ ତା'ର ଜୀବନ ରୂପକ ପଙ୍କିଳ ପୁଷ୍କରିଣୀରେ ପଦ୍ମ ବିକଶିତ ହୋଇଛି । ଶାମୁକା ତୁଲ୍ୟ ରିକ୍ତ ଗର୍ଭରେ ସେ ଆଜି ମୁକ୍ତା ଧାରଣ କରିଛି । ତେଣୁ ସେ ଅନୁଭବ କରିଛି ତା'ର ଆଜି ଧନ ସମ୍ପଦ, ମଣିକାଞ୍ଚନ ମାଳା, ବିଳାସ କୁଞ୍ଜ କିମ୍ବା ଚାରୁ ଚିତ୍ର ଆବଶ୍ୟକ ନାହିଁ ।

୩. ପିଙ୍ଗଳାର ଆଖିରେ ଆଜି ଏ ନିଶୀଥ ଅତ୍ୟନ୍ତ ଆକର୍ଷଣୀୟ । ଗଗନରେ ଚନ୍ଦ୍ର ହାସ । ତାହାର ମଧୁର ପ୍ରକାଶ । ଦିଗଦିଗରେ ଶୁଭ୍ରଜ୍ୟୋସ୍ନାର ବିସ୍ତାର । ସ୍ନିଗ୍ଧସମୀରର ମୁକ୍ତ ପ୍ରସାର । ଏଇ ଅବକାଶରେ ପରମ ବନ୍ଧୁଙ୍କର ସ୍ପର୍ଶ ତା'ର ଅଙ୍ଗ ଅଙ୍ଗରେ ପୁଲକ ସଞ୍ଚାର କରିଛି ।

୪. ପରମବନ୍ଧୁଙ୍କର ମଧୁର ସ୍ପର୍ଶରେ କାହିଁ ଦୂରଦେଶରେ ମଧୁର ଧ୍ୱନିରେ ମୁରଲୀ ବାଜି ଉଠୁଥିବାର ପିଙ୍ଗଳା ଅନୁଭବ କରିଛି । ପାଷାଣର କାରା ତା'ର ଭାଙ୍ଗିଯାଇଛି । ଜୀବନର କୌଣସି ବାଧାବନ୍ଧନ ନାହିଁ । ମୁକ୍ତ ଚାରିଣୀ ତଟିନୀ ପରି ଶତ ବନଗିରିକାନ୍ତାର ଭ୍ରମି ସେ ପ୍ରେମର ଧନକୁ ଭେଟିବ ।

୫. ଅତୀତର ପରିଚୟରୁ ମୁକ୍ତି ପାଇ ପିଙ୍ଗଳା କହିଛି ଯେ ସେ ଆଜି ବିଦେହର ନଟୀ ନୁହେଁ, କିମ୍ବା ବାରବିଳାସିନୀ ନୁହେଁ । ପ୍ରେମର ସନ୍ନ୍ୟାସିନୀ ସାଜି ସେ ଜଗତର ପଥରେ ଚାଲିଯାଉଛି । ମୁକ୍ତ ଆକାଶ ତଳେ ବୁଲି ନିଜର ଲୋତକ ଜଳରେ କଳୁଷକାଳିମା ଧୋଇଦେବ । ତା'ର ଯୌବନ ଧନ କ୍ଷୁଣ୍ଣ ହେଲେ ହେଁ ରୂପ ଆଜି ପୂର୍ଣ୍ଣତାଲାଭ କରିଛି ଯାହାକୁ ପ୍ରୀତିରୂପକ ଆନଳରେ ଦଗ୍ଧୀଭୂତ କରି ଆରତିର ଧୂପ ସଦୃଶ ଭସ୍ମ କରିଦେବ ।

## (ଡ) ୧୫୦ ଶବ୍ଦରେ ଉତ୍ତର ଦେବାକୁ ହେବ । ଆରମ୍ଭରେ କବି ଓ କବିତା ସମ୍ପର୍କରେ ସୂଚନା ରହିବ ।

୧. କବିତା – ପିଙ୍ଗଳାର ଅଭିସାର, କବି – ରାଧାମୋହନ ଗଡ଼ନାୟକ

ବାରବଧୂ ପିଙ୍ଗଳା ଆଜି ବିଦେହ ନଗରୀରୁ ଦୂରକୁ ଯିବାକୁ ଇଚ୍ଛା କରିଛି । ଆଉ ରାତି ସାରା ସେ ଫୁଲଶେଯ ଶେଯାଇବ ନାହିଁ, କିମ୍ବା କେଳିଦୀପ ସଜାଇ ରାତିସାରା ଉଜାଗର ରହିବ ନାହିଁ । କାହାରି ଆଗରେ ସେ ପୀରତିର ଅଭିନୟ କରିବ ନାହିଁ । ଏସବୁ ରାତିର ଅସାର ସ୍ୱପ୍ନ ଭଳି ଅନ୍ତର୍ହିତ ହୋଇଯାଇଛି । କାରଣ ତା'ର ଅନ୍ତରରେ ଆଜି ଦିବ୍ୟ ପରମ ଧନଙ୍କର ଆବିର୍ଭାବ ଘଟିଛି । ସେ ହିଁ ମୃତ୍ୟୁଲୋକର ଅମର ବନ୍ଧୁ, ତା'ର ଅନ୍ତରର ବିମୋହନକାରୀ । ଆଜି ତାର ପଙ୍କିଳ କଳୁଷିତ ଜୀବନ ସରରେ ଶତଦଳର ଆବିର୍ଭାବ ଘଟିଛି । ରିକ୍ତ ଗର୍ଭରୂପୀ ଶାମୁକାରେ ମୁକ୍ତା ବିନ୍ଦୁର ଅନୁଭବ ଘଟିଛି । ତେଣୁ ତା'ର ଆଜି ମଣିକାଞ୍ଚନମାଳା, ଧନରତ୍ନର ଆବଶ୍ୟକତା ନାହିଁ । ଏହି କାରଣରୁ ପିଙ୍ଗଳା ରସିକ ନାଗରମାନଙ୍କୁ ତା' ଅଗଣାକୁ ଆସିବା ପାଇଁ ବାରଣ କରିଛି ।

୨. ପରମ ପୁରୁଷଙ୍କର ଆବିର୍ଭାବର ଅନୁଭୂତିରେ ପିଙ୍ଗଳାର ଆତ୍ମା ଓ ଦୃଷ୍ଟିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଧରଣୀର ରୂପଶୋଭାରେ ଅପୂର୍ବ ପରିବର୍ତ୍ତନ । ମଧୁର ନିଶୀଥ ଲଗ୍ନ । ଧରାପୁଲକିତ । ଆକାଶରେ ଚନ୍ଦ୍ରର ମୋହନ ରୂପ, ମୁଗ୍ଧ ତାରାର ହସ । ଶୁଭ୍ର ଜ୍ୟୋଛନାରେ ଦିଗ୍‌ବିଦିଗ ଧୌତ । ସ୍ନିଗ୍ଧ ସମୀରଣର ସଞ୍ଚାର । ବନ୍ଧୁଙ୍କର କଳ୍ପିତ ସ୍ପର୍ଶରେ ପିଙ୍ଗଳାର ଅଙ୍ଗରେ ରୋମାଞ୍ଚ । କାହିଁ କେଉଁ ଦୂର ଦେଶରୁ ମଞ୍ଜୁ ମୁରଲୀ ଧ୍ୱନିର ସଂକ୍ରମଣ ।

ଏ ସବୁର ପ୍ରଭାବରେ ଆଜି ପିଙ୍ଗଳାର ସମସ୍ତ ବାଧାବନ୍ଧନ ତୁଟି ଯାଇଛି । ମୁକ୍ତତରିଣୀ ତଟିନୀ ପରି ସେ ଶତ ବନ, ଗିରି, କାନ୍ତାର ବୁଲି ବୁଲି ସେଇ ବନ୍ଧୁଙ୍କ ଚରଣ ତଳେ ତା'ର ଜୀବନର ସକଳ ପ୍ରେମ ଉତ୍ସର୍ଗ କରିଦେବ ।

୩. ଦିବ୍ୟ ସ୍ପର୍ଶର ପ୍ରଭାବରେ ପିଙ୍ଗଳା ଭାବିଛି ଯେ ସେ ଆଉ ବିଦେହର ନଟୀ ନୁହେଁ କି ବାର ବିଳାସିନୀ ନୁହେଁ । ସେ ଆଜି ପ୍ରେମର ସନ୍ନ୍ୟାସିନୀ । ମୁକ୍ତ ଆକାଶ ତଳେ ସେ ବିହାର କରିବ । ତା'ର ଜୀବନର ସକଳ କଳୁଷ କାଳିମା ଲୋତକ ଜଳରେ ଧୌତ କରିବ । ଆକାଶରେ ସେ ନିଜ ପ୍ରାଣବନ୍ଧୁ ଶେଯର ଅତ୍ୟନ୍ତ ଆନନ୍ଦରେ ଶୟନ କରି ନୀଳ ଆକାଶକୁ ଦର୍ଶନ କରିବ । ସେଇ ପ୍ରାଣବନ୍ଧୁଙ୍କୁ ଦେଖୁ ଦେଖୁ ତା'ର ଆଖି ବୁଜି ହୋଇ ଆସିବ ଏବଂ ଚନ୍ଦ୍ର, ତପନ, ଗଗନ, ଭୁବନ ପ୍ରତ୍ୟେକ ତା'ର ସାକ୍ଷୀ ରହିଥିବେ ।

ସେ ତେଣୁ ବିଦେହ ନଗରରୁ ଆଜି ବିଦାୟ ନେଇଯାଉଛି ଏବଂ ତା'ର ଘୃଣିତ କଳୁଷଭରା ଅତୀତକୁ ଭୁଲିଯିବାକୁ ଅନୁରୋଧ କରୁଛି ।

**ତୃତୀୟ ଏକକ : ଏକାଙ୍କିକା**

# ସଭ୍ୟ ଜମିଦାର

## ଫକୀର ମୋହନ ସେନାପତି

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. ଫକୀର ମୋହନଙ୍କ ଗଳ୍ପ ସଂକଳନର ନାମ କ'ଣ ?**

(କ) ଗଳ୍ପମାଳା

(ଖ) ଗଳ୍ପସ୍ୱଳ୍ପ

(ଗ) ସେନାପତି ଗଳ୍ପମାଳା

(ଘ) ଗଳ୍ପଧାରା

**୨. ସଭ୍ୟ ଜମିଦାରଙ୍କ ନାମ କ'ଣ ?**

(କ) ଗୋପାଳ ଚନ୍ଦ୍ର ମହାପାତ୍ର

(ଖ) ବାବୁ ବଳରାମ ବଳ

(ଗ) ରାଜୀବ ଲୋଚନ

(ଘ) ରଙ୍ଗାଧର ମହାନ୍ତି

**୩. ସଭ୍ୟ ଜମିଦାର କି ପ୍ରକାର ଗଳ୍ପ ?**

(କ) ହାସ୍ୟ ରସାତ୍ମକ

(ଖ) ବ୍ୟଙ୍ଗାତ୍ମକ

(ଗ) ବର୍ଣ୍ଣନାତ୍ମକ

(ଘ) ନୀତି ଉପଦେଶାତ୍ମକ

**୪. ଦୋକା କାରବାର କାହା ସହିତ ସମାନ ବୋଲି କୁହାଯାଇଛି ?**

(କ) ମାଙ୍କଡ଼ ନଚାଇବା ସହିତ

(ଖ) ଗୋଖର ସାପ ଖେଳାଇବା ସହିତ

(ଗ) ଭାଲୁ ଧରିବା ସହିତ

(ଘ) ଚିଙ୍ଗୁଡ଼ି ଧରିବା ସହିତ

**୫. ଓଡ଼ିଶାରେ ବଳରାମ ବଳଙ୍କର କାହିଁକି ନାମ ଡ଼ାକ ଥିଲା ?**

(କ) ଜଣେ ଚିହ୍ନରା ଦଣ୍ଡିଦାର

(ଖ) ଜଣେ ପୁରୁଖା ବେପାରୀ

(ଗ) ଜଣେ ସଚ୍ଚୋଟ ବ୍ୟବସାୟୀ

(ଘ) ଜଣେ ଦୟାଳୁ ବ୍ୟକ୍ତି

**୬. ଇଂରାଜୀ ଶିକ୍ଷା ଓ ସଭ୍ୟତା ଓଡ଼ିଶାକୁ କିପରି ଆସିଥିଲା ?**

(କ) ଉପକୂଳର ବାତ୍ୟାଭଳି

(ଖ) ମହାନଦୀର ବଢ଼ିପାଣି ଭଳି

(ଗ) ମୁଦୁସୁଲର ଚାଲିଭଳି

(ଘ) ସର୍ପର ଗତିଭଳି

**୭. ଗଙ୍ଗାଲାଭ କହିଲେ କ'ଣ ବୁଝାଯାଏ ?**

(କ) ପୁଣ୍ୟ ଲାଭ କରିବା

(ଖ) ପବିତ୍ରତା ଲାଭ କରିବା

(ଗ) ମୃତ୍ୟୁଲାଭ କରିବା

(ଘ) ଗଙ୍ଗାଙ୍କୁ ଲାଭ କରିବା

**୮. କଲିକତାକୁ କେଉଁ ଖଣି ବୋଲି କୁହାଯାଇଛି ?**

(କ) ହରିଲୁଟିଆ ଖଣି

(ଖ) ତଣ୍ଟିକଟା ଖଣି

(ଗ) ପକେଟ୍‌ମାର ଖଣି

(ଘ) ଠକ ଗଣ୍ଠିକଟା ଖଣି

**୯. ମହାପାତ୍ର ଏବେ 'ବଳଙ୍କର ଚାକର ନୁହଁନ୍ତି। ତେବେ କ'ଣ ?**

(କ) ଅତି ପାଖ ମଣିଷ

(ଖ) ରୋଷେଇ ମ୍ୟାନେଜର

(ଗ) ବ୍ୟବସାୟର ଭାଗୀଦାର

(ଘ) ଲାଭରେ ଚାରିପଣୀ ଅଂଶୀଦାର

**୧୦. ପିତାଙ୍କ ମୃତ୍ୟୁପରେ ରାଜୀବଙ୍କ କେଉଁ ପ୍ରସ୍ତାବ ମହାଜନ ବଳବାବୁଙ୍କ ଡରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ ?**

(କ) ବ୍ରାହ୍ମଣଙ୍କୁ ଡାକି ଶ୍ରାଦ୍ଧ କରିବା

(ଖ) ବନ୍ଧୁବାନ୍ଧବ ଶୁଭେଚ୍ଛୁମାନଙ୍କୁ ଭୋଜିଦେବା

(ଗ) ଶ୍ରାଦ୍ଧ ନ କରି ସଭା ଗୃହରେ ଭୋଜି, ଦରିଦ୍ର ମାନଙ୍କୁ ଅର୍ଥ ବିତରଣ ଓ ଡାକ୍ତରଖାନାକୁ ଚାନ୍ଦା ଦାନ

(ଘ) ପରମ୍ପରା ଅନୁସରଣ କରିବା।

**୧୧. ମାଆ ସାଆନ୍ତାଣିଙ୍କ ବିଶ୍ୱାସୀ ପୋଇଲିର ନାମ କ'ଣ ଥିଲା ?**

(କ) ରେବୀ (ଖ) ସପନୀ

(ଗ) ରାଧୀ (ଘ) ପଦୀ

**୧୨. କୁମ୍ଭୀର କ'ଣ ଖୋଜେ ?**

(କ) ଭଲମାଛ

(ଖ) ଲୁଣିପାଣି

(ଗ) ଗୋଳିଆପାଣି

(ଘ) ଶୁଖିଲା ପଠା

**୧୩. କେଉଁ ଘଟଣା ଗୋପାଳର ଭାଗ୍ୟ ବଦଳାଇ ଦେଲା ?**

(କ) ଗାଁ ରୁ କଲିକତା ଆସିବା

(ଖ) ବାବୁ ବଳରାମଙ୍କ ଗଦିରେ ରହିବା

(ଗ) ମିଳୁନଥିବା ଆକବରୀ ମୋହର ପୋଟଳା ଆଣି ବାବୁ ବଳରାମଙ୍କୁ ଦେବା

(ଘ) ରୋଷେଇଆର ଅନୁପସ୍ଥିତିରେ ବାବୁଙ୍କୁ ଭଲ ରୋଷେଇ କରିଦେବା

**୧୪. ଗୋପାଳର ନାଁ ବାବୁ ଗୋପାଳଚନ୍ଦ୍ର ମହାପାତ୍ର ବୋଲି କିଏ ଲେଖିଥିଲେ ?**

(କ) ବାବୁ ବଳରାମ

(ଖ) ମୋହରୀର

(ଗ) ଗୁମାସ୍ତା

(ଘ) ମ୍ୟାନେଜର

## (ଖ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି।

୧. ବେପାରରେ ଲାଭ କେଉଁଠି ହୁଏ ?

୨. ଗୋପାଳ ଚନ୍ଦ୍ର ମହାପାତ୍ର କେଉଁ ମନ୍ଦିର ପ୍ରତିଷ୍ଠା କରିଥିଲେ ?

୩. 'ପଟ୍ଟନାୟକ, ତୁମେ ଅଲଗା ହୋଇଯାଅ' - କାହାର ଉକ୍ତି ?

୪. ସେ ବଢ଼ିବଢ଼ି ପଦୋନ୍ନତିରେ ହେଲା ଖାନସମା-କିଏ ?

୫. ଶଙ୍ଖ ହୁଳହୁଳି ଶୁଣି ଜମିଦାର ରାଗିଯାଇ କ'ଣ ପାଟି କଲେ ?

୬. ଘୋଡ଼ାଚଢ଼ା ମହାଜନ କଥା ପଦକେ ଘାସକାଟେ, ଘାସକଟା ଘୋଡ଼ାଚଢ଼େ - କେଉଁ ବିଷୟରେ କୁହାଯାଇଛି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଗ) ଲେଖା ଓ ଲେଖକଙ୍କ ନାମ ଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ। ପ୍ରତିଟି ଠିକ୍ ଉତ୍ତର ପାଇଁ ୨ ନମ୍ବର ରଖାଯାଇଛି।**

୧. କଲିକତାରୁ ଆସୁଥିବା ଧୂଆଁପତ୍ରକୁ କାହିଁକି ବାଲେଶ୍ୱରୀ ଧୂଆଁପତ୍ର କୁହାଯାଏ ?

୨. କେଉଁ ପରିସ୍ଥିତିରେ ଗୋପାଳ ମହାଜନ ବଳରାମ ବଳଙ୍କ ରୋଷେଇ ଦାୟିତ୍ୱ ନେଇଥିଲେ ?

୩. ନୂଆ ଜମିଦାରଙ୍କ ପ୍ରଥମ ବକ୍ତୃତାର ସାରମର୍ମ କ'ଣ ଥିଲା ?

୪. ଘରସାରା ଚାରି ବୋତଲ ଫିନାଇଲ ଢଳାଗଲା କାହିଁକି ?

୫. କଲିକତା ହାଇକୋର୍ଟରୁ ପିଆନା ଆସି ରାଜୀବଙ୍କ ଘରେ କ'ଣ କଲା ?

**(ଘ) ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ। ପ୍ରତିଟି ଠିକ୍ ଉତ୍ତର ପାଇଁ ୩ ନମବର ରଖାଯାଇଛି।**

୧. କୁକୁଡ଼ା ଡାକ ଆଗରୁ ଧାର୍ମିକ ହିନ୍ଦୁ ମହାଜନମାନେ କ'ଣ କରନ୍ତି ?

୨. କଲିକତାର ସବୁ ଗଦିର ଦସ୍ତୁର କ'ଣ ?

୩. ଗୋପାଳ କିପରି ରାନ୍ଧି ଶିଖିଥିଲା ?

୪. ଶାମପୁର ଗାଁ ଲୋକ ଓ ଗ୍ରାମ ପିଲାଙ୍କର ଗୋପାଳବାବୁ କି ଉପକାର କରିଥିଲେ।

୫. ମିସେସ୍ ମହାପାତ୍ରଙ୍କୁ ପୋଇଲି ଓ ମୂର୍ଖ ଚାକରମାନେ କ'ଣ ବୋଲି ଡାକନ୍ତି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ରଖାଯାଇଛି।**

୧. ସଭ୍ୟ ଜମିଦାର ଗଳ୍ପକୁ କାହିଁକି ବ୍ୟଙ୍ଗାତ୍ମକ ଗଳ୍ପ ବୋଲି କୁହାଯାଏ ?

୨. ବଳରାମ ବଳଙ୍କ ଧୂଆଁପତ୍ର ବ୍ୟବସାୟ ସମ୍ପର୍କରେ ସୂଚନା ଦିଅ।

୩. ମାଆ ସାଆନ୍ତାଣୀଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଦର୍ଶାଅ।

୪. ଗୋପାଳ ଚରିତ୍ର ସମ୍ପର୍କରେ ଧାରଣା ଦିଅ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଖ) ଗଳ୍ପସ୍ୱଳ୍ପ
୨. (ଗ) ରାଜୀବ ଲୋଚନ
୩. (ଖ) ବ୍ୟଙ୍ଗାତ୍ମକ
୪. (ଖ) ଗୋଖର ସାପ ଖେଳାଇବା ସହିତ
୫. (କ) ଜଣେ ଚିହ୍ନରା ଦଣ୍ଡିଦାର
୬. (ଖ) ମହାନଦୀର ବଢ଼ିପାଣି ଭଳି
୭. (ଗ) ମୃତ୍ୟୁଲାଭ କରିବା
୮. (ଘ) ଠକ ଗଣ୍ଠିକଟା ଖଣି
୯. (ଘ) ଲାଭରେ ଋରିପଣା ଅଂଶୀଦାର
୧୦. (ଗ) ଶ୍ରାଦ୍ଧ ନ କରି ସଭାଗୃହରେ ଭୋଜି, ଦରିଦ୍ରମାନଙ୍କୁ ଅର୍ଥ ବିତରଣ
୧୧. (ଗ) ରାଧୀ
୧୨. (ଗ) ଗୋଳିଆ ପାଣି
୧୩. (ଗ) ମିଳୁନଥିବା ଆକବରୀ ମୋହର ପୋଟଳା ଆଣି ବାବୁବଳରାମଙ୍କୁ ଦେବା
୧୪. (ଗ) ଗୁମାସ୍ତା

## (ଖ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ

୧. କିଣା ଜାଗାରେ
୨. ରାଧାକୃଷ୍ଣ ମନ୍ଦିର
୩. ମାଆ ସାଆନ୍ତାଣୀଙ୍କର
୪. ମକ୍ରା ମଳିକ
୫. କୁସଂସ୍କାର, ଅସଭ୍ୟତା
୬. ଧୂଆଁପତ୍ର କାରବାରର କଠିନତା ବିଷୟରେ

## (ଗ) ଲେଖା ଓ ଲେଖକଙ୍କ ନାମଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ ।

୧. ଲେଖା – ସଭ୍ୟ ଜମିଦାର, ଲେଖକ – ଫକୀର ମୋହନ ସେନାପତି

କଲିକତାରୁ ମାଲ୍ ଆସି ବାଲେଶ୍ୱର ବନ୍ଦରରେ ଘାଟ ଭିଡ଼େ । ସେଠାରୁ ଶଗଡ଼ରେ ଉତ୍କଳର ବିଭିନ୍ନ ସ୍ଥାନକୁ ଋଲାଣ ହୁଏ । ତେଣୁ ଏହାର ନାମ ବାଲେଶ୍ୱରୀ ଧୂଆଁପତ୍ର ।

୨. ଲେଖା – ସଭ୍ୟ ଜମିଦାର, ଲେଖକ – ଫକୀର ମୋହନ ସେନାପତି

ଦିନେ ଦେଖାଗଲା, ବାବୁଙ୍କ ସିନ୍ଦୁକ ଭାଙ୍ଗି ରୋଷେଇଆ ବ୍ରାହ୍ମଣ ପାଞ୍ଚ ହଜାର ଟଙ୍କା ଥଳି ଧରି ଗାଏବ । ଘରେ ରୋଷେଇବାସ ନ ହେବାର ଦେଖି ଗୋପାଳ ରୋଷେଇ ଦାୟିତ୍ୱ ନେଇଥିଲେ ।

୩. ଲେଖା – ସଭ୍ୟ ଜମିଦାର, ଲେଖକ – ଫକୀର ମୋହନ ସେନାପତି

ଏ ଦେଶର ଦୁଃଖ ଦୁର୍ଦ୍ଦଶାର କାରଣ ଦିନ ଆଲୁଅ ଯେପରି । ମୂର୍ଖତା, କୁସଂସ୍କାର, ଅବଳା, ଭଗିନୀମାନଙ୍କୁ ଘର ଭିତରେ ଲୁଚେଇ ରଖିବା, ଏ ସମସ୍ତର ମୂଳ । ଏସବୁ ଦୂର କରିବା ସର୍ବାଗ୍ରେ କର୍ତ୍ତବ୍ୟ ।

୪. ଲେଖା – ସଭ୍ୟ ଜମିଦାର, ଲେଖକ – ଫକୀର ମୋହନ ସେନାପତି

ଦିନେ ନୂଆ ସାଆନ୍ତ ବୈଠକଖାନା ତଦାରଖ କରିବାକୁ ଯାଇ ଦେଖୁଥିଲେ ପଦୀ ତାକୁ ଗୋବରରେ ଲିପୁଛି । ଉଆଉଆ କହି ଫେରି ଆସିବା ସଙ୍ଗେ ସଙ୍ଗେ ଋରିବୋତଲ ଫିନାଇଲ ଘରସାରା ଢଳାଗଲା ।

୫. ଲେଖା – ସଭ୍ୟ ଜମିଦାର, ଲେଖକ – ଫକୀର ମୋହନ ସେନାପତି

ଦଶ ହଜାର ମୂଳକୁ କଳନ୍ତର ସହ କୋଡ଼ିଏ ହଜାର ଟଙ୍କା ପାଇଁ ..... ପିଆଦା ଆସି ଚଳନ୍ତି ଅଚଳନ୍ତି ସମସ୍ତ କୋରଖ କରି ପଳାଇଲା ।

**(ଘ) ସଂକ୍ଷିପ୍ତମୂଳକ ପ୍ରଶ୍ନୋତ୍ତର। ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ। ପ୍ରତି ଉତ୍ତର ମୂଲ୍ୟ ୩ ନମ୍ବର।**

୧. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

କୁକୁଡ଼ା ଡାକ ଆଗରୁ ଯେମିତି ତୋପ ପଡ଼େ, ଗଦିଆନ ଧାର୍ମିକ ହିନ୍ଦୁ ମହାଜନମାନେ ଗଙ୍ଗାସ୍ନାନକୁ ବାହାରି ଯା'ନ୍ତି। ବହୁତ ଜାଗାରେ ଠାକୁର ଠାକୁରାଣୀ ଦର୍ଶନ କରି ଫେରି ଆସନ୍ତି।

୨. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

ବଡ଼ବାବୁ ମାଣ୍ଡିଟାକୁ ଆଉଜି ହୁକ୍‌କାରୁ ଗୁଡ଼ାଖୁ ପିଇବାକୁ ଲାଗନ୍ତି। ଆଗରେ ଦୁଇକଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣହୁକା, କାୟସ୍ଥ ହୁକା, ନବଶାଖ ହୁକା, କଂସା ବଇଠକରେ ଥୁଆ ହୋଇଥିବ।

୩. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

ଗୋପାଳର ସ୍ୱୀକାରୋକ୍ତି ଅନୁସାରେ ପୂଝାରୀ ରନ୍ଧା ଦେଖିଦେଖି ସେ ରାନ୍ଧି ଶିଖିଥିଲା। ପୂଝାରୀ ରାନ୍ଧୁଥିବା ବେଳେ ସେ ବସି ଦେଖୁଥାଏ।

୪. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

ଗୋପାଳବାବୁ ଗ୍ରାମର ଢେର ଲୋକଙ୍କୁ କଲିକତାରେ ନାନା କାମରେ ଲଗାଇ ଦେଇଥିଲେ। ବାବୁଙ୍କ ସାହାଯ୍ୟ ଓ ଯତ୍ନରେ ଢେର ପିଲା କଟକର ଶିକ୍ଷିତ ହୋଇ ଆସିଛନ୍ତି।

୫. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

କେହି କହେ କିସ୍‌ମିସ୍ ମହାପାତ୍ର, କେହି ମିସ୍ତ୍ରୀ ମହାପାତ୍ର, କେହି ଫିସ୍ ପିସ୍ ମହାପାତ୍ର ବୋଲି ଡାକନ୍ତି।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ମୂଲ୍ୟ ୪ ନମ୍ବର ରଖାଯାଇଛି।**

୧. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

- ଫକୀର ମୋହନ ସଂସ୍କୃତିର ଏକ ସନ୍ଧିକ୍ଷଣରେ ବଞ୍ଚିଥିଲେ।
- ପାରମ୍ପରିକତାର ମୋହ; ନୂତନ ଇଂରେଜ ସଭ୍ୟତାର ପ୍ରଭାବରେ ଯୁବଗୋଷ୍ଠୀର ଦୃଷ୍ଟି, ଦର୍ଶନ, ଚଳଣି ଇତ୍ୟାଦିରେ ପରିଲକ୍ଷିତ ବିଲକ୍ଷଣ-
- ସେଥିରୁ ମୁକ୍ତି ପାଇଁ ବ୍ୟାଙ୍ଗାତ୍ମକ ଶୈଳୀକୁ ଆପଣାର
- ପାଠକ ଓ ଶ୍ରୋତାଙ୍କର ମାନସିକତାକୁ ଆକର୍ଷିତ କରି ରଖିବାର ମାଧମ - ବ୍ୟଙ୍ଗାତ୍ମକ କୌଶଳ

୨. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

- ବଳାରାମ ବାବୁ (ବଳ) କଲିକତା ବଡ଼ ବଜାରର ଜଣେ ଗଦିଆନ ମହାଜନ।
- ଉତ୍କଳର ସମସ୍ତ ବେପାରୀଙ୍କ ଦଣ୍ଡିଦାର। କଲିକତା ଆମଦାନୀ ମାଲ ଭିତରେ ଧୂଆଁପତ୍ର ପ୍ରଧାନ।
- କଲିକତାରୁ ଆସି ବାଲେଶ୍ୱରରେ ପହଞ୍ଚେ ଷ୍ଟିମରରେ - ସେଠୁ ଓଡ଼ିଶାରେ ବିତରିତ ହୁଏ।
- ମହାଜନେ ଭାବନ୍ତି ଦୋକ୍ତା କାରବାର ଓ ଗୋଖର ସାପ ଖେଳାଇବା ଏକା କଥା।
- ଲାଭ କିନ୍ତୁ ବହୁତ - ଚିହ୍ନି ଜାଣି ପାରିଲେ।

୩. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

- ସାଆନ୍ତାଣୀ ହେଉଛନ୍ତି ରାଜବୀଙ୍କ ମାଆ - ବାବୁ ଗୋପାଳ ମହାପାତ୍ରଙ୍କ ପତ୍ନୀ।
- ଧର୍ମ ପରାୟଣା ମହିଳା
- ପରଂପରାର ପୂଜାରିଣୀ
- ରକ୍ଷଣଶୀଳା
- ଗୋପାଳଙ୍କ ଦେହାନ୍ତ ପରେ ରାଜୀବର ବାହାଘରର ଅବସ୍ଥା ଦେଖି ସେ ରାଧାକୃଷ୍ଣର ମନ୍ଦିରରେ ଥା'ନ୍ତି - ଦିନରେ ଥରେ ଠାକୁର ପ୍ରସାଦ ହବିଷ୍ୟାନ୍ନ।

୪. ଲେଖା - ସଭ୍ୟ ଜମିଦାର, ଲେଖକ - ଫକୀର ମୋହନ ସେନାପତି

- ଗୋପାଳ - ବାବୁ ଗୋପାଳ ମହାପାତ୍ର
- ବିଶ୍ୱ ଓଡ଼ିଆର ପ୍ରତିନିଧି
- ଅସହାୟ - ଛେଉଣ୍ଡ
- ବିଶ୍ୱସ୍ତ - ହୁସିଆର - ସେବାପରାୟଣ, ପ୍ରଭୁଭକ୍ତ -
- ପରୋପକାରୀ - ଜଣେ ଉତ୍କୃଷ୍ଟ ସମାଜମୁଖୀ ଉତ୍କଳୀୟ।

# ପତାକା ଉତ୍ତୋଳନ

## ସୁରେନ୍ଦ୍ର ମହାନ୍ତି

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନରେ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ। ପ୍ରତି ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. 'ସ୍ୱାଧୀନ ଭାରତ କି ଜୟ'- ଧ୍ୱନି ରାୟ ବାହାଦୁରଙ୍କୁ କିପରି ଲାଗୁଥିଲା ?**

(କ) ଗୌରବିତ ବିଜୟର ଧ୍ୱନି ଭଳି

(ଖ) ପରାଜୟର ଦୁଃସହ କାହାଣୀ ଭଳି

(ଗ) ଆନନ୍ଦର କଳରୋଳ ଭଳି

(ଘ) ବିପଦର ସଂକେତ ଭଳି

**୨. ଫଟୋରେ ଅରୁଣର ସେଇ ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା ଓ ପରିଧେୟରେ ଅସହଯୋଗୀ ସତ୍ୟାଗ୍ରହୀର ଚେହେରା ଦେଖି ରାୟ ବାହାଦୁରଙ୍କର କଣ ହେଲା ?**

(କ) ମନ ଆନନ୍ଦରେ ପୂରିଉଠିଲା

(ଖ) ଆଖିରେ ଲୁହ ଭରିଗଲା

(ଗ) ଦେହ ଥରିଉଠିଲା

(ଘ) ବିଦ୍ୟୁତ ଆଘାତରେ ଟଳି ପଡ଼ିବାର ଅନୁଭବ ହେଲା

**୩. "ଅନ୍ୟାୟ ଆଦେଶ ମୁଁ ସ୍ୱୀକାର କରିବି ନାହିଁ କେବେ।" - କିଏ କହିଛି ?**

(କ) ଅରୁଣ (ଖ) ବିଜୟ

(ଗ) ହେମମାଳା (ଘ) ସୋମନାଥ

**୪. ଅପର୍ଣ୍ଣା କିଏ ?**

(କ) ଦେବୀ ଦୁର୍ଗା

(ଖ) ବିଜୟର ମାତା

(ଗ) ହେମମାଳାଙ୍କ କନ୍ୟା

(ଘ) ରାୟ ବାହାଦୁରଙ୍କ ଭଗ୍ନୀ

**୫. ଏଠୁ ଯାଅ ତମେ, ବାହାରର କଥାନେଇ ମୁଣ୍ଡ ଖେଳାଇବାରେ ମୋର କିଛି ଦରକାର ନାହିଁ - କାହାକୁ କୁହାଯାଇଛି ?**

(କ) ଅରୁଣକୁ (ଖ) ବିଜୟକୁ

(ଗ) ହେମମାଳାକୁ (ଘ) ଅପର୍ଣ୍ଣାକୁ

**୬. ଭାରତର ମନ୍ଥର ଜାତୀୟ ଆନ୍ଦୋଳନରେ ପ୍ରଥମେ କେବେ ନୂତନ ସ୍ପନ୍ଦନ ଦେଖାଦେଇଥିଲା ?**

(କ) ଚଉରୀ ଚଉରା ବିପ୍ଳବ ପରେ

(ଖ) ଭାରତଛାଡ଼ ଆନ୍ଦୋଳନ ସମୟରେ

(ଗ) ଅସହଯୋଗ ଆନ୍ଦୋଳନ ସମୟରେ

(ଘ) ଜାଲିଆନାୱାଲାବାଗ ଗଣହତ୍ୟା ପରେ

**୭. ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରି ଜୟଧ୍ୱନି କରି ଯାଉଥିବା ପଟୁଆରର କିଏ ଅଗ୍ରଣୀ ଥିବା ରାୟବାହାଦୁର ଦେଖିଲେ ?**

(କ) ଅରୁଣ (ଖ) ବରୁଣ

(ଗ) ସଂଜୟ (ଘ) ବିଜୟ

**୮. ରାୟବାହାଦୁର ଅରୁଣର ପୁରୁଣା ଫଟୋଗ୍ରାଫ୍‌କୁ କେଉଁଠି ରଖିଥିଲେ ?**

(କ) ଆଲମିରାରେ

(ଖ) ସିନ୍ଦୁକରେ

(ଗ) ଡ୍ରୟର ଚେଷ୍ଟରେ

(ଘ) ଟ୍ରଙ୍କ୍‌ରେ

**୯. ଏ ଦେଶ ଆମର, ବ୍ରିଟିଶ୍ ଗୋଲାମ ପାଇଁ ସ୍ଥାନ ନାହିଁ ଏଠି – କିଏ କହିଛି ?**

(କ) ଅରୁଣ (ଖ) ହେମମାଳା

(ଗ) ବିଜୟ (ଘ) ଅପର୍ଣ୍ଣା

**୧୦. ଲାଠି ଚାର୍ଜ ଆଦେଶରେ ଝଞ୍ଜାକ୍ରାନ୍ତ ସମୁଦ୍ର ଭଳି କିଏ ଭୀଷଣ ଓ ଭୟଙ୍କର ହୋଇ ଉଠିଲା ?**

(କ) ରାୟବାହାଦୁର (ଖ) ଅରୁଣ

(ଗ) ବିଜୟ (ଘ) ଜନତା

**୧୧. ମନୁଷ୍ୟର ଜନ୍ମଗତ ଦାବି ବୋଲି କାହାକୁ କୁହାଯାଇଛି ?**

(କ) ପବିତ୍ରତା

(ଖ) ସ୍ୱାଧୀନତା

(ଗ) ପକ୍ଷପାତିତା

(ଘ) ଅସ୍ମିତା

**୧୨. ଯୋଉ ପତାକା ପାଇଁ ଅରୁଣ ପ୍ରାଣବଳି ଦେଇଛି, ସେ ପତାକା ଯୁଗେ ଯୁଗେ ରହିବ ଉନ୍ନତ ହୋଇ – କିଏ କହିଛି ?**

(କ) ରାୟବାହାଦୁର (ଖ) ହେମମାଳା

(ଗ) ବିଜୟ (ଘ) ଅପର୍ଣ୍ଣା

**୧୩. ମୃତ୍ୟୁ ପୂର୍ବରୁ ସୋମନାଥ କାହାକୁ ଆଶୀର୍ବାଦ କରିଛନ୍ତି ?**

(କ) ଅପର୍ଣ୍ଣାକୁ (ଖ) ହେମମାଳାକୁ

(ଗ) ବିଜୟକୁ (ଘ) ତ୍ରିରଙ୍ଗା ପତାକାକୁ

**୧୪. ପତାକା ଉତ୍ତୋଳନ ଗଳ୍ପଟିର ଲେଖକ କିଏ ?**

(କ) ସୁରେନ୍ଦ୍ର ମିଶ୍ର

(ଖ) ସୁରେନ୍ଦ୍ର ମହାନ୍ତି

(ଗ) ସୁରେନ୍ଦ୍ର ପଟ୍ଟନାୟକ

(ଘ) ସୁରେନ୍ଦ୍ର ମହାରଣା

**(ଖ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।**

୧. ଝରକା କବାଟ ବନ୍ଦ କରି କେଉଁ ସ୍ପର୍ଦ୍ଧିତ ଜୟନାଦକୁ ରୁଦ୍ଧ କରି ହୁଏନା ?

୨. 'ସ୍ୱାଧୀନତାର ଜୟଧ୍ୱନି' କାହାର ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥିଖଣ୍ଡକୁ ବନ୍ଧୁକର ଗୁଳିପରି ଚୂର୍ଣ୍ଣ କରି ଦେଉଥିଲା ?

୩. ରାୟ ବାହାଦୁର ଅରୁଣର ଫଟୋଟିକୁ ତଳୁ ଉଠାଇ ପୁଣି କେଉଁଠି ରଖିବାର ଉଦ୍ୟମ କଲେ ?

୪. କେଉଁ ଘଟଣା ପରଦିନ ସୋମନାଥ ହୋଇଥିଲେ ଇନସ୍ପେକ୍ଟର ?

୫. ବିଜୟ କାହାକୁ ବ୍ରିଟିଶ୍‌ର ଗୋଲାମ ବୋଲି କହିଛି ?

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(ଗ) ଲେଖା ଓ ଲେଖକଙ୍କ ନାମ ଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ । ଠିକ୍ ଉତ୍ତର ପାଇଁ ୨ ନମ୍ବର ଉଦ୍ଦିଷ୍ଟ ।**

୧. ଅରୁଣର ଚେହେରା ଓ ପରିଧେୟ ସମ୍ପର୍କରେ କ'ଣ କୁହାଯାଇଛି ?

୨. ଏ କ'ଣ କରୁଛ ତୁମେ ? – ପ୍ରସଂଗର ସୂଚନା ଦିଅ ।

୩. ଜୀବନରେ ୨୫ ବର୍ଷ ଧରି ରାୟବାହାଦୁର ନିଜକୁ କ'ଣ ସାନ୍ତ୍ୱନା ଦେଇ ଆସିଛନ୍ତି ?

୪. ୟୁନିଅନ ଜାକ୍ ଛଡ଼ାଛଡ଼ିରେ ବିଜୟ ଠେଲି ଦେବାରୁ ରାୟ ବାହାଦୁରଙ୍କର କ'ଣ ହେଲା ?

୫. ୟୁନିୟନ ଜାକ୍‌ଟାକୁ ରାୟବାହାଦୁରଙ୍କଠାରୁ ଝାମ୍ପି ନେଇ ବିଜୟ କ'ଣ କହିଥିଲା ?

**(ଘ) ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ । ଠିକ୍ ଉତ୍ତର ପାଇଁ ୩ ନମ୍ବର ଉଦ୍ଦିଷ୍ଟ ।**

୧. ଆପଣ ଅନ୍ୟାୟ କରୁଛନ୍ତି ବାପା, କିଏ କାହାକୁ କାହିଁକି କରିଛି ?

୨. ସ୍ୱାଧୀନ ଭାରତ କି ଜୟ ଧ୍ୱନି ରାୟବାହାଦୁରଙ୍କୁ କିପରି ଲାଗିଥିଲା ?

୩. ରାୟବାହାଦୁର ଝରକା ବାଟେ ତଳ ରାସ୍ତାରେ କ'ଣ ଦେଖିଲେ ?

୪. ରାୟବାହାଦୁରଙ୍କ ହାତରୁ ସନନ୍ଦପତ୍ର କାହିଁକି ଖସିପଡ଼ିଲା ?

୫. ତମେ ଆଜିଠାରୁ ମୋର ତେଜ୍ୟପୁତ୍ର – କିଏ, କାହିଁକି କହିଛି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ଠିକ୍ ଉତ୍ତର ପାଇଁ ୪ ନମ୍ବର ଉଦ୍ଦିଷ୍ଟ ।**

୧. ରାୟ ବାହାଦୁରଙ୍କ ଚରିତ୍ର ଆଲୋଚନା କର ।

୨. ସ୍ୱାଧୀନତା ଆନ୍ଦୋଳନର ଜଣେ ସକ୍ରିୟ ସଭ୍ୟଭାବେ ଅରୁଣର ବ୍ୟକ୍ତିତ୍ୱର ସୂଚନା ଦିଅ ।

୩. ସବ୍‌ଇନସ୍ପେକ୍ଟର ସୋମନାଥ କିପରି ଇନସ୍ପେକ୍ଟର ହୋଇଥିଲେ ?

୪. ହେମମାଳୀଙ୍କ ଚରିତ୍ର ଚିତ୍ରଣ କର ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଖ) ପରାଜୟର ଦୁଃସହ କାହାଣୀ ଭଳି

୨. (ଘ) ବିଦ୍ୟୁତ୍ ଆଘାତରେ ଟଳି ପଡ଼ିବାର

୩. (କ) ଅରୁଣ

୪. (ଖ) ବିଜୟର ମାତା

୫. (ଗ) ହେମମାଳାକୁ

୬. (କ) ଚଉରୀଚଉରା

୭. (ଘ) ବିଜୟ

୮. (ଗ) ତ୍ରୟର ଚେଷ୍ଟରେ

୯. (ଗ) ବିଜୟ

୧୦. (ଘ) ଜନତା

୧୧. (ଖ) ସ୍ୱାଧୀନତା

୧୨. (ଖ) ହେମମାଳା

୧୩. (ଗ) ବିଜୟକୁ

୧୪. (ଖ) ସୁରେନ୍ଦ୍ର ମହାନ୍ତି

## (ଖ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଲେଖ।

୧. 'ସ୍ୱାଧୀନ ଭାରତ କି ଜୟ' - ଏଇ ସ୍ୱର୍ଷିତ ଜୟଦେବକୁ

୨. ରାୟ ବାହାଦୁରଙ୍କ

୩. ଭେଲଭେଟ୍ ବାକ୍ସରେ

୪. ୟୁନିଅନ୍ ଜ୍ୟାକ୍‌କୁ ରକ୍ଷା କରିବା ପାଇଁ ନିଜପୁତ୍ରକୁ ହତ୍ୟା କଲା ପରଦିନ

୫. ଜେଜେ ରାୟବାହାଦୁରଙ୍କୁ

## (ଗ) ସଂକ୍ଷିପ୍ତମୂଳକ ପ୍ରଶ୍ନୋତ୍ତର। ଲେଖା ଓ ଲେଖକଙ୍କ ନାମଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ।

୧. ଲେଖା - ପତାକା ଉତ୍ତୋଳନ, ଲେଖକ - ସୁରେନ୍ଦ୍ର ମହାନ୍ତି

ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା। ପରିପାନରେ ଅସହଯୋଗକାରୀ। ସତ୍ୟାଗ୍ରହୀର ପରିଚ୍ଛଦ।

୨. ଲେଖା - ପତାକା ଉତ୍ତୋଳନ, ଲେଖକ - ସୁରେନ୍ଦ୍ର ମହାନ୍ତି

ଏହା ରାୟବାହାଦୁରଙ୍କ ସ୍ତ୍ରୀ ହେମମାଳୀଙ୍କ ବକ୍ତବ୍ୟ। ଅରୁଣ ଓ ତାଙ୍କ ପିତାଙ୍କର ଆଦର୍ଶଗତ ପାର୍ଥକ୍ୟ ସମ୍ପର୍କରେ କଥା କଟାକଟି ପରେ ଅରୁଣକୁ ଝବୁକ୍‌ରେ ଆଘାତ କରିବା ବେଳେ ଏକଥା କହିଛନ୍ତି।

୩. ଲେଖା - ପତାକା ଉତ୍ତୋଳନ, ଲେଖକ - ସୁରେନ୍ଦ୍ର ମହାନ୍ତି

ନିଜର ପୁତ୍ର ଅରୁଣକୁ ଗୁଳି କରିଥିଲେ ରାୟବାହାଦୁରଙ୍କ ସାନ୍ତ୍ୱନା ହେଉଛି - ପୁତ୍ରହତ୍ୟା ହେଉଛି କର୍ତ୍ତବ୍ୟ ସାଧନ। ଏହା ନିର୍ମମ ହୋଇପାରେ ମାତ୍ର ଅନ୍ୟାୟ ନୁହେଁ।

୪. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ବିଜୟ ଠେଲି ଦେବାରୁ ରାୟବାହାଦୁର ସିଡ଼ିରେ ଗଡ଼ିଗଡ଼ି ପଡ଼ିଲେ ଯାଇ ତଳ ମହଲାର ଚଟାଣରେ। ମୁଣ୍ଡ ଓ ନାକ ଫାଟି ରକ୍ତର ସୁଅ ଛୁଟୁଥିଲା।

୫. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ବିଜୟ କହିଲା 'ଏ ଦେଶ ଆମର' ବ୍ରିଟିଶର ଗୋଲାମ ପାଇଁ ସ୍ଥାନ ନାହିଁ ଏଠି।

## (ଘ) ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ। ପ୍ରତି ଉତ୍ତର ମୂଲ୍ୟ ୩ ନମ୍ବର।

୧. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ଅରୁଣ କହିଛି – ରାୟବାହାଦୁର ସୋମନାଥଙ୍କୁ। ଯେତେବେଳେ ଅରୁଣ ତାଙ୍କ ବାପାଙ୍କର ଆଦେଶ ମାନିବାକୁ ଅସ୍ୱୀକାର କରିଛନ୍ତି – ସେତେବେଳେ ସେ ଅରୁଣକୁ ଚାବୁକରେ ପ୍ରହାର କରିଛନ୍ତି। ସେତେବେଳେ ଅରୁଣ ଏକଥା କହିଛି।

୨. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

'ସ୍ୱାଧୀନ ଭାରତ କି ପ୍ରିୟ' ଧ୍ୱନି ଯେପରି ଏକ ତୀକ୍ଷ୍ଣ ଶଳାକା ରୂପେ ତାଙ୍କୁ ବିଦ୍ଧ କରୁଥିଲା। ତାହା ଯେପରି ତାଙ୍କର ଚରମ ପରାଜୟର ଦୁଃସହ ଘୋଷଣା।

୩. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୁର ଝରକାବାଟେ ତଳର ରାସ୍ତାରେ ଦେଖିଲେ – ଜୟଧ୍ୱନି କରି ଚାଲୁଥିଲା ଏକ ବିରାଟ ପଟୁଆର। ହାତରେ ଥିଲା ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା।

୪. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ପଚିଶ ବର୍ଷ ତଳେ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଅଭୁଲା ସ୍ମୃତି – ନିଜର ପୁତ୍ରକୁ ନିଜ ହାତରେ ଗୁଳି କରିବାର ଚିତ୍ର ତାଙ୍କ ଆଖି ଆଗରେ ଭାସି ଉଠିବାରୁ ହାତରୁ ସନନ୍ଦପତ୍ରଟି ଖସି ପଡ଼ିଲା।

୫. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

ଅରୁଣ, ରାୟବାହାଦୁର ସଦାନନ୍ଦଙ୍କର। କାରଣ ବ୍ରିଟିଶ୍ ସରକାରଙ୍କର ଜଣେ ଅନୁରକ୍ତ ସେବକଙ୍କ ପୁତ୍ର କେବେ ସରକାରୀ ବିରୋଧୀ ହୋଇପାରେନା। ପୋଲିସ୍ ଇନସ୍ପେକ୍ଟରଙ୍କର ଭବିଷ୍ୟତ ଓ ପଦୋନ୍ନତି ପ୍ରତି ବିପଦ ଥିବା ହେତୁ ଏକଥା ସୋମନାଥ, ଅରୁଣକୁ କହିଲେ।

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

## (ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୪ ନମ୍ବର।

୧. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

- ପ୍ରାଥମିକ ପର୍ଯ୍ୟାୟରେ ଜଣେ ଉଚ୍ଚାକାଙ୍କ୍ଷୀ
- ବିଶ୍ୱସ୍ତ – ପଦବୀ ଲୋଭୀ – ପୋଲିସ୍
- ପୁତ୍ରର ମମତା ତଥାପି ସୁପ୍ତ
- ପରବର୍ତ୍ତୀ କାଳରେ ନିଜର କାର୍ଯ୍ୟ ପାଇଁ ମନସ୍ତାପ କରିଛନ୍ତି –
- ଆଦର୍ଶର ଯୂପକାଠିରେ ପୁତ୍ରକୁ ବଳୀଦେବାର ଦୁଃସାହସ କରିଥିବା ଜଣେ ସଚ୍ଚୋଟ ପୋଲିସ୍ ଅଫିସର।

୨. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

- ଜଣେ ବିଶ୍ୱସ୍ତ ଅନୁରାଗୀର ଜଣେ ସଚ୍ଚୋଟ ପୁତ୍ର।
- ଭାରତର ସ୍ୱାଧୀନତା ସ୍ୱପ୍ନଦର୍ଶୀ ଯୁବକ – ନିର୍ଭୀକ, ଉତ୍ସର୍ଗୀକୃତ, ଆଦର୍ଶ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ – ପ୍ରାଣବଳୀ ଦେବାରେ ଅକୁଣ୍ଠ।

୩. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

- ସ୍ୱାଧୀନତା ଆନ୍ଦୋଳନକୁ ନେତୃତ୍ୱ ଦେଉଥିବା ନିଜର ପୁତ୍ରକୁ ସୋମନାଥ ବାରଣ କରିଥିଲେ। କିନ୍ତୁ ସେ ଏହି ଆଦେଶକୁ ଅବଜ୍ଞା କରି ଘର ଛାଡ଼ିଥିଲେ ବି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ମାତ୍ର ସବ୍‌ଇନସ୍ପେକ୍ଟର ସୋମନାଥ – ରାୟବାହାଦୁର ହେବାର ଆକାଙ୍‌କ୍ଷା ନେଇ ତାଙ୍କୁ ଗୁଳି କରିଥିଲେ। ଏହି କ୍ରମରେ ଏକ ସନନ୍ଦ ସହିତ ପଦବୀଗତ ପୁରସ୍କାର ସ୍ୱରୂପ ଇନସ୍ପେକ୍ଟର ହୋଇଥିଲେ।

୪. ଲେଖା – ପତାକା ଉତ୍ତୋଳନ, ଲେଖକ – ସୁରେନ୍ଦ୍ର ମହାନ୍ତି

- ହେମମାଳା – ରାୟବାହାଦୁର ସୋମନାଥଙ୍କ ପତ୍ନୀ।
- ଅରୁଣର ମା’
- ଏପଟେ ସ୍ୱାମୀଙ୍କର ବ୍ରିଟିଶ୍ ପ୍ରୀତି,
- ସେପଟେ ପୁତ୍ରର ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ –
- ପୁତ୍ରର ମୃତ୍ୟୁରେ ବିଚଳିତ ଅସନ୍ତୁଷ୍ଟ – କିନ୍ତୁ ପ୍ରତିରୋଧ କରି ପାରିନାହାନ୍ତି।
- ସ୍ୱାଧୀନତା ପ୍ରାପ୍ତି ପରେ କିନ୍ତୁ ତାଙ୍କର ରୁଦ୍ଧ ମନୋଭାବ ପ୍ରକାଶ ପାଇଛି।

# ରୂପନାରାୟଣ ସାହା

## ଅଖିଳ ମୋହନ ପଟ୍ଟନାୟକ

### ବହୁବିକଳ୍ପମୂଳକ ପ୍ରଶ୍ନ

**(କ) ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ୧ ନମ୍ବର ଦିଆଯିବ ।**

**୧. ରୂପନାରାୟଣ ସାହା ଗଳ୍ପଟି କେଉଁ ସମୟର ପୃଷ୍ଠଭୂମିରେ ରଚିତ ?**
(କ) ଗ୍ରୀଷ୍ମ ଅବକାଶ (ଖ) ପୂଜାଛୁଟି
(ଗ) କ୍ରିଷ୍ଟମାସ ଛୁଟି (ଘ) ଦୋଳଛୁଟି

**୨. ଜମାଟ ବନ୍ଧା ବରଫର ସ୍ତୂପ ସୂର୍ଯ୍ୟର ପ୍ରଥମ କିରଣରେ କିପରି ଲମ୍ବି ଯାଇଛି ?**
(କ) ଦୀର୍ଘସ୍ରୋତ ପରି (ଖ) ଗ୍ଲେସିଅର ପରି
(ଗ) ଇନ୍ଦ୍ରଧନୁ ପରି (ଘ) ବିସ୍ତୀର୍ଣ୍ଣ ପ୍ରାନ୍ତର ପରି

**୩. ସହସ୍ରାଧିକ ବାରାଙ୍ଗନାର ଆଶ୍ରୟଦାତ୍ରୀ ବୋଲି କାହାକୁ କୁହାଯାଇଛି ?**
(କ) ବନାରସ (ଖ) ରାଜପଥ
(ଗ) କ୍ୟାଣ୍ଟନ୍‌ମେଣ୍ଟ (ଘ) ଡାଲ୍‌ମଣ୍ଡି

**୪. ଡାଲ୍‌ମଣ୍ଡିକୁ ହତଶ୍ରୀ ସଭ୍ୟତାର କ'ଣ ବୋଲି କୁହାଯାଇଛି ?**
(କ) ଡଷ୍ଟବିନ୍ (ଖ) ଲାଇଟ୍‌ପୋଷ୍ଟ
(ଗ) ହୃତ୍‌ପିଣ୍ଡ (ଘ) ରମ୍ୟନଗରୀ

**୫. ଗୋଧୂଳି ଓ ____ ଉଭୟେ ରହସ୍ୟ-ମୟୀ ।**
(କ) ବନାରସ (ଖ) ଡାଲମଣ୍ଡି
(ଗ) ଗଙ୍ଗାଜୀ (ଘ) ମାଷ୍ଟରଜୀ

**୬. ଗଙ୍ଗାର କେଉଁ ରଙ୍ଗର ପାଣି ଲାଲେ-ଲାଲ ବୋଲି ବର୍ଣ୍ଣନା କରାଯାଇଛି ?**
(କ) କଳା (ଖ) ଗହମୀ
(ଗ) ନୀଳ (ଘ) ସଫେଦ୍

**୭. କେଉଁ ଛବି ପରି ବହୁ ଯାତ୍ରୀବାହୀ ନୌକା ଏ କୂଳରୁ ସେ କୂଳକୁ ଯାତାୟତ କରୁଥିବ ?**
(କ) କଳାଛାଇ (ଖ) ଜଳଛବି
(ଗ) ସିଲ୍‌ହୁଟ୍ (ଘ) ଅଙ୍କାଚିତ୍ର

**୮. କାହାକୁ ଆଉଜି ରହିପୁରାତନ ସ୍ମୃତିକୁ ରୋମନ୍ଥନ କରୁଥିଲେ ଲେଖକ ?**
(କ) କାନ୍ଥ (ଖ) ଗଛ
(ଗ) କାର୍ (ଘ) ଲାଇଟପୋଷ୍ଟ

**୯. ଲେଖକଙ୍କର ବାପା କ'ଣ ଥିଲେ ?**
(କ) ମିଲିଟାରୀ ଡାକ୍ତର
(ଖ) ପଶୁ ଡାକ୍ତର
(ଗ) ଗଛବୃକ୍ଷର ଡାକ୍ତର
(ଘ) ଆୟୁର୍ବେଦ ଡାକ୍ତର

**୧୦. ଗଙ୍ଗାପାରିର କ'ଣ ଦେଖିସାରି ସପରିବାର ଡଙ୍ଗାରେ ଫେରିବାର କଥା କୁହାଯାଇଛି ?**
(କ) ସୀତାପୁର (ଖ) ଲକ୍ଷ୍ମଣ ଗାଁ
(ଗ) ରାମନଗର (ଘ) ଅଯୋଧ୍ୟା

**୧୧. କେଉଁ ଘାଟର ଚିତା ନିକଟ ହୋଇ ଆସିଲାଣି ବୋଲି ବର୍ଣ୍ଣିତ ?**
(କ) ଦଶାଶ୍ୱମେଧ ଘାଟ (ଖ) ଭୈରବ ଘାଟ
(ଗ) ନନ୍ଦୀଘାଟ (ଘ) ହରିଶ୍ଚନ୍ଦ୍ରଘାଟ

**୧୨. ନୌକାଯାତ୍ରାର କାହାଣୀ ବର୍ଣ୍ଣନା ବେଳକୁ ଲେଖକଙ୍କୁ କେତେ ବର୍ଷ ହୋଇଥିଲା ?**
(କ) ଦଶ ବର୍ଷ (ଖ) ଏଗାର ବର୍ଷ
(ଗ) ବାର ବର୍ଷ (ଘ) ତେର ବର୍ଷ

**୧୩. ନୌକାଯାତ୍ରାର ଏ ଅନୁଭୂତି ବର୍ଣ୍ଣନା କଲାବେଳେ ନାୟକର ନାମ କ'ଣ ଥିଲା ?**

(କ) ଖାରବେଳ (ଖ) ବିବେକ
(ଗ) ସୁନାକର (ଘ) ଅଶୋକ

**୧୪. ମାଷ୍ଟରଜୀ କେତେଟଙ୍କା ଦରମାର ଟ୍ୟୁସନମାଷ୍ଟର ଥିଲେ ?**

(କ) ପାଞ୍ଚଟଙ୍କା (ଖ) ସାତଟଙ୍କା
(ଗ) ଦଶଟଙ୍କା (ଘ) ବାରଟଙ୍କା

**୧୫. ମାଷ୍ଟରଜୀଙ୍କ ଘର କେଉଁଠି ଥିଲା ?**

(କ) ଡାଲମଣ୍ଡି (ଖ) ରାମପୁର
(ଗ) ସୀତାପୁର (ଘ) ବନାରସ

**୧୬. ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ କ'ଣ ଥିଲା ?**

(କ) ବଣ୍ଟି ଓ ବବ୍‌ଲୁ (ଖ) ମୁନ୍ନା ଓ ମନ୍ନୁ
(ଗ) ତନୁ ଓ ମୁନି (ଘ) କାଶିଆ ଓ କପିଳା

**୧୭. ଅଶୋକର ପୋଷା ମାଙ୍କଡ଼ ଛୁଆର ନାଁ କ'ଣ ଥିଲା ?**

(କ) କାଲୁ (ଖ) ରାମୁ
(ଗ) ମନ୍ନୁ (ଘ) ଧନ୍ନୁ

**୧୮. ମାତାଜୀ କିଏ ?**

(କ) ମାଷ୍ଟରଜୀଙ୍କ ମା'
(ଖ) ମାଷ୍ଟରଜୀଙ୍କ ଭଉଣୀ
(ଗ) ମାଷ୍ଟରଜୀଙ୍କ ସ୍ତ୍ରୀ
(ଘ) ମାଷ୍ଟରଜୀଙ୍କ ପରିଚାରୀ

**୧୯. ମାଷ୍ଟରଜୀଙ୍କ ପୂରା ନାଁ କ'ଣ ଥିଲା ?**

(କ) ଦର୍ପ ନାରାୟଣ ସାହା
(ଖ) ରୂପ ନାରାୟଣ ସାହା
(ଗ) ଶାନ୍ତ ନାରାୟଣ ସାହା
(ଘ) ସ୍ୱପ୍ନ ନାରାୟଣ ସାହା

**୨୦. ମାଷ୍ଟରଜୀ କେଉଁ ରୋଗର ଶିକାର ହୋଇଥିଲେ ?**

(କ) ଯକ୍ଷ୍ମା (ଖ) ଶ୍ୱାସ
(ଗ) ପ୍ଳୁରୋସି (ଘ) ଆଣ୍ଠୁଗଣ୍ଠିବାତ

**୨୧. ମାଷ୍ଟରଜୀଙ୍କ ପୁଅର ନା କ'ଣ ଥିଲା ?**

(କ) ହରିଶରନ୍ (ଖ) ଶିବପ୍ରକାଶ
(ଗ) ମୋତିସରନ୍ (ଘ) ରାମସରନ୍

**୨୨. ମାତାଜୀଙ୍କର ପ୍ରସ୍ତୁତ ସ୍ୱାଦିଷ୍ଟ ଖାଦ୍ୟ କ'ଣ ଥିଲା ?**

(କ) ଉପମା (ଖ) ସୁଜି
(ଗ) ହାଲୁଆ (ଘ) ବିରିବରା

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର ଲେଖ । ପ୍ରତି ଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର ।

୧. କାହାକୁ ଆଉଜି ରାସ୍ତାକୁ ଚାହିଁ ଛିଡ଼ା ହୋଇଥିଲେ ବୋଲି ଲେଖକ କହିଛନ୍ତି ?

୨. ଆସନ୍ନ ସଂଧ୍ୟାର ମଳିନ ଆଲୁଅରେ କିଏ ଚକ୍‌ଚକ୍ କରୁଥିଲା ?

୩. ଡାଲମଣ୍ଡିରେ ସଂଧ୍ୟା କିପରି ଆସେ ?

୪. ଡାଲମଣ୍ଡିରେ ରାତ୍ରି କିପରି ଆସେ ?

୫. କାହାକୁ ରହସ୍ୟମୟ ବୋଲି କୁହାଯାଇଛି ?

୬. ସଂଧ୍ୟାକାଳରେ ଗଙ୍ଗାମାତାର ସ୍ୱରୂପ କିପରି ବର୍ଣ୍ଣିତ ?

୭. ରାତ୍ରିର ବିଦ୍ୟୁତ୍ ଆଲୋକର ପ୍ରତିବିମ୍ୱରେ ଗଙ୍ଗାର ବକ୍ଷ କିପରି ପ୍ରତିଭାତ ?

୮. ମାଝିର ଭାଷା କ'ଣ ଥିଲା ?

୯. ବାପାଙ୍କୁ ଟିକସ ବାବଦରେ କେତେ ଟଙ୍କା ଦେବାକୁ ହୋଇଥିଲା ?

୧୦. ଅଶୋକଙ୍କ ବାବା କେଉଁ ଟିପ୍ପଣୀ ଦେଇଥିଲେ ?

୧୧. ମାଷ୍ଟରଜୀଙ୍କ କଣ୍ଠସ୍ୱର କିମିତି ଶୁଣାଯାଉଥିଲା ?

୧୨. ମାଷ୍ଟରଜୀ କେତେ ଟଙ୍କାର ଦରମାରେ ଟ୍ୟୁସନ ମାଷ୍ଟର ଥିଲେ ?

୧୩. ରିକ୍ସାକୁ କେଉଁଠିକି ଯିବାକୁ ଅଶୋକ କହିଛନ୍ତି ?

୧୪. ଅଶୋକ ପଢ଼ିସାରିଲା ବେଳକୁ ମାତାଜୀ କିମିତି ପହଞ୍ଚି ଯାଆନ୍ତି ?

୧୫. ମାଷ୍ଟରଜୀଙ୍କ ଘର କେଉଁ ଗଳିରେ ବୋଲି ବର୍ଣ୍ଣିତ ?

୧୬. ମାଷ୍ଟରଜୀଙ୍କ ମୁହଁରୁ ନିଜର ନାଁ ଶୁଣି ଅଶୋକଙ୍କର କ'ଣ ହୋଇଥିଲା ?

୧୭. ଅନେକ ଦିନ ପରେ ମାଷ୍ଟରଜୀଙ୍କୁ ଦେଖି ଅଶୋକ କ'ଣ ଅନୁଭବ କରିଥିଲେ ?

୧୮. ମାଷ୍ଟରଜୀ କେଉଁ ଅଭିଯୋଗରେ ଜେଲ୍ ଯାଇଥିଲେ ?

୧୯. ମାଷ୍ଟରଜୀ ରିକ୍ସାଖଣ୍ଡକ କିପରି କିଣିଥିଲେ ?

୨୦. ମାଷ୍ଟରଜୀଙ୍କ କାହାଣୀର ଚରିତ୍ର ସବୁ କେଉଁମାନେ ଥିଲେ ?

୨୧. ମାତାଜୀଙ୍କର କ'ଣ ହୋଇଛି ବୋଲି ମାଷ୍ଟରଜୀ କହିଥିଲେ ?

୨୨. କାହାର ବିବେକ ନେଇ ଚାଲୁଥିଲେ ବୋଲି ଅଶୋକ ସ୍ୱୀକାର କରିଛନ୍ତି ?

୨୩. ହାତରେ ଜଳୁଥିବା କାଗଜ ରେ କ'ଣ ଲେଖାଥିବାର ଅଶୋକ ଦେଖିଥିଲେ ?

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତି ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ ।

୧. ବନାରସକୁ ଲେଖକ କିପରି ପରିଚିତ କରାଇଛନ୍ତି ?

୨. ଡାଲମଣ୍ଡିକୁ ଗଳ୍ପରେ କିପରି ବର୍ଣ୍ଣନା କରାଯାଇଛି ?

୩. ବନାରସ୍‌ର ସଂକୀର୍ଣ୍ଣ ଫୁଟପାଥ ଉପରେ ଲେଖକଙ୍କର ଭିଡ଼ କାହିଁକି ଥିଲା ?

୪. ଗଂଗାର ଢେଉ ଲେଖକଙ୍କ ଦୃଷ୍ଟିରେ କିପରି ପ୍ରକାଶିତ ?

୫. ସଂଧ୍ୟାରେ ଲେଖକ କେଉଁଠାରୁ ଫେରୁଥିଲେ ?

୬. ଅଶୋକଙ୍କ ସାନ ଭଉଣୀର ମନ୍ତବ୍ୟ ପଛର କାରଣ କିପରି ଉଲ୍ଲିଖିତ ?

୭. ଗୁରୁଗମ୍ଭୀର ସ୍ୱରରେ ମାଷ୍ଟରଜୀ କ'ଣ ଆରମ୍ଭ କଲେ ?

୮. ମାଷ୍ଟରଜୀଙ୍କ ପାଠର ମୂଳଦୁଆ ଉପରେ ଅଶୋକ କେଉଁ କେଉଁ ଘର କରିଥିବାର ବର୍ଣ୍ଣନା କରିଛନ୍ତି ?

୯. ମାଷ୍ଟରଜୀଙ୍କର କେତୋଟି ଶିଷ୍ୟଥିଲେ ଓ ସେମାନଙ୍କର ନାମ କ'ଣ ?

୧୦. ପଢ଼ିସାରିଲା ବେଳକୁ ହାତରେ କ'ଣ ଧରି ପହଞ୍ଚିଯାଉଥିଲେ ମାତାଜୀ ?

୧୧. କ'ଣ ଧୂପ କାଷ୍ଠ ପରି ଦୁଇଆଡ଼କୁ ବାଙ୍କିଯାଇଛି ବୋଲି କୁହାଯାଇଛି ?

୧୨. ରୂପନାରାୟଣଙ୍କର ସୁନା ଦୋକାନ କେଉଁଠାରେ ଥିବାର କୁହାଯାଇଛି ?

୧୩. ରିକ୍ସାବାଲାର ଆଖି ଦୁଇଟା କିପରି ଦେଖା ଯାଉଥଲା ?

୧୪. କାହାର ପ୍ରତିକୃତି ଭିତରୁ ମାଷ୍ଟରଜୀଙ୍କର ସେ ଦିନର ଚେହେରା ବାହାରି ଆସିଲା ?

୧୫.   ଅନେକ ଦିନ ପରେ ରିକ୍ସାବାଲା ରୂପୀ ମାଷ୍ଟରଜୀଙ୍କୁ ଦେଖି ଅଶୋକ କ'ଣ ଅନୁଭବ କଲେ ?

୧୬.   ମାଷ୍ଟରଜୀ କାହାର ପୁରୋଧା ଥିଲେ ?

୧୭.   ମାଷ୍ଟରଜୀ କେଉଁ ଅଭିଯୋଗରେ ଜେଲ ଯାଇଥିଲେ ?

୧୮.   ମାଷ୍ଟରଜୀ ନିଜ ପୁଅ ସମ୍ପର୍କରେ କେଉଁ ମନ୍ତବ୍ୟ ଦେଇଥିଲେ ?

୧୯.   କାହାକୁ ଇତିହାସ ଠାରୁ ଆହୁରି ସତ୍ୟ ବୋଲି ଅଶୋକ ଭାବିଛନ୍ତି ?

୨୦.   ଲମ୍ବା ଋବୁକ୍‌ଟା ଧରି ଏ ଜାତିକୁ ପିଟିଲେ କ'ଣ ହେବ ବୋଲି କୁହାଯାଇଛି ?

## (ଘ)  ତିରିଶିଟି ଶବ୍ଦରେ ପ୍ରତି ପ୍ରଶ୍ନର ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।

୧.   ବନାରସର ରାସ୍ତାଟି ଲେଖକଙ୍କୁ କିପରି ଦେଖାଯାଉଛି ?

୨.   ଡାଳମଣ୍ଡିର ବର୍ଣ୍ଣନା କିପରି କରାଯାଇଛି ?

୩.   ଗଙ୍ଗାରେ ଅତିକ୍ରାନ୍ତ ସଂଧ୍ୟାର ରୂପ କିପରି ଥିଲା ?

୪.   ଗଙ୍ଗାକୂଳର ଆଲୋକମାଳାରେ ଗଙ୍ଗାର ରୂପ କିପରି ବର୍ଣ୍ଣିତ ?

୫.   କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ କ'ଣ କ'ଣ ଘଟିଥିଲା ?

୬.   ମାଷ୍ଟରଜୀଙ୍କ ଆଶ୍ୱାସନା ଅଶୋକଙ୍କ ନିକଟରେ କେଉଁ ଅନୁଭୂତି ପ୍ରଦାନ କରିଥିଲା ?

୭.   ମୁନ୍ନା ଓ ମନ୍ନୁଙ୍କୁ ଦୁଇଟା ମାଙ୍କଡ଼ ବୋଲି ମାଷ୍ଟରଜୀ କାହିଁକି କହୁଥିଲେ ?

୮.   ଅନେକ ଦିନ ପରେ ଅଶୋକଙ୍କ ପରିଚୟ ପାଇ ମାଷ୍ଟରଜୀ କ'ଣ କରିଥିଲେ ?

୯.   ହଠାତ୍ ମାଷ୍ଟରଜୀଙ୍କର ଗୋଟାଏ ଝାଙ୍କ କାଶ ପରର ଘଟଣା କ'ଣ ଥିଲା ?

୧୦.   ମାଷଟରଜୀଙ୍କ କାହାଣୀରେ କେଉଁ ଚରିତ୍ରମାନେ ଥିଲେ ?

୧୧.   ମାଷ୍ଟରଜୀଙ୍କ କାହାଣୀ ଉପାଖ୍ୟାନ ପରେ ଅଶୋକଙ୍କର କ'ଣ ମନେ ହୋଇଛି ?

୧୨.   ସାକ୍ଷାତ ପରେ ଉଠିବାକୁ ଆରମ୍ଭ କଲାବେଳେ ମାଷ୍ଟରଜୀ କ'ଣ ଦେଖାଇ ଦେଲେ ?

୧୩.   ଅଶୋକଙ୍କ କାନପାଖେ କିଏ ଫିସ୍‌ଫିସ୍ କରି କ'ଣ କହୁଥିଲେ ?

## (ଙ)  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଲେଖାଏଁ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

୧.   ବନାରସର ବର୍ଣ୍ଣନା ଗଳ୍ପରେ କିପରି କରାଯାଇଛି ?

୨.   ଡାଲ୍‌ମଣ୍ଡିର ବର୍ଣ୍ଣନା ଗାଳ୍ପିକ କିପରି କରିଛନ୍ତି ?

୩.   ମାଷ୍ଟରଜୀଙ୍କ ବିଦାୟ ନେଲାପରେ ଅଶୋକଙ୍କ ମନରେ ଯେଉଁସବୁ ପ୍ରତିକ୍ରିୟା ହୋଇଛି – ତାହା ଦର୍ଶାଅ ।

୪.   ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଚରିତ୍ର ଚିତ୍ରଣ କର ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) କ୍ରିଷ୍ଟମାସ ଛୁଟି
୨. (ଖ) ଗ୍ଲେସିଅର ପରି
୩. (ଘ) ଡାଲ୍‌ମଣ୍ଡି
୪. (କ) ଡଷ୍ଟବିନ୍
୫. (ଗ) ଗଙ୍ଗାଜୀ
୬. (ଖ) ଗହମୀ
୭. (ଗ) ସିଲ୍‌ହଟ୍
୮. (ଘ) ଲାଇଟପୋଷ୍ଟ
୯. (କ) ମିଲିଟାରୀ ଡାକ୍ତର
୧୦. (ଗ) ରାମନଗର
୧୧. (ଘ) ହରିଶ୍ଚନ୍ଦ୍ରଘାଟ
୧୨. (କ) ଦଶ ବର୍ଷ
୧୩. (ଘ) ଅଶୋକ
୧୪. (ଘ) ବାରଟଙ୍କା
୧୫. (ଖ) ରାମପୁର
୧୬. (ଖ) ମୁନ୍ନା, ମନ୍ନୁ
୧୭. (ଗ) ମନ୍ନୁ
୧୮. (କ) ମାଷ୍ଟରଜୀଙ୍କ ମା'
୧୯. (ଖ) ରୂପ ନାରାୟଣ ସାହା
୨୦. (ଗ) ପ୍ଲୁରୋସି
୨୧. (ଘ) ରାମସରନ୍
୨୨. (ଗ) ହାଲୁଆ

## (ଖ) ଗୋଟିଏ ବାକ୍ୟରେ ବା ଶବ୍ଦରେ ଉତ୍ତର

୧. ଗୋଟିଏ ଲାଇଟ୍‌ପୋଷ୍ଟକୁ ଆଉଜି ଛିଡ଼ା ହୋଇ।
୨. କାଶୀ ବିଶ୍ୱନାଥ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା।
୩. ଆତୁରା ନାୟିକାର ନିମନ୍ତ୍ରଣ ଭୀରୁ ଆଖିର ଇଙ୍ଗିତରେ ଡାଲମଣ୍ଡିରେ ସଂଧ୍ୟା ଆସେ।
୪. ରତିକ୍ଳାନ୍ତ କାମୁକୀ ନାରୀର ସ୍ୱେଦସିକ୍ତ ଆଖିର ପତାରେ ଡାଲମଣ୍ଡିର ରାତ୍ରି ଆସେ।
୫. ଗୋଧୂଳି ଓ ଗଙ୍ଗାଜୀ ଉଭୟେ ରହସ୍ୟମୟୀ।
୬. ରଙ୍ଗାମାତା ଯେପରି ତନ୍ଦ୍ରାତୁରା ଶିଶୁସନ୍ଧ୍ୟାକୁ କୋଳେଇ ନଚେଇ ନଚେଇ ଶୁଆଇ ପକଉଛି ରାତ୍ରିର ଗଭୀର ନିଦ୍ରାରେ।
୭. ବିଦ୍ୟୁତ୍ ଆଲୋକର ପ୍ରତିବିମ୍ୱରେ ଗଙ୍ଗାର ଦେହେଦେହେ ଗଭୀର ନୀଳରଙ୍ଗର ବୁଟିଦାର ବନାରସୀ ଶାଢ଼ୀ – ଛତ୍ରେ ଛତ୍ରେ ରୂପେଲି ଜରିର ତାରା ଫୁଟିଛି।
୮. ହିନ୍ଦି, ମୈଥିଳୀ ଆଉ ଭୋଜପୁରୀ ମିଶାମିଶି ଅଦ୍ଭୁତ ଭାଷା ଥିଲା ମାଝିର।
୯. ବାପାଙ୍କୁ ଟିକସ ବାବଦରେ ଦଶଟଙ୍କା ଦେବାକୁ ହୋଇଥିଲା।
୧୦. ଅଶୋକଙ୍କ ଦାଦା କହିଥିଲେ – "ତୋର କ'ଣ ଦରକାର ଥିଲା ଯେ – ତୁ ... ଇଡିଏଟ୍।"
୧୧. ମାଷ୍ଟରଜୀଙ୍କ କଣ୍ଠସ୍ୱର ସହାନୁଭୂତିରେ ଆର୍ଦ୍ର, ବାଷ୍ପାକୁଳ ଓ କ୍ରୋଧ ମିଶାମିଶି ହୋଇ ଅଦ୍ଭୁତ ଶୁଣାଯାଉଥିଲା।
୧୨. ଧର୍ମର ଜୟ ଓ ଅଧର୍ମର ପରାଜୟ – ବୋଲି ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରୁଅଛି।

୧୩. ରିକ୍ସାକୁ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌କୁ ଯିବାକୁ ଅଶୋକ କହିଛନ୍ତି ।

୧୪. ହାତରେ ପିଜୁଳି, ଆମ୍ବ ନ ହେଲେ ହାଲୁଆ ଧରି ଆସି ପହଞ୍ଚି ଯାଆନ୍ତି ମାତାଜୀ ।

୧୫. କ୍ୟାଣ୍ଟନ୍‌ମେଣ୍ଟ ପରେ ସଦର ବଜାରର ଛୋଟ ପୋଷ୍ଟଅଫିସ୍ ସାମ୍ନାରେ ଥିବାଗଳିରେ ମାଷ୍ଟରଙ୍କ ଘର ।

୧୬. ମାଷ୍ଟରଜୀଙ୍କ ମୁହଁରୁ ନିଜର ନାଁ ଶୁଣି ସତେ ଯେପରି ଅଶୋକଙ୍କ ମେରୁଦଣ୍ଡ ନେଇ ବିଦ୍ୟୁତ୍‌ର ଶୀତ୍‌କାର ପହଁରିଗଲାମୁହୂର୍ତ୍ତକ ଭିତରେ ।

୧୭. ଅଶୋକ ଅନୁଭବ କରିଥିଲେ ଯେ ମନୁଷ୍ୟ କଥା କହିବା ଅପେକ୍ଷା ନୀରବରେ ତା'ଠାରୁ ଯଥେଷ୍ଟ ଅଧିକ ପ୍ରକାଶ କରିପାରେ ।

୧୮. ମାଷ୍ଟରଜୀ ରାଷ୍ଟ୍ର ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ଜେଲ ଯାଇଥିଲେ ।

୧୯. ବଳକା ଦିଖଣ୍ଡ ଅଳଂକାରକୁ ବିକି ଓ ବଳକା ଅର୍ଥ କରଜ କରି ମାଷ୍ଟରଜୀ ରିକ୍ସାଟିଏ କିଣିଥିଲେ ।

୨୦. ମାଷ୍ଟରଜୀଙ୍କ କାହାଣୀର ଚରିତ୍ରମାନେ ଥିଲେ ସ୍ୱର୍ଗର ପରି, ଆଣ୍ଡ୍ରୋସିଲିସ୍‌ର ସିଂହ, ସୁନୀତି ସନ୍ତାନ ଧ୍ରୁବ ଆଉ ରାଜପୁତ ବୀର ପ୍ରତାପ ସିଂହ ।

୨୧. ମାଷ୍ଟରଜୀ କହିଥିଲେ – କୈ ସାଲ୍ ହୁଆ ଦିମାକ୍ ବିଗଡ୍ ଗୈ ... ।"

୨୨. ଜଣେ ହତ୍ୟାକାରୀର ଭୀରୁ ସଂକୁଚିତ ବିବେକ ନେଇ ଚାଲୁଥିଲେ ବୋଲି ଅଶୋକ ଅନୁମାନ କରିଥିଲେ ।

୨୩. ମଇଳା, କାଗଜ ଗୁଳାଟିକୁ ଖୋଲି ଦେଖିଲେ, ସେଥିରେ ଲେଖାଥିଲା 'ରୂପନାରାୟଣ ସାହା ସଦରବଜାର, କାଣ୍ଟନ୍‌ମେଣ୍ଟ ରୋଡ୍, ବନାରସ ।

## (ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।

**ଏ ସମସ୍ତ ପ୍ରଶ୍ନର ଉତ୍ତର ଲେଖିଲାବେଳେ "ଗଳ୍ପ – ରୂପ ନାରାୟଣ ସାହା; ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ" ଲେଖିବାକୁ ହେବ ।**

୧. ବନାରସକୁ ଭାରତଭୂମିର ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଜନତାର ଚିର ଇପ୍‌ସିତ ନଗର ବୋଲି ବର୍ଣ୍ଣନା କରାଯାଇଛି ।

୨. ଡାଳମଣ୍ଡିକୁ ସହସ୍ରାଧିକ ବାରଙ୍ଗନାଙ୍କ ଆଶ୍ରୟଦାତ୍ରୀ ଓ ଲକ୍ଷ ରୂପ-ପିୟାସୀ ନାଗରିକ ପଦରଜ ସିକ୍ତ ତୀର୍ଥ ବୋଲି ବର୍ଣ୍ଣନା କରାଯାଇଛି ।

୩. ଅକାରଣରେ ଆନନ୍ଦ ସନ୍ଧାନ କରିବାକୁ ଅନେକ ଲୋକ ଆସନ୍ତି ବନାରସ ।

୪. ଗଙ୍ଗାର ଢେଉ ଦେଖି ଲେଖକ ଭାବୁଛନ୍ତି – ଗଙ୍ଗାମାତା ଯେମିତି ତନ୍ଦ୍ରାତୁର ଶିଶୁ ସିନ୍ଧ୍ୟାକୁ କୋଳରେ ନଚେଇ ଶୁଆଇ ପକାଉଛି ରାତିର ଗଭୀର ନିଦ୍ରାରେ ।

୫. ପରିବାରର ସମସ୍ତ ଲୋକ ନୌକାରେ ଗଙ୍ଗା ଆରପାରିର ରାମନଗର ଦେଖିସାରି ଫେରୁଥିଲେ ।

୬. ଶିକାରୁ ଆଚାର ତିଆରି କରିବାକୁ ସାନଭଉଣୀର ବହୁ କରୁଣ ମିନତିକୁ ବାରମ୍ବାର ଉପେକ୍ଷା କରି ଅଶୋକ ନିଜସ୍ୱ ସୁବିଧା ଅନୁସାରେ ଯାହା କରିଥିବାର କାରଣ ପ୍ରଦତ୍ତ ହୋଇଛି ।

୭. ଗୁରୁଗମ୍ଭୀର ସ୍ୱରରେ ମାଷ୍ଟରଜୀ କହିଲେ – ଆପଣମାନେ ଯେ କ'ଣ କଲେ ? କ'ଣ ଭୁଲ କରିଛି ଅଶୋକ ? ସତ କହିଛି – ଏଇତ ?"

୮. ମାଷ୍ଟରଜୀଙ୍କ ପାଠର ମୂଳଦୁଆ ଉପରେ ଅଶୋକ ମାଟ୍ରିକ୍ୟୁଲେସନ, ଆଇ.ଏ.; ବି.ଏ.; ଏମ୍.ଏ.; ଆଉ ତା'ପରେ ବି.ଏ.-ଅକ୍ସନ - ଏଇସବୁ ଘର ତିଆରି କରିଛନ୍ତି ବୋଲି ଅଶୋକ କହିଛନ୍ତି।

୯. ମାଷ୍ଟରଜୀଙ୍କର ଦୁଇଟି ଶିଷ୍ୟ ଥିଲେ - ସେମାନଙ୍କର ନାମଥିଲା ମୁନ୍ନା ଓ ମନ୍ନୁ।

୧୦. ପଢ଼ି ସାରିଲା ବେଳକୁ ପ୍ରାୟ ହାତରେ ପିଜୁଳି, ଆମ୍ବ, ନ ହେଲେ ହାଲୁଆ ଧରି ଆସି ପହଞ୍ଚି ଯାଉଥିଲେ ମାତାଜୀ।

୧୧. ସଦରବଜାର ପୋଷ୍ଟ ଅଫିସ୍ ସାମ୍ନାର ଦୁଇଟା ରାସ୍ତାର ଧୂପକାଠି ପରି ଦୁଇଆଡ଼କୁ ବାଙ୍କି ଯାଇଛି ବୋଲି କୁହାଯାଇଛି।

୧୨. ଗୋଧୂଳିଆରେ ରୂପ ନାରାୟଣଙ୍କର ସୁନା ଦୋକାନ ଥିବାର କୁହାଯାଇଛି।

୧୩. ରିକ୍ସାବାଲାର ଆଖି ଦୁଇଟା ପରଳଲଗା ପେଜୁଆ ପେଜୁଆ ଦେଖା ଯାଉଥିଲା।

୧୪. ବିପର୍ଯ୍ୟସ୍ତ, ଜରାକ୍ଳାନ୍ତ, ଦୀନ ରିକ୍ସାବାଲାର ମଳିନ ପ୍ରତିକୃତି ଭିତରୁ ମାଷ୍ଟରଜୀଙ୍କର ସେଦିନର ଚେହେରା ଉଇଁ ଆସିଲା ବୋଲି କୁହାଯାଇଛି।

୧୫. ଅନେକ ଦିନ ପରେ ଅଶୋକ ଅନୁଭବ କଲେ ଯେ - ମନୁଷ୍ୟ କଥା କହିବା ଅପେକ୍ଷା ନୀରବରେ ତା'ଠାରୁ ପ୍ରକାଶ କରିପାରେ ଯଥେଷ୍ଟ ବେଶି।

୧୬. ସାରା ଉତ୍ତରପ୍ରଦେଶ ବ୍ୟାପି ଯେଉଁ ଶିକ୍ଷକ ଧର୍ମଘଟ ହୋଇଥିଲା ତା'ର ପୁରୋଧା ଥିଲେ ମାଷ୍ଟରଜୀ।

୧୭. ମାଷ୍ଟରଜୀ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ଜେଲ ଯାଇଥିଲେ।

୧୮. ମାଷ୍ଟରଜୀ କହିଥିଲେ - 'ବଡ଼ ପିଲାବେଳୁ ତା' ଉପରେ ଅନେକ ଦାୟିତ୍ୱ ପଡ଼ିଗଲା।"

୧୯. ଦକ୍ଷ ଦରିଦ୍ରର ଆତ୍ମକାହାଣୀ ଯାହା ପରୀ ରାଇଜର କଳ୍ପନାକୁ ମଧ୍ୟ ପରାସ୍ତ କରେ - ଏହାକୁ ଇତିହାସଠାରୁ ଆହୁରି ସତ୍ୟ ବୋଲି ଅଶୋକ ଭାବିଛନ୍ତି।

୨୦. ଏ ଅଚେତନ ଜାତିର ମସ୍ତିଷ୍କରେ ଧୀରେ ଧୀରେ ଚେତନା ସଞ୍ଚାରିତ ହେବ।

## (ଘ) ଏ ବର୍ଗର ପ୍ରଶ୍ନର ଉତ୍ତର ଦେଲାବେଳେ - ଆରମ୍ଭରେ ଲେଖା ଓ ଲେଖକଙ୍କ ସମ୍ପର୍କରେ ସୂଚନା ରହବ।

**(ବିଷୟ - ରୂପନାରାୟଣ ସାହା - ଅଖିଳ ମୋହନ ପଟ୍ଟନାୟକ)**

୧. ଗୋଟିଏ ଲାଇଟ୍‌ପୋଷ୍ଟକୁ ଆଉଜି ଦେଖୁଛନ୍ତି ଯେ ବନାରସର ରାସ୍ତାଟିରେ ସିଆର ସିଆର ହୋଇ ଲୋକଙ୍କ ଧାଡ଼ି ଯେମିତି ଜମାଟ ବାନ୍ଧିଛି ବରଫ ପରି। ଜମାଟ ବନ୍ଧା ବରଫର ସ୍ତୂପ ଯେମିତି ସୂର୍ଯ୍ୟର ପ୍ରଥମ କିରଣରେ ଧୀରେଧୀରେ ଗ୍ଲେସିଅର ପରି ପ୍ରସରି ଯାଇଛି - ରାଜପଥର ପ୍ରତିଟି ବର୍ଗଇଞ୍ଚକୁ ଆଲିଙ୍ଗନ କର।

୨. ଡାଲ୍‌ମଣ୍ଡି ସହସ୍ରାଧିକ ବାରାଙ୍ଗନାର ଆଶ୍ରୟଦାତ୍ରୀ, ଲକ୍ଷ ରୂପ ପିୟାସୀ ନାଗରିକ ପଦରଜରେ ସିକ୍ତ ତୀର୍ଥ। ସେଠି ନାୟିକାର ଆଖିର ବର୍ଚ୍ଛାରେ ତ୍ରସ୍ତା ହୁଏ ସଂଧ୍ୟା - ପୁଣି ମଦନ ଅର୍ଚ୍ଚନାର କୋଳାହଳରେ ରାତ୍ରି ନିର୍ବାସିତା। ଏଠି ସଂଧ୍ୟା ଆସେ ଆତୁରା ନାୟିକାର ନିମନ୍ତ୍ରଣ ଭୀରୁ ଆଖିର ଇଙ୍ଗିତରେ - ରାତ୍ରି ଆରେ ରତିକ୍ଳାନ୍ତ କାମୁକୀ ନାରୀର ସ୍ୱେଦସିକ୍ତ ଆଖିର ପତାରେ ପତାରେ। ତେଣୁ ଡାଲମଣ୍ଡୀ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍।

୩. ଗଙ୍ଗାରେ ଅତିକ୍ରାନ୍ତ ସଂଧ୍ୟାର ରୂପ ଅତ୍ୟନ୍ତ ଚମତ୍କାର। ଦିଗହରା ପବନରେ ଗଙ୍ଗର କୃଷ୍ଣ ନୀଳପାଣି ଅସଂଖ୍ୟ ଢେଉରେ ଭାଙ୍ଗି ପଡୁଛି। ପ୍ରତିଟି ଢେଉର ନୀଳପାତ୍ରରେ ଅଳ୍ପ କିଛି ଧୂସର ଅନ୍ଧାର। ଗଙ୍ଗାମାତା ଯେମିତି ତନ୍ଦ୍ରାତୁରା ଶିଶୁ ସନ୍ଧ୍ୟାକୁ କୋଳରେ ନଚେଇ ନଚେଇ ଶୁଆଇ ପକେଇଛି ରାତ୍ରିର ଗଭୀର ନିଦ୍ରାରେ।

୪. ରାତ୍ରିର ଆଲୋକମାଳା – କୂଳର ଅସଂଖ୍ୟ ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ ପଡ଼ିଛି ଗଙ୍ଗା ବକ୍ଷରେ – କେଶରୀ ମଧ୍ୟମା ଗଙ୍ଗାର କଟି ଆବୃତ୍ତ କରିଛି ସୁବର୍ଣ୍ଣ ମେଖଳା । ଆଉ ଗଙ୍ଗାର ଦେହେ ଦେହେ ଗଭୀର ନୀଳ ରଙ୍ଗର ବୁଟିଦାର ବନାରସୀ ଶାଢ଼ୀ – ଛନ୍ଦ୍ରେ ଛନ୍ଦ୍ରେ ରୂପେଲୀ ଜରିର ତାରା ଫୁଟିଛି ।

୫. କର୍ପୋରେସନର ଅଦୃଶ୍ୟ ଇଂଗିତରେ ବାଧ୍ୟ ଶିଶୁ ପରି ନୌକା ଲାଗିଲା ଘାଟରେ, ସେ ଲୋକ ପାଖରେ । ଆଉ ଜଣକୁ ଟଙ୍କାଏ ହିସାବରେ ବାପାଙ୍କୁ ଦଶଟଙ୍କା ନଗଦ ଗଣି ଦେବାକୁ ପଡ଼ିଲା । ଏବଂ ଟ୍ୟାକ୍ସ ଦେଇସାରି ନୌକା କୂଳରୁ ମୁକୁଳି ଗଲା ।

୬. ଶତାୟୁ ଗୋଧୂଳିର ସେଇ ଲଗ୍ନରେ ଅଶୋକଙ୍କର ସମସ୍ତ ଇନ୍ଦ୍ରିୟ ଆଚ୍ଛନ୍ନ କରି ସେ ମାଷ୍ଟରଜୀଙ୍କର ସମଗ୍ରସତ୍ତା ଯେପରି ଅନୁଭବ କରିଥିଲା । ସତ୍ୟର ପ୍ରଚଣ୍ଡ ଅସ୍ତିତ୍ୱ ଯେପରି ତାଙ୍କର ଦୁର୍ବଳ ବ୍ୟକ୍ତିତ୍ୱର ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି ନିଜକୁ ପ୍ରକାଶ କରୁଥିଲା ।

୭. ମନ୍ନୁ ଦାନ୍ତ ଦେଖେଇଲେ ଡରିଯାଆନ୍ତି ମାଷ୍ଟରଜୀ । ଲଣ୍ଠନ ଠିପିଖୋଲି ପାଣି ପୂରାଏ, ମୁନ୍ନା, ଆଉ ମନ୍ନୁ ମାଷ୍ଟରଜୀଙ୍କ ପାନଡବାରୁ ପାନ କାଢ଼ି ଚାରିଖଣ୍ଡକୁ ଏକାଥରେ ପାଟିରେ ପୂରାଏ । ମନ୍ନୁପାନ ଖାଏ, ମୁନ୍ନା ପାଣି ପୂରାଏ ଆଉ ପାଣିଛାଟି ଦେଖି ଲଣ୍ଠନ କାଚକୁ ଭାଙ୍ଗେ । ତେଣୁ ମାଷ୍ଟରଜୀ କହନ୍ତି ମୁନ୍ନା ଓ ମନ୍ନୁ ମାଙ୍କଡ଼ ଦି' ଭାଇଙ୍କୁ ମଣିଷ କିପରି କରିବି ?

୮. ମାଷ୍ଟରଜୀ ତାଙ୍କର କ୍ଷୁଦ୍ର ପରିଚିତ ମହଲ ଭିତରେ ଘୂରେଇ ଫେରେଇ ତିନିଥର ବୁଲେଇ ଆଣିଥିଲେ । କଥା କଥାକେ ପ୍ରଶଂସା । ଗର୍ବ ଆଉ ଆନନ୍ଦରେ ସେ ଅସ୍ଥିର । ସେ ମୁହୂର୍ତ୍ତରେ ତାଙ୍କୁ କିଏ ଦେଖିଥିଲେ କହିଥା'ନ୍ତି । ସେ ପୃଥିବୀର ସବୁଠାରୁ ସୁଖୀ ମନୁଷ୍ୟ ।

୯. ହଠାତ୍ ଗୋଟାଏ ଝାଙ୍କ କାଶରେ ଦୋହଲିଗଲା ମାଷ୍ଟରଜୀଙ୍କର ଜୀର୍ଣ୍ଣକଙ୍କାଳ । ତା'ପରେ ସେ କହିଲେ, ଆଜିକାଲି ଆଉ ଦେହ ଭଲ ରହୁନାହିଁ । ବଳେଇ ପଡ଼ିବାରୁ ଡାକ୍ତରଖାନାକୁ ଦେଖେଇବାକୁ ଯାଇଥିଲି । କ'ଣ ଦେଖିଲେ କେଜାଣି – କହିଲେ, ପ୍ଲୁରେସି ହୋଇଛି ଚିକିତ୍ସା କରିବାକୁ ଅନେକ ପଇସା ଲାଗିବ ।

୧୦. ମାଷ୍ଟରଜୀଙ୍କ କାହାଣୀର ଚରିତ୍ରମାନେ ଥିଲେ ସ୍ୱର୍ଗର ପରୀ, ଆଣ୍ଡ୍ରୋସିଲିସ୍‌ର ସିଂହ, ସୁନୀତି ସନ୍ତାନ ଧ୍ରୁବ, ରାଜପୁତ ବୀର ପ୍ରତାପ ସିଂ । ଚୌହାନର ପୃଥ୍ୱୀରାଜ ଓ ପଳାତକ ଶିଖିମନାଇ, ଜୟଦ୍ରଥ ।

୧୧. ମାଷ୍ଟରଜୀଙ୍କ ନିଜ କାହାଣୀ ଜାଣି ସାରିଲା ପରେ ଅଶୋକଙ୍କର ମନେ ହୋଇଛି ଏବେ ବି ଯିମିତି ଅଶୋକଙ୍କ ପାଠପଢ଼ା ଅସମାପ୍ତ ରହିଯାଇଛି । ସେଦିନର ସେଇ କୌତୂହଳ ନେଇ ଶିଶୁ ପରି ଆଜି ବି ସେ ମାଷ୍ଟରଜୀଙ୍କ ପାଖରେ ବସି ବହି ପଢୁଛି । ବିଶ୍ୱର ଏଇ ବିରାଟ ବହି ଉପରେ କହୁ ବିଚିତ୍ର ମନୁଷ୍ୟ ନାୟକ ନାୟିକାଙ୍କ ହୃତ୍‌ପଦ୍ମର ସ୍ପନ୍ଦନ ଶୁଣୁଛି ।

୧୨. ମାଷ୍ଟରଜୀ ସାମ୍ନାରେ ଗୋଟିଏ ବୃଦ୍ଧାକୁ ହାତ ବଢ଼େଇ ଦେଖେଇ ଦେଲେ । ପିଠି ଆଉ ଆଣ୍ଠୁ ଲାଗିଗଲାଣି । ମୁଣ୍ଡରେ କେଇ କେରା ବାଳ ଫରଫର ଉଡୁଛି ଝୋଟ ପରି । ସାମ୍ନାରେ ଦୁଇଟି କିରାସିନୀ ଟିଣ ଓ ଆଗରେ କେତେଜଣ ରିକ୍ସାବାଲା । ଦେଖିବା ଓ ଶୁଣିବା ଶକ୍ତି ପ୍ରାୟ ଲୋପ ହୋଇ ଆସିଲାଣି ସେ ମାତାଜୀ ।

୧୩. ଅଶୋକଙ୍କର ମନେହେଲା କିଏ ଯିମିତି କହୁଛି – ଏ ଦୋଷ ତୋ'ର ଏକା ନୁହେଁରେ । ଏ ମୂର୍ଖତା ଏଇ ସମଗ୍ର ଅନ୍ଧଜାତିର । ଆମେ ଲକ୍ଷଲକ୍ଷ ଦରିଦ୍ର ନିରନ୍ନ ଶିକ୍ଷକ ପ୍ରାଣଦାନ କରି ଗଢ଼େଇଲୁ ଏ ଜାତିକୁ – କିନ୍ତୁ ଏମାନେ କରିଲେ କ'ଣ ? ଏ ଜାତିର ଶୈଶବ ଏବେବି ବାକୀ ।

## (ଡ) ୧୫୦ ଶବ୍ଦରେ ଉତ୍ତର ଦେବାକୁ ହେବ । ଆରମ୍ଭରେ ପ୍ରବନ୍ଧ ଓ ପ୍ରାବନ୍ଧିକଙ୍କ ସମ୍ପର୍କରେ ସୂଚନା ରହିବ ।

୧. କ୍ରିଷ୍ଟମାସ୍ ଛୁଟିର ସମୟ । ବନାରସର ରାସ୍ତାରେ ଅସମ୍ଭବ ଭିଡ଼ । ଭାରତଭୂମିର ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଜନତାର ବହୁ ଈପ୍‌ସିତ ନଗର ବନାରସ । ରାସ୍ତାରେ ସିଆର ସିଆର ହୋଇ ଜମାଟ ବନ୍ଧା ବରଫ ପରି ଲୋକଙ୍କ ଧାଡ଼ି । ଜମାଟବନ୍ଧା ସ୍ତୂପ କ୍ଷମିତ ସୂର୍ଯ୍ୟର ପ୍ରଥମ କିରଣରେ ଧୀରେଧୀରେ ଗ୍ଲେସିଅର ପରି ପ୍ରସରି ଯାଉଛି । ତା'ର ପ୍ରବାହରେ ସଂକୀର୍ଣ୍ଣ ରାଜପଥର ପ୍ରତିଟି ବର୍ଗଇଞ୍ଚ ଆଲିଙ୍ଗିତ । ଏ ବନାରସ ବହୁ ବର୍ଣ୍ଣ ବିଭୂଷିତା ବିଚିତ୍ର । କାଶୀ ବିଶ୍ୱନାଥଙ୍କ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା ଆସନ୍ନ ସଂଧ୍ୟାର ମଳିନ ଆଲୋକର ଚକ୍‌ଚକ୍ କରୁଛି । ମନ୍ଦିର ରାସ୍ତା ନାତି-ପ୍ରଶସ୍ତ ।

୨. ଡାଲମଣ୍ଡି ବନାରସର ଅଦୂରବର୍ତ୍ତୀ ଏକ ସହର । ମନ୍ଦିର ଆଗରୁ ଏକ ନାତି ପ୍ରଶସ୍ତ ସଂକୀର୍ଣ୍ଣ ଦୀର୍ଘ ଉପପଥଟିଏ ଯାଇଛି ଡାଲ୍‌ମଣ୍ଡୀକୁ । ସହସ୍ରାଧିକ ବାରଙ୍ଗନାଙ୍କର ଆଶ୍ରୟଦାତ୍ରୀ ଏ ଡାଲ୍‌ମଣ୍ଡି । ଲକ୍ଷ୍ୟ ରୂପ ପିୟାସୀ ନାଗରିକଙ୍କ ପଦରଜରେ ସିକ୍ତ ତୀର୍ଥ ସେ । ସେହି ସଂଧ୍ୟା ନାୟିକାର ଆଖିର ବର୍ଚ୍ଛାରେ ତ୍ରସ୍ତା ହୁଏ – ରାତ୍ରି ନିର୍ବାସିତା ହୁଏ ମଦନ ଅର୍ଚ୍ଚନାର କୋଳାହଳରେ ପୁଣି ସଂଧ୍ୟା ଆସେ ଆତୁରା ନାୟିକାର ନିମନ୍ତ୍ରଣ ଭୀରୁ ଆଖିର ଇଙ୍ଗିତରେ । ପୁଣି ରାତ୍ରି ଆସେ ରତିକ୍ଳାନ୍ତ କାମୁକୀ ନାରୀର ସ୍ୱେଦସିକ୍ତ ଆଖିର ପତାରେ । ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ଡାଲମଣ୍ଡି ।

୩. ପ୍ରଖ୍ୟାତ ଗାଳ୍ପିକ ଅଖିଳ ମୋହନଙ୍କର ରୂପ ନାରାୟଣ ସାହା ଏକ ଯୁଗୋପଯୋଗୀ ସମସ୍ୟା ସଂବଳିତ ଗଳ୍ପ । ପ୍ରାଥମିକ ଶିକ୍ଷକ ମାନଙ୍କର ସମସ୍ୟା, ଟ୍ୟୁସନ ମାଷ୍ଟରଙ୍କ କାର୍ଯ୍ୟଧାରା, ଆର୍ଥିକ ଅନଟନ, ଦାୟିତ୍ୱବୋଧ, କର୍ତ୍ତବ୍ୟ ସଚେତନତା ସାଙ୍ଗକୁ ସରକାରୀ ଉଦାସୀନତା ସମ୍ପର୍କୀୟ ଅବସ୍ଥା ଉପରେ ଆଧାରିତ ଏ ଗଳ୍ପ । ତେଣୁ ଅଶୋକଙ୍କର ପ୍ରତିକ୍ରିୟା ମାଧ୍ୟମରେ ନିଜ ମନରେ କ୍ଷୋଭ ଗାଳ୍ପିକ ଏଠାରେ ପ୍ରକାଶ କରିଛନ୍ତି ।

ଅଶୋକ ନିଜର ବାଲ୍ୟକାଳର ଶିକ୍ଷାଗୁରୁଙ୍କୁ ରିକ୍ସାଚାଳକ ଭାବରେ ଆବିଷ୍କାର କରି ନିଜକୁ ଦୋଷୀ ମନେ କରିବି । ନିଜର ସେହି ବିଭାଗର କର୍ମକର୍ତ୍ତା ଏବଂ ତାଙ୍କରି ନିର୍ଦ୍ଦେଶରେ ଲକ୍ଷ ଲକ୍ଷ ଶିକ୍ଷକଙ୍କର ଭାଗ୍ୟ ନିର୍ଦ୍ଧାରିତ ହୁଏ । ମାତ୍ର ସେଇମାନଙ୍କର ଅଦୂରଦର୍ଶିତା ପାଇଁ ଏକ ଜାତିର ଅସହାୟ ଜୀବନଯାତ୍ରା ଯେ ସଂଘଟିତ ହେଉଛି – ଏହା ଜାଣିସାରିଲା ପରେ ଅଶୋକଙ୍କ ବିବେକ ରୂପ ନାରାୟଣ ସାହା ହୋଇ ତାଙ୍କୁ ଧିକ୍କାର କରିଛି । ଶିକ୍ଷକଙ୍କର ସାମଗ୍ରିକ ଅବସ୍ଥା ପାଇଁ ଏ ମୂକ ଅନ୍ଧ ସମାଜ ହିଁ ଦାୟୀ । ନିଜକୁ ଅର୍ଦ୍ଧଭୁକ୍ତ କରି, ପରିବାରକୁ ନଗଣ୍ୟ କରି ସେମାନେ ଏ ଜାତିକୁ ଶିକ୍ଷାଦାନ କଲେ । ମାତ୍ର ସେମାନେ କିଛି ଶିକ୍ଷା କଲେନାହିଁ । ତେଣୁ ମଦ୍ୟପ ଏ ଜାତିକୁ ଚାବୁକ ମାଧ୍ୟମରେ ଶାସନ କରି ସତ୍ୟମୁଖୀ କରିବାର ଏକ ଆହ୍ୱାନ ପରୋକ୍ଷରେ ଅଶୋକ ଗ୍ରହଣ କରିଛନ୍ତି । ଏପରି ପ୍ରହାର ହିଁ ସେମାନଙ୍କୁ ଅହିରାଜ କୁଣ୍ଡଳର ଶୀତଳଶଯ୍ୟାରୁ ଉଠାଇବାରେ ସହାୟକ ହେବ । ଜାତିର ଜନକ ଶିକ୍ଷକମାନଙ୍କର ଅନ୍ତଃଚେତନା ତାଙ୍କୁ ପ୍ରଚ୍ଛେଦିତ କରିଛି ।

୪. ରୂପ ନାରାୟଣ ସାହା ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କର ଏକ ଅନବଦ୍ୟ ସୃଷ୍ଟି । ନାୟକଙ୍କ ନାମ ଅନୁସାରେ ଏ ଗଳ୍ପଟି ନାମିତ । ଜଣେ ପ୍ରାଇମେରୀ ଶିକ୍ଷକ ଭାବରେ ଜୀବନ ଆରମ୍ଭ କରିଥିବା ରୂପ ନାରାୟଣ ପରିସ୍ଥିତିର ତାଡ଼ନାରେ ରିକ୍ସାବାଲା ହୋଇଛନ୍ତି । ସ୍ୱଳ୍ପ ବେତନଭୋଗୀ, ନିର୍ଭୀକ, ଦୟାଳୁ, ସଦାଚାରୀ ଶିକ୍ଷକ ଥିଲେ ରୂପନାରାୟଣ । ଅଶୋକଙ୍କର ଗୃହ ଶିକ୍ଷକ, ଦୟାଳୁ, ସଦାଚାରୀ ଶିକ୍ଷକ ଥିଲେ ରୂପନାରାୟଣ । ଅଶୋକଙ୍କର ଗୃହ ଶିକ୍ଷକ, ସ୍ନେହୀ, ସ୍ପଷ୍ଟବାଦୀ । ଅଶୋକଙ୍କୁ ଅସହାୟତାରୁ ରକ୍ଷା କରିବା ପାଇଁ ସେ ଅଶୋକଙ୍କ ପରିବାର ସହିତ ଯୁକ୍ତି କରିପାରିଛନ୍ତି । ମାଷ୍ଟରଜୀ ପ୍ରାଥମିକ ଶିକ୍ଷକଙ୍କ ଦାବୀ ପୂରଣ ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ମାତ୍ର ମିଥ୍ୟା ରାଷ୍ଟ୍ରଦ୍ରୋହ ଅପରାଧରେ ଦଣ୍ଡିତ ହୋଇ ଜେଲବରଣ କରିଥିଲେ । କାରାଗାରରୁ ଯେପରି ଦେଖିଲେ ସ୍ତ୍ରୀ ରୂପାଙ୍କର ଦେହାନ୍ତ ହୋଇଛି । କୁଟୁମ୍ବ ପ୍ରତିପୋଷଣ ନିମିତ୍ତ ସେ ଓ ତାଙ୍କର ୧୪ ବର୍ଷର ପୁତ୍ର ରିକ୍ସା ଚଳାନ୍ତି । ସଂଚିତ କିଛି ଅର୍ଥ ଓ ଋଣକରି ରିକ୍ସା କରନ୍ତି । ଏହଇଭଳି ପ୍ରତିକୂଳ ପରିବେଶରେ ସେ ତଥାପି ଅସନ୍ତୁଷ୍ଟ ନୁହନ୍ତି । ନିଜ ଦୁର୍ଭାଗ୍ୟ ଲାଗି ସେ କାହାକୁ ହିଁ ଦୋଷ ଦେଇନାହାନ୍ତି । ଦୀର୍ଘଦିନ ପରେ ଅଶୋକଙ୍କୁ ଦେଖି ତାଙ୍କର ବାତ୍ସଲ୍ୟ, ଆନନ୍ଦ ଓ ଅଭିଭୂତ ଭାବ ଯେପରି ପ୍ରକାଶିତ ହୋଇଛି ତାହା ତାଙ୍କର ସୁନିର୍ମଳ ହୃଦୟ, ସହରଳତା, ନିଷ୍କପଟତା ଓ ଛାତ୍ରବତ୍ସଳତାର ପରିଚୟ ଦିଏ । ସଂସାର ପ୍ରତି ଏକ ମିତ୍ର ଦୃଷ୍ଟିସଂପନ୍ନ ଏପରି ଚରିତ୍ର ବାସ୍ତବରେ ଏକ ବିସ୍ମୟକର ସୃଷ୍ଟି ।

# ଆକାଶ କଇଁଛ

## ମନୋଜ ଦାସ

### ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି।**

**୧. ସ୍ୱଚ୍ଛ ସରୋବର, ସବୁଜ ଉପତ୍ୟକା, କମ୍ବୁଗ୍ରୀବକୁ ସନ୍ତୁଷ୍ଟ କରିପାରୁ ନଥିଲା, କାରଣ ସେ ଥିଲା**

(କ) ଦୂରାନ୍ତ ପିପାସୀ

(ଖ) ଉଚ୍ଚାଭିଳାଷୀ

(ଗ) ନୀରସ ହୃଦୟ

(ଘ) କଳ୍ପନାବିଳାସୀ

**୨. କିଏ ଗୀତ ବୋଲି ପାରୁଥିବା ଗଛଲତା ଓ ମେଘମାଳା ଭିତରୁ ଝରି ଆସୁଥିବା ସାତରଙ୍ଗୀ ନଦୀର ଅଜବ ଦୃଶ୍ୟ ଦେଖେ ?**

(କ) ବିକଟ

(ଖ) ସଂକଟ

(ଗ) କମ୍ବୁଗ୍ରୀବ

(ଘ) ହୟଗ୍ରୀବ

**୩. କେଉଁ ପରୀକ୍ଷା ସଫଳ ବୋଲି କୁହାଯାଇଛି ?**

(କ) ହଂସ ଦ୍ୱୟ ଦୂର ଦୂରାନ୍ତର କାହାଣୀ କହି କଚ୍ଛପର ମନୋରଞ୍ଜନ କରିଛନ୍ତି

(ଖ) ଇତିହାସରେ ପ୍ରଥମ କଚ୍ଛପ ମହାକାଶଚାରୀ ହେବା

(ଗ) କଚ୍ଛପ ଓ ହଂସଦ୍ୱୟ ମଧ୍ୟରେ ବନ୍ଧୁତା ପ୍ରତିଷ୍ଠା କରିବା

(ଘ) ହଂସମାନେ କଚ୍ଛପକୁ ଅର୍ଦ୍ଧକ୍ରୋଶ ଯାଏ ଆକାଶରେ ଉଡ଼ାଇବା

**୪. ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ - ଏ ମନ୍ତବ୍ୟ କାହାର ?**

(କ) କାକର (ଖ) ବକର

(ଗ) ବତାସୀର (ଘ) ଚିଲର

**୫. କ'ଣ ବୁଲ୍‌ଡୋଜର ଭଳି ସଭାସଦମାନଙ୍କର କୋହକାନ୍ଦଣାକୁ ମାଡ଼ି ମକଚି ନିସ୍ତବ୍ଧ କରିଦେଲା ?**

(କ) ଆକାଶରୁ କଚ୍ଛପର ପତନ

(ଖ) ଚୁପ୍ ହେବା ପାଇଁ ରାଜାଙ୍କ ଧମକ

(ଗ) ରନ୍ଧା କଚ୍ଛପ ହସ୍ତେ ପାଚକର ପ୍ରବେଶ

(ଘ) କାନ୍ଦିକାନ୍ଦି ରାଜା 'ମୁହିଁ ବୁଦ୍ଧୁ ବୋଲି କହିବା'

**୬. କେଉଁ ଋତୁରେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ ?**

(କ) ଶୀତ ଋତୁ (ଖ) ଶରତ ଋତୁ

(ଗ) ବସନ୍ତ ଋତୁ (ଘ) ବର୍ଷା ଋତୁ

**୭. ପରୀକ୍ଷା ସଫଳ ବୋଲି କିଏ କହିଥିଲା ?**

(କ) ସଂକଟ (ଖ) ବିକଟ

(ଗ) କମ୍ବୁଗ୍ରୀବ (ଘ) ଚିଲ

**୮. ଆକାଶର ଭବିଷ୍ୟତ ଅନ୍ଧାର ବୋଲି କିଏ ଭବିଷ୍ୟବାଣୀ କରିଥିଲା ?**

(କ) ବଗ (ଖ) କାଉ

(ଗ) ଚିଲ (ଘ) ପାରା

**୯. ଥରେ ଥରେ ଗୋଟିଏ ଗୋଟିଏ ସଂପୂର୍ଣ୍ଣ ଘୁଷୁରି ଉଡ଼ିଯିବାର ଦେଖାଯାଏ – କିଏ କହିଛି ?**

(କ) ସେନାପତି

(ଖ) ବିଦେଶୀ ରାଜଦୂତ

(ଗ) କବିରାଜ ଜ୍ୟୋତିଷ

(ଘ) ରାଜା

**୧୦. କେତେବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ ବୋଲି କୁହାଯାଇଛି ?**

(କ) ଶହେ (ଖ) ସହସ୍ର

(ଗ) ଲକ୍ଷ (ଘ) ଅୟୁତ

**୧୧. ସେନାପତି କେଉଁ ରୋଗରୁ ମୁକ୍ତ ପାଇଁ ଫାଳେ କଇଁଛ ମାଂସ ଖାଇବାକୁ କହିଛନ୍ତି ?**

(କ) ଶ୍ୱାସ (ଖ) ଗଣ୍ଠିବାତ

(ଗ) ଅମ୍ଳପିତ୍ତ (ଘ) ଅର୍ଶ

**୧୨. ବିଦେଶୀ ରାଜଦୂତଙ୍କ ରାଜ୍ୟରେ କେଉଁ ଭଳି – ବୃହଦାକାର ବିହଙ୍ଗ ଥିବା କଥା ସେ କହିଥିଲେ ?**

(କ) ନୀଳଗାଇ (ଖ) ମଇଁଷି

(ଗ) ଗଣ୍ଡା (ଘ) ଜଳହସ୍ତୀ

**୧୩. ରାଜାଙ୍କ କୋଳରେ ପାଚକର ସହକାରୀ କ'ଣ ବିଛାଇ ଦେଇଥିଲେ ?**

(କ) ମନ୍ତ୍ରୀଙ୍କ ପଗଡ଼ି

(ଖ) ରାଜାଙ୍କ ଉତ୍ତରୀୟ

(ଗ) ଚିତ୍ରିତ ସତରଞ୍ଜି

(ଘ) ରେଶମ ଦେର

**୧୪. ମହତ୍ କାର୍ଯ୍ୟ ବୋଲି ରାଜା କେଉଁ କାର୍ଯ୍ୟକୁ ସୂଚାଇଛନ୍ତି ?**

(କ) ଶିକାର (ଖ) ରଜୋତ୍ସବ

(ଗ) ଯୁଦ୍ଧ (ଘ) ବୈଦେଶିକ ଯାତ୍ରା

## ସଂକ୍ଷିପ୍ତ ପ୍ରଶ୍ନୋତ୍ତର

**(ଖ) ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ନମ୍ବର ରଖାଯାଇଛି ।**

୧. କେଉଁ ପକ୍ଷୀ ସମ୍ଭ୍ରାନ୍ତ ଶ୍ରେଣୀୟ ବୋଲି କୁହାଯାଇଛି ?

୨. ଏତିକିମାତ୍ର କରିବା ପାଇଁ ଅବତରଣ କ'ଣ ଜରୁରୀ ଥିଲା ?

୩. କମ୍ବୁଗ୍ରୀବ ସ୍ୱୟଂ ହାତତାଳି ଦେବାର ପ୍ରେରଣା ଅନୁଭବ କରି, ତାହା କରିପାରିଲେ ନାହିଁ କାହିଁକି ?

୪. 'ଯାହାର ସର୍ବାଧିକ ପ୍ରୟୋଜନ କଚ୍ଛପ ତାହାକୁ ମିଳିବ' କିଏ କହିଛନ୍ତି ?

୫. 'କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ?' – ଏ କାହାର ଉକ୍ତି ?

**(ଗ) ଲେଖା ଓ ଲେଖକଙ୍କ ନାମ ଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରତି ଠିକ୍ ଉତ୍ତର ପାଇଁ ୨ ନମ୍ବର ଉଦ୍ଦିଷ୍ଟ ।**

୧. କେଉଁଥିରେ କଚ୍ଛପର ଦୂରାନ୍ତର ଅଜଣାକୁ ଜାଣିବାର ପିପାସା ବଢ଼େସିନା, କମେ ନାହିଁ ?

୨. ହଂସଯୁଗଳ କଚ୍ଛପର କେଉଁଭାବ ସମ୍ପର୍କରେ ଅବହିତ ଥିଲେ ଓ ସେଥିପାଇଁ କ'ଣ କରୁଥିଲେ ।

୩. ଶୂନ୍ୟରେ ଅର୍ଦ୍ଧକ୍ରୋଶ ଅତିକ୍ରମ କରିବାର ସଫଳତା ପରେ ସଙ୍କଟ କମ୍ବୁଗ୍ରୀବକୁ କ'ଣ ଚେତାଇଦେଲେ ?

୪. ମହାପଣ୍ଡିତେ କାହିଁକି କଚ୍ଛପ ବୃଷ୍ଟି ସମ୍ପର୍କରେ ଭବିଷ୍ୟବାଣୀ କରିନଥିଲେ ?

୫. ରାଜା ବୁଦ୍ଧୁ ବ୍ୟାଧିରୁ ମୁକ୍ତ ହେବା ପାଇଁ କି ଉପାୟ କଲେ ?

**(ଘ) ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ। ପ୍ରତି ଠିକ୍ ଉତ୍ତର ପାଇଁ ୩ ନମ୍ବର ଉଦ୍ଦିଷ୍ଟ।**

୧. କମ୍ବୁଗ୍ରୀବ ଥରେଥରେ ଆଖିବୁଜି ବିମୁଗ୍ଧକଳ୍ପନା ଲୋକରେ କି ଦୃଶ୍ୟ ଦେଖେ ?

୨. ହଂସମାନେ କାହିଁକି କଚ୍ଛପ ପାଇଁ ଦୈନିକ ଘଣ୍ଟେ ଦୁଇଘଣ୍ଟା ସମୟ ଦେବାକୁ କାର୍ପଣ୍ୟ କରୁ ନ ଥିଲେ ?

୩. ଶୂନ୍ୟ ମାର୍ଗରେ ଏକଥା କହିଥିଲେ ତମ ଅବସ୍ଥା ଶୋଚନୀୟ ହୋଇ ଥାଆନ୍ତା – କାହାର ଓ କାହିଁକି ?

୪. ଆକାଶରେ ଏକ ଅପୂର୍ବ ଦୃଶ୍ୟର ଖବର ପାଇ ରାଜା କ'ଣ କରିଥିଲେ ?

୫. କଚ୍ଛପର ପତନ ପରେ ହଂସମାନଙ୍କର ପ୍ରତିକ୍ରିୟା କିପରି ଥିଲା ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

**(ଙ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୪ ନମ୍ବର ଉଦ୍ଦିଷ୍ଟ।**

୧. କମ୍ବୁଗ୍ରୀବର ଉଚ୍ଚାଭିଳାଷ ସମ୍ପର୍କରେ ସୂଚନା ଦିଅ।

୨. କଚ୍ଛପର ଆକାଶ ଭ୍ରମଣ ସମ୍ପର୍କରେ ପକ୍ଷୀମାନଙ୍କ ମନ୍ତବ୍ୟ ବିଶ୍ଳେଷଣ କର।

୩. ରାଜପାରିଷଦମାନଙ୍କର କଚ୍ଛପ ମାଂସ ଭକ୍ଷଣ ପାଇଁ ଆଗ୍ରହର ସୂଚନା ଦିଅ।

୪. 'କିଏ ବୁଦ୍ଧୁ' ଜାଣିବା ପାଇଁ ରାଜା କେଉଁ ପନ୍ଥା ଅବଲମ୍ବନ କଲେ ଦର୍ଶାଅ।

୫. ଯେଉଁ ଗଳ୍ପ ଆଧାରରେ 'ଆକାଶ କଇଁଛ' ଗଳ୍ପ ରଚିତ, ତା'ଠାରୁ ଏହା କିପରି ଭିନ୍ନ ଦର୍ଶାଅ।

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର

୧. (ଖ) ଉଚ୍ଚାଭିଳାଷୀ

୨. (ଗ) କମ୍ବୁଗ୍ରୀବ

୩. (ଘ) ହଂସମାନେ କଚ୍ଛପକୁ ଅର୍ଦ୍ଧକୋଶ ଯାଏ ଆକାଶରେ ଉଡ଼ାଇବା

୪. (ଖ) ବକର

୫. (ଖ) ଚୁପ୍ ହେବା ପାଇଁ ରାଜାଙ୍କ ଧମକ

୬. (ଘ) ବର୍ଷା ଋତୁ

୭. (ଖ) ବିକଟ

୮. (ଖ) କାଉ

୯. (ଖ) ବିଦେଶୀ ରାଜଦୂତ

୧୦. (ଖ) ସହସ୍ର

୧୧. (ଖ) ଗଣ୍ଠିବାତ

୧୨. (ଖ) ମହର୍ଷି

୧୩. (କ) ମନ୍ତ୍ରୀଙ୍କ ପଗଡ଼ି

୧୪. (ଖ) ଯୁଦ୍ଧ

## (ଖ) ଗୋଟିଏ ଶବ୍ଦ ବା ବାକ୍ୟରେ ଉତ୍ତର

୧. ପାରା ଓ ଚିଲ

୨. କଚ୍ଛପ

୩. ହାତ ତାଙ୍କର ଅତ୍ୟନ୍ତ କ୍ଷୁଦ୍ରାକୃତ ଥିବାରୁ ପରସ୍ପରକୁ ଭେଟି ପାରିଲେ ନାହିଁ

୪. ସ୍ୱୟଂରାଜା

୫. ରାଜାଙ୍କର

## (ଗ) ଲେଖା ଓ ଲେଖକଙ୍କ ନାମଲେଖି ଦୁଇଟି ବାକ୍ୟରେ ଉତ୍ତର ଦିଅ ।

୧. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ସମୟ ସମୟରେ କୂଳକୁ ଉଡ଼ିଯାଇ ସେ ମୃଦୁ ସମୀରଣରେ ବିଚରଣ କରୁଥାଏ । କେତେବେଳେ ଲତାପତ୍ର ଦେହରୁ ଶିଶିର ବିନ୍ଦୁଟିଏ ଗ୍ରହିଦିଏ, କେତେବେଳେ ଘାସ ଫୁଲଟିଏ ଚେିବାଇ ପକାଏ - ଫଳରେ ତା'ର ଦୂରାନ୍ତର ଅଜଣାକୁ ଜାଣିବାର ପିପାସା ବଢ଼େ ସିନା କମେନାହିଁ ।

୨. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

କଚ୍ଛପର ଅନୁସନ୍ଧାନ ସମ୍ପର୍କରେ ଅବହିତ ହଂସଦ୍ୱୟ ମନୋରଞ୍ଜନ କରିବା ପାଇଁ ଘଣ୍ଟାଏ ଦୁଇଘଣ୍ଟା ସମୟ ଦେବାରେ କାର୍ପଣ୍ୟ କରୁନଥିଲେ ।

୩. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ସଂକଟ କହିଲେ ଯେ ଏଥର ବନ-ପର୍ବତ, ନଗର-ଜନପଦ ଉପର ଦେଇ ନିରବଚ୍ଛିନ୍ନ ଗତିରେ ଉଡ଼ିଯିବାକୁ ପଡ଼ିବ । ଉପରେ ଥିବା ଯାଏ ମୁହଁ ଖୋଲିବ ନାହିଁ ।

୪. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ଯେହେତୁ କଚ୍ଛପ ମାଂସ ରାଜମଣୋହିର ଅଯୋଗ୍ୟ, ତେଣୁ ଏ ଘଟଣାକୁ ଉଲ୍ଲେଖଯୋଗ୍ୟ ବୋଲି ବିଚାର ନ କରି ଭବିଷ୍ୟବାଣୀ କରିନଥିଲି।

୫. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

କଚ୍ଛପର ପତନ ପରେ ହଂସମାନେ ବାଡ଼ି ଖଣ୍ଡିକ ପକାଇଦେଇ କିଛି ସମୟ ଆର୍ତ୍ତରବ କରି ନଅର ଉପରେ ଚକ୍‌କର ଦେଇ ପାର୍ଶ୍ୱବର୍ତ୍ତୀ ଗୋଟିଏ ଗଛରେ ବସିବଡ଼ି ଅନାଇ ରହିଲେ।

## (ଘ) ଲେଖା ଓ ଲେଖକଙ୍କ ନାମ ଲେଖି ୫୦ଟି ଶବ୍ଦରେ ଉତ୍ତର ଦିଅ। ପ୍ରତି ଠିକ୍ ଉତ୍ତର ପାଇଁ ୩ ନମ୍ବର ଉଦ୍ଦିଷ୍ଟ।

୧. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

କମ୍ବୁଗ୍ରୀବ ଯେଉଁ ଉପତ୍ୟକାର ସରୋବରରେ ରହୁଥିଲା, ସେ ସରୋବର ଥିଲା ସ୍ୱଚ୍ଛ, ଉପତ୍ୟକା ଥିଲା ସବୁଜ। କିନ୍ତୁ ଉଚ୍ଚାଭିଲାଷୀ କମ୍ବୁଗ୍ରୀବକୁ ତାହା ସନ୍ତୁଷ୍ଟ କରି ପାରୁନଥିଲା। ଦିଗନ୍ତ ପ୍ରତି ଦୃଷ୍ଟି ଦେଇ ସେ ଦୀର୍ଘଶ୍ୱାସ ଛାଡୁଥିଲା। ଦୂରର ପର୍ବତଶ୍ରେଣୀ ସେପାରିର ସରୋବରଗୁଡ଼ିକ କେତେ ସ୍ୱଚ୍ଛନୀରା ଓ ଉପତ୍ୟକା କେତେ ସବୁଜତର ହୋଇନଥିବ ! ପକ୍ଷୀଟିଏ ନହୋଇଥିବାରୁ ନିଜକୁ ଧିକ୍‌କାର କରୁଥିଲା କମ୍ବୁଗ୍ରୀବ।

୨. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ଘରଚଟିଆ ଓ ବଣସକଳ ସାଧାରଣ ପକ୍ଷୀମାନେ ସେ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଗଲେ। ପାରା ଓ ଚିଲ ଭଳି ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କଲେ। ନିରାଶବାଦୀ କାଉ କହିଲା, ଆକାଶର ଭବିଷ୍ୟତ ଅନ୍ଧାର ବୋଲି କହିଥିବା ତା'ର ଭବିଷ୍ୟବାଣୀ ସତ ହେବାକୁ ଯାଉଛି।

୩. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ଦରବାରର ପ୍ରଧାନ ବିଶେଷଜ୍ଞ ଭୋଜନପ୍ରେମୀ କହିଲେ - ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ। ଜ୍ୟୋତିଷ କହିଲେ- ସହସ୍ର ବର୍ଷରେ ଥରେ ଶୂନ୍ୟକୁ କଚ୍ଛପ ବୃଷ୍ଟି ହୁଏ। ଆଉ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି - ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ।

୪. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

କଚ୍ଛପଟି ବୁଦ୍ଧୁ ବୋଲି ଉଚ୍ଚାରଣ କରିବାରୁ ଆକାଶ ମାର୍ଗରୁ ଖସିପଡ଼ିଲା। ଏପରି ସମ୍ବୋଧନ କାହାପ୍ରତି ଉଦ୍ଦିଷ୍ଟ ଥିଲା, ତାହା ଜାଣିବା ପାଇଁ ଇଚ୍ଛାକରି ତାକୁ ଆବିଷ୍କାର କରିବାକୁ ହେବ ବୋଲି ରାଜା ଜାଣିବାକୁ ଆଗ୍ରହ କରିଥିଲେ।

୫. ଲେଖା - ଆକାଶ କଇଁଛ, ଲେଖକ - ମନୋଜ ଦାସ

ମୂଳଗଳ୍ପଟି ହେଉଛି ବାଡ଼ିଖଣ୍ଡିକର ମଧ୍ୟଭାଗକୁ କାମୁଡ଼ି ଧରି ହଂସମାନଙ୍କ ଦ୍ୱାରା ଆକାଶ ମାର୍ଗରେ ଉଡୁଥିବା କଇଁଛଟି ତଳେ ଗାଇଆଳ ଟୋକାଙ୍କର କୌତୂହଳ ମିଶା କଥା ସହିପାରେନା। ଫଳରେ ଅସନ୍ତୋଷ ଓ କ୍ରୋଧ ପ୍ରକାଶ କଲାବେଳେ ତା'ର ପାଟି ଖୋଲିଯାଏ ଓ ସେ ତଳକୁ ଗଳିପଡ଼େ। ଏ ଗଳ୍ପରେ କିନ୍ତୁ ରାଜାଙ୍କ ଦ୍ୱାରା 'ଅଜବ' ବୋଲି କୁହାଯିବା ହେତୁ ତାକୁ ଭୂତଳଶାୟୀ ହୁଏ। ଏହାପରେ କଇଁଛ ମାଂସ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ଶୁଣି ବୁଦ୍ଧୁ ରୋଗରୁ ମୁକ୍ତି ପାଇବା ପାଇଁ ନିଜେ କଇଁଛ ମାଂସ ଖାଇ ଶେଷ କରିଛନ୍ତି। ଏଠାରେ ମଣିଷର ସ୍ଥିତି ଓ ଆକାଙ୍କ୍ଷାକୁ ବ୍ୟଙ୍ଗ କରାଯାଇଛି।

**ଚତୁର୍ଥ ଏକକ**

# ଅବବୋଧ ପରୀକ୍ଷଣ

## ୧. ଅବବୋଧ ପରୀକ୍ଷଣ

ଗଦ୍ୟ ଭାଗରୁ ଦୁଇ ପ୍ରକାର ପ୍ରଶ୍ନ ଆସିବ। ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ।

- **ପ୍ରଥମ ପ୍ରକାର ପ୍ରଶ୍ନ ସଂଖ୍ୟା ୪ ରହିବ।**

  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦେବାକୁ ହେବ। ପ୍ରତି ଉଚିତ ଉତ୍ତର ପାଇଁ ୧ ନମ୍ବରରୁ ମୂଲ୍ୟାୟନ କରାଯିବ।

- **ଦ୍ୱିତୀୟ ପ୍ରକାର ପ୍ରଶ୍ନ ସଂଖ୍ୟା ୩ ରହିବ।**

  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦେବାକୁ ହେବ। ପ୍ରତି ଉଚିତ୍ ଉତ୍ତର ପାଇଁ ୨ ନମ୍ବରରୁ ମୂଲ୍ୟାୟନ କରାଯିବ।

- **ପଦ୍ୟ ବିଭାଗରୁ ଗୋଟିଏ ପ୍ରକାର ପ୍ରଶ୍ନ ଆସିବ।**

  ପ୍ରତ୍ୟେକ ପ୍ରଶ୍ନ ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦେବାକୁ ହେବ। ପ୍ରତି ଉଚିତ୍ ଉତ୍ତର ପାଇଁ ୧ ନମ୍ବରରୁ ମୂଲ୍ୟାୟନ କରାଯିବ।

  ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଭୟେ ପଦ୍ୟଭାଗ ଓ ଗଦ୍ୟାଭାଗର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଶ୍ନ କ୍ରମ ଅନୁସାରେ ହିଁ ରହିବ।

- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗଦ୍ୟ ଅନୁଚ୍ଛେଦ ବା କାବ୍ୟାଂଶ ମଧ୍ୟରେ ହିଁ ନିହିତ।
- ଅନୁଚ୍ଛେଦ ବା କାବ୍ୟାଂଶକୁ ସତର୍କତା ସହ ପଢ଼ିବା।
- ଅନୁଚ୍ଛେଦ ବା କାବ୍ୟାଂଶରୁ ପ୍ରଶ୍ନର ଉତ୍ତର ଚିହ୍ନଟ କରିବା।
- ସେଇ ଉତ୍ତରକୁ ଅନୁଚ୍ଛେଦ ବା କାବ୍ୟାଂଶ ଭାଷାରେ ପ୍ରକାଶ ନକରି ନିଜ ଭାଷାରେ ପ୍ରକାଶ କରିବା।
- ପରେ ପରୀକ୍ଷା କରିବା ଉପସ୍ଥାପିତ ପ୍ରଶ୍ନ ଅନୁସାରେ ଉତ୍ତର ଗୁଡ଼ିକ ଠିକ୍ ଅନୁଚ୍ଛେଦ ବା କାବ୍ୟାଂଶରୁ ଆନୀତ କି ନାହିଁ।

  ଗଦ୍ୟାଂଶର ପ୍ରଥମ ପର୍ଯ୍ୟାୟ ପ୍ରଶ୍ନର ଉତ୍ତର କଲାବେଳେ ଗୋଟିଏ ଲେଖାଏଁ ବାକ୍ୟ ମଧ୍ୟରେ ସେଗୁଡ଼ିକ ସୀମିତ ହେବ ବୋଲି ଦେଖିବାକୁ ହେବ।

- ସେହିପରି ୨ୟ ପର୍ଯ୍ୟାୟ ପ୍ରଶ୍ନର ଉତ୍ତର କଲାବେଳେ ଦୁଇଟି ଲେଖାଏଁ ବାକ୍ୟ ମଧ୍ୟରେ ସେଗୁଡ଼ିକୁ ସୀମିତ ରଖିବାକୁ ହେବ।
- ପଦ୍ୟାଂଶରୁ ଉତ୍ତର କଲାବେଳେ ଗୋଟିଏ ଲେଖାଏଁ ବାକ୍ୟ ମଧ୍ୟରେ ପ୍ରତ୍ୟେକ ଉତ୍ତରକୁ ସୀମିତ ରଖିବାକୁ ହେବ।

## ୨. ସର୍ଜନାତ୍ମକ ରଚନା :

- ରୂଢ଼ି, ପ୍ରବାଦ, ପ୍ରବଚନ, ସୂକ୍ତି ଗୁଡ଼ିକରୁ ୩ଟି ପଡ଼ିବ।
- ସେଥିରୁ ଗୋଟିଏର ଉତ୍ତର ଦେବାକୁ ହେବ।
- ମୋଟ ମୂଲ୍ୟ ୫ରୁ ମୂଲ୍ୟାୟନ କରାଯିବ।
- ପ୍ରତ୍ୟେକକୁ ୧୫୦ ଶବ୍ଦରେ ଲେଖିବା ପାଇଁ ହେବ।

**ସର୍ଜନାତ୍ମକ ରଚନା :**

- ଲୋକମୁଖରେ, ଲୋକଗୀତରେ, ଲୋକକଥାରେ, ଲୋକବାଣୀରେ, କାବ୍ୟ କବିତାରେ ମଣିଷର ଜୀବନାନୁଭୂତିର କଥା ପ୍ରଚ୍ଛରିତ ।
- ଏ ଗୁଡ଼ିକର ସାମାଜିକ ଓ ମାନବିକ ମୂଲ୍ୟବୋଧ ଅପରିସୀମ ।
- ଏ ସବୁ ଅଭିଜ୍ଞତା, ଅନୁଭୂତି ଅଳ୍ପ ପ୍ରକାଶିତ ହୋଇ ଆମ ସାହିତ୍ୟିକ ଗନ୍ତାଘରେ ସାଇତା ।
- ଆବଶ୍ୟକ ସ୍ଥଳେ ଉକ୍ତିକୁ ମର୍ଯ୍ୟାଦାବନ୍ତ ବା ଆଳଂକାରିକ କରିବାପାଇଁ, ଉପଦେଶ ଛଳରେ କି ବ୍ୟଙ୍ଗ ଛଳରେ, କିମ୍ବା ନିଜର ମନୋଭାବ ପ୍ରକାଶ କଲାବେଳେ ଆମେ ଏଗୁଡ଼ିକୁ ବ୍ୟବହାର କରୁ ।
- ବ୍ୟକ୍ତିର ଚଳଣି; ଭାବନା, ଅନୁଭବ, ଅଭିଜ୍ଞତାରୁ ଏଗୁଡ଼ିକ ନିଷ୍ପନ୍ନ ।
- ଏଇ ଧରଣର ବକ୍ତବ୍ୟକୁ ସାହିତ୍ୟରେ ରୂଢ଼ି, ପ୍ରବାଦ, ପ୍ରବଚନ, ସୂକ୍ତି ଇତ୍ୟାଦି ନାମରେ ନାମିତ କରାଯାଇଛି ।
- ଏ ଗୁଡ଼ିକ ପଦ ସମନ୍ୱୟ ଭାବରେ ପ୍ରକାଶିତ ହୋଇଥାନ୍ତି ।
- ଏଇ ଗୁରୁତ୍ୱପୂର୍ଣ୍ଣ, ରସାଳ, ବ୍ୟଞ୍ଜନାଧର୍ମୀ ଅଭିବ୍ୟକ୍ତି ଗୁଡ଼ିକର ବ୍ୟାବହାରିକ ଆବଶ୍ୟକତା, ବୈଶିଷ୍ଟ୍ୟ ଏବଂ ହେତୁ ଜାଣିବା ଉଦ୍ଦେଶ୍ୟରେ 'ସର୍ଜନାତ୍ମକ ରଚନା'ର ଉପଯୋଗିତା ।

**ରଚନାବଧି :**

- ପଦ ସଂହତି ବା ପଦ ସମନ୍ୱୟର ତାତ୍ପର୍ଯ୍ୟ ଅର୍ଥ
- ଏଥିସହିତ ସଂଯୁକ୍ତ ଗପର ଅବତାରଣା
- ଉପସଂହାରରେ ବ୍ୟକ୍ତି ବା ସାମାଜିକ ଜୀବନରେ ଏହାର ଉପଯୋଗିତା ଆଲୋଚିତ ହେବ ।
- ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏଭଳି ବକ୍ତବ୍ୟଟିଏ ବ୍ୟବହୃତ ହୁଏ, ତାକୁ  ଉଦ୍‌ଘାଟନ କରିବାକୁ ହେବ ।

**ରୂଢ଼ି :**

- ଯେତେବେଳେ ମୂଳ ଅଭିଧାନଗତ ଅର୍ଥକୁ ତ୍ୟାଗକରି ପଦସମୂହ ପ୍ରୟୋଜନାର୍ଥ ବା ବ୍ୟଂଜନାର୍ଥରେ ବ୍ୟବହୃତ ହୁଅନ୍ତି ତାକୁ ରୂଢ଼ି କୁହାଯାଏ । ସୀମିତ ଶବ୍ଦରେ ବା ପଦରେ ବହୁତ ଗୁଡ଼ିଏ ଉଦ୍ଦେଶ୍ୟମୂଳକ କଥା କହିବା ଏହାର ଧର୍ମ । ଅଭିପ୍ରାୟ ଗତ ବିଶେଷ ଅର୍ଥ ହିଁ ଏହି ପଦ ପ୍ରକାଶ କରନ୍ତି । ଉପଦେଶ, ପରାମର୍ଶ, ତୁଳନା, ଉତ୍କର୍ଷ ଅବା ଅପକର୍ଷ କଥନ, ତର୍କଣା, ବିଚ୍ଛରଣଶୀଳତା, ରସିକତା ଇତ୍ୟାଦି ବିଷୟକ ବିଶେଷ ବକ୍ତବ୍ୟ ଏହା ଦ୍ୱାରା ସଂପାଦିତ ହୋଇଥାଏ ।
- ମୌଳିକ ଅଭିଧା ଅର୍ଥ ପରିବର୍ତ୍ତେ ଆରୋପିତ ଅର୍ଥ ପ୍ରକାଶିତ ହୁଏ । ଏହି ଆରୋପିତ ଅର୍ଥଟି ସର୍ବଜନଗ୍ରାହ୍ୟ ହୋଇଯାଏ । ପ୍ରୟୋଜନଭିତ୍ତିକ ଲକ୍ଷାର୍ଥ ହିଁ ରୂଢ଼ିର ମୂଳତତ୍ତ୍ୱ ।

**ସୂକ୍ତି :**

- ସମୂହ ଚେତନାର ଦିବ୍ୟାନୁଭୁତି ଉପରେ ଆଧାରିତ ପଦ ସମନ୍ୱୟକୁ ସୂକ୍ତି କୁହାଯାଏ।
- ଗୋଷ୍ଠୀର କଲ୍ୟାଣକାରୀ ଚେତନା ଉପରେ ଏହା ଆରୋପିତ।
- ଉପଦେଶାତ୍ମକତା ଏହାର ପ୍ରାଣ।
- ଅନ୍ୟର ଆଚରଣ ଓ ଜୀବନଧାରା ଏବଂ ଗୋଷ୍ଠୀର ସାମୂହିକ ସ୍ୱରୂପକୁ ଅଧିକ ଶୃଙ୍ଖଳିତ କରିବା ଏହାର ଧର୍ମ।
- ଲୋକ ବ୍ୟବହାରକୁ ନିୟନ୍ତ୍ରିତ କରେ, ଭାବ ବିନିମୟକୁ ଅଧିକ ରସାଣିତ କରେ ବକ୍ତବ୍ୟକୁ ବଳିଷ୍ଠ କରେ। ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନରେ ସମର୍ଥ ହୋଇଥାଏ। ଯେପରି :-

  - ବିନୟ ମଧୁର ବଚନ କହି ତୋଷିବ ପ୍ରାଣି ମନ।
  - ଋଷି ଜଟା ଛିଣ୍ଡାଇ ମରିବା
  - ତପେବର ନ ହେଲେ କୋପେବର
  - ଯେ ଜନ ପାଞ୍ଚେ ପର ମନ୍ଦ। ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ, ଇତ୍ୟାଦି।

**ପ୍ରବାଦ :**

ସାଧାରଣ ଜୀବନ ବହୁଘାତ, ପ୍ରତିଘାତ ସଂସ୍ପର୍ଶରେ ଆସେ। ସେଥିରୁ ଅନେକ ଅନୁଭୂତି ଓ ଅଭିଜ୍ଞତାର ନିର୍ଯ୍ୟାସ ଶୁଣାଯାଏ।

- ବ୍ୟାବହାରିକ ଦୃଷ୍ଟିରୁ ଲୋକକଥା, କିମ୍ବଦନ୍ତୀ, ଜନଶ୍ରୁତିର ମାର୍ମିକ ଓ ରସାଳ ପ୍ରୟୋଗକୁ ପ୍ରବାଦ କୁହାଯାଇପାରେ।
- ଲୋକଜୀବନକୁ ପୁଷ୍ଟ କରୁଥିବା ଉଚିତ୍ ଦୃଷ୍ଟାନ୍ତମୂଳକ ବକ୍ତବ୍ୟ।
- ସମାଜର ମୂଲ୍ୟବୋଧ ଆକଳନ ଓ ନିର୍ଣ୍ଣୟ କରିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ।
- ସେହିପରି ବ୍ୟକ୍ତି ଜୀବନକୁ ମଧ୍ୟ ଆବଶ୍ୟକ ସ୍ଥଳେ ଉପଦେଶ ଦେବାରେ ସମର୍ଥ ଯେକୌଣସି ଜାଗତିକ ଅନୁଭୂତି ଉପରେ ଆଧାରିତ ହୋଇପାରେ।

ଏକ ବିଶିଷ୍ଟ ଅର୍ଥକୁ ପ୍ରକାଶ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଏହା ପ୍ରୟୋଗ କରାଯାଏ। ଯେପରି :- 'ଅଧର୍ମବିତ୍ତ, ବଢ଼େ ବହୁତ, ଗଲାବଳେ ଯାଏ ମୂଳ ସହିତ'।

ଚକେଗଲେ ବାରହାତ – ଆପଣ ହାତ ଜଗନ୍ନାଥ। ଏଗୁଡ଼ିକ ଐତିହାସିକ ତଥ୍ୟ ଉପରେ ଆଧାରିତ ହୋଇପାରନ୍ତି। କିମ୍ବଦନ୍ତୀମୂଳକ, ପୁରାଣାଶ୍ରିତ, ଲୋକକଥାଶ୍ରିତ ମଧ୍ୟ ହୋଇପାରନ୍ତି।

**ପ୍ରବଚନ:**

ପ୍ରବାଦ ଓ ପ୍ରବଚନ ପ୍ରାୟ ସମାନ ଗୁଣ ବହନ କରିଥାନ୍ତି।

ପ୍ରବଚନ ବେଶୀମାତ୍ରାରେ ଆଧ୍ୟାତ୍ମିକ ଦିଗକୁ ସ୍ପର୍ଶ କରେ। ତେଣୁ ଅନେକ ପରିମାଣରେ ଉପଦେଶାତ୍ମକ, ଲୋକଜୀବନର ବିବିଧ ଅନୁଭୂତିରୁ ସଂଗୃହୀତ ସୈଦ୍ଧାନ୍ତିକ ମତ ବିଶେଷ ରସାଳ, ମନୋଜ୍ଞ, ଭାବରେ ପ୍ରକାଶିତ ହେଲେ ପ୍ରବଚନ ହୁଏ।

- ଜୀବନଧାରା, ଚଳଣିକୁ ମାର୍ଜିତ କରିବା ପାଇଁ ଉଦ୍ଦିଷ୍ଟ।
- ଅଭିଧା ଅର୍ଥ ଦ୍ୱାରା ଏହା ପ୍ରକାଶିତ ନ ହୋଇ ବିଶେଷ ଅର୍ଥ ଦ୍ୱାରା ଏହା ପୁଷ୍ଟ ହୋଇଥାଏ। ଏଥିରେ ଜୀବନର ଚରମ ସତ୍ୟ ଉପସ୍ଥାପିତ ହୋଇଥାନ୍ତି ଯେପରି :-

  - ' ଛିଆଲୋ ଏତେ,<br>ମୁଦି ନାହିଁ ଗୋଡ଼ କରଡୁ କେତେ'
  - ଉଷୁନା ଧାନ ଗଜା ହେବା
  - ଆଗ ବୁଣ ପଛ ବୁଣ<br>ଗର୍ଭଣୀକୁ ଟୁଣଟୁଣ ଇତ୍ୟାଦି

ଏସବୁ ଭିତରୁ ତିନିଗୋଟି ସମସ୍ୟା ବା ବକ୍ତବ୍ୟ ଉପରେ ସର୍ଜନାତ୍ମକ ଲିଖନ ପାଇଁ ପଡ଼ିବ। ସେଥିରୁ ଗୋଟିଏ କରିବାପାଇଁ ହେବ।

' ପ୍ରଥମ ପର୍ଯ୍ୟାୟରେ ଏହାର ଅଭିଧାର୍ଥ ଓ ପ୍ରୟୋଜନୀୟ ଅର୍ଥ ସୂଚନା ଦେବା ପାଇଁ ହେବ। ଏହି ଅର୍ଥକୁ ସମର୍ଥନ କରି ଏକ କ୍ଷୁଦ୍ର ଅବତରଣିକା ଉପସ୍ଥାପନ କରିବାକୁ ହେବ। ଏବଂ ସମାଜ ଜୀବନରେ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଏହାର ଉପସଂହାର ଲେଖିବାକୁ ହେବ। ଭାଷା ସରଳ ଓ ଭାବଗ୍ରାହୀ ହେବ। ଯୁକ୍ତି ଯଥାର୍ଥ ହେବ। ଉଲ୍ଲିଖିତ ଗଳ୍ପାଂଶ ପ୍ରୟୋଜନୀୟ ଅର୍ଥକୁ ହିଁ ପୁଷ୍ଟ କରୁଥିବା ଆବଶ୍ୟକ ହେବ।

## ଗଦ୍ୟାଂଶ

## (କ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**ଶକାବ୍ଦ :** ତୁମ୍ଭେମାନେ ଜାଣ ଯେ, ଆମ୍ଭମାନଙ୍କ ଭାରତବର୍ଷର ପଶ୍ଚିମ ଦିଗରେ ପଞ୍ଜାବ, ରାଜପୁତାନା, ସିନ୍ଧୁ, ବେଲୁଚିସ୍ଥାନ ଓ ଆଫଗାନିସ୍ଥାନ ପ୍ରଭୃତି ଦେଶମାନ ଅବସ୍ଥିତ । ଅତି ପ୍ରାଚୀନ କାଳରେ ଏହିସବୁ ଅଞ୍ଚଳରେ ଶକ ଜାତିର ରାଜାମାନେ ଗୋଟିଏ ଶକ୍ତିଶାଳୀ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ । ଏହି ବଂଶର କନିଷ୍କ ନାମକ ଜଣେ ରାଜା ୭୮ ଖ୍ରୀଷ୍ଟାବ୍ଦରେ ପେଶବାର ବା ପୁଷ୍ପପୁରଠାରେ ସିଂହାସନ ଆରୋହଣ କରିଥିଲେ । ସେ ବୌଦ୍ଧଧର୍ମ ଗ୍ରହଣ କରି ଏହି ଧର୍ମର ଉନ୍ନତି ପାଇଁ ବହୁତ କାର୍ଯ୍ୟ କରିଛନ୍ତି । ସେଥିପାଇଁ ତାଙ୍କୁ "ଦ୍ୱିତୀୟ ଅଶୋକ" ନାମରେ ଅଭିହିତ କରାଯାଏ । ତାଙ୍କ ରାଜତ୍ୱ କାଳରେ ଦେଶରେ ନାନା କ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲା । ତାଙ୍କୁ ଭାରତ ଇତିହାସରେ ଜଣେ ଶ୍ରେଷ୍ଠ ରାଜା ବୋଲି ଧରାଯାଏ । କନିଷ୍କଙ୍କ ରାଜତ୍ୱ କାଳ ଆରମ୍ଭରୁ ଦେଶରେ ଯେଉଁ ଅବ୍ଦ ଆରମ୍ଭ ହେଲା ତାକୁ ଶକାବ୍ଦ କହନ୍ତି । କନିଷ୍କ ଜଣେ ଲୋକପ୍ରିୟ ରାଜା ହୋଇଥିବାରୁ ତାଙ୍କ ସମୟରୁ ପ୍ରଚଳିତ ଅବ୍ଦ ସମଗ୍ର ଭାରତବର୍ଷରେ ଗୃହୀତ ଏବଂ ବ୍ୟବହୃତ ହୋଇ ଆସୁଅଛି । ଆମ ଦେଶରେ ଜନ୍ମଲାଭ କରୁଥିବା ପୁତ୍ରକନ୍ୟାମାନଙ୍କର ଜନ୍ମପତ୍ରିକା ଜାତକରେ ଶକାବ୍ଦର ଉଲ୍ଲେଖ ଦେଖାଯାଏ । ଖ୍ରୀଷ୍ଟାବ୍ଦ ଏ ଦେଶରେ ପ୍ରଚଳିତ ହେବା ପୂର୍ବରୁ ଶକାବ୍ଦର ପ୍ରଚଳନ ବହୁଳଭାବରେ ଚାଲୁଥିଲା । ରାଜକୀୟ କାଗଜପତ୍ର ଓ ରାଜାମାନଙ୍କ ଦାନପତ୍ର ଅଥବା ଅନୁଶାସନ ଲିପିମାନଙ୍କରେ ଏହି ଶକାବ୍ଦ ଉଲ୍ଲେଖ ଅଛି ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ଭାରତ ବର୍ଷର କେଉଁ ଦିଗରେ ପଞ୍ଜାବ ଅବସ୍ଥିତ ?

(ଖ) ସିନ୍ଧୁ ଓ ବେଲୁଚିସ୍ଥାନ ଭାରତର କେଉଁ ଦିଗରେ ଅବସ୍ଥିତ ?

(ଗ) କନିଷ୍କ କେଉଁ ଧର୍ମର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ?

(ଘ) ଖ୍ରୀଷ୍ଟାବ୍ଦର ପ୍ରଚଳନ ପୂର୍ବରୁ ଏ ଦେଶରେ କାହାର ପ୍ରଚଳନ ହେଉଥିଲା ?

**ଉତ୍ତର :**

(କ) ଭାରତ ବର୍ଷର ପଶ୍ଚିମ ଦିଗରେ ପଞ୍ଜାବ ଅବସ୍ଥିତ ।

(ଖ) ସିନ୍ଧୁ ଓ ବେଲୁଚିସ୍ଥାନ ଭାରତର ପଶ୍ଚିମ ଦିଗରେ ଅବସ୍ଥିତ ।

(ଗ) କନିଷ୍କ ବୌଦ୍ଧ ଧର୍ମର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ।

(ଘ) ଖ୍ରୀଷ୍ଟାବ୍ଦର ପ୍ରଚଳନ ପୂର୍ବରୁ ଏ ଦେଶରେ ଶକାବ୍ଦର ପ୍ରଚଳନ ହେଉଥିଲା ।

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ଅତି ପ୍ରାଚୀନ କାଳରେ କେଉଁ ଜାତିର ରାଜାମାନେ ଭାରତର ପଶ୍ଚିମାଞ୍ଚଳର କେଉଁ କେଉଁ ରାଜ୍ୟରେ ରାଜୁତି କରୁଥିଲେ ?

(ଖ) ୭୮ ଖ୍ରୀଷ୍ଟାବ୍ଦରେ କିଏ କେଉଁଠାରେ ସିଂହାସନ ଆରୋହଣ କରିଥିଲେ ?

(ଗ) ଶକାବ୍ଦର ଉଲ୍ଲେଖ କେଉଁଠାରେ ଓ କେବେଠୁ ଦେଖାଯାଏ ?

**ଉତ୍ତର :**

(କ) ଶକ ଜାତିର ରାଜାମାନେ । ଭାରତର ପଶ୍ଚିମାଞ୍ଚଳର ପଞ୍ଜାବ, ରାଜପୁତାନା, ସିନ୍ଧୁ, ବେଲୁଚିସ୍ଥାନ ପ୍ରଭୃତି ରାଜ୍ୟରେ ରାଜୁତି କରୁଥିଲେ ।

(ଖ) ୭୮ ଖ୍ରୀଷ୍ଟାବ୍ଦରେ କନିଷ୍କ ପେଶବାର ବା ପୁଷ୍ପକଠାରେ ସିଂହାସନ ଆରୋହଣ କରିଥିଲେ ।

(ଗ) ଆମ ଦେଶର ପୁତ୍ରକନ୍ୟାମାନଙ୍କର ଜାତକରେ କନିଷ୍କଙ୍କ ରାଜତ୍ୱକାଳ ଆରମ୍ଭରୁ ଦେଖାଯାଏ ।

## (ଖ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଏହି କଲେଜ ପରିଦର୍ଶନ କରିବାରେ ମୋର ପ୍ରକୃତରେ ବଡ଼ ଆନନ୍ଦ ହେଉଛି । ଦକ୍ଷିଣ ଆଫ୍ରିକାରେ ମୋର ସୁଖର ଦିନଗୁଡ଼ିକ କଥା ତୁମ୍ଭେମାନେ ମନେ ପକାଇ ଦେଇଛ । ସେହି ସମୟରେ ମୋ ଦେଶର ମୁସଲମାନ ଭାଇମାନଙ୍କର ଭାଗ୍ୟ ସହ ମୋର ଭାଗ୍ୟ ଏକତ୍ର ଗୁନ୍ଥା ହୋଇଥିଲା । ୧୮୯୩ର ପ୍ରାରମ୍ଭରେ କେତେକ ଉତ୍ତମ ମୁସଲମାନମାନଙ୍କର ସଙ୍ଗ ଲାଭ କରିବାର ଓ ସେମାନଙ୍କୁ ପ୍ରଭାବିତ କରିବାର ସୌଭାଗ୍ୟ ମୋର ଘଟିଥିଲା । ଏଣୁ ତୁମ୍ଭେମାନେ ଯେ ଏହି ହଲ୍‌ରେ ସାକ୍ଷାତ କରିବାକୁ ନିମନ୍ତ୍ରଣ କରିଛ, ଏଥିରେ ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଉନାହିଁ ।

ମୁଁ ଯଥାଶୀଘ୍ର ଏଠାକୁ ଆସିବା ପାଇଁ ଏଠାର ମୁସଲମାନମାନଙ୍କଠାରୁ ଏକ ସମ୍ବାଦ, ଲଙ୍କାରୁ ମୌଲାନା ସୌକତ ଅଲି ଫେରି, ମୋତେ ଦେଲେ । ମାତ୍ର ସେ ଏବଂ ମୁଁ ଉଭୟ ଯେଉଁ କାର୍ଯ୍ୟରେ ନିଯୁକ୍ତ ଥିଲୁ, ସେହି କାର୍ଯ୍ୟ ଯୋଗୁଁ ସେତେବେଳେ ଏଠିକି ଆସିବା ମୋ ପକ୍ଷେ ସମ୍ଭପର ହେଲା ନାହିଁ ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ମୋର ପ୍ରକୃତରେ ବଡ଼ ଆନନ୍ଦ କେଉଁଠାରେ ?

(ଖ) ତୁମେମାନେ କେଉଁଠିକାର କେଉଁ କଥା ମନେ ପକାଇ ଦେଇଛ ?

(ଗ) କେଉଁଥିରେ ମୁଁ ଆଶ୍ଚାର୍ଯ୍ୟାନ୍ୱିତ ହେଉନାହିଁ ?

(ଘ) କିଏ ଲଙ୍କାରୁ ଫେରି ମୋତେ ସମ୍ବାଦ ଦେଉଥିଲେ ?

**ଉତ୍ତର :**

(କ) ଏହି କଲେଜ ପରିଦର୍ଶନ କରିବାରେ

(ଖ) ଦକ୍ଷିଣ ଆଫ୍ରିକାରେ ସୁଖର ଦିନଗୁଡ଼ିକ କଥା

(ଗ) ଏହି ହଲ୍‌ରେ ସାକ୍ଷାତ କରିବାର ନିମନ୍ତ୍ରଣ କଥା

(ଘ) ମୌଲାନା ସୌକତ ଅଲି

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) କେଉଁ ସମୟରେ କାହାର ଭାଗ୍ୟ ସହ ମୋର ଭାଗ୍ୟ ଯୋଡ଼ି ହୋଇଥିଲା ?

(ଖ) ୧୮୯୩ ମସିହାରେ କ'ଣ ଘଟିଥିଲା ?

(ଗ) ଏଠିକୁ ଆସିବା କାହିଁକି ସମ୍ଭବ ହୋଇ ନ ଥିଲା ?

**ଉତ୍ତର :**

(କ) ଦକ୍ଷିଣ ଆଫ୍ରିକାରେ ସୁଖର ଦିନଗୁଡ଼ିକ ସମୟରେ ମୁସଲମାନମାନଙ୍କର ଭାଗ୍ୟ ସହ

(ଖ) କେତେକ ଉତ୍ତମ ମୁସଲମାନମାନଙ୍କ ସହ ମିଶିବାର ଓ ସେମାନଙ୍କୁ ପ୍ରଭାବିତ କରିବାର

(ଗ) ଉଭୟେ ଯେଉଁ କାର୍ଯ୍ୟରେ ନିଯୁକ୍ତ ଥିଲେ – ସେହି କାର୍ଯ୍ୟ ଯୋଗୁଁ ଏଠିକୁ ଆସିବା ସମ୍ଭବ ହୋଇ ନଥିଲା

## (ଗ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଆମପରି ସ୍ୱାଧୀନ ଦେଶର ଲୋକେ ଅନେକ ଅଧିକାର ପାଇଥାନ୍ତି । ଆମ ଦେଶରେ ଏହିସବୁ ଅଧିକାର ପାଇଁ ସମ୍ବିଧାନରେ ସ୍ୱୀକୃତି ମିଳିଛି । ଏହି ଅଧିକାରଗୁଡ଼ିକୁ କୁହାଯାଏ ମୂଳ ଅଧିକାର । ନିଜ ଧନ ଏବଂ ଜୀବନର ସୁରକ୍ଷା, ନିଜ ଧର୍ମ ଅନୁଯାୟୀ ଉପାସନା କରିବାର ସ୍ୱାଧୀନତା, ଯେ କୌଣସି ବିଷୟରେ ନିଜର ମନ ପ୍ରକାଶ କରିବାର ସ୍ୱାଧୀନତା, ଏହି ଅଧିକାରର ଅନ୍ତର୍ଭୁକ୍ତ । ଏହିପରି ଆଉ କେତେକ ନାଗରିକ ଅଧିକାର ମଧ୍ୟ ରହିଛି । ଯଦି କେତେବେଳେ କେହି ଭାବନ୍ତି ଯେ ତାଙ୍କର ନାଗରିକ ଅଧିକାରରେ ଆଞ୍ଚ ଆସିଛି, ତେବେ ସେ ଅଦାଲତର ଆଶ୍ରୟ ନେଇପାରନ୍ତି ।

ରାଜନୈତିକ ଅଧିକାର ଭିତରେ ସବୁଠାରୁ ବଡ଼ ଅଧିକାର ହେଉଛି ଶାସନ ପାଇଁ ନିୟମ ତିଆରି କରିବା ଲୋକଙ୍କୁ ଭୋଟ ଦେଇ ବାଛିବା ଅଧିକାର । କେଉଁମାନେ ଦେଶର ନିୟମ ତିଆରି କରନ୍ତି ? ଯେଉଁମାନେ ଗାଁର ପଞ୍ଚାୟତ, ସହରର ମ୍ୟୁନିସିପାଲିଟି କିମ୍ବା ଜିଲ୍ଲା ସ୍ତରରେ ଜିଲ୍ଲାବୋର୍ଡ କିମ୍ବା ଜିଲ୍ଲା ପରିଷଦର ସଭ୍ୟ ହୋଇଛନ୍ତି କିମ୍ବା ରାଜ୍ୟ ସ୍ତରରେ ବିଧାନସଭା କିମ୍ବା ବିଧାନ ପରିଷଦର ସଭ୍ୟ ହୋଇଛନ୍ତି, ଏମାନେ ସମଗ୍ର ଭାବରେ ପାର୍ଲିଆମେଣ୍ଟ ଅର୍ଥାତ୍ ଲୋକସଭା କିମ୍ବା ରାଜ୍ୟସଭାର ମଧ୍ୟ ସଭ୍ୟ ହୋଇପାରନ୍ତି ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ଆମ ଦେଶରେ ବିଭିନ୍ନ ଅଧିକାର ପାଇବା ପାଇଁ କେଉଁଥିରେ ସ୍ୱୀକୃତି ମିଳିଛି ?

(ଖ) ଆମ ଦେଶରେ କେତେବେଳେ ଜଣେ ଅଦାଲତର ଆଶ୍ରୟ ନେଇ ପାରନ୍ତି ?

(ଗ) ରାଜନୈତିକ ଅଧିକାର ଭିତରେ ସବୁଠାରୁ ବଡ଼ ଅଧିକାର କ'ଣ ?

(ଘ) କେଉଁମାନେ ଦେଶର ନିୟମ ତିଆରି କରନ୍ତି ?

**ଉତ୍ତର :**

(କ) ଆମ ଦେଶରେ ବିଭିନ୍ନ ଅଧିକାର ପାଇବା ପାଇଁ ସମ୍ବିଧାନରେ ସ୍ୱୀକୃତି ମିଳିଛି ।

(ଖ) ଜଣେ ଯେତେବେଳେ ଭାବନ୍ତି ଯେ ତାଙ୍କର ନାଗରିକ ଅଧିକାରରେ ଆଞ୍ଚ ଆସିଛି

(ଗ) ଦେଶକୁ ଶାସନ କରିବା ପାଇଁ ନିୟମ ତିଆରି କରିବା

(ଘ) ଯେଉଁମାନେ ଲୋକସଭା ବା ରାଜ୍ୟସଭା ଭଳି ଅନୁଷ୍ଠାନର ସଭ୍ୟ ହୋଇଥାନ୍ତି

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ମୂଳ ଅଧିକାର କାହାକୁ କୁହାଯାଏ ?

(ଖ) କେଉଁ କେଉଁ ଅଧିକାର ଏହି ମୂଳ ଅଧିକାରର ଅନ୍ତର୍ଭୁକ୍ତ ?

(ଗ) କେଉଁମାନେ ଦେଶର ନିୟମ ତିଆରି କରନ୍ତି ?

**ଉତ୍ତର :**

(କ) ଆମ ପରି ସ୍ୱାଧୀନ ଦେଶରେ ଲୋକେ ଅନେକ ଅଧିକାର ପାଇଥାନ୍ତି । ଏହିସବୁ ସମ୍ବିଧାନ ସ୍ୱୀକୃତ ଅଧିକାରକୁ ମୂଳ ଅଧିକାର କୁହାଯାଏ ।

(ଖ) ନିଜ ଧନ ଓ ଜୀବନର ସୁରକ୍ଷା, ନିଜ ଧର୍ମ ଅନୁଯାୟୀ ଉପାସନା କରିବାର ସ୍ୱାଧୀନତା ନିଜ ମନଭାବ ବିକାଶ ପାଇଁ ସ୍ୱାଧୀନତା ଏହି ମୂଳ ଅଧିକାରର ଅନ୍ତର୍ଭୁକ୍ତ ।

(ଗ) ଆମ ଦେଶରେ ଗ୍ରାମପଞ୍ଚାୟତ, ସହରର ମ୍ୟୁନିସିପାଲଟି, ଜିଲ୍ଲାର ଜିଲ୍ଲାବୋର୍ଡ କିମ୍ବା ଜିଲ୍ଲାପରିଷଦ, ବିଧାନ ସଭା, ବିଧାନ ପରିଷଦ, ଲୋକସଭା କିମ୍ବା ରାଜ୍ୟସଭା ଇତ୍ୟାଦି ଲୋକ ପ୍ରତିନିଧି ମୂଳକ ପ୍ରତିଷ୍ଠାନ ଅଛି । ଏହିସବୁ ଅନୁଷ୍ଠାନର ସଦସ୍ୟମାନେ ଦେଶର ନିୟମ ତିଆରି କରନ୍ତି ।

## (ଘ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଦିନେ ଦୁର୍ବାସା ମୁନି ଦଶ ସହସ୍ର ଶିଷ୍ୟ ଘେନି ଦୁର୍ଯ୍ୟୋଧନଙ୍କ ନିକଟରେ ଉପସ୍ଥିତ ହେଲେ । କୌଣସି ପ୍ରକାର ତ୍ରୁଟି ହେଲେ କାଳେ ଶାପଗ୍ରସ୍ତ ହେବେ ଏହି ଭୟରେ ଦୁର୍ଯ୍ୟୋଧନ ସ୍ୱୟଂ ଅତି ସନ୍ତର୍ପଣରେ ଋଷିଙ୍କର ସେବା, ଯତ୍ନ ଓ ସତ୍କାର କଲେ । ଋଷି ଦୁର୍ଯ୍ୟୋଧନଙ୍କର ସେବା ଓ ଯତ୍ନରେ ସନ୍ତୁଷ୍ଟ ହୋଇ ତାଙ୍କୁ ବର ପ୍ରଦାନ କରିବାକୁ ସମ୍ମତ ହୋଇ କହିଲେ, "ବତ୍ସ, ତୁମେ କୌଣସି ବର ପ୍ରାର୍ଥନା କର ।"

ଉଗ୍ରସ୍ୱଭାବ ଦୁର୍ବାସା ଋଷିଙ୍କୁ ସନ୍ତୁଷ୍ଟ କରିପାରିଛନ୍ତି ଭାବି ଦୁର୍ଯ୍ୟୋଧନ ପୁନର୍ଜନ୍ମ ଲାଭ କଲାଭଳି ମନେ କଲେ । ଆନନ୍ଦରେ ସେ ଆତ୍ମବିସ୍ମୃତ ହେଲେ । ବନ୍ଧୁମାନଙ୍କ ସହିତ ପରାମର୍ଶ କରି ପରିଶେଷରେ ପାପାତ୍ମା ଦୁର୍ଯ୍ୟୋଧନ ଏହିପରି ବର ପ୍ରାର୍ଥନା କଲେ :-

"ହେ ଭଗବାନ୍, ଆପଣ ଯେପରି ସଶିଷ୍ୟ ମୋର ଅତିଥି ହୋଇଛନ୍ତି, ସେହିପରି ଶିଷ୍ୟସହ ଆପଣ ବନବାସୀ ପାଣ୍ଡବମାନଙ୍କର ବିଶେଷରେ ମହାମହିମାନ୍ୱିତ କୁଳଶ୍ରେଷ୍ଠ ଯୁଧିଷ୍ଠିରଙ୍କର ଅତିଥି ହୁଅନ୍ତୁ । ମୋ ପ୍ରତି ସଦୟ ହୋଇ ତାଙ୍କର ଆତିଥ୍ୟ ଗ୍ରହଣ କରିବେ । ମୋର ବିନୀତ ପ୍ରାର୍ଥନା ଏହି ଯେ, ପାଣ୍ଡବମାନଙ୍କର ମଧ୍ୟାହ୍ନଭୋଜନ ପରେ ଦ୍ରୌପଦୀ ଯେତେବେଳେ ନିଜ ଭୋଜନ ସମାପ୍ତ କରି ବିଶ୍ରାମ କରୁଥିବେ, ଆପଣ ସେତେବେଳେ ତାଙ୍କର ଅତିଥି ହେବେ ।"

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ଦୁର୍ବାସା ଋଷି କେତେ ଶିଷ୍ୟ ଘେନି କେଉଁଠି ଉପସ୍ଥିତ ହୋଇଥିଲେ ?

(ଖ) ଋଷି ଦୁର୍ଯ୍ୟୋଧନଙ୍କୁ ବର ପ୍ରଦାନ କରିବାକୁ କାହିଁକି ସମ୍ମତ ହେଲେ ?

(ଗ) ଦୁର୍ଯ୍ୟୋଧନ କାହିଁକି ପୁନର୍ଜନ୍ମ ଲାଭ କଲା ଭଳି ମନେ କଲେ ?

(ଘ) ଋଷି କାହାର ଅତିଥି ହୁଅନ୍ତୁ ବୋଲି ଦୁର୍ଯ୍ୟୋଧନ ଚାହିଁଥିଲେ ?

**ଉତ୍ତର :**

(କ) ଦୁର୍ବାସା ଦଶସହସ୍ର ଶିଷ୍ୟ ଘେନି ଦୁର୍ଯ୍ୟୋଧନଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ।

(ଖ) ଦୁର୍ଯ୍ୟୋଧନଙ୍କ ସେବା ଓ ଯତ୍ନରେ ସନ୍ତୁଷ୍ଟ ହୋଇ

(ଗ) ଦୁର୍ବାସା ଋଷିଙ୍କୁ ସନ୍ତୁଷ୍ଟ କରିପାରିଛନ୍ତି ଭାବି

(ଘ) ପାଣ୍ଡବଙ୍କର ଓ ବିଶେଷରେ ଯୁଧିଷ୍ଠିରଙ୍କର ଅତିଥି ହୁଅନ୍ତୁ ବୋଲି ଚାହୁଁଥିଲେ ।

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ଋଷି ଦୁର୍ବାସା ଦୁର୍ଯ୍ୟୋଧନଙ୍କ ନିକଟରେ ପହଞ୍ଚିବା ପରେ କ'ଣ ହେଲା ?

(ଖ) ଦୁର୍ଯ୍ୟୋଧନଙ୍କ ସେବାଯତ୍ନ ପରେ କ'ଣ ଘଟିଲା ?

(ଗ) ଦୁର୍ଯ୍ୟୋଧନଙ୍କ ବିନୀତ ପ୍ରାର୍ଥନା କ'ଣ ଥିଲା ?

**ଉତ୍ତର :**

(କ) ଋଷି ଦୁର୍ବାସା ନିଜର ଦଶସହସ୍ର ଶିଷ୍ୟଙ୍କୁ ନେଇ ଦୁର୍ଯ୍ୟୋଧନଙ୍କ ନିକଟରେ ପହଞ୍ଚିଲେ । ଆତିଥେୟତାର ତ୍ରୁଟି ହେଲେ କାଳେ ଋଷି ରୁଷ୍ଟହେବେ, ଏହି ଆଶଙ୍କାରେ ଦୁର୍ଯ୍ୟୋଧନ ସ୍ୱୟଂ ଋଷିଙ୍କର ସେବାଯତ୍ନ କଲେ ।

(ଖ) ଦୁର୍ବାସା ଦୁର୍ଯ୍ୟୋଧନଙ୍କ ସେବାଯତ୍ନରେ ତୁଷ୍ଟ ହେଲେ । କହିଲେ- "ବତ୍ସ, ତୁମେ କୌଣସି ବର ପ୍ରାର୍ଥନା କର ।

(ଗ) ପାଣ୍ଡବମାନଙ୍କର ମଧ୍ୟାହ୍ନ ଭୋଜନ ପରେ ଦ୍ରୌପଦୀ ଭୋଜନ ସମାପ୍ତି କରିଥିବେ । ତାଙ୍କର ଏହି ବିଶ୍ରାମ କାଳରେ ଆପଣ ସେଠାରେ ଅତିଥି ହେବେ ।

## (ଙ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଗୋବିନ୍ଦ ମାଟ୍ରିକ୍ ପାଶ୍ କରି ଉପରକୁ ପଢ଼ିବାକୁ ଚାହିଁଲେ। କିନ୍ତୁ ତାଙ୍କ ପାଖରେ ପଇସା ନ ଥିଲା କିମ୍ବା କଲିକତା ଯାଏ ଚାଲିଯିବା ପାଇଁ ତାଙ୍କର ସାହସ ନ ଥିଲା। ତେଣୁ ଆଗ କିଛି ପଇସା ରୋଜଗାର କରିବା ପାଇଁ ସେ ଯାଇ ବାଲେଶ୍ୱର ହାଇସ୍କୁଲରେ ଶିକ୍ଷକ ହେଲେ। କିଛି ପଇସା ହାତରେ ପାଣ୍ଠି କରି ସେ ଉଚ୍ଚଶିକ୍ଷା ପାଇଁ ଚାଲି ଚାଲି ଯାଇ କଲିକତାରେ ପହଞ୍ଚିଲେ। ମନ ଥିଲେ ମଣିଷ କ'ଣ ନ କରିପାରେ ? କାହିଁ କଟକ, କାହିଁ କଲିକତା ! ମନରେ ବଳ ନ ଥିଲେ ମଣିଷ କ'ଣ ଏତେ ବାଟ ଚାଲି ପାରନ୍ତା ! ସେହି କଲିକତାରେ ରହି ସେ ଆଇ.ଏ., ବି.ଏ., ଏମ୍.ଏ. ସବୁ ପାଶ୍ କଲେ। ସେଇଠି ସେ ପ୍ରଥମେ ଓକିଲାତି କଲେ ଏବଂ ସୌଦାମିନୀ ନାମ୍ନୀ ଜଣେ ଖ୍ରୀଷ୍ଟିୟାନ ବଙ୍ଗାଳି କନ୍ୟାଙ୍କୁ ବିବାହ କରିଥିଲେ। ସେତେବେଳେ ପାଦ୍ରୀ ସାହେବମାନେ ବହୁତ ଲୋକଙ୍କୁ ଖ୍ରୀଷ୍ଟିୟାନ କରି ଦେଉଥିଲେ। ଗୋବିନ୍ଦ ବଲ୍ଲଭ ସେହିମାନଙ୍କ କଥାରେ ଖ୍ରୀଷ୍ଟିୟାନ ହେଲେ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୪x୧)**

(କ) ଗୋବିନ୍ଦଙ୍କର କ'ଣ ପାଇଁ ସାହସ ନ ଥିଲା ?

(ଖ) କିଛି ପଇସା ରୋଜଗାର ପାଇଁ ଗୋବିନ୍ଦ କ'ଣ କଲେ ?

(ଗ) କଲିକତାରେ ରହି ଗୋବିନ୍ଦ କ'ଣ କଲେ ?

(ଘ) ଗୋବିନ୍ଦ କେଉଁମାନଙ୍କ କଥାରେ ଖ୍ରୀଷ୍ଟିଆନ ହୋଇଥିଲେ ?

**ଉତ୍ତର :**

(କ) କଲିକତା ଯାଏ ଚାଲିଯିବା ପାଇଁ ସାହସ ନ ଥିଲା ?

(ଖ) ଗୋବିନ୍ଦ ବାଲେଶ୍ୱର ହାଇସ୍କୁଲରେ ଶିକ୍ଷକ ହେଲେ।

(ଗ) କଲିକତାରେ ରହି ସେ ଆଇ.ଏ., ବି.ଏ., ଏମ୍.ଏ. ସବୁ ପାଶ୍ କଲେ।

(ଘ) ଗୋବିନ୍ଦ ପାଦ୍ରୀ ସାହେବମାନଙ୍କ କଥାରେ ଖ୍ରୀଷ୍ଟିଆନ୍ ହୋଇଥିଲେ।

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୩x୨)**

(କ) ଗୋବିନ୍ଦ ଚନ୍ଦ୍ର କଲିକତାକୁ କାହିଁକି ଚାଲି ଚାଲି ଯାଇଥିଲେ ?

(ଖ) ଗୋବିନ୍ଦ କଲିକତାକୁ କିପରି ଯାଇଥିଲେ ?

(ଗ) ଉଚ୍ଚଶିକ୍ଷା ପରେ ଗୋବିନ୍ଦ କଲିକତାରେ କ'ଣ କଲେ ?

**ଉତ୍ତର :**

(କ) ଗୋବିନ୍ଦ ମାଟ୍ରିକପାଶ୍ କରି ଅଧିକ ପଢ଼ିବାକୁ ଚାହିଁଲେ। ତାଙ୍କ ପାଖରେ ପଇସା ନ ଥିବାରୁ ସେ ପରେ ପରେ କଲିକତା ଚାଲି ଚାଲି ଯାଇଥିଲେ।

(ଖ) ଉଚ୍ଚଶିକ୍ଷା ପାଇଁ ଗୋବିନ୍ଦଙ୍କ ପାଖରେ ଅର୍ଥ ନ ଥିଲା। ବାଲେଶ୍ୱର ହାଇସ୍କୁଲରେ ଶିକ୍ଷକତା କରି କିଛି ପଇସା ସଞ୍ଚୟ କରି ଚାଲିଚାଲି କଲିକତା ଯାଇଥିଲେ।

(ଗ) ଗୋବିନ୍ଦ କଲିକତାରେ ଓକିଲାତି କଲେ ଓ ସୌଦାମିନୀ ନାମକ ଜଣେ ଖ୍ରୀଷ୍ଟିଆନ ବଙ୍ଗାଳୀ ଝିଅକୁ ବିବାହ କରିଥିଲେ।

## (ଚ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ବିଦ୍ୟାଳୟ ଶିକ୍ଷାପ୍ରଣାଳୀ ଏହିପରି ଥିଲେ ମଧ୍ୟ ଆମ୍ଭମାନଙ୍କୁ ଶିକ୍ଷାଦାନରେ କେବଳ ବିଦ୍ୟାଳୟ କର୍ମରେ ଶିକ୍ଷକମାନେ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ । ତେଣୁ ବୋର୍ଡିଂରେ ବୁଲି ବୁଲି ପ୍ରତି ପିଲାଙ୍କ ପାଖକୁ ଯାଇ ଭୁଲ ସଂଶୋଧନ କରାନ୍ତି । ଏ ବିଷୟରେ ଗୋଟିଏ ଦିଓଟି ଉଦାହରଣ ଦେବା ସମୀଚୀନ । ମାଇନର ଶ୍ରେଣୀରେ ଥିଲାବେଳେ ପ୍ରଥମ ତ୍ରୈମାସିକ ପରୀକ୍ଷାରେ ବିଜ୍ଞାନ ବିଷୟରେ ମୋର ଶହକରୁ ସଇଁତିରିଶ ନମ୍ବର ଥିଲା । ନିଜେ ହେଡ୍‌ମାଷ୍ଟର ମହାଶୟ ପ୍ରତ୍ୟେକ ଶ୍ରେଣୀ ପିଲାଙ୍କର ନମ୍ବର ହାତରେ ଲେଖୁଥିଲେ, ମିଶାଉଥିଲେ – ସମସ୍ତଙ୍କ କଥା ତାଙ୍କୁ ଜଣା । ପରୀକ୍ଷା ଫଳ ବାହାରିବା ପରେ ଦିନେ ରାତିରେ ପଢ଼ାବେଳେ ମୋ ପାଖକୁ ଆସି, ମୋ ଆସନରେ ଓ ପାଖରେ ବସିପଡ଼ିଲେ; କହିଲେ – "ତୋର ପରୀକ୍ଷା ଫଳ କଦର୍ଯ୍ୟ ହୋଇଛି, ତୁ ଫାଷ୍ଟ ହୋଇଛୁ ସିନା, ବିଜ୍ଞାନରେ ଆଠଟି ନମ୍ବର କମିଥିଲେ, ଫେଲ ହୋଇଥାନ୍ତୁ; ଜାଣୁ ତ ? ଏଣିକି ସାବଧାନ ରହ ।" ଏତିକି କହିଗଲା ପରେ ମୁଁ ଭାରି ଚିନ୍ତିତ ହେଲି ଏବଂ ସେହି ରାତିଟାଯାକ ଲାଗି ସମସ୍ତ ବିଜ୍ଞାନ ପୁସ୍ତକଟି ପଢ଼ି ବିଷୟ ମନେ ରଖିଗଲି । ତତ୍ପରେ ପ୍ରତ୍ୟେକ ବିଷୟକୁ ତନ୍ନ ତନ୍ନ କରି ପଢ଼ିଲି – ବହିର ଭାଷା ପର୍ଯ୍ୟନ୍ତ ମୋର ମନେ ରହିଗଲା । ପରବର୍ତ୍ତୀ ପରୀକ୍ଷାରେ ମୁଁ ଶହକରୁ ପଞ୍ଚାନବେ ପାଇଥିଲି । ନମ୍ବର ଖାତାରେ ଉଠାଇଲା ପରେ ହେଡ୍‌ମାଷ୍ଟର ମହାଶୟ ମତେ ଅଫିସକୁ ଡକାଇନେଲେ । ଗୋପବନ୍ଧୁ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକମାନଙ୍କ ଆଗରେ ମୁଁ କପି କରିଛି ବୋଲି ଭାରି କ୍ରୋଧରେ କହିଲେ । ଗୋପବନ୍ଧୁବାବୁ କହିଲେ – "ଆମ ସ୍କୁଲରେ କ'ଣ କପି ହୁଏ ?" ମୁଁ କହିଲି, "ମୁଁ କପି କରି ନାହିଁ ।" ସେ ବହିଟି ମଗାଇ ପାଖରେ ରଖିଥିଲେ ... ବହି ଭାଷା ସଙ୍ଗେ ମୋର ଲେଖା ମିଳିଯାଉଛି – ଦେଖାଇଲେ ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ଶିକ୍ଷକମାନେ କେଉଁଥିରେ ସନ୍ତୁଷ୍ଟ ହୋଇ ପାରୁନଥିଲେ ?

(ଖ) ମାଇନର ଶ୍ରେଣୀରେ ପ୍ରଥମ ତ୍ରୈମାସିକ ପରୀକ୍ଷାରେ ଲେଖକଙ୍କର ବିଜ୍ଞାନରେ କେତେ ନମ୍ବର ଥିଲା ?

(ଗ) ପରବର୍ତ୍ତୀ ପରୀକ୍ଷାରେ ତାଙ୍କର କେତେ ନମ୍ବର ରହିଲା ?

(ଘ) ହେଡ୍‌ମାଷ୍ଟର ମହୋଦୟ ଅଫିସକୁ ଡକାଇ ନେଇ କ'ଣ କହିଲେ ?

**ଉତ୍ତର :**

(କ) କେବଳ ବିଦ୍ୟାଳୟ କର୍ମରେ

(ଖ) ଶହେରୁ ସଇଁତିରିଶ ନମ୍ବର ଥିଲା

(ଗ) ଶହେରୁ ପଞ୍ଚାନବେ ନମ୍ବର

(ଘ) ମୁଁ କପି କରିଛି ବୋଲି କ୍ରୋଧରେ କହିଲେ

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ଶିକ୍ଷକମାନେ ବୋର୍ଡିଂରେ ବୁଲି କ'ଣ କରୁଥିଲେ ?

(ଖ) ହେଡ୍‌ମାଷ୍ଟର ପାଖରେ ବସି କ'ଣ କହିଥିଲେ ?

(ଗ) ଅଫିସ୍‌କୁ ଡକାଇ ହେଡ୍‌ମାଷ୍ଟର କେଉଁମାନଙ୍କ ଆଗରେ କପି କରିବା କଥା କହିଥିଲେ ?

**ଉତ୍ତର :**

(କ) କେବଳ ବିଦ୍ୟାଳୟ କର୍ମରେ ଶିକ୍ଷକମାନେ ସନ୍ତୁଷ୍ଟ ନ ଥିଲେ ତେଣୁ ବୋର୍ଡିଂରେ ବୁଲି ପ୍ରତି ପିଲାଙ୍କର ଭୁଲ ସଂଶୋଧନ କରୁଥିଲେ ।

(ଖ) ପରୀକ୍ଷା ଫଳ ବାହାରିଲା ପରେ ହେଡମାଷ୍ଟର ଦିନେ ପାଖରେ ବସି କହିଲେ, "ତୋର ପରୀକ୍ଷାଫଳ କଦର୍ଯ୍ୟ ହୋଇଛି, ଫାଷ୍ଟ ହୋଇଛୁ ସିନା, ବିଜ୍ଞାନରେ ଆଠଟି ନମ୍ବର କମିଥିଲେ ଫେଲ୍ ହୋଇଥା'ନ୍ତୁ ।"

(ଗ) ଅଫିସ୍‌କୁ ଡକାଇ ଗୋପବନ୍ଧୁ ବାବୁ ଓ ଅନ୍ୟାନ୍ୟ ଶିକ୍ଷକଙ୍କ ଆଗରେ କପି କରିଥିବା କଥା କହିଥିଲେ ।

## (ଛ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଯେଉଁ ମାନିଆ କିଛି କୋଳି ଓ କେତୋଟି ମୂଳା ଖାଇ ନିଜକୁ ବଞ୍ଚାଇ ରଖିଥିଲେ, ସେ ହେଲେ ପୃଥିବୀର ଶ୍ରେଷ୍ଠ ମହିଳା-ବିଜ୍ଞାନୀ ମେରୀ କ୍ୟୁରି। ତାଙ୍କ ସ୍ୱାମୀ ପେରି କ୍ୟୁରି ମଧ୍ୟ ଥିଲେ ତାଙ୍କରି ପରି ଜଣେ ଖ୍ୟାତନାମା ପଦାର୍ଥବିଜ୍ଞାନୀ। ମେରୀ କ୍ୟୁରି ରେଡିୟମ୍ ଆବିଷ୍କାର କରିଥିଲେ। ରେଡିୟମ୍‌ର ଗୁଣ ସମ୍ପର୍କରେ ସେ ଅନେକ ପ୍ରକାର ପରୀକ୍ଷା କରିଥିଲେ। ଅନେକ ପ୍ରସିଦ୍ଧ ବିଜ୍ଞାନୀ ଜୀବନରେ ଥରେ ହେଲେ ନୋବେଲେ ପୁରସ୍କାର ନ ପାଇ ହତାଶ ହୋଇଛନ୍ତି, କିନ୍ତୁ ଏହି ଭାଗ୍ୟବତୀ ମହିଳା ଜୀବନରେ ଦୁଇ ଥର ନୋବେଲ ପୁରସ୍କାର ପାଇଥିଲେ। ତାଙ୍କ ସ୍ୱାମୀ ନୋବେଲ୍ ପୁରସ୍କାର ପାଇଲେ ଓ ତାଙ୍କ ଝିଅ ମଧ୍ୟ ନୋବେଲ୍ ପୁରସ୍କାର ପାଇଥିଲେ। ଗୋଟିଏ ନୋବେଲ୍ ପୁରସ୍କାରରେ ଯେଉଁ ଅର୍ଥ ମିଳେ, ଭାରତୀୟ ମୁଦ୍ରାରେ ତା'ର ପରିମାଣ ପ୍ରାୟ ଦୁଇ ଲକ୍ଷ ଟଙ୍କା। ଦିନେ ଆମେରିକାର ଜଣେ ସାମ୍ବାଦିକ ମାଡାମ୍ କ୍ୟୁରିଙ୍କୁ ଦେଖା କରିବାକୁ ଆସିଲେ। ସେ ଦେଖିଲେ, ତାଙ୍କ ଘର ଦରଜା ପାଖରେ ଜଣେ ଯୁବତୀ ସ୍ତ୍ରୀଲୋକ ଫୁଙ୍ଗୁଳା ପାଦରେ ସାଦାସିଧା ପୋଷାକ ପିନ୍ଧି ଠିଆ ହୋଇଛି। ପଚାରିଲେ -

"ତମେ କ'ଣ ଏ ଘରର ଚାକରାଣୀ ?"
"ହଁ"
"ମହାଶୟା କ୍ୟୁରି ଘରେ ଅଛନ୍ତି ?"
"ନା, ବାହାରକୁ ଯାଇଛନ୍ତି।"
"ଚଞ୍ଚଳ ଆସିବେ କି ?"

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୪x୧)**

(କ) ଯେ କୋଳି ଓ କେତୋଟି ମୂଳା ଖାଇ ନିଜକୁ ବଞ୍ଚାଇ ରଖିଥିଲେ ସେ ପରେ କ'ଣ ହେଲେ ?

(ଖ) ମେରୀ କ୍ୟୁରିଙ୍କର ସ୍ୱାମୀ କ'ଣ ଥିଲେ ?

(ଗ) ଏହି ମହିଳା କେତେଥର ନୋବେଲ୍ ପୁରସ୍କାର ପାଇଥିଲେ ?

(ଘ) ନୋବେଲ ପୁରସ୍କାରର ଭାରତୀୟ ମୁଦ୍ରାରେ ପରିମାଣ କେତେ ?

**ଉତ୍ତର :**

(କ) ସେ ପୃଥିବୀର ଶ୍ରେଷ୍ଠ ମହିଳା ବିଜ୍ଞାନୀ ମେରୀ କ୍ୟୁରି ହୋଇଥିଲେ।

(ଖ) ମେରୀ କ୍ୟୁରିଙ୍କର ସ୍ୱାମୀ ପେରି କ୍ୟୁରି ଜଣେ ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ଥିଲେ।

(ଗ) ଦୁଇଥର ନୋବେଲ ପୁରସ୍କାର ପାଇଥିଲେ

(ଘ) ପ୍ରାୟ ଦୁଇଲକ୍ଷ ଟଙ୍କା

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୩x୨)**

(କ) ମେରୀ କ୍ୟୁରିଙ୍କର ବିଜ୍ଞାନ କ୍ଷେତ୍ରରେ ଅବଦାନ କ'ଣ ଥିଲା ?

(ଖ) ପୃଥିବୀରେ ମେରୀ କ୍ୟୁରିଙ୍କ ସମ୍ପର୍କରେ କେଉଁ ବିରଳ ଉପଲବ୍ଧ ଦେଖାଯାଏ ?

(ଗ) ଆମେରିକାର ସାମ୍ବାଦିକ ଜଣକ କ'ଣ ଦେଖିଲେ ?

**ଉତ୍ତର :**

(କ) ମେରୀ କ୍ୟୁରୀ ରେଡିୟମ୍ ଆବିଷ୍କାର କରିଥିଲେ। ରେଡିୟମ୍‌ର ଗୁଣ ସମ୍ପର୍କରେ ସେ ଅନେକ ପରୀକ୍ଷା କରିଥିଲେ।

(ଖ) ମେରୀ କ୍ୟୁରି ନୋବେଲ୍ ପୁରସ୍କାର ପାଇଥିଲେ। ତାଙ୍କ ସ୍ୱାମୀ ଓ କନ୍ୟା ମଧ୍ୟ ନୋବେଲ୍ ପୁରସ୍କାର ପାଇଥିଲେ।

(ଗ) ଦେଖିଲେ କ୍ୟୁରିଙ୍କ ଘର ଦରଜା ପାଖରେ ଜଣେ ଯୁବତୀ ଫୁଙ୍ଗୁଳା ପାଦରେ ସାଧାସିଧା ପୋଷାକ ପିନ୍ଧି ଠିଆ ହୋଇଛି।

## (ଜ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ମଧୁସୂଦନ ପ୍ରଥମେ କଲିକତାରେ ଓକିଲାତି କରୁଥିଲେ । କିନ୍ତୁ ମାତୃଭୂମିକୁ ଭୁଲି ବେଶିଦିନ ସେ ବିଦେଶରେ ରହି ପାରିଲେ ନାହିଁ । ୧୮୮୦ ମସିହାରେ ଓଡ଼ିଶାକୁ ଫେରି କଟକରେ ସେ ଓକିଲାତି ଆରମ୍ଭ କଲେ । ଅଳ୍ପଦିନ ଭିତରେ ତାଙ୍କର ବୁଦ୍ଧି ଦେଖି ତାଙ୍କୁ ସମସ୍ତେ ମଧୁ ବାରିଷ୍ଟର ବୋଲି କହିଲେ । ଓଡ଼ିଶାର ଯେତେ ବଡ଼ ବଡ଼ ମକଦ୍ଦମା ସବୁ ସେ ଜିତିଲେ । ତାଙ୍କର ବୁଦ୍ଧି ଦେଖି ଲୋକେ ଅବାକ୍ ହୋଇଗଲେ । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ହିନ୍ଦୁ ଦେବତାମାନଙ୍କୁ ମାନୁଥିଲେ । ପୁରୀ ରାଜାଙ୍କଠାରୁ ଇଂରେଜ ସରକାର ଯେତେବେଳେ ପୁରୀ ମନ୍ଦିର ଅଧିକାର ଛଡ଼ାଇ ନେଉଥିଲେ, ସେ ମକଦ୍ଦମା ଲଢ଼ି ଯେମିତି ଭାବରେ ରାଜାଙ୍କ ପାଇଁ ମନ୍ଦିରର ଅଧିକାର ଫେରାଇ ଆଣିଲେ; ସେଥିରେ ସାରା ଭାରତରେ ତାଙ୍କର ନାଁ ଚହଳ ପଡ଼ିଗଲା ।

ଓଡ଼ିଶାକୁ ସେତେବେଳେ ଇଂରେଜ ସରକାର ବିଶେଷ ସମ୍ମାନ ପ୍ରଦାନ କରୁ ନ ଥିଲେ । ସେଥିପାଇଁ ଓଡ଼ିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହିସାବରେ ନ ରଖି କେତେବେଳେ ବିହାର ସଙ୍ଗେ, କେତେବେଳେ ଅବା ବଙ୍ଗଳା ସଙ୍ଗେ ମିଶାଇ ରଖୁଥିଲେ ତେଣୁ ଓଡ଼ିଆ ଲୋକଙ୍କର ସ୍ୱାର୍ଥରକ୍ଷା ହୋଇପାରୁ ନ ଥିଲା । ମଧୁସୂଦନ ଏହି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଆନ୍ଦୋଳନ ଆରମ୍ଭ କଲେ । ସେହି ଆନ୍ଦୋଳନ ଚଳୁ ରଖିବା ପାଇଁ, ସେ ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ କଲେ ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ମଧୁସୂଦନ ପ୍ରଥମେ କେଉଁଠି କ'ଣ କରୁଥିଲେ ?

(ଖ) ମଧୁବାବୁ କେବେ ଓଡ଼ିଶାକୁ ଫେରିଆସିଲେ ଓ କେଉଁଠାରେ କ'ଣ କଲେ ?

(ଗ) ମଧୁବାବୁଙ୍କ ବୈଶିଷ୍ଟ୍ୟ କ'ଣ ଥିଲା ?

(ଘ) ମଧୁସୂଦନ କାହିଁକି ଆନ୍ଦୋଳନ ଆରମ୍ଭ କରିଥିଲେ ?

**ଉତ୍ତର :**

(କ) ମଧୁସୂଦନ ପ୍ରଥମେ କଲିକତାରେ ଓକିଲାତି କରୁଥିଲେ ।

(ଖ) ମଧୁବାବୁ ୧୮୮୦ ରେ ଓଡ଼ିଶାକୁ ଫେରି କଟକରେ ଓକିଲାତି କଲେ ।

(ଗ) ସେ ଖ୍ରୀଷ୍ଟିଆନ ହେଲେ ମଧ୍ୟ ହିନ୍ଦୁ ଦେବତାମାନଙ୍କୁ ମାନୁଥିଲେ ।

(ଘ) ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ ।

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ସାରା ଭାରତରେ ମଧୁବାବୁଙ୍କ ନାଁ କାହିଁକି ଚହଳ ପଡ଼ିଗଲା ?

(ଖ) ଓଡ଼ିଆମାନଙ୍କର ସ୍ୱାର୍ଥରକ୍ଷା କାହିଁକି ହୋଇ ପାରୁନଥିଲା ?

(ଗ) କ'ଣ ପାଇଁ ମଧୁସୂଦନ କେଉଁ ଆନ୍ଦୋଳନ ଚଳୁ କରିଥିଲେ ଓ ଏହା କେବେ ଗଠିତ ହୋଇଥିଲା ?

**ଉତ୍ତର :**

(କ) ଖ୍ରୀଷ୍ଟିଆନ ହୋଇ ମଧ୍ୟ ପୁରୀ ମନ୍ଦିର ଉପରୁ ରାଜାଙ୍କର ଅଧିକାର ପ୍ରତ୍ୟାହାର କରିବା ବିରୁଦ୍ଧରେ ଲଢ଼ିଥିଲେ । ଓଡ଼ିଶା ରାଜାଙ୍କ ପାଇଁ ମନ୍ଦିରର ଅଧିକାର ଫେରାଇ ଆଣିଥିଲେ ।

(ଖ) ଇଂରେଜମାନେ ସେତେବେଳେ ଓଡ଼ିଶାକୁ କେତେବେଳେ ବିହାର ସଙ୍ଗେ କେତେବେଳେ ବଙ୍ଗଳା ସଙ୍ଗେ ମିଶାଇ ରଖୁଥିଲେ ତେଣୁ ଓଡ଼ିଶାର ସ୍ୱାର୍ଥ ରକ୍ଷା ହୋଇ ପାରୁନଥିଲା ।

(ଗ) ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ମଧୁସୂଦନ ଉତ୍କଳ ସମ୍ମିଳନୀ ଆରମ୍ଭ କରିଥିଲେ । ୧୯୦୩ ମସିହାରେ ଏହାର ଗଠନ ହୋଇଥିଲା ।

## (୯) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

**ଖ୍ରୀଷ୍ଟାବ୍ଦ :** ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କୁ ଜନ୍ମଦିବସକୁ ଅବଲମ୍ବନ କରି ଏହି ଅବ୍ଦ ପ୍ରଚଳିତ। ଅନ୍ୟାନ୍ୟ ଅବ୍ଦମାନଙ୍କ ମଧ୍ୟରେ ଏହାର ସବୁଠାରୁ ବେଶି ଆଦୃତ, କାରଣ ଆଜିକାଲି ଏହାକୁ ସମଗ୍ର ପୃଥିବୀରେ ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରାଯାଉଅଛି।

ଯୀଶୁଖ୍ରୀଷ୍ଟ ଖ୍ରୀଷ୍ଟିୟାନ ଧର୍ମ ପ୍ରଚ୍ଚର କରିଯାଇଅଛନ୍ତି। ସେ ପ୍ରାୟ ଦୁଇ ହଜାର ବର୍ଷ ତଳେ ଏସିଆ ମହାଦେଶର ପଶ୍ଚିମରେ ଭୂମଧ୍ୟସାଗରର କୂଳରେ ଥିବା ପାଲେଷ୍ଟାଇନ୍ ନାମକ ଦେଶରେ ଜନ୍ମଗ୍ରହଣ କରିଥିଲେ। ସେ ତତ୍କାଳୀନ ମନୁଷ୍ୟ ସମାଜରେ ଈଶ୍ୱରଜ୍ଞାନ ସମ୍ବନ୍ଧୀୟ ଭ୍ରମ ଧାରଣାକୁ ଦୂର କରିବା ନିମିତ୍ତ ନିଜର ଉପଦେଶମାନ ପ୍ରଚ୍ଚର କରିଥିଲେ। ତାଙ୍କର ନୂତନ ଧର୍ମଧାରଣା ଶୁଣି ଅନେକ ସରଳ ଲୋକ ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କରିଥିଲେହେଁ ବହୁ କ୍ଷମତାଶାଳୀ ଲୋକ ତାଙ୍କ ବିରୋଧରେ ଛିଡ଼ା ହୋଇଥିଲେ। ସେହିମାନଙ୍କ ଚକ୍ରାନ୍ତରେ ଯୀଶୁଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା। ଯେଉଁମାନେ ତାଙ୍କର ମୃତ୍ୟୁର କାରଣ ହେଲେ, ସେମାନେ ମନେ କରିଥିଲେ ସେ ଯୀଶୁଙ୍କ ମୃତ୍ୟୁ ପରେ ତାଙ୍କ ପ୍ରଚ୍ଚରିତ ଧର୍ମବିଶ୍ୱାସ ମଧ୍ୟ ଲୋପ ପାଇଯିବ ମାତ୍ର ତାହା ହେଲାନାହିଁ। ମୃତ୍ୟୁ ପରେ ସୁଦ୍ଧା ଯୀଶୁ ଅଧିକ କ୍ଷମତାଶାଳୀ ହୋଇଥିବା ଜଣାଗଲା କାରଣ ସେତେବେଳେ ତାଙ୍କ ମହତ୍ ଉପଦେଶଗୁଡ଼ିକ ତାଙ୍କ ପ୍ରଧାନ ଶିଷ୍ୟମାନଙ୍କ ଦ୍ୱାରା ଲୋକସମାଜରେ ଏପରି ପ୍ରଚ୍ଚରିତ ହେଲା ଯେ, ତାକୁ ଆଉ ବନ୍ଦ କରିବାର କାହାର ଶକ୍ତି ନ ଥିଲା।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୪x୧)**

(କ) ଖ୍ରୀଷ୍ଟାବ୍ଦ କାହିଁକି ପ୍ରଚଳିତ ?

(ଖ) ଯୀଶୁଖ୍ରୀଷ୍ଟ କାହିଁକି ନିଜର ଉପଦେଶମାନ ପ୍ରଚାର କରିଥିଲେ ?

(ଗ) ଯୀଶୁଙ୍କ ବିରୋଧରେ କେଉଁମାନେ ଛିଡ଼ା ହୋଇଥିଲେ ?

(ଘ) କେଉଁମାନଙ୍କ ଚକ୍ରାନ୍ତରେ ଯୀଶୁଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା ?

**ଉତ୍ତର :**

(କ) ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସକୁ ଅବଲମ୍ବନ କରି ଏହି ଅବ୍ଦ ପ୍ରଚଳିତ।

(ଖ) ତତ୍କାଳୀନ ମନୁଷ୍ୟ ସମାଜରେ ଈଶ୍ୱର ଜ୍ଞାନ ସମ୍ବନ୍ଧୀୟ ଭ୍ରମଧାରଣାକୁ ଦୂର କରିବାକୁ

(ଗ) ସେତେବେଳର ବହୁ କ୍ଷମତାଶାଳୀ ଲୋକେ

(ଘ) ଯୀଶୁଙ୍କୁ ବିରୋଧ କରୁଥିବା କ୍ଷମତାଶାଳୀ ବ୍ୟକ୍ତିମାନଙ୍କ

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୩x୨)**

(କ) ଖ୍ରୀଷ୍ଟାବ୍ଦ ଅନ୍ୟ ଅବ୍ଦ ମଧ୍ୟରେ କାହିଁକି ବେଶି ଆଦୃତ ?

(ଖ) ଯୀଶୁଖ୍ରୀଷ୍ଟ କେଉଁଠି ଜନ୍ମଗ୍ରହଣ କରିଥିଲେ ?

(ଗ) ମୃତ୍ୟୁପରେ ମଧ୍ୟ ଯୀଶୁଙ୍କର ଧର୍ମବାଣୀ କାହିଁକି ଅଧିକ କ୍ଷମତାଶାଳୀ ହୋଇଥିଲା ?

**ଉତ୍ତର :**

(କ) ଯୀଶୁଙ୍କ ଜନ୍ମଦିବସକୁ ଅବଲମ୍ବନ କରି ଖ୍ରୀଷ୍ଟାବ୍ଦ ପ୍ରଚଳିତ। ଏହାକୁ ପୃଥିବୀର ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରାଯାଉଥିବାରୁ ଏହା ସବୁଠୁ ବେଶି ଆଦୃତ।

(ଖ) ଏସିଆ ମହାଦେଶର ପଶ୍ଚିମ ଭୂମଧ୍ୟସାଗର କୂଳରେ ଥିବା ପାଲେଷ୍ଟାଇନ୍‌ରେ ଜନ୍ମଗ୍ରହଣ କରିଥିଲେ।

(ଗ) ସେତେବେଳକୁ ତାଙ୍କର ମହତ୍ ଉପଦେଶଗୁଡ଼ିକ ପ୍ରଧାନ ଶିଷ୍ୟମାନଙ୍କ ଦ୍ୱାରା ଲୋକ ସମାଜରେ ବହୁଳ ଭାବରେ ପ୍ରଚାରିତ ହୋଇଥିଲା।

## (ଙ) ନିମ୍ନ ଅନୁଚ୍ଛେଦର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ସେଦିନ ରାତିରେ ଆକାଶ ମେଘାଚ୍ଛନ୍ନ ହୋଇଥିଲା । ତାଙ୍କ ସ୍ୱାମୀ ପେରି କ୍ୟୁରୀ ତାଙ୍କ ଗବେଷଣା ବିଷୟବସ୍ତୁ ଛପାଇବା ପାଇଁ କୌଣସି ପ୍ରକାଶକଙ୍କ ପାଖକୁ ଯାଇଥିଲେ । ମେରୀ ଘରେ ସ୍ୱାମୀଙ୍କୁ ଅପେକ୍ଷା କରି ବସିଥାନ୍ତି । କେତେଜଣ ଲୋକ ସ୍ୱାମୀଙ୍କର ମୃତ ଶରୀରକୁ ବୋହି ବୋହି ଆଣି ତାଙ୍କ ପାଖରେ ପହଞ୍ଚାଇଲେ । ସ୍ୱାମୀଙ୍କର ମୁଣ୍ଡଟି ଟ୍ରକ୍ ଉପରେ ଛେଚି ହୋଇଯାଇଥିଲା । ପିଲାବେଳୁ କିପରି ଛାତି ପଥର କରି ଦୁଃଖ ସହିବାକୁ ହୁଏ ସେ ଶିଖିଥିଲେ, ତଥାପି ଏ ଘଟଣାରେ ସେ ଏତେ ବିଚଳିତ ହୋଇପଡ଼ିଥିଲେ ଯେ ପ୍ରତିଦିନ ରାତିରେ ଗବେଷଣାଗାରରୁ ଫେରି ଶଯ୍ୟାରେ ବସି ମୃତ ସ୍ୱାମୀଙ୍କ ପାଖକୁ ଚିଠି ଲେଖୁଥିଲେ । ସର୍ବୋନ୍‌ର ଅଧ୍ୟାପକ ପଦ ସ୍ୱାମୀଙ୍କ ମୃତ୍ୟୁପରେ ଖାଲି ପଡ଼ିଲା । ତାଙ୍କୁ ଯେତେବେଳେ ସେହି ପଦ ଗ୍ରହଣ କରିବାକୁ ଅନୁରୋଧ କରାଗଲା, ସେ କାନ୍ଦି କାନ୍ଦି ତାକୁ ଗ୍ରହଣ କରିଥିଲେ । ଦିନେ ସେ କ୍ଳାନ୍ତ ହୋଇପଡ଼ିଲେ । ଘରକୁ ଫେରି ସେ ସ୍ୱାମୀଙ୍କ ପାଖକୁ ଚିଠି ଲେଖିଲେ, "ହେ ମୋର ପ୍ରିୟ ପେରି, ତୁମେ ପୁଷ୍ପ ଓ ସୂର୍ଯ୍ୟଙ୍କୁ ଅତି ଭଲ ପାଉଥିଲେ । ଆଜି ବଗିଚାରେ ସବୁ ଫୁଲ ଫୁଟିଛି । ସୂର୍ଯ୍ୟ ମଧ୍ୟ ଉଦିତ ହୋଇଛି, କିନ୍ତୁ ଯେଉଁ ଅନ୍ଧାର ରାତିରେ ତୁମେ ମୋ ପାଖରୁ ଯାଇଥିଲ; ସେ ରାତି ଆଉ ଆଲୋକିତ ହୋଇପାରୁନାହିଁ ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୪x୧)**

(କ) ମେଘାଚ୍ଛନ୍ନ ରାତିରେ ପେରି କ୍ୟୁରି କେଉଁଆଡ଼େ ଯାଇଥିଲେ ?

(ଖ) ତାଙ୍କର କ'ଣ ହୋଇଥିବାର ଜଣାଗଲା ?

(ଗ) ପେରିଙ୍କ ମୃତ୍ୟୁ ପରେ କେଉଁଠି କେଉଁ ପଦ ଖାଲି ପଡ଼ିଥିଲା ?

(ଘ) ପେରି କାହାକୁ ବହୁତ ଭଲ ପାଉଥିଲେ ?

**ଉତ୍ତର :**

(କ) ନିଜର ଗବେଷଣା ବିଷୟବସ୍ତୁ ଛପାଇବା ପାଇଁ ପ୍ରକାଶକଙ୍କ ପାଖକୁ ଯାଇଥିଲେ ।

(ଖ) ତାଙ୍କର ମୁଣ୍ଡଟି ଟ୍ରକ୍ ଉପରେ ଛେଚି ହୋଇଯାଇଥିଲା ।

(ଗ) ସର୍ବୋନ୍‌ର ଅଧ୍ୟାପକ ପଦ

(ଘ) ପେରି ପୁଷ୍ପ ଆଉ ସୂର୍ଯ୍ୟଙ୍କୁ ବହୁତ ଭଲ ପାଉଥିଲେ ।

**୨. ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୩x୨)**

(କ) ସ୍ୱାମୀଙ୍କର ମୃତ୍ୟୁପରେ ମେରୀ କ'ଣ କରୁଥିଲେ ?

(ଖ) ମେରୀଙ୍କୁ ସର୍ବୋନ୍‌ର ଅଧ୍ୟାପକ ପଦ ଗ୍ରହଣ କରିବାକୁ ଅନୁରୋଧ କରାଯିବାରୁ ସେ କ'ଣ କରିଥିଲେ ?

(ଗ) ମେରୀଙ୍କର ଚିଠିର ଶେଷ ପଙ୍‌କ୍ତି କ'ଣ ଥିଲା ?

**ଉତ୍ତର :**

(କ) ପିଲାବେଳୁ ବହୁତ ଦୁଃଖ ସହିଥିଲେ ପେରୀ । ସ୍ୱାମୀଙ୍କ ମୃତ୍ୟୁପରେ ପ୍ରତିଦିନ ରାତିରେ ସେ ତାଙ୍କୁ ଚିଠି ଲେଖୁଥିଲେ ।

(ଖ) ମେରୀଙ୍କୁ ସର୍ବୋନର ଅଧ୍ୟାପକ ପଦ ଗ୍ରହଣ କରିବାକୁ ଅନୁରୋଧ କରାଗଲା । ସେ କାନ୍ଦିକାନ୍ଦି ସେହି ପଦ ଗ୍ରହର କରିଥିଲେ ।

(ଗ) ବଗିଚାରେ ସବୁ ଫୁଲ ଫୁଟିଛି । ସୂର୍ଯ୍ୟ ମଧ୍ୟ ଉଦିତ ହୋଇଛି, କିନ୍ତୁ ଯେଉଁ ଅନ୍ଧାର ରାତିରେ ତୁମେ ମୋ ପାଖରୁ ଯାଇଥିଲ – ସେ ରାତି ଆଉ ଆଲୋକିତ ହୋଇ ପାରୁନାହିଁ ।

## ପଦ୍ୟାଂଶ

### (କ) ନିମ୍ନ ପଦ୍ୟାଂଶ ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଅଂଶୁପା ସୁନ୍ଦରୀ, ଦିନେ ତୋ ସୁଷମା
କବି ରବିସାର ନ ପାଏ ଉପମା।
ଅନୁଭବି ନେବି ବୋଲି ଗଲି ବସି
ତୋ ତଟେ ତୁଟିଲା ହେଲେ ହୃଦୁ ମସୀ।
ଅବସାନ ଦିବା ଆସିଲା ନିଶାରେ
ଗାଇଗଲେ ଖଗେ ମଧୁର ଦିଶାରେ।
ବିଞ୍ଚିଲେ ପାଦପେ ପଲ୍ଲବ-ବ୍ୟଜନ
ତୁହି ଏକା ସିନା ତହିଁକି ଭାଜନ।
ମନଘେରା ଘେରା ବହି ଥରେ ଥରେ
କହିଗଲା ପରା – 'ନିମିଷେ ବସ ରେ'
ତୋ ତୀର ତୃଣରୁ ପେଟ ଭରି ଖାଇ,
ପ୍ରେମଭାଳେ ଟିପା ବଜାଇ ବଜାଇ

ହମ୍ବାରବେ ଚଳେ ଚରାରୁ ଗୋଧନ
ଅମ୍ବା ପଛେ କରି ଲଙ୍ଗୁଳ କମ୍ପନ
ଗୋଡ଼ାଇଛି ଡେଇଁ ଡେଇଁଣ ବାଛୁରୀ,
ପଛରୁ ଗଉଡ଼ କରୁଅଛି ହୁରି।
ହମ୍ବା ସହ ଯାଏ ମିଳାଇ ସେ ଡାକ
ଅଦୂରେ ରସାଳ ଶାଳ ବନ ପାଖ।
ଅଂଶୁପା, ତୋ ଡାକ ହେଲେ ହିଁ ନୀରବ,
ସରି ନୁହେଁ ପରା ପରାବାର ରବ।
ପାଇଛି ଯେ ତୋଠୁଁ ପ୍ରେମ ଆମନ୍ତ୍ରଣ,
ଧରାତଳେ ପରା ଅମର ସେ ଜନ
ସେ ଡାକ ଲୋ ତୋର ବିଶ୍ୱପ୍ରେମ ସମ,
ଅଶେଷ ଅସୀମ ଅପାର ଅଦମ୍ୟ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) କବି କାହାର ଉପମା ପାଏ ନାହିଁ ?

(ଖ) ମଧୁର ଦିଶାରେ ଖଗମାନେ କେତେବେଳେ ଗାଇଗଲେ ?

(ଗ) ପାଦପ ସକଳ କିପରି ବିଞ୍ଚିବାକୁ ଲାଗିଲେ ?

(ଘ) ଚରାଗୁଡ଼ିକରୁ ଗୋଧନ କିପରି ଚଳିଯାନ୍ତି ?

(ଙ) ଧରାତଳରେ କିଏ ସେ ଅମର ?

**ଉତ୍ତର :**

(କ) ଅଂଶୁପା ସୁନ୍ଦରୀର ସୁଷମାର ଉପମା ପାଏ ନାହିଁ।

(ଖ) ଦିବା ଅବସାନରେ ନିଶା ଆସିବା କାଳରେ ଖଗମାନେ ଗାଇଗଲେ।

(ଗ) ପାଦପ ସକଳ ପଲ୍ଲବ ବ୍ୟଜନରେ ବିଞ୍ଚିବାକୁ ଲାଗିଲେ।

(ଘ) ଅଂଶୁପା ତୀରରୁ ପେଟଭରି ତୃଣ ଖାଇ ପ୍ରେମ ଭୋଳରେ ଟିପା ବଜାଇ ବଜାଇ ଗୋଧନ ଚଳିଯା'ନ୍ତି।

(ଙ) ଅଂଶୁପାଠାରୁ ଯେ ପ୍ରେମ ଆମନ୍ତ୍ରଣ ପାଇଛି ସେ ଧରାତଳରେ ଅମର ଅଟେ।

**(ଖ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

କି ଭୂମିରେ ଆଜି ଦେଲି ମୋର ପାଦ,
କି କଲି କି କଲି କେଡ଼େ ଅପରାଧ।
ଯେ ସେ ଭୂମି ନୁହେଁ ଏହି କ୍ଷୁଦ୍ର ସ୍ଥାନ,
କେତେ ଦିନର ଏ ଗୌରବ ଶ୍ମଶାନ।
ଯହିଁ ଟେକିଦେଲେ ଟେକା ଖଣ୍ଡେ ଏଥି,
ମିଳିଯିବ ବୀର-ଅସ୍ଥି-ମେଦ-ଗ୍ରନ୍ଥି।
ପ୍ରତି ରେଣୁ ସଙ୍ଗେ ବୀରର ଶୋଣିତ,
କାଳେ କାଳେ ଏଥି ରହିଛି ଲେପିତ।
ପ୍ରତି-ଟାଙ୍ଗି-ତୋଟା-ପୁରାଣ ଦ୍ରୁମରେ,
ଲକ୍ଷ୍ୟ ଭେଦ ଚିହ୍ନ ରାଜଇ ଭାସ୍ୱରେ।

ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ,
ଏବେ ଏଥି କରେ ପୂର୍ବକୀର୍ତ୍ତି ଗାନ।
ପକ୍ୱ ଗାଲମୁଚ୍ଛ ତଳେ କର ରଖି,
ବରୁଣେଇ ନୀଳ ଶଇଳ ନିରେଖି।
ତେଜି ଦୀର୍ଘଶ୍ୱାସ କେତେ ପରକାରେ,
କେତେ ପୂର୍ବକୀର୍ତ୍ତି ପୂର୍ବସ୍ମୃତି ଝୁରେ।
ଛାମୁଙ୍କ ବୀରତ୍ୱ ସାମନ୍ତଙ୍କ ଟାଣ,
ଥାଟରାଜାଙ୍କର ଅବ୍ୟର୍ଥ ନିଶାଣ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) କେଡ଼େ ଅପରାଧ କରିବାର କାରଣ କ'ଣ ?

(ଖ) ଏ ଭୂମିକୁ କ୍ଷୁଦ୍ରସ୍ଥାନ ବୋଲି କାହିଁକି କୁହାଯାଇ ନାହିଁ ?

(ଗ) ଏ ଭୂମିରେ କ'ଣ ଲେପି ହୋଇ ରହିଛି ?

(ଘ) ଏଠାରେ ପୂର୍ବକୀର୍ତ୍ତି କିଏ ଗାନ କରେ ?

(ଙ) କେଉଁ କେଉଁ ପୂର୍ବକୀର୍ତ୍ତି ଓ ପୂର୍ବସ୍ମୃତି ଝୁରିବାର କଥା କୁହାଯାଇଛି ?

**ଉତ୍ତର :**

(କ) ଏକ ଗୌରବମଣ୍ଡିତ ଭୂମିରେ ପାଦ ଦେଇ ଅପରାଧ ହୋଇଛି ବୋଲି କୁହାଯାଇଛି।

(ଖ) କାରଣ ଏହି ଭୂମିକୁ କେତେଦିନର ଗୌରବ ଶ୍ମଶାନ କୁହାଯାଏ।

(ଗ) ଭୂମିର ପ୍ରତି ରେୁଣରେ ବୀରର ଶୋଣିତ ଲେପି ହୋଇ ରହିଛି।

(ଘ) ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ ଏଠାରେ ପୂର୍ବକୀର୍ତ୍ତି ଗାନ କରେ।

(ଙ) ଛାମୁଙ୍କ ବୀରତ୍ୱ, ସାମନ୍ତଙ୍କ ଟାଣ ଓ ଥାଟ ରାଜାଙ୍କର ଅବ୍ୟର୍ଥ ଜଣାଣର କଥା କୁହାଯାଇଛି।

## (ଗ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଯେସନକେ ବୋଲିଣ ବାଳୀ କୁମାରୀକି ଧନରନ୍ ଦେଲେ ।
ସଖୀକି ପୀରତି କଥା କହି ଆଲିଙ୍ଗନ କଲେ ॥

ମୋହର ଶୁଆଶାରୀ ପୋଷିଲାରୁ ପିଲା ତରୁ ଲତାମାନେ ।
ଯେ ମୋହର ପ୍ରାଣ ମଣି ପାଳିବ ସେନେହ ଥିଲେ ସଖୀଜନେ ॥

ସଖୀଙ୍କ ସମୀପେ ବାଳୀ ତହିଁ ଅତ୍ୟନ୍ତ ସୁବେଶ ହୋଇ ।
ସଖୀଜନେ ବେଢ଼ି ଅଛନ୍ତି ସଙ୍ଗେ ମାତାଙ୍କ ତହିଁକି ଯାଇ ॥

ଝିଅକୁ ଦେଖି ମାୟେ କାନ୍ଦି କୋଳେ ବସାଇଲେକ ନେଇ ।
ବୋଲି କୁମାରୀ ବଦନ ଚାହିଁ ଶୋକେ ଗଦ ଗଦ ହୋଇ ॥

ତୋହର ଚନ୍ଦ୍ରବଦନ ଆପଦ ମୋର ମୁଣ୍ଡେ ଥାଉ ।
ତୋ ହରଷ ମୁଖରେ ସୁନ୍ଦରୀ ମୋହର ଜୀବନ ଯାଉ ॥

ମୋହର ତୁ କୁଳମଣ୍ଡନୀ କେମନ୍ତେ ମୃଛିବି ତତେ ।
କେମନ୍ତେ ନିଶିଦିନ ସରିବ କିଛିହିଁ ଦିଶୁନାହିଁ ମତେ ॥

ବୋଲନ୍ତି ଆଇ ଶୁଣ ପରିମଳାବତୀ ଶୁଣ ମୋହବାଣୀ ।
ଶାଶୁ ଶ୍ୱଶୁର ପତିଙ୍କ ସେବା କରିଥିବୁ ମନ ଜାଣି ॥

ରାଜାର କୁମାରୀ ବୋଲିଣ ଗରବ ନ ଧରିବୁ ମନେ ।
ଅନବରତେ ପରିଜନ ମନ ରଞ୍ଜିଥିବୁ ପରିଚାରୀ ଯେସନେ ॥

ସେଥିର ପ୍ରାୟେ ତହିଂ ନ କରିବୁ ଖେଡ଼ରସ ।
କୁମାର ମନ ଜାଣି ଖଟିଥିବୁ ଅହର୍ନିଶି ଥିବୁ ପାଶ ॥

ସତ୍ୟ ତୁ ଯାହା କରାଇଣ ଅଛୁ ବେଗ ତା କରିବୁ ଭଙ୍ଗ ।
ଭ୍ରଥାରେ ବିନୁ ଆନ କେହିନାହିଁ : ସମସ୍ତେ ଅଳିଖ ରଙ୍ଗ ॥

ଯେସନ ମାୟେ ଝିଅକୁ ତିଆରି ଲୁହ ପୂରାଇ ଲୋଚନ ।
ବୀର ଭଦ୍ରେଶ୍ୱର ଝିଅକୁ ଦେଖି ହୁଅନ୍ତି ବିକଳ ମନ ॥

ପୁତ୍ରହୁଂ ଅଧିକ ତୁ ମୋ ନନ୍ଦିନୀ ବିଯୋଗେ ଦୂରେ ଦେଲି ।
ନ କରିବୁ ଯେଥି ଶୋଚନା ମୁଁ ଯେବେ ମୂଢ଼ପଣ କଲି ॥

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (୫x୧)**

(କ) ବାଳୀ ଏପରି କହି କ'ଣ କଲେ ?

(ଖ) ବାଳୀ ନିଜର ସଖୀଜନମାନଙ୍କୁ କ'ଣ କହିଲେ ?

(ଗ) ଝିଅକୁ ଦେଖି ମାଆ କ'ଣ କଲେ ?

(ଘ) ପରିମଳାଙ୍କୁ ନିଜ କଥା ଶୁଣିବାକୁ କହି ମାଆ ପ୍ରଥମେ କ'ଣ କହିଛନ୍ତି ?

(ଙ) ପରିମଳାଙ୍କର ପିତାଙ୍କ ନାମ କ'ଣ ଥିଲା ?

**ଉତ୍ତର :**

(କ) କୁମାରୀ କି ଧନରନ୍ ଦେଲେ ଓ ସଖିଙ୍କୁ ପୀରତି କଥା କହି ଆଲିଙ୍ଗନ କଲେ ।

(ଖ) ଶୁଆ, ଶାରୀଙ୍କୁ ପୋଷିବାରୁ ଏବଂ ତରୁଲତାମାନଙ୍କୁ ବଢ଼େଇଥିବା ହେତୁ ଏମାନେ ତାଙ୍କର ପ୍ରାଣପରି । ତେଣୁ ଯଦି ସ୍ନେହ ଅଛି - ତେବେ ସେମାନଙ୍କର ଯତ୍ନ ନେବ ।

(ଗ) ଝିଅକୁ ଦେଖି ମାଆ କାନ୍ଦି କାନ୍ଦି କୋଳରେ ବସାଇଲେ ଏବଂ ଶୋକ ଗଦଗଦ ହୋଇ କହିଲେ ।

(ଘ) ଶାଶୁ, ଶ୍ୱଶୁର ଓ ପତିଙ୍କ ମନ ଜାଣି ସେବା କରିବାକୁ କହିଛନ୍ତି ।

(ଙ) ବୀର ଭଦ୍ରେଶ୍ୱର

## (ଘ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ସୁହାସିନୀ ଉଷା ଦେବୀ ଆଲୋକ-ନନ୍ଦିନୀ
ବନ୍ଦେ ଭକ୍ତିଭରେ ଯେବେ ତୋର ପଦତଳେ;
ସହସା ହସଇ ଜାଗି ଉଲ୍ଲାସେ ମେଦିନୀ
ଲାବଣ୍ୟ-ଲହରୀ ଉଚ୍ଛୁଳଇ ଜଳେ ସ୍ଥଳେ।

ସହସା କଟାକ୍ଷେ ତୋର ରବି ଜ୍ୟୋତିର୍ମୟ
ରଞ୍ଜଇ ଧରଣୀ ଦେଖ କନକ କିରଣେ,
ସହସା ଫୁଟଇ ଫୁଲ ବହଇ ମଳୟ
ବିହଙ୍ଗ ସଙ୍ଗୀତ ଗାଏ ସୁମଧୁର ସ୍ୱନେ।

ରଞ୍ଜିତ ଜଳଦ-ମଞ୍ଜୁ ଯେବେ ଅବତରି
ବୁଡ଼ି ପଶ୍ଚ ମେ ଭାନୁ କୋଳରେ ତୋହର,
ଧୀରେ ଧୀରେ ଅନ୍ଧକାର ଚୌଦିଗ ଆବରି
ମଣ୍ଡଇ ନକ୍ଷତ୍ରମାନେ ତୋର କଳେବର।

କି ଗମ୍ଭୀର କି ପ୍ରଶାନ୍ତ ଭାବ ଶର୍ବରୀରେ
ଜାଗଇ ଭାବୁକ ମନେ ତୋର ଦଶନେ,
କି ମହାନୀରବ ବେଦ ପ୍ରଚ୍ଛର ଗମ୍ଭୀରେ
ଶୁଣଇ ନୀରବ ବିଶ୍ୱ ଭୟ ସ୍ତବ୍ଧ ମନେ।

କୌମୁଦୀ-ଚର୍ଚ୍ଚିତ ତୋର ନୀଳ କଳେବର
ପ୍ରଶାନ୍ତ ପବିତ୍ର ମୂର୍ତ୍ତି ଭୁବନମୋହନ,
ନିମେଷେ କରଇ ଆହା କୁତ୍ସିତେ ସୁନ୍ଦର
ଦର୍ଶନେ ପବିତ୍ର କରେ କଳୁଷିତ ମନ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) ଆଲୋକ ନନ୍ଦିନୀ ବୋଲି କାହାକୁ କୁହାଯାଇଛି ?

(ଖ) ମେଦିନୀର ଉଲ୍ଲାସକୁ କିପରି ବର୍ଣ୍ଣନା କରାଯାଇଛି ?

(ଗ) ଉଷାର କଟାକ୍ଷରେ ସହସା କ'ଣ ଘଟେ ?

(ଘ) ଜଳଦମଞ୍ଜରୁ ଅବତରି ପଶ୍ଚିମ ଦିଗରେ ଭାନୁ ବୁଡ଼ିବାରେ କ'ଣ ଘଟେ ?

(ଙ) କୌମୁଦୀ ଚିତ୍ର ତୋ'ର ନୀଳ କଳେବର କ'ଣ କରିଥାଏ ?

**ଉତ୍ତର :**

(କ) ସୁହାସିନୀ ଉଷା ଦେବୀଙ୍କୁ

(ଖ) ଜଳସ୍ଥଳରେ ଲାବଣ୍ୟ ଲହରୀ ଉଚ୍ଛୁଳି ପଡୁଛି ବୋଲି କୁହାଯାଇଛି।

(ଗ) ଜ୍ୟୋତିର୍ମୟ ରବିଙ୍କର ଆଗମନ ହେତୁ କନକ କିରଣରେ ଧରଣୀ ରଞ୍ଜିତ ହୁଏ - ଫୁଲଫୁଟେ, ମଳୟ ବହେ ଏବଂ ସୁମଧୁର ସ୍ୱରରେ ବିହଙ୍ଗ ଗୀତ ଗାଏ।

(ଘ) ଧୀରେ ଧୀରେ ଅନ୍ଧକାର ଚୌଦିଗକୁ ଆବୋରି ବସେ ଏବଂ ତୋର କଳେବର ନକ୍ଷତ୍ର ମାଳରେ ପୂର୍ଣ୍ଣ ହୋଇଯାଏ।

(ଙ) ନିମିଷକରେ କୁତ୍ସିତକୁ ସୁନ୍ଦର କରେ, ଯାହାର ଦର୍ଶନରେ କଳୁଷିତ ମନ ପବିତ୍ର ହୋଇଯାଏ।

## (ଙ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଜେମାଙ୍କ ମୃଗୟା ଅଶ୍ୱ ସଂଚ୍ଚଳନ,
ବ୍ୟାଘ୍ର ବନ୍ୟ ମୃଗେ ତୀବ୍ର ଆକ୍ରମଣ।
ଶତଶିଳ୍ପ କଳାକୌଶଳେ କୁଶଳା,
ମର୍ତ୍ତ୍ୟେ ଅବତୀର୍ଣ୍ଣା ସାକ୍ଷାତ କମଳା।
ମଣିମାଙ୍କ ପରପେଟ ଚିହ୍ନା ଦୟା,
ଦୁଃଖୀ ରଙ୍କୀ ପ୍ରତି ନିୟତ ଅଭୟା।
ସେକାଳ ଉଆସ ଆନନ୍ଦ ଉଲ୍ଲାସ,
ଦାନ ଧର୍ମ ସ୍ରୋତବୁହା ବାର ମାସ।
ଧନଧାନ୍ୟେ ପୂର୍ଣ୍ଣ ଘର ବିଲ ବାରି,
ପ୍ରତି ତୁଣ୍ଡେ ଭାତ କି ଭାଟ ଭିକାରୀ।
ଭୂମି ସବୁକାଳେ ସୁଜଳା ସୁଫଳା,
ଜଳଚର ଜୀବେ ନଦୀପାଟ ଭରା।
ଦେହେ ମନେ ଅବା କି ଅମିତ ବଳ,
କି ଅଚିନ୍ତା ଶାନ୍ତି ଆନନ୍ଦ ନିର୍ମଳ।

ଏ କି ହେ ପାଇକେ ଆଉ କିବା କଥା ?
କହିବାକୁ ପୁଣି ଟେକୁଅଛ ମଥା ?
ଏଡ଼େ ରକ୍ତବର୍ଣ୍ଣ ଦିଶଇ ବଦନ,
କି ଗୌରବେ ଅବା ଭରିଅଛ ମନ !
କି ଅପୂର୍ବ ସ୍ମୃତି ଉଠିଅଛି ଜାଗି,
ଅବା କାହିଁ ପାଇଁ ଉଠୁଅଛ ରାଗି।
ମନେ ପଡୁଅଛ ନିଜ ଯୁଦ୍ଧ କଥା,
ସହିଛ କିପରି ଏହି ବକ୍ଷେ ବ୍ୟଥା।
ଏ ଭୁଜେ ଭୋଗିଛ ବିପକ୍ଷର ବାଣ,
ଅଙ୍ଗୁଷ୍ଠିର ଅର୍ଦ୍ଧେ କଲ ଅର୍ଘ୍ୟ ଦାନ।
ଏହି ବକ୍ଷେ ବାଜି-ଶତ୍ରୁ-ତୀକ୍ଷ୍ଣ-ଶର,
ଦେଲ ମାଂସ ଏହି କ୍ଷତ କଳେବର।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) କେଉଁଗୁଣ ଯୋଗୁଁ ଜେମାଙ୍କୁ ସାକ୍ଷାତ କମଳାଙ୍କ ଅବତାର ବୋଲି କୁହାଯାଇଛି ?

(ଖ) ମଣିମାଙ୍କ ଗୁଣ କିପରି ଥିଲା

(ଗ) ଘର, ବିଲ, ବାରିର ସ୍ୱରୂପ କିପରି ଥିବାର ବର୍ଣ୍ଣିତ ?

(ଘ) କାହିଁକି ମଥା ଟେକି ଅଛ ବୋଲି ପାଇକଙ୍କୁ ପଚରା ଯାଇଛି ?

(ଙ) କେଉଁ କଥା ମନେ ପଡୁଛି ବୋଲି ବର୍ଣ୍ଣିତ ?

**ଉତ୍ତର :**

(କ) ମୃଗୟା, ଅଶ୍ୱଚ୍ଚଳନା, ବ୍ୟାଘ୍ର, ବନମୃଗଙ୍କ ଉପରେ ଆକ୍ରମଣ ଏବଂ ଶତଶିଳ୍ପ କଳା କୌଶଳରେ କୁଶଳୀ ହୋଇଥିବା ହେତୁ ଜେମାଙ୍କୁ ମର୍ତ୍ତ୍ୟରେ କମଳାଙ୍କ ଅବତାର ବୋଲି କୁହାଯାଇଛି।

(ଖ) ପରପେଟ ଚିହ୍ନା - ଦୁଖୀରଙ୍କୀଙ୍କ ପ୍ରତି ଅଭୟ ପ୍ରଦାନ ମଣିମାଙ୍କ ଗୁଣ ଥିଲା।

(ଗ) ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା।

(ଘ) ଗୌରବ ଗାଥା ବ୍ୟତୀତ ଆଉ କ'ଣ କହିବାକୁ ମଥା ଟେକିବା କଥା କୁହାଯାଇଛି।

(ଙ) ନିଜ ଯୁଦ୍ଧ କଥା ମନେ ପଡୁଛି ବୋଲି ବର୍ଣ୍ଣିତ।

## (ଚ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ସମାନ ନୋହେ ଲଲାଟର
ଛାର ପଞ୍ଚମୀ ଶୀତକର।
କେତେ ବା କଳଙ୍କ ତା’ ହୃଦେ
ପ୍ରକାଶି ଥାଇ କଳା ଭେଦେ।
ଭୂରୁକୁ ନୁହେଁ କାମଧନୁ
ଦଗ୍‌ଧ ତା କରିଛି କୃଶାନୁ।
ମୁଖ ସମାନ ପଦ୍ମ ନୁହେଁ
ଯେଣୁ ନିଶାରେ ମ୍ଳାନ ହୁଏ।
ନାସିକା ତିଳ ସୁମନସ
ନୋହେ ସମ, ଦୁର୍ଗନ୍ଧ ବାସ।
ନେତ୍ର ସମାନେ ଇନ୍ଦିବର
ନୋହେ ନ ଥାନ୍ତି ଦିବସର।
ବଧୂଳୀ ଓଷ୍ଠ ସମ ନୁହେଁ
କାଳେ ତା ରଙ୍ଗ ଭଙ୍ଗ ହୁଏ।

ଦନ୍ତ ନନ୍ଦଇ ମୋତିପନ୍ତି
ପଶୁ ଶିରେ ଶମ୍ଭୁକେ ଥା’ନ୍ତି।
କର୍ଣ୍ଣ ନିନ୍ଦଇ କାମ ପାଶ
ସେ ପ୍ରେତ ଆୟୁଧ ବିଶେଷ।
ଗ୍ରୀବା ସମ କମ୍ବୁ ଛାର
ଅସ୍ଥି ଯେ ଜଳଚରଙ୍କର।
ଭୁଜଙ୍ଗରାଜ ଭୂଜସମ
ନୁହନ୍ତି ଯେଣୁ ଭୟତମ।
କର ନିନ୍ଦଇ କୋକନଦ
ସର୍ବଦା ନାହିଁ ତା ପ୍ରମୋଦ।
ଅଙ୍ଗୁଳି ନିନ୍ଦେ ଗନ୍ଧ ଫଳି
ଫୁଟି ସେ ହୋଇଯାନ୍ତି ଦଳି।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) ପଞ୍ଚମୀ ଚନ୍ଦ୍ର ଲଲାଟ ସହ କାହିଁକି ତୁଳିତ ନୁହେଁ?

(ଖ) ମୁଖ ସହି ପଦ୍ମ କାହିଁକି ସମାନ ନୁହେଁ?

(ଗ) ଓଷ୍ଠ ସହିତ ବଧୂଳୀ ପୁଷ୍ପ କାହିଁକି ତୁଳିତ ନୁହେଁ?

(ଘ) ଗ୍ରୀବା ସହିତ କମ୍ବୁ କାହିଁକି ତୁଳିତ ହୋଇ ପାରିବେ ନାହିଁ?

(ଙ) ଭୁଜ ସହ ଭୁଜଙ୍ଗରାଜ କାହିଁକି ସମାନ ନୁହନ୍ତି?

**ଉତ୍ତର :**

(କ) କଳାଭେଦରେ ଚନ୍ଦ୍ର ଦେହରେ କଳଙ୍କ ଥିବା ହେତୁ ଲଲାଟ ସହ ତୁଳିତ ନୁହେଁ।

(ଖ) କାରଣ ପଦ୍ମ ରାତିରେ ମ୍ଳାନ ପଡ଼ିଯାଏ।

(ଗ) କାରଣ ସମୟକ୍ରମେ ବଧୂଳୀ ପୁଷ୍ପର ରଙ୍ଗ ମଳିନ ପଡ଼ିଯାଏ।

(ଘ) କାରଣ କମ୍ବୁ ଜଳଚରଙ୍କର ଅସ୍ଥି ହୋଇଥିବା ହେତୁ।

(ଙ) ଯେହେତୁ ଭୁଜଙ୍ଗରାଜ ଭୟ ଉଦ୍ରେକକାରୀ – ତେଣୁ ଭୁଜସହ ସମାନ ହୋଇ ପାରିବେ ନାହିଁ।

## (ଛ) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଏ ଦେହ ସୁଖ ଦିନେ ଦିନେ
କେବେହେଁ ନ ଚିନ୍ତିବ ମନେ
ଯାବତ ବିଦ୍ୟା ପୂର୍ଣ୍ଣ ନୋହେ
ତାବତ ଗୁରୁ ଦୀକ୍ଷା ବହେ
ମନ ବଚନ ନିଜ ଦେହେ
ନିତ୍ୟେ ସେବିବ ଗୁରୁପାୟେ
ମୋତେ ପୂଜିବ ଗୁରୁ ଦେହେ
ମୋ ତହୁଁ ଗୁରୁ ଭିନ୍ନ ନୋହେ।

ଅଗ୍ନିରେ ଗୁରୁରେ ଆତ୍ମାରେ
ମୁଁ ଅଛି ସକଳ ଭୂତରେ
ମୋତେ କରିବ ଉପାସନ
ବୁଦ୍ଧି ନ କରି ଭିନ୍ନାଭିନ୍ନ

ତମ ରାଜସ ପ୍ରାଣୀ ଯେତେ
ସଙ୍ଗ ନୋହିବ କଦାଚିତ୍ତେ
ଯେଣୁ ଏ ଦୁଷ୍ଟ-ଜନସଙ୍ଗ
କରଇ ନିଜ ଧର୍ମଭଙ୍ଗ।
ଶଉଚ ସ୍ନାନ ଆଚମନ
ତ୍ରି ସନ୍ଧ୍ୟା ସନ୍ଧ୍ୟା ଉପାସନ
ତୀର୍ଥ ଗମନ ଜପ ହୋମ
ମୋ ନାମ ଶ୍ରବଣ କୀର୍ତ୍ତନ
ମୋର ଚରଣ ସେବା ଯେତେ
ସଂଯତେ କରିବ ନିରତେ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) କେଉଁ ଅବସ୍ଥାକୁ କେବେ ଭାବିବ ନାହିଁ ବୋଲି କୁହାଯାଇଛି ?

(ଖ) କେବେଯାଏ ଗୁରୁ ଦୀକ୍ଷା ବହନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ?

(ଗ) କାହିଁକି ଗୁରୁଙ୍କ ଦେହରେ ମୋତେ ପୂଜିବ ?

(ଘ) ମୁଁ କେଉଁଠାରେ ଅଛି ବୋଲି ବର୍ଣ୍ଣିତ ?

(ଙ) ତମ ଓ ରାଜସ ପ୍ରାଣୀଙ୍କ ସହ କାହିଁକି ସାଙ୍ଗ ହେବନାହିଁ ?

**ଉତ୍ତର :**

(କ) ଏ ଦେହର ସୁଖକୁ କେବେ ଚିନ୍ତା କରିବ ନାହିଁ ବୋଲି କୁହାଯାଇଛି।

(ଖ) ଯେ ପର୍ଯ୍ୟନ୍ତ ବିଦ୍ୟା ପୂର୍ଣ୍ଣ ନ ହୋଇଛି

(ଗ) କାରଣ ମୋଠାରୁ ଗୁରୁ ଭିନ୍ନ ନୁହଁନ୍ତି।

(ଘ) ଅଗ୍ନିରେ, ଗୁରୁରେ, ଆତ୍ମାରେ ଏବଂ ସକଳ ଭୂତରେ ଅଛି ବୋଲି ବର୍ଣ୍ଣିତ।

(ଙ) ଏ ଦୁଷ୍ଟଜନଙ୍କ ସଙ୍ଗ ହେଲେ ନିଜର ଧର୍ମଭଙ୍ଗ ହୋଇଥାଏ ବୋଲି।

## (H) ନିମ୍ନ ପଦ୍ୟାଂଶର ଆଧାରରେ ଏଥି ସହିତ ସଂଯୋଜିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ନ ଯାଏ ମିଳାଇ ବିପିନ ସୀମାରେ
ତୋ ବଦନୁ ଯେବେ ଥରେ ତା ବାହାରେ।
ସୁର ସୁନ୍ଦରୀର ଅମର ଗରବ
ସୁରସୁନ୍ଦରୀ ! ତୁ କରୁ ଲୋ ଖରବ।
ନାଚି ଯାଉ ଯେବେ ସମୀର ହିଲ୍ଲୋଳେ
ପରାଣ ପୁଲକେ ଖେଳାଇ କଲ୍ଲୋଳେ
ଅମଳ କମଳେ ମନ୍ଦେ ମନ୍ଦେ ହସି
ସରାଗ ରାଗିଣୀ – ସୁରସେ ବିଳସି;
ଅଭିନବ ତୋର ଗୀତ ନୃତ୍ୟ ଠାଣି
ମର ମାନବ କି ପାରିବ ବଖାଣି ?
ଶତ ଯତନରେ ଶତ ଅପସରା
ସମ ନୋହି ଲାଜେ ଯିବେ ଅପସରି।
ଜାଣେ ମୁଁ ବିଗତ କଳିଙ୍ଗ କୀରତି
କୁତୂହଳେ ତୋର ପରାଣ ପୀରତି।

ତାଳେ ତାଳେ ଗାଉ ଓଡ଼ିଆ ବଡ଼ାଇ
ବାଳେ କାଳେ କାଳ ନ ନେବ ଛଡ଼ାଇ।
ଗାଉ ଲୋ 'ଭାରତ- କନକ-ପଦକେ
ଅମୂଲ୍ୟ ମଣି ମୋ ଉତ୍କଳ ଝଲକେ'।
ଗାଉ ବୀର ଭୂମି- ବର ପୁତ୍ରଗଣ
ଯଶୋଧନ ବଳ ମାନ ଅକଳନ
ଓଟାରି ଆଣିଲେ ସେ ଦିନ କି ଭଳି
ଦୁର୍ନିର୍ବାର ଅରି ପଡ଼ିଥିଲା ଟଳି'
ଗାଉ ଲୋ 'ଉତ୍କଳ ପୁଣ୍ୟ ନିକେତନ
ଧରିଥିବ ବିଶ୍ୱ – ବିଜୟ କେତନ।
ନିଖିଳ ମହତ – ଗୁଣଧାର ଯେଣୁ
ହୋଇଥିବ ବିଶ୍ୱେ ଆଦରଶ ତେ'ଣୁ।
ଗାଉଲୋ କଷଣ – କଳା ମେଘମାଳେ
କଳିଙ୍ଗ ରବି ମୋ ଲୁଚିଅଛି ବାରେ।

**୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ। (୫x୧)**

(କ) କାହାର ଗର୍ବ କିଏ ଖର୍ବ କରେ ବୋଲି କୁହାଯାଇଛି ?

(ଖ) ମର ମାନବ କ'ଣ ବଖାଣି ପାରିବ ନାହିଁ ?

(ଗ) କେଉଁମାନେ ଲାଜରେ ଅପସରି ଯିବେ ?

(ଘ) ଓଡ଼ିଆର କେଉଁ ବଡ଼ାଇ ପ୍ରଥମେ ଗାନ କରୁଛି ବୋଲି ବର୍ଣ୍ଣିତ ?

(ଙ) ଓଡ଼ିଶାକୁ ବୀରଭୂମି କହି କ'ଣ ବର୍ଣ୍ଣନା କରାଯାଇଛି ?

**ଉତ୍ତର :**

(କ) ସୁରସୁନ୍ଦରୀଙ୍କ ଅମର ହେବାର ଗର୍ବକୁ ସୁରସୁନ୍ଦରୀ (ଅଂଶୁପା) ଖର୍ବ କରେ ବୋଲି କୁହାଯାଇଛି।

(ଖ) ତୋର ଅଭିନବ ନୃତ୍ୟ, ଗୀତ, ଠାଣିକୁ ବର୍ଣ୍ଣନା କରିପାରିବ ନାହିଁ।

(ଗ) ଶତ ଅପ୍ସରୀ ଶତ ଯତ୍ନ କଲେ ଅପସରି ଯିବେ।

(ଘ) ଭାରତର କନକ ପଦକରେ ଉତ୍କଳ ଅମୂଲ୍ୟ ମଣି ଭଳି ଝଲକୁଛି ବୋଲି ଗାନ କରୁଛି।

(ଙ) ଏ ବୀର ଭୂମିର ବରପୁତ୍ରମାନଙ୍କର ଯଶୋଧନ, ବଳ, ମାନ ଅପ୍ରମିତ। ଫଳସ୍ୱରୂପ ତା'ର ପ୍ରଭାବରେ ଦୁର୍ନିର୍ବାର ଶତ୍ରୁ ମଧ୍ୟ ପରାଜିତ ହୋଇଥିଲା।

**ପଞ୍ଚମ ଏକକ**

# ପ୍ରବନ୍ଧ ଓ ବ୍ୟାକରଣ

## ୧. ଦରଖାସ୍ତ ଓ ପତ୍ରଲିଖନ :

ଦରଖାସ୍ତ ଓ ପତ୍ରଲିଖନରୁ ଦୁଇଟି ପ୍ରଶ୍ନ ଆସିବ। ସେଥିମଧ୍ୟରୁ ଗୋଟିକର ଉତ୍ତର ଦେବାକୁ ହେବ। ସମୁଦାୟ ୫ ନମ୍ବରରୁ ଏହାର ମୂଲ୍ୟାୟନ କରାଯିବ।

ଆବଶ୍ୟକତା ଜଣାଇବା, କୌଣସି କାର୍ଯ୍ୟ ପାଇଁ ଆବେଦନ କରିବାର ଏକ ଉଚିତ୍ ଲିଖିତ ମାଧ୍ୟମ ହେଉଛି ଦରଖାସ୍ତ ବା ଚିଠି। ଏ ଗୁଡ଼ିକୁ ଡାକଘରେ ଦାଖଲ କରାଯାଇପାରେ। ବ୍ୟକ୍ତି ବା ଅନୁଷ୍ଠାନରେ ବ୍ୟକ୍ତିଗତ ଭାବରେ ଦିଆଯାଇପାରେ। ଦରଖାସ୍ତ ବା ପତ୍ରଲିଖନର ଆବଶ୍ୟକତା ଦୃଷ୍ଟିରୁ ଏଗୁଡ଼ିକର ଆଙ୍ଗିକ ଭିନ୍ନଭିନ୍ନ ହୋଇପାରନ୍ତି।

**ବ୍ୟକ୍ତିଗତ / ଘରୋଇ ପତ୍ର :**

ଏ ପ୍ରକାର ପତ୍ର ବ୍ୟକ୍ତିଗତ। ବ୍ୟକ୍ତିର ମାନସିକତା, ସମସ୍ୟା, ଭାବନା ଇତ୍ୟାଦି ପ୍ରତିପାଦିତ ହୁଏ। ସ୍ଥାନଦର୍ଶନ ବା ଘଟଣାର ଅନୁଭୂତି ବର୍ଣ୍ଣନା ରହିପାରେ। ପ୍ରତିଭା ସ୍ୱୀକୃତି, ଅବା ଅଭିନନ୍ଦନରେ ବାର୍ତ୍ତା ମଧ୍ୟ ଏହା ବହନ କରିପାରେ।

**ଲିଖନବିଧି :**

ଆଙ୍ଗିକ, ବିଷୟବସ୍ତୁ, ଭିତ୍ତିରେ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ତିନୋଟି ସ୍ତରରେ ଲେଖାଯାଏ।

**୧ମ ସ୍ତର :** ପତ୍ର ଆରମ୍ଭର ଦକ୍ଷିଣ ପାର୍ଶ୍ୱ ଉପରେ ସ୍ଥାନ ଓ ଦିନାଙ୍କ କ୍ରମାନୁସାରେ ରହିବେ। ବାମ ପାର୍ଶ୍ୱରେ ସମ୍ବୋଧନ, କନିଷ୍ଠ ମାନଙ୍କୁ ସ୍ନେହର, ଶ୍ରଦ୍ଧେୟ ପ୍ରଭୃତି ସମବୟସ୍କ ବନ୍ଧୁ ମାନଙ୍କୁ, ପ୍ରିୟ, ସାଙ୍ଗ ଇତ୍ୟାଦି। ବରିଷ୍ଠ / ପୂଜନୀୟ ମାନଙ୍କୁ ପୂଜନୀୟ, ସମ୍ମାନନୀୟ, ମାନନୀୟ, ପୂଜାସ୍ପଦ ଆଦିରେ ସମ୍ବୋଧନ କରାଯିବା। ପରେ ପରେ ଶ୍ରଦ୍ଧା ଓ ସମ୍ମାନଜ୍ଞାପନ କରାଯିବ।

୨ୟ ସ୍ତର : ମଧ୍ୟଭାଗରେ ଆବଶ୍ୟକତା ଅନୁସାରେ ବିଷୟର ରୂପାୟନ ରହିବ।

୩ୟ ସ୍ତର : ପରିସମାପ୍ତିରେ ଦକ୍ଷିଣ ପାର୍ଶ୍ୱରେ 'ଇତି' ତଳକୁ ସାନଙ୍କ ପାଇଁ ପ୍ରାପକଙ୍କ ସହିତ ସମ୍ବନ୍ଧ ଅନୁସାରେ ହିତାକାଙ୍କ୍ଷୀ, ଶୁଭେଚ୍ଛୁ - ସମବୟସ୍କଙ୍କ ପାଇଁ ପ୍ରିୟ ସାଙ୍ଗ, ଏବଂ ବରିଷ୍ଠଙ୍କ ପାଇଁ ଶ୍ରଦ୍ଧାବନତ, ଶ୍ରଦ୍ଧେୟ, ସ୍ନେହାଧୀନ ଇତ୍ୟାଦି ଲେଖି ନିଜର ନାମ ଲେଖିବେ। ଶେଷରେ ପ୍ରାପକ ଓ ପ୍ରେରକଙ୍କ ଠିକଣା ରହିବ।

ବ୍ୟକ୍ତିଗତ
ପତ୍ର ରଚନା ନକ୍ସା

ସମ୍ବୋଧନ,                                                  ସ୍ଥାନ
        ଶ୍ରଦ୍ଧା / ସମ୍ମାନ ଜ୍ଞାପନ                                   ତାରିଖ
        ବିଷୟବସ୍ତୁ

ଇତି
ସମ୍ବନ୍ଧ ଭିତ୍ତିରେ ଶବ୍ଦ ପ୍ରୟୋଗ
ନାମ

| ଠିକଣା<br>ପ୍ରେରକଙ୍କ<br>ନାମ ଠିକଣା | ପ୍ରାପକଙ୍କ<br>ନାମ ଓ ଠିକଣା |
|---|---|

## ୨. ବ୍ୟାବସାୟିକ / ବାଣିଜ୍ୟିକ ପତ୍ର :

- ବିଭିନ୍ନ ପ୍ରତିଷ୍ଠାନ / ବାଣିଜ୍ୟିକ କେନ୍ଦ୍ର ସହିତ ଏହା ଦ୍ୱାରା ସମ୍ବନ୍ଧ ସ୍ଥାପିତ ହୋଇଥାଏ ।
- ସଂକ୍ଷିପ୍ତ , ସ୍ପଷ୍ଟ, ଉଦ୍ଦେଶ୍ୟୋଚିତ, ହେବା ଉଚିତ୍ ।
- ଆବଶ୍ୟକୀୟ ସମାଗ୍ରୀର ମାନ, ପରିମାଣ, ବ୍ରାଣ୍ଡ, ମୂଲ୍ୟ ଇତ୍ୟାଦି ସମ୍ପର୍କୀୟ ସଂବାଦ ।
- ଯୋଗାଣ ସର୍ତ୍ତ ।
- ଅର୍ଥ ଆଦାନ ପ୍ରଦାନର ମାଧ୍ୟମ ଓ ସର୍ତ୍ତ ଏଥିରେ ବର୍ଣ୍ଣିତ ହେବା ବାଞ୍ଛନୀୟ । ଚୁକ୍ତିରେ ଖିଲାପ କରିବାରେ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ସଂପର୍କୀୟ ସୂଚନା ଏଥିରେ ରହିବ ।

**ପତ୍ରର ପାଞ୍ଚୋଟି ସ୍ତର**

**ପ୍ରଥମ ସ୍ତର :** ଉପର ମଧ୍ୟ ଭାଗରେ ପ୍ରେରକଙ୍କ ସଂସ୍ଥାଗତ ଠିକଣା ରହିବ ।

- ତା ତଳକୁ  ଚିଠି ସଂଖ୍ୟା ଓ ତାରିଖ ରହିବ

**ଦ୍ୱିତୀୟ ସ୍ତର :** ପରେ ପରେ ବାମ ପାର୍ଶ୍ୱରେ ପ୍ରାପକ ସଂସ୍ଥା ବା ଅନୁଷ୍ଠାନର କର୍ତ୍ତାଙ୍କର କାର୍ଯ୍ୟାଳୟ ପଦବୀ ସଂଯୁକ୍ତ ସମ୍ବୋଧନ ରହିବ । ତା ତଳକୁ ପତ୍ରର ବିଷୟବସ୍ତୁ ।

- ବାମ ପାର୍ଶ୍ୱରେ ସମ୍ବୋଧନରେ ମହାଶୟ - ପାଖରେ କମା ରହିବ । ପରେ ବିଷୟ ବର୍ଣ୍ଣନା ରହିବ, ଦକ୍ଷିଣ ପାର୍ଶ୍ୱରେ ଶେଷ ଆଡ଼କୁ ଆପଣଙ୍କର ବିଶ୍ୱସ୍ତ, ପ୍ରେରକଙ୍କ ନାମ ଇତ୍ୟାଦି ରହିବ ।

**ତୃତୀୟ ସ୍ତର :** କ୍ରୟ / ଫେରସ୍ତ ସାମଗ୍ରୀର ଚିଠା ପ୍ରସ୍ତୁତ କରାଯାଇ

**ଚତୁର୍ଥ ସ୍ତର :** ଏଥି ସହ ସଂଯୁକ୍ତ କରାଯାଇପାରେ ।

**ପଞ୍ଚମ ସ୍ତର :** ଶେଷରେ ପ୍ରାପକ ଓ ପତ୍ର ପ୍ରେରକଙ୍କ ଠିକଣା ରହିବା ଆବଶ୍ୟକ ।

## ୩. ବୃତ୍ତିନିମିତ ପତ୍ର :

ବିଭିନ୍ନ ଅନୁଷ୍ଠାନ / ପ୍ରତିଷ୍ଠାନ ପାଇଁ ଏପରି ପତ୍ର ପ୍ରସ୍ତୁତ ହୋଇଥାଏ । ନିଜର ଯୋଗ୍ୟତା / ଶିକ୍ଷାଗତ / ଅତୀତ ଅଭିଜ୍ଞତା ଦର୍ଶାଇ ଏଭଳି ପତ୍ର ପ୍ରସ୍ତୁତ ହୁଏ ।

ଏହା ବ୍ୟକ୍ତିଗତ

ତେଣୁ ଏହା

ସଂକ୍ଷିପ୍ତ

ଆବଶ୍ୟକତା ଅନୁସାରୀ

ଉଦ୍ଦେଶ୍ୟୋଚିତ,

ରୁଚିପୂର୍ଣ୍ଣ ହେବା ଆବଶ୍ୟକ ।

ପତ୍ରର ଆରମ୍ଭ  ଉପରେ ସଂପୃକ୍ତ ଅନୁଷ୍ଠାନ, ପ୍ରତିଷ୍ଠାନ, କାର୍ଯ୍ୟାଳୟର ଅଧିକାରୀଙ୍କର କାର୍ଯ୍ୟାଳୟଗତ ପଦବୀ ସହିତ ଠିକଣା ରହିବ ।

ପରେ ସମ୍ବୋଧନରେ ମହାଶୟ ପାଖରେ କମା ରହିବ ।

ଆରମ୍ଭରେ ପ୍ରକାଶିତ ବିଜ୍ଞପ୍ତିର ସୂଚନା ରହିବ ।

ପରେପରେ ପ୍ରେରକଙ୍କ  ନିଜର ପରିଚୟ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ସଂପର୍କୀୟ ସୂଚନା ରହିବ।

ପତ୍ରର ଅନ୍ତିମ ଆଡ଼କୁ ଅନୁରୋଧ ସହିତ ସଂଯୁକ୍ତ ପ୍ରମାଣପତ୍ରର ବିବରଣୀ ରହିବ।

ଉପସଂହାରରେ ଦକ୍ଷିଣ ଆଡ଼କୁ ଆପଣଙ୍କର ବିଶ୍ୱସ୍ତ, ପ୍ରେରକଙ୍କର ନାମ ରହିବ।

ବାମ ପାର୍ଶ୍ୱରେ ସ୍ଥାନ ଓ ତା' ତଳେ ଦିନାଙ୍କ ରହିବ।

ବାମ ପାର୍ଶ୍ୱରେ ପ୍ରମାଣ ପତ୍ର

ଯଥା :- ଆତ୍ମ ବିବରଣୀ

- ଶିକ୍ଷାଗତ ଯୋଗ୍ୟତା
- ଅଭିଜ୍ଞତା ପ୍ରମାଣପତ୍ର ଇତ୍ୟାଦିର ନକଲ ରହିବ।

ଏବଂ ଶେଷରେ ଆବେଦନ କର୍ତ୍ତା ଏ ସମସ୍ତ ନିଭଲ ଓ ବିଶ୍ୱାସଯୋଗ୍ୟ ଲେଖି ପ୍ରାମାଣିକ ଦସ୍ତଖତ ଟିଏ ଦେବେ।

ଅନ୍ତଃରେ ପ୍ରେରକ ଓ ପ୍ରାପକଙ୍କ ଠିକଣା ରହିବ।

## ୪. ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ : ଆବେଦନ ପତ୍ର - ଦରଖାସ୍ତ

- ବିଭିନ୍ନ ସମସ୍ୟା ଓ ଅଭିଯୋଗର ଉପସ୍ଥାପନ ପାଇଁ ଏହା ବ୍ୟବହୃତ।
- ଏହା ଆନୁଷ୍ଠାନିକ।
- ବ୍ୟକ୍ତିଗତ ଭାବାବେଗ ରହିବ ନାହିଁ।
- ସରକାରୀ ବା ବେସରକାରୀ କର୍ତ୍ତୃପକ୍ଷଙ୍କୁ ଲେଖାଯାଇଥାଏ।
- ଜଣେ ବା ଏକାଧିକ ବ୍ୟକ୍ତି ଏହା ଲେଖିପାରନ୍ତି।

ଏହା ଆବଶ୍ୟକତା ଅନୁଯାୟୀ

ସଂକ୍ଷିପ୍ତ ହେବା ଆବଶ୍ୟକ।

ଆବେଦନ ପତ୍ରର  ଆରମ୍ଭର ବାମ ପାର୍ଶ୍ୱରେ ସଂପୃକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କର କାର୍ଯ୍ୟାଳୟରେ ପଦବୀ ଏବଂ ଠିକଣା ରହିବ।

ପରେ ଦରଖାସ୍ତର ଉଦ୍ଦେଶ୍ୟ ବନ୍ଧନୀ ମଧ୍ୟରେ ରହିବ।

ବାମ ପାର୍ଶ୍ୱରେ ସମ୍ବୋଧନ ପରେ କମା

ଏବଂ ତଳକୁ ସମସ୍ୟା ଓ ଘଟଣା ସମ୍ପର୍କରେ ସୂଚନା ରହିବ। ତଥ୍ୟ ପ୍ରଦାନ କାଳରେ ସମସ୍ୟା ବା ଘଟଣାର ବିସ୍ତୃତ ବିବରଣୀ ରହିବ।

ଅନ୍ୟ ଏକ ଅନୁଚ୍ଛେଦରେ ସମସ୍ୟାର ସମାଧାନ ପାଇଁ ଅନୁରୋଧ ରହିବ।

ଦକ୍ଷିଣ ପାର୍ଶ୍ୱରେ ଆପଣଙ୍କର ବିନୀତ / ବିଶ୍ୱସ୍ତ - ରହିବ।

ଯଦି ବ୍ୟକ୍ତିଗତ ହୋଇଥିବ ତେବେ କେବଳ ପ୍ରେରକଙ୍କ ନାମ ରହିବ।

ଯଦି ସାମୂହିକ ହୋଇଥିବ ତେବେ ଗ୍ରାମବାସୀ ବା ଅଞ୍ଚଳବାସୀଙ୍କ ନାମ ରହିବ।

ଆବେଦନ ପତ୍ରର ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ରହିବ।

## ୫. ସାମୟିକ ଛୁଟି :

ଏହା ଏକ ବ୍ୟକ୍ତିଗତ ଦରଖାସ୍ତ। ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ କର୍ମଚାରୀ ପଠାଇଥାନ୍ତି।

ତେଣୁ ଭାବାନୁସାରୀ,

ସଂକ୍ଷିପ୍ତ ଓ

ଆବଶ୍ୟକତା ଅନୁଯାୟୀ ହେବା ଆବଶ୍ୟକ।

ଦରଖାସ୍ତର ଆରମ୍ଭରେ ସଂପୃକ୍ତ ଅନୁଷ୍ଠାନ, ପ୍ରତିଷ୍ଠାନର କର୍ତ୍ତୃପକ୍ଷକଙ୍କର ପଦବୀ ଓ କାର୍ଯ୍ୟାଳୟଗତ ଠିକଣା ରହିବ।

ତା ତଳକୁ ଆବେଦନର କାରଣ ବନ୍ଧନୀ ମଧ୍ୟରେ ରହିବ। ପରେ ପରେ ବାମ ପାର୍ଶ୍ୱରେ ସମ୍ବୋଧନ, ରହିବ।

ପରେ ପରେ ଛୁଟି ନେବାର କାରଣ ସହ ଦିନାଙ୍କ ଗୁଡ଼ିକ ଉଲ୍ଲିଖିତ ହେବ।

ଶେଷ ଭାଗରେ ଛୁଟି ମଞ୍ଜୁରୀ ପାଇଁ ନିବେଦନ କରାଯିବ।

ଦକ୍ଷିଣ ପାର୍ଶ୍ୱରେ ଆପଣଙ୍କର ବିଶ୍ୱସ୍ତ,

ତଳକୁ ଆବେଦନକାରୀଙ୍କ ନାମ ଓ କାର୍ଯ୍ୟାଳୟର ପଦବୀ ରହିବ।

ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ରହିବ।

ଡାକଯୋଗେ ପ୍ରେରିତ କରିବାର ଥିଲେ ପ୍ରାପକଙ୍କ ଠିକଣା ଓ ପ୍ରେରକଙ୍କ ନାମ ଠିକଣା ରହିବ।

## ୬. ସଂପାଦକଙ୍କୁ ପତ୍ର :

କୌଣସି ଆଞ୍ଚଳିକ ସମ୍ବାଦପତ୍ରର ସମ୍ପାଦକଙ୍କ ଉଦ୍ଦେଶ୍ୟରେ ଲିଖିତ ପତ୍ର :

- ସାଧାରଣ ଜନତାର ଅସନ୍ତୋଷ ଓ ଅଭିଯୋଗ ଏଥିରେ ସ୍ଥାନ ପାଇଥାଏ। ଏକ ନିର୍ଦ୍ଦିଷ୍ଟ ସମସ୍ୟା ପ୍ରତି ଜନମତ ସୃଷ୍ଟି କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ଏହାର ଉଦ୍ଦେଶ୍ୟ।
- ବେଳେବେଳେ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କର ଉଦାସୀନତା, ମନୋମୁଖୀ କାର୍ଯ୍ୟକଳାପ, ଦୋଷ, ଦୁର୍ବଳତାକୁ ପ୍ରକାଶକରି ଏହାର ପ୍ରତିକାର ପ୍ରୟାସ ଏଥିରେ କରାଯାଇଥାଏ।

ଏଭଳି ପତ୍ର ବିଷୟାନୁସାରୀ, ସମସ୍ୟାକୈନ୍ଦ୍ରିକ, ତଥ୍ୟଭିତ୍ତିକ ହେବା ଆବଶ୍ୟକ।

ପତ୍ରର ଆରମ୍ଭରେ ବାମ ପାର୍ଶ୍ୱରେ ସଂପୃକ୍ତ ସମ୍ବାଦପତ୍ରର ସଂପାଦକଙ୍କ କାର୍ଯ୍ୟାଳୟ ଗତ ଠିକଣା ରହେ।

ପରେ ସମ୍ବୋଧନ ଥାଏ।

ପରେ ପରେ ସମସ୍ୟାର ଗୁରୁତ୍ୱ ଦର୍ଶାଇ ଏହିପତ୍ରକୁ ସମ୍ବାଦପତ୍ରରେ ପ୍ରକାଶିତ କରିବାକୁ ଅନୁରୋଧ କରାଯାଇଥାଏ।

ପରେ ପରେ ସମସ୍ୟାର ତଥ୍ୟଭିତ୍ତିକ ଉପସ୍ଥାପନ ଥାଏ।

ଏହାଦ୍ୱାରା ଘଟୁଥିବା ବିଶୃଙ୍ଖଳା ଓ ଅସୁବିଧା ପ୍ରକାଶିତ ହୁଏ। ଶେଷଭାଗରେ ସରକାର ବା ଅନୁଷ୍ଠାନର ଦୃଷ୍ଟି ଆକର୍ଷଣ କରି ତାର ସମାଧାନ ପନ୍ଥା ନିର୍ଣ୍ଣୟ କରିବାର ଅନୁରୋଧ ଥାଏ।

ପରିଶେଷରେ ଦକ୍ଷିଣ ପାର୍ଶ୍ୱରେ ଆପଣଙ୍କର ବିଶ୍ୱସ୍ତ

(ଜଣେ ବ୍ୟକ୍ତି ଦ୍ୱାରା ଲିଖିତ ହେଲେ ଜଣକଙ୍କର ନାମ - ସମୂହ ପ୍ରାର୍ଥନା ହୋଇଥିଲେ କେତେ ଜଣ ବ୍ୟକ୍ତିଙ୍କର ନାମ ରହିବ)

ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ରହିବ।

ଠିକଣାରେ ପ୍ରାପକଙ୍କ କାର୍ଯ୍ୟାଳୟ ଗତ ପଦବୀ ଓ ଠିକଣା ଏବଂ ପ୍ରେରକଙ୍କ ଠିକଣା ରହିବ।

## ଦରଖାସ୍ତ / ଆବେଦନ ପତ୍ର

- ବ୍ୟକ୍ତିଗତ ଅସୁବିଧା ଦୂରୀକରଣ ପାଇଁ ଆବେଦନ।
- ବ୍ୟକ୍ତିଗତ ସମସ୍ୟା ଉତ୍ଥାପନ ଓ ତା'ର ସମାଧାନ ପାଇଁ ଆବେଦନ।
- ଜନତା / ବ୍ୟଷ୍ଟି / ଗୋଷ୍ଠୀ / ଗୋଟିଏ ଅଞ୍ଚଳର ଅସୁବିଧା ଦୂର ପାଇଁ ଆବେଦନ।

୧. କୌଣସି କାର୍ଯ୍ୟାଳୟରେ କେତେକ ବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଣ ପାଇଁ ବ୍ୟବସାୟ ପ୍ରତିଷ୍ଠାନକୁ ପତ୍ର।

୨. ନିଜର ଯୋଗ୍ୟତାଗତ ପ୍ରମାଣ ପତ୍ର ସଂଯୋଗ କରି ନିଯୁକ୍ତି ପାଇଁ ଆବେଦନ ପତ୍ର।

୩. ନିଜର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଆବେଦନ କରି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର।

୪. ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଇଚ୍ଛାକରି କଲେଜର ଅଧ୍ୟକ୍ଷଙ୍କ ନିକଟକୁ ଦରଖାସ୍ତ।

୫. ରାଜ୍ୟ କ୍ରିଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ହେତୁ କଲେଜରେ ଉପସ୍ଥାନ ସଂଖ୍ୟାରେ ନିୟମିତ କରିବା ପାଇଁ ଅଧ୍ୟକ୍ଷଙ୍କ ନିକଟକୁ ପତ୍ର।

୬. ତୁମ ମୋବାଇଲ୍ / ମୋଟର ସାଇକେଲ / ସ୍କୁଟର ଚୋରି ସମ୍ବନ୍ଧରେ ଜଣାଇ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଦରଖାସ୍ତ।

୭. କଲେଜର ସାଂସ୍କୃତିକ ପରିଷଦର ସମ୍ପାଦକ ଭାବରେ - ପରିଷଦର ବାର୍ଷିକ କାର୍ଯ୍ୟକ୍ରମ ଜଣାଇ ଅଧ୍ୟକ୍ଷଙ୍କ ନିକଟକୁ ପତ୍ର।

୮. ବନ୍ୟାରେ ଧୋଇ ଯାଇଥିବା ରାସ୍ତାର ମରାମତି ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ପତ୍ର।

୯. ବିପର୍ଯ୍ୟସ୍ତ ବିଦ୍ୟୁତ୍ ସରାବରାହର ପୁନଃ ସଂସ୍ଥାନ ପାଇଁ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ।

୧୦. ଗାଁକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ଓ ପକ୍କାକରିବା ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ।

୧୧. କଲେଜ ଛକରେ ଟ୍ରାଫିକ୍ ନିୟନ୍ତ୍ରଣର ବ୍ୟବସ୍ଥା ପାଇଁ କର୍ତ୍ତୃପକ୍ଷଙ୍କୁ ପତ୍ର।

୧୨. ଗାଁର ଶ୍ମଶାନ ଓ ଶୌଚଘାଟର ନବୀକରଣ ପାଇଁ କର୍ତ୍ତୃପକ୍ଷଙ୍କୁ ଆବେଦନ।

୧୩. ଗ୍ରାମ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ କର୍ତ୍ତୃପକ୍ଷଙ୍କୁ ଆବେଦନ।

୧୪. ପଞ୍ଚାୟତରେ ଏକ କୋଭିଡ଼ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ କର୍ତ୍ତୃପକ୍ଷଙ୍କୁ ପତ୍ର।

୧୫. ଅଞ୍ଚଳରେ ବଢୁଥିବା ଡେଙ୍ଗୁଜ୍ୱରର ପତିକାର ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦରଖାସ୍ତ।

୧୬. ବାତ୍ୟା ଆଶ୍ରୟ ସ୍ଥଳରେ ପରିଲକ୍ଷିତ ଅବ୍ୟବସ୍ଥା ସମ୍ପର୍କରେ ଜଣାଇ କର୍ତ୍ତୃପକ୍ଷଙ୍କୁ ଆବେଦନ।

୧୭. ଗ୍ରାମର କେତେଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ତାଲିକାରେ ନାମ ଲେଖେଇବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ।

୧୮. ଗ୍ରାମ ପାଠାଗାରକୁ କିଛି ଉପକରଣ ଓ ପୁସ୍ତକ ଦାନ ପାଇଁ ମାନ୍ୟବର ସାଂସଦଙ୍କୁ ଆବେଦନ।

୧୯. ବଣୁଆ ପଶୁ ଆକ୍ରମଣରୁ ଫସଲ ସୁରକ୍ଷା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ଦରଖାସ୍ତ।

୨୦. ତୁମର ବ୍ୟାଙ୍କ ଖାତାରୁ କିଛି ଟଙ୍କାର ହିସାବ ମିଳୁନାହିଁ - ତାହା ଦର୍ଶାଇ ସଂପୃକ୍ତ ବ୍ୟାଙ୍କ ଅଧିକାରୀଙ୍କୁ ଦରଖାସ୍ତ।

## ପତ୍ର ଲିଖନ

୧. ପରୀକ୍ଷା ପାଇଁ ପ୍ରସ୍ତୁତିରେ ହେଳା ନ କରିବାକୁ ଦର୍ଶାଇ ସାନଭାଇ ନିକଟକୁ ପତ୍ର।

୨. କୌଣସି ଦର୍ଶନୀୟ ସ୍ଥାନ ଭ୍ରମଣର ଅଭିଜ୍ଞତା ଦର୍ଶାଇ ମା'ଙ୍କ ନିକଟକୁ ପତ୍ର।

୩. ଛାତ୍ରାବାସରେ ପ୍ରଥମ ଦିନର ଅନୁଭୂତି ଜଣାଇ କକାଙ୍କ ନିକଟକୁ ପତ୍ର।

୪. ବେଶୀ ସମୟ ଟିଭି କିମ୍ବା ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ ଫୋନ୍ ବ୍ୟବହାର ନ କରିବାକୁ ସାନ ଭଉଣୀ ପାଖକୁ ପତ୍ର।

୫. ଆଖିର ଯତ୍ନ ନେବାକୁ ପରାମର୍ଶ ଦେଇ ସାନଭାଇ ପାଖକୁ ପତ୍ର।

୬. ଅଞ୍ଚଳର ଏକ ମେଳା / ଗଣପର୍ବ ଦେଖିବା ପାଇଁ ସାଙ୍ଗଙ୍କୁ ନିମନ୍ତ୍ରଣ କରି ପତ୍ର।

୭. କୋଭିଡ୍ ସତର୍କତା ପାଳନ ପାଇଁ ଗାଁରେ ଥିବା ତୁମ ମା'ଙ୍କ ନିକଟକୁ ପତ୍ର।

୮. ସାଙ୍ଗମାନଙ୍କ ସହ ବୁଲିଯିବା ପାଇଁ ଆର୍ଥିକ ସହଯୋଗ ନିମିତ୍ତ ଅନ୍ୟ ରାଜ୍ୟରେ ଥିବା ବଡ଼ଭାଇଙ୍କୁ ପତ୍ର।

୯. ଗ୍ରାମ ପାଠାଗାର ପାଇଁ ନିଃଶୁଳ୍କ ସମ୍ବାଦପତ୍ର ଯୋଗାଣ ପାଇଁ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର।

୧୦. ନିଜକୁ ଶିକ୍ଷକ ମନେକରି ତୁମର ପ୍ରିୟ ଛାତ୍ର ପାଖକୁ ଏକ ଅଭିନନ୍ଦନ ପତ୍ର ପ୍ରସ୍ତୁତ କର।

୧୧. ବନ୍ଧୁଙ୍କର ମାତୃ ବିୟୋଗରେ ସମବେଦନା ଜଣାଇ ପତ୍ର।

୧୨. ପୁସ୍ତକ ପଠନର ଆବଶ୍ୟକତା ଦର୍ଶାଇ ଛାତ୍ରାବାସରେ ରହୁଥିବା ତୁମ ଝିଅ ପାଖକୁ ପତ୍ର।

୧୩. ଗ୍ରାମର ଭାଗବତ ଟୁଙ୍ଗୀରେ ଆୟୋଜିତ ସଭାକୁ ଉଦ୍‌ବୋଧନ କରିବା ପାଇଁ ଗ୍ରାମ କଲ୍ୟାଣ ଅଫିସରଙ୍କୁ ପତ୍ର।

୧୪. ବିଭିନ୍ନ କାରଣ ଦର୍ଶାଇ ଏ ମାସରେ ଅଧିକ ଟଙ୍କା ପଠାଇବା ପାଇଁ ବାପାଙ୍କ ନିକଟକୁ ପତ୍ର।

୧୫. ଗୋଟିଏ ଭଲ ବହିକୁ ବହିଦୋକାନରୁ ପଠାଇବା ପାଇଁ ସହରରେ ବାସ କରୁଥିବା ତୁମ ସାଙ୍ଗଙ୍କ ପାଖକୁ ପତ୍ର।

୧୬. ତୁମ ଅଞ୍ଚଳର ଏକ ବିଶେଷ ଗଣପର୍ବ ପାଳନରେ ଭାଗ ନେବା ପାଇଁ ସାଙ୍ଗଙ୍କ ନିକଟକୁ ପତ୍ର।

୧୭. ଅନ୍ଧାର ରାତିରେ ପ୍ରବଳ ବର୍ଷାକୁ ଦେଖି ତମ ମନରେ ଆସୁଥିବା ଭାବନାକୁ ଜଣାଇ ସାଙ୍ଗ ନିକଟକୁ ପତ୍ର ଲେଖ।

୧୮. ତୁମ ଆଖି ଆଗରେ ଘଟିଥିବା ଏକ ସଡ଼କ ଦୁର୍ଘଟଣା ସମ୍ପର୍କରେ ଜଣାଇ ତୁମ ସାଙ୍ଗ ପାଖକୁ ପତ୍ର ଲେଖ।

୧୯. ଏକ ନିର୍ଦ୍ଦିଷ୍ଟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାର ସମ୍ବାଦ ତୁମ ବାପାଙ୍କ ପାଖକୁ ଜଣାଇ ଏକ ପତ୍ର ଲେଖ।

୨୦. ତୁମ ସହିତ ତୁମ ଗାଁରେ ଛୁଟି କଟାଇବା ପାଇଁ ସାଙ୍ଗ ପାଖକୁ ଏକ ପତ୍ର ଲେଖ।

## ଦରଖାସ୍ତର ନମୂନା

ମାନ୍ୟବର (କର୍ତ୍ତୃପକ୍ଷଙ୍କ ପଦବୀ),

________ କାର୍ଯ୍ୟାଳୟର ନାମ, ସ୍ଥାନ -

ମହାଶୟ;

(ବିଷୟବସ୍ତୁର ସୂଚନା)

(ଠିକ୍ ଉପରିସ୍ଥ ବ୍ୟକ୍ତି ବା ଅନୁଷ୍ଠାନଙ୍କ ମାଧ୍ୟମରେ)

ପତ୍ରସଂଖ୍ୟା - ତାରିଖ-

ବିଷୟବସ୍ତୁ ________

(ଉପସଂହାର)

ସ୍ଥାନ - ଆପଣଙ୍କର ବଶମ୍ବଦ / ବିଶ୍ୱସ୍ତ / ଆଜ୍ଞାଧୀନ / ବିନୀତ

ତାରିଖ - ନାମ

ଠିକଣା

| ପ୍ରେରକ | ପ୍ରାପକ |
|---|---|
| | |

## ପତ୍ରର ନମୂନା (ବ୍ୟକ୍ତିଗତ)

ଦକ୍ଷିଣ ପଟର ଉପରେ - ସ୍ଥାନ ଓ ଦିନାଙ୍କ

________________________

ବାମପାର୍ଶ୍ୱରେ ଆବଶ୍ୟକତା ଅନୁସାରେ

ସମ୍ବୋଧନ

ମଧ୍ୟଭାଗରେ ବିଷୟବସ୍ତୁ

ଉପସଂହାରରେ -

ସ୍ଥାନ -

ଦିନାଙ୍କ -

ଇତି

(ସମ୍ବନ୍ଧଭିତ୍ତିରେ - ଶବ୍ଦର ପ୍ରୟୋଗ)

ଠିକଣା

| ପ୍ରେରକ | ପ୍ରାପକ |
|---|---|
| | |

## ପତ୍ରର ନମୂନା (ବ୍ୟାବସାୟିକ)

ବ୍ୟାବସାୟିକ ପ୍ରତିଷ୍ଠାନର ନାମ,

ସ୍ଥାନ, ସ୍ଥାନ -

(ସମ୍ବୋଧନ) ମହାଶୟ, ଦିନାଙ୍କ -

ବିଷୟବସ୍ତୁ

ଉପସଂହାରରେ -

(ପରିସମାପ୍ତିରେ)

ଇତି

ଆପଣଙ୍କର

ବିଶ୍ୱସ୍ତ / ବିନୀତ / ବଶମ୍ବଦ

(ପତ୍ର ସହିତ ଆବଶ୍ୟକ ସ୍ଥଳେ ଗୁରୁତ୍ୱପୂର୍ଣ୍ଣ ନଥି ସଂଯୋଗର ତାଲିକା)

<u>ଠିକଣା</u>

| ପ୍ରେରକ | ପ୍ରାପକ |
|---|---|
| | |

## ନିମନ୍ତ୍ରଣ ପତ୍ରର ନମୂନା (ବିବାହ) (ନାଲି କାଳିରେ)

(ଓପର ମଝିରେ) ଓଁ ଶ୍ରୀଶ୍ରୀ ପ୍ରଜାପତୟେ ନମଃ

ମହାଶୟା/ମହାଶୟ

ବିଷୟବସ୍ତୁ

ଆପଣଙ୍କର ଦର୍ଶନାଭିଳାଷୀ

ସ୍ଥାନ - ଶ୍ରୀମତୀ -

ତାରିଖ - ଶ୍ରୀ -

କାର୍ଯ୍ୟସୂଚୀ :

ମଙ୍ଗଳକୃତ୍ୟ - ତାରିଖ - ବାର - (ସ୍ଥାନ)

ବିବାହ ଓ ପାଣିଗ୍ରହଣ - ତାରିଖ - ବାର - ସମୟ, (ସ୍ଥାନ)

ସମ୍ବର୍ଦ୍ଧନା ଭୋଜି - ତାରିଖ - ସ୍ଥାନ - ସମୟ

<u>ଠିକଣା</u>

| ପ୍ରେରକ | ପ୍ରାପକ |
|---|---|
| | |

## ନିମନ୍ତ୍ରଣ ପତ୍ରର ନମୂନା (ବ୍ରତୋପନୟନ) (ନାଲି କାଳିରେ)

(ଓପର ମଝିରେ) ଓଁ ଶ୍ରୀଶ୍ରୀ ପ୍ରଜାପତୟେ ନମଃ

ମହାଶୟା/ମହାଶୟ

ବିଷୟବସ୍ତୁ

ଆପଣଙ୍କର ଦର୍ଶନାଭିଳାଷୀ

ସ୍ଥାନ –

ତାରିଖ –

ଶ୍ରୀମତୀ –

ଶ୍ରୀ –

କାର୍ଯ୍ୟସୂଚୀ :

ଷଡ଼କର୍ମ – ତାରିଖ – ବାର – (ସ୍ଥାନ)

ବ୍ରତଭିକ୍ଷା –

ସମ୍ବର୍ଦ୍ଧନା ଭୋଜି – ତାରିଖ – ସ୍ଥାନ – ସମୟ

**ଠିକଣା**

| ପ୍ରେରକ | ପ୍ରାପକ |
| --- | --- |
| | |

## ନିମନ୍ତ୍ରଣ ପତ୍ରର ନମୂନା (ଏକାଦଶାହ କର୍ମ)

(ଓପର ମଝିରେ) ଓଁ ଶ୍ରୀ ଗଙ୍ଗା (କଳା କାଳିରେ)

ମହାଶୟା/ମହାଶୟ

ବିଷୟବସ୍ତୁ

ଇତି

ଆପଣଙ୍କର ହତଭାଗ୍ୟ

ନାମ–

କାର୍ଯ୍ୟସୂଚୀ :

ଦଶାହ କାର୍ଯ୍ୟ – ତାରିଖ – ବାର

ଏକାଦଶାହ କାର୍ଯ୍ୟ – ତାରିଖ – ବାର

ଏକାଦଶାହ ଭୋଜି – ତାରିଖ – ବାର – ସମୟ – ସ୍ଥାନ

**ଠିକଣା**

| ପ୍ରେରକ | ପ୍ରାପକ |
| --- | --- |
| | |

# ସଂକ୍ଷିପ୍ତୀକରଣ ବା ଭାବ ସଂକ୍ଷେପଣ

- ଗୋଟିଏ ବିସ୍ତୃତ ଦୀର୍ଘରଚନାର ସାରାଂଶ ଲେଖିବାକୁ ସଂକ୍ଷିପ୍ତକରଣ କୁହାଯାଏ।
- ପ୍ରଦତ୍ତ ରଚନାରେ ବ୍ୟବହୃତ ଶବ୍ଦ ସଂଖ୍ୟାର ଏକ ତୃତୀୟାଂଶ ଶବ୍ଦ ବ୍ୟବହାରରେ ଏହା ପ୍ରସ୍ତୁତ ହୁଏ।
- ରଚନାର ମୁଖ୍ୟ ଭାବ ଓ ପ୍ରତିପାଦ୍ୟ ଉଦ୍ଦେଶ୍ୟ ଏଥିରେ ସ୍ଥାନ ପାଏ।

**ଉପାୟ**

- ମୂଳ ରଚନାରେ ଥିବା ଅନୁଚ୍ଛେଦ ବା ପାରାଗ୍ରାଫ୍ ଅନୁସାରେ ଶବ୍ଦ ଗଣନା କରାଯିବା ଉଚିତ।
- ଏହି ପାରାଗ୍ରାଫ୍‌ରେ ବର୍ଣ୍ଣିତ ମୁଖ୍ୟ ବିଷୟବସ୍ତୁକୁ ରେଖା ନିର୍ଦ୍ଦିଷ୍ଟ କରାଯିବା ଆବଶ୍ୟକ।
- ଏକପଦୀକରଣ, ସନ୍ଧି, ସମାସ ଇତ୍ୟାଦିର ବ୍ୟବହାର ମାଧ୍ୟମରେ ପଦର ସଂକ୍ଷିପ୍ତୀକରଣ କରାଯିବା ଆବଶ୍ୟକ।
- ପାରାଗ୍ରାଫ୍‌ରେ ବ୍ୟବହୃତ ଶବ୍ଦ ସଂଖ୍ୟାର ଏକ ତୃତୀୟାଂଶ ଶବ୍ଦ ବ୍ୟବହାର କରାଯାଇ ସେଇ ପାରାଗ୍ରାଫ୍‌ର ସାରାଂଶ ରଫ୍ କାଗଜରେ ଲେଖାଯିବ।
- ପରେ ପରେ ପ୍ରତି ପାରାଗ୍ରାଫ୍‌ରୁ ପ୍ରସ୍ତୁତ ଅଂଶକୁ ଏକତ୍ରିତ କରି ପୂର୍ଣ୍ଣାଙ୍ଗ ରୂପଟି ପ୍ରକାଶ କରନ୍ତୁ।

  ପ୍ରସ୍ତୁତ ସଂକ୍ଷିପ୍ତ ରୂପକୁ ଏକ ଶିରୋନାମା ଦିଆଯିବ।
- ସଂକ୍ଷିପ୍ତ ରୂପର ପ୍ରକାଶ ପରେ ଶେଷକୁ ମୂଳ ରଚନାରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ ରହିବ ଓ ତା ତଳକୁ ସଂପୃକ୍ତ ସଂକ୍ଷିପ୍ତ ରୂପରେ ବ୍ୟବହୃତ ଶବ୍ଦ ସଂଖ୍ୟା ମଧ୍ୟ ଉଲ୍ଲିଖିତ ହେବ।
- ନିଜସ୍ୱ ଟିପ୍ପଣୀ କିମ୍ବା ମନ୍ତବ୍ୟ ଏଠାରେ ଆଦୌ ରହିବ ନାହିଁ।
- ପ୍ରସ୍ତୁତ ଅନୁଚ୍ଛେଦ ମଧ୍ୟରେ ଭାବଗତ ସଂହତି ଯେପରି ରକ୍ଷିତ ହୁଏ, ତାହା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

  ଏହି ସଂକ୍ଷିପ୍ତକରଣ ପାଇଁ ୫ ନମ୍ବରରୁ ମୂଲ୍ୟାୟନ କରାଯିବ।

# ବ୍ୟାକରଣ : ରୂଢ଼ି

## ବହୁବିକଳ୍ପ ପ୍ରଶ୍ନୋତ୍ତର

**(କ) ନିମ୍ନଲିଖିତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରଖାଯାଇଛି ।**

**୧. 'ଅକସ ରଖିବା'ର ଅର୍ଥ କ'ଣ ?**

(କ) ଦୋଷ ଦେଖିବା (ଖ) ପ୍ରତିଶୋଧ ନେବା

(ଗ) ଈର୍ଷା କରିବା (ଘ) ରାଗ ରଖିବା

**୨. 'ଅଠା ବୋଳିବା' ରୂଢ଼ିର ଅର୍ଥ କ'ଣ ?**

(କ) ଦୋଷ ଦେଖିବା (ଖ) ଦୋଷ କରିବା

(ଗ) ଦୋଷ ଲଦିବା (ଘ) ଦୋଷ ବାଛିବା

**୩. 'ଅନ୍ଧ ବୁଝାମଣା'ର ଅର୍ଥ କ'ଣ ?**

(କ) ଅନ୍ଧକୁ ବୁଝାଇବା

(ଖ) ଆଖିବୁଜି ବୁଝିବା

(ଗ) ଅନ୍ୟାୟ ବିଚାର

(ଘ) ଏକତରଫା ବିଚାର

**୪. 'ଅରଣ୍ୟ ରୋଦନ' କହିଲେ କ'ଣ ବୁଝାଯାଏ ?**

(କ) ନିଷ୍ଫଳ ପ୍ରାର୍ଥନା (ଖ) ଏକାନ୍ତ ପ୍ରାର୍ଥନା

(ଗ) ବିନୀତ ପ୍ରାର୍ଥନା (ଘ) ସମୂହ ପ୍ରାର୍ଥନା

**୫. 'ଅଣ୍ଟା ଭିଡ଼ିବା'ର ତାତ୍ପର୍ଯ୍ୟାର୍ଥ କ'ଣ ?**

(କ) ଅଣ୍ଟାସିଧା କରିବା

(ଖ) କାର୍ଯ୍ୟ ପାଇଁ ସାହସ କରିବା

(ଗ) କାର୍ଯ୍ୟରେ ହାତ ଦେବା

(ଘ) ଆରମ୍ଭ କରିବା

**୬. 'ଆକଟ କରିବା' କହିଲେ କ'ଣ ବୁଝ ?**

(କ) ନିୟନ୍ତ୍ରଣ କରିବା

(ଖ) ପରିଚାଳନା କରିବା

(ଗ) ସଂଶୋଧନ କରିବା

(ଘ) ଶାସନ କରିବା

**୭. 'ଆଖି ପକାଇବା' ରୂଢ଼ିର ଅର୍ଥ କ'ଣ ?**

(କ) ଆଖି ଆଗରେ ରଖିବା

(ଖ) ଲୋଭ ଦେଖାଇବା

(ଗ) ଲୋଭ କରିବା

(ଘ) ଲୋଭନୀୟ

**୮. 'ଆଖି ମାରିବା'ର ଅର୍ଥ କ'ଣ ?**

(କ) ଇସାରା କରିବା

(ଖ) ଆଖିରେ ମାଡ଼ ମାରିବା

(ଗ) ନିରିଖେଇ ଦେଖିବା

(ଘ) ଦୃଷ୍ଟି ପକାଇବା

**୯. 'ଇନ୍ଦ୍ରଚନ୍ଦ୍ର ନ ମାନିବା'ର ଅର୍ଥ ଲେଖ ।**

(କ) ଗର୍ବ କରିବା

(ଖ) ସମସ୍ତଙ୍କୁ ବେଖାତିର କରିବା

(ଗ) ଅପମାନ କରିବା

(ଘ) ବଡ଼ିମା ଦେଖାଇବା

**୧୦. 'ଉଷୁନା ଧାନ ଗଜା' ହେବାର ଅର୍ଥ ଲେଖ ?**

(କ) ଅଦିନରେ ଧାନଗଜା ହେବା

(ଖ) ବିନା ପରିଶ୍ରମରେ ଫଳପାଇବା

(ଗ) ଅସମ୍ଭବ ସମ୍ଭବ ହେବା

(ଘ) ଅଘଟଣ ଘଟିବା

**୧୧. 'ଓର ଉଣ୍ଡିବା'ର ଅର୍ଥ କ'ଣ ?**

(କ) ସୁଯୋଗକୁ ଅପେକ୍ଷା କରିବା

(ଖ) ସୁଯୋଗ ଦେବା

(ଗ) ସୁଯୋଗର ବ୍ୟବହାର କରିବା

(ଘ) ସୁଯୋଗ ହାତଛଡ଼ା କରିବା

୧୨. **'କପାଳ ଫାଟିବା'ର ଅର୍ଥ କ'ଣ ?**

(କ) ଭାଗ୍ୟ ଫଳିବା

(ଖ) ସୌଭାଗ୍ୟ ଉଦୟ ହେବା

(ଗ) ସୌଭାଗ୍ୟ ମିଳିବା

(ଘ) ସୌଭାଗ୍ୟ ହରାଇବା

୧୩. **'କଳାକନା ବୁଲାଇବା'ର ଅର୍ଥ କ'ଣ ?**

(କ) ସର୍ବନାଶ ଚିନ୍ତା କରିବା

(ଖ) ସର୍ବନାଶ କରିବା

(ଗ) ସର୍ବସ୍ୱ ଲୁଟିନେବା

(ଘ) ସର୍ବସ୍ୱ ହରାଇବା

୧୪. **'କୁହୁଡ଼ି ପହଁରିବା'ର ଅର୍ଥ ଲେଖ ?**

(କ) ବୃଥା ଚିନ୍ତା କରିବା

(ଖ) ବୃଥା ଭାବନା

(ଗ) ବୃଥା ସ୍ୱପ୍ନ ଦେଖିବା

(ଘ) ବୃଥା ବାକ୍ୟାଳାପ କରିବା

୧୫. **'ଖୁଅ କାଢ଼ିବା' କହିଲେ କ'ଣ ବୁଝାଯାଏ ?**

(କ) ଦୋଷ ଦେବା

(ଖ) ଦୋଷ କରିବା

(ଗ) ଦୋଷମୁକ୍ତ କରିବା

(ଘ) ଦୋଷ ଦେଖିବା

୧୬. **'ଖାଇବା ପତରରେ ଧୂଳି ଦେବା'ର ଅର୍ଥ କ'ଣ ?**

(କ) ଜୀବିକା ସନ୍ଧାନ କରିବା

(ଖ) ଜୀବିକା ହରାଇବା

(ଗ) ଜୀବିକାରେ ବାଧାଦେବା

(ଘ) ଜୀବିକାକୁ ହେୟ ମଣିବା

୧୭. **'ଗୋଡ଼ ତଳେ ନ ଲାଗିବା' କେଉଁ ଅର୍ଥରେ ବ୍ୟବହୃତ ହୁଏ ?**

(କ) ଅତ୍ୟଧିକ ଖୁସି ହେବା

(ଖ) ଶୂନ୍ୟରେ ଚାଲିବା

(ଗ) ଅତ୍ୟଧିକ ପରିଶ୍ରମ କରିବା

(ଘ) ନିର୍ଭର କରିବା

୧୮. **'ଚିତା କାଟିବା' ରୂଢ଼ିର ଅର୍ଥ କ'ଣ ?**

(କ) ସନ୍ନ୍ୟାସ ନେବା (ଖ) ଠକିବା

(ଗ) ଝୋଟି ପକାଇବା (ଘ) ବେଶ ହେବା

୧୯. **'ଛାଇ ନ ମାଡ଼ିବା' କହିଲେ କ'ଣ ବୁଝ ?**

(କ) ଧୈର୍ଯ୍ୟ ଧରିବା (ଖ) କଥା ନ ଶୁଣିବା

(ଗ) ସମ୍ପର୍କ ନ ରଖିବା (ଘ) ନିନ୍ଦା କରିବା

୨୦. **'ଜପାମାଳି'ର ଅର୍ଥ କ'ଣ ?**

(କ) ଆଶ୍ରୟ (ଖ) ଅତ୍ୟନ୍ତ ଭଦ୍ର

(ଗ) ଅତ୍ୟନ୍ତ ଶାନ୍ତ (ଘ) ଅତ୍ୟନ୍ତ ପ୍ରିୟ

୨୧. **'ତେଲ ମାରିବା'ର ତାତ୍ପର୍ଯ୍ୟାର୍ଥ କ'ଣ ?**

(କ) ମାଲିସ୍ କରିବା

(ଖ) କାର୍ଯ୍ୟକ୍ଷମ କରାଇବା

(ଗ) ଖୋସାମତ କରିବା

(ଘ) ଅସୁବିଧାରେ ପକାଇବା

୨୨. **'ଦେହସୁହା ହେବା' କହିଲେ କ'ଣ ବୁଝ ?**

(କ) ସହି ନେବା (ଖ) ଆପଣାର କରିବା

(ଗ) ଚିହ୍ନା ହେବା (ଘ) ଅଭ୍ୟସ୍ତ ହେବା

୨୩. **'ପିଠିରେ ପଡ଼ିବା'ର ଅର୍ଥ କ'ଣ ?**

(କ) ଛାଇ ଦେବା

(ଖ) ସାହା ହେବା

(ଗ) ସାହାଯ୍ୟ ଭିକ୍ଷା କରିବା

(ଘ) ଅଭ୍ୟସ୍ତ ହେବା

୨୪. **'ରକ୍ତ ଚଉଳ ଫୁଟାଇବା' ରୂଢ଼ିର ଅର୍ଥ କ'ଣ ?**

(କ) ସହି ନ ପାରିବା

(ଖ) ଭଲ ନ ପାଇବା

(ଗ) ଘୃଣା କରିବା

(ଘ) ରାଗରେ ଜରଜର ହେବା

୨୫. **'ବାଆକୁ ବତା'ର ତାତ୍ପର୍ଯ୍ୟାର୍ଥ କେଉଁଟି ?**

(କ) ଲଗାମ ଛଡ଼ା (ଖ) କ୍ଷୀଣ ଆଶ୍ରୟ

(ଗ) ଅତ୍ୟନ୍ତ ସହାୟକ (ଘ) ତ୍ରୁଟି ହୀନ ସମ୍ପର୍କ

## (ଖ) ଉପଯୁକ୍ତ ରୂଢ଼ି ପ୍ରୟୋଗରେ ଶୂନ୍ୟସ୍ଥାନ ପୂରଣ କର।

୧. କିଛି ନେତା ଆଜିକାଲି ଗରିବଙ୍କ ପାଇଁ _______ କାନ୍ଦୁଛନ୍ତି।

୨. ଦୁଇ ଦୁଇଟା ବାହାଘର ଉଠାଇ ସନ୍ତୋଷର ଅବସ୍ଥା _______।

୩. ସମସ୍ତଙ୍କ _______ ସୁକୁମାରୀ ଘରୁ ପଳେଇଛି।

୪. କିଛି ରାଜନେତା _______ (ଭୁଲକୁ ଠିକ୍ ପ୍ରମାଣ କରିବା ଅର୍ଥରେ) ବେଶ୍ ପାରଙ୍ଗମ।

୫. ପୁଅର ଚାକିରି ପାଇଁ ମୋହନ ବାବୁଙ୍କ କେତେ _______ (ଗୁହାରି କରିବା ଅର୍ଥରେ)।

୬. ସ୍ୱାମୀ ପାଗଳ ହେଲାପରେ ସତ୍ୟବତୀ _______ (ଧୈର୍ଯ୍ୟ ଧରିବା ଅର୍ଥରେ) ବଞ୍ଚିଛି।

୭. ତାଙ୍କର ସମସ୍ତ ଯୋଜନା _______। (ବ୍ୟର୍ଥ ହେବା ଅର୍ଥରେ)

୮. ଆଜିକାଲି _______ (ସତର୍କରେ କାମ କରିବା ଅର୍ଥରେ) ବିପଦରେ ପଡ଼ିବା ହିଁ ସାର ହେବ।

୯. ଯୁଗେ ଯୁଗେ _______ (ଅଯୋଗ୍ୟ ଅର୍ଥରେ) ମାନେ ବଂଶ ଗୌରବକୁ ନଷ୍ଟ କରନ୍ତି।

୧୦. ସେ ମୋତେ ଯେତିକି ହିନସ୍ତା କରିଛି, ମୁଁ ତାକୁ _______ (ଉଚିତ ଶାନ୍ତି ଦେବା ଅର୍ଥରେ) ନ ଦେଇ ଛାଡ଼ିବି ନାହିଁ।

୧୧. ଗାନ୍ଧୀଙ୍କର ରାମରାଜ୍ୟ ସ୍ୱପ୍ନ ଆଜି _______ (ଅସମ୍ଭବ କଥା ଅର୍ଥରେ) ପାଲଟିଛି।

୧୨. _______ (ଭାଗ୍ୟଫଳ ଅର୍ଥରେ)କୁ କେହି ବଦଳାଇ ପାରିବେ ନାହିଁ।

୧୩. _______ (ଦଳରୁ ଅଲଗା ଅର୍ଥରେ) ଲୋକଙ୍କୁ ବିଶ୍ୱାସ କଲେ ହଇରାଣ ହେବେ।

୧୪. ଆମ ଗ୍ରାମର ସହଦେବ ହିଁ ସବୁ _______ (ଅନର୍ଥର ମୂଳ ଅର୍ଥରେ)।

୧୫. ଆଜିକାଲି ଯୁବକମାନେ ରାଜନେତାଙ୍କର _______ (ବୋଲକରା ଅର୍ଥରେ) ସାଜିଛନ୍ତି।

୧୬. ଯେତେ ଚାହିଁଲେ ବି ସେ ଦୁଇଜଣଙ୍କୁ ଅଲଗା କରିହେବ ନାହିଁ – କାରଣ ତାଙ୍କର ତ _______ (ନିବିଡ଼ତା ଅର୍ଥରେ)।

୧୭. ଇନ୍ଦ୍ରଜିତ ନିଜ କାମରେ ସର୍ବଦା _______ (ନ ଛୋଡ଼ ବନ୍ଧା ଅର୍ଥରେ) ଲାଗିଥାଏ।

୧୮. ସାବିତ୍ରୀ ଓଷାରେ ନୂଆ ଲୁଗା ନ ଆସିବାରୁ ମଧୁ _______ (ଅଭିମାନ କରିବା ଅର୍ଥରେ)।

୧୯. ତାଙ୍କୁ ଉପଦେଶ ଦେବା _______ (ମୂର୍ଖ ନିକଟରେ ଜ୍ଞାନଚର୍ଚ୍ଚା କରିବା) ସଙ୍ଗେ ସମାନ।

୨୦. _______ (ଛୋଟ କଥାକୁ ବଡ଼ କରିବା) ତାଙ୍କର ଗୋଟିଏ ବଦଭ୍ୟାସ।

୨୧. କାହିଁକି ଏମିତି _______ (ବୁଦ୍ଧିହୀନ ଅର୍ଥରେ) ଭଳି କାମ କରୁଛ ?

୨୨. କୋଭିଡ଼ ପ୍ରକୋପ ସହିତ ବନ୍ୟା ଦୁର୍ଦ୍ଦଶା _______ (କଷ୍ଟ ଉପରେ କଷ୍ଟ ଅର୍ଥରେ) ଭଳି।

୨୩. ଗୋବିନ୍ଦ ବାବୁଙ୍କ ଦୁରବସ୍ଥା ପାଇଁ ସେ ହିଁ ଦାୟୀ – କାରଣ _______ (ଅଯଥା କଷ୍ଟ ସ୍ୱୀକାର କରିବା ଅର୍ଥରେ) ଗୋଟିଏ ଅଭ୍ୟାସ।

୨୪. ବେଳ ଥାଉ ଥାଉ _______ (ନିଜ ସୁବିଧା ନ ହେବା ଅର୍ଥରେ) ବୁଦ୍ଧିମାନ ଲୋକର କାର୍ଯ୍ୟ।

୨୫. ସରକାର ଦୁର୍ନୀତି ଖୋରଙ୍କ _______ (ଔଦ୍ଧିତ୍ୟ ଛପାଇବା ଅର୍ଥରେ) କଠୋର ପଦକ୍ଷେପମାନ ଗ୍ରହଣ କରୁଛନ୍ତି।

## (ଗ) ନିମ୍ନ ରୂଢ଼ିକୁ ବାକ୍ୟରେ ପ୍ରୟୋଗ କର ।

୧. ଅଇଁଠା ପତର ଗଟିବା
୨. ଅଗ୍ନିଶର୍ମା ହେବା
୩. ଅନ୍ଧାରରେ ବାଡ଼ି ବୁଲାଇବା
୪. ଅବସ୍ଥା ବାର ବାଜିବା
୫. ଆଖି ଦେଖାଇବା
୬. ସୁଅ ମୁହଁରେ ପତର
୭. ପୋଥି ବାଇଗଣ
୮. ବାଘ ଘରେ ମିରିଗ ନାଟ
୯. ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ
୧୦. କଙ୍କଡ଼ାକୁ ଗୋଳିପାଣି ସୁହାଇବା
୧୧. କଥାଦେବା
୧୨. କାନ୍ଧ ଲଗାଇବା
୧୩. ଖାଲରେ ପକାଇବା
୧୪. ଗୁମର ଫିଟିବା
୧୫. ଘରବୁଡ଼ି ପାଣି ଆଣ୍ଠୁଏ
୧୬. ଝାଳବୁହା ଧନ
୧୭. ତିନିପାଞ୍ଚିରୁ ଯିବା
୧୮. ନାହିରେ ତେଲ ପକାଇ ଶୋଇବା
୧୯. ଫାଙ୍କିଦେବା
୨୦. ମାଗିଆଣିଲା ତିଅଣ
୨୧. ମାଟିରେ ମିଶିବା
୨୨. ଲଙ୍କାରେ ହରିଶବ୍ଦ
୨୩. ହାଟ ମଝିରେ ବ୍ରହ୍ମଜ୍ଞାନ
୨୪. ସମୁଦ୍ରକୁ ଶଂଖେ
୨୫. ରୁକୁଣାରଥ ଅଣଲେଉଟା

## (ଘ) ବିପରୀତାର୍ଥବୋଧକ ଶବ୍ଦ ଉତ୍ତର ସହିତ

୧. ନଞ୍ ତତ୍‌ପୁରୁଷ ସମାସ ହୋଇ ବିପରୀଥାର୍ଥବୋଧକ ଶବ୍ଦ ପ୍ରକାଶିତ ହୁଏ ।
୨. ଉପସର୍ଗର ଭିନ୍ନ ପ୍ରୟୋଗରେ ବିପରୀତାର୍ଥବୋଧକ ଶବ୍ଦ ଗଠିତ ହୋଇଥାଏ
୩. ସ୍ୱାଭାବିକ ଭାବରେ ମଧ୍ୟରେ କେତେକ କ୍ଷେତ୍ରରେ ବିପରୀତାର୍ଥକ ବୋଧକ ଶବ୍ଦ ଗଠିତ ହୁଏ ।

| | | | |
|---|---|---|---|
| ଅକର୍ମା - କର୍ମଠ | ଅଗ - ମୂଳ | ଅନ୍ଧକାର - ଆଲୋକ | ଆନନ୍ଦ - ନିରାନନ୍ଦ |
| ଅସଲ - ନକଲ | ଘଟଣ - ଅଘଟଣ | ଅପକାର - ଉପକାର | ଆପଣା - ପର |
| ଅଗ୍ର - ପଶ୍ଚାତ | ଅର୍ଥ - ଅନର୍ଥ | ଅସୀମ - ସସୀମ | ଆକୃତି - ଅନାକୃତି |
| ଆଗ - ପଛ | ଊଣା - ଅଧିକ | ହିଂସ୍ର - ଅହିଂସ୍ର | ଆମଦାନୀ - ରପ୍ତାନି |
| ଅଗ୍ରଜ - ଅନୁଜ | ବାହାର - ଭିତର | ଆକାଶ - ପାତାଳ | ଆଶା - ନିରାଶା |
| ଅଭିଶାପ - ଆଶୀର୍ବାଦ | ବିରକ୍ତ - ଅନୁରକ୍ତ | ଆଦାନ - ପ୍ରଦାନ | ଇଷ୍ଟ - ଅନିଷ୍ଟ |
| କାର୍ଯ୍ୟ - ଅକାର୍ଯ୍ୟ | ଅନ୍ଧାର - ଆଲୁଅ | ଆର୍ଦ୍ର - ଶୁଷ୍କ | ଉଦାର - ଅନୁଦାର |

| | | | | | | | | | | | |
|---|---|---|---|---|---|---|---|---|---|---|---|
| ଉନ୍ନତି | - | ଅବନତି | ତୋଷ | - | ରୋଷ | ଭୀମ | - | କାନ୍ତ | ଖାଲ | - | ଢିପ |
| ଉର୍ବର | - | ଅନୁର୍ବର | ଦାତା | - | ଗ୍ରହୀତା | ମାନ | - | ଅପମାନ | ଦିଆ | - | ନିଆ |
| ଉଭା | - | ପୋତା | ଅବିର୍ଭାବ | - | ତିରୋଭାବ | ମୋଟା | - | ସରୁ | ହିତ | - | ଅହିତ |
| ଉତ୍ସାହ | - | ନିରୁତ୍ସାହ | ଆବାହନ | - | ବିସର୍ଜନ | ରୋଗୀ | - | ନୀରୋଗ | ପରାଧୀନ | - | ସ୍ୱାଧୀନ |
| ଉଠାଣି | - | ଗଡ଼ାଣି | ଉଠାଣି | - | ଗଡ଼ାଣି | ଲମ୍ୱ | - | ଓସାର | ପରିଣାମ | - | ଅପରିଣାମ |
| ଉଚ୍ଚ | - | ନୀଚ | ଜୁଆର | - | ଭଟ୍ଟା | ସାକ୍ଷର | - | ନିରକ୍ଷର | ପୁରୋହିତ | - | ଯଜମାନ |
| ରଣୀ | - | ଅନଣୃ | ଦୋଷୀ | - | ନିର୍ଦ୍ଦୋଷ | ସୁଲଭ | - | ଦୁର୍ଲ୍ଲଭ | ପ୍ରତ୍ୟକ୍ଷ | - | ପରୋକ୍ଷ |
| ଐକ୍ୟ | - | ଅନୈକ୍ୟ | ଦୁଷ୍ଟ | - | ଶିଷ୍ଟ | ସୁପ୍ତ | - | ଜାଗ୍ରତ | ପ୍ରଭୁ | - | ଭୃତ୍ୟ |
| ଓଦା | - | ଶୁଖିଲା | ନିତ୍ୟ | - | ଅନିତ୍ୟ | ଶୋଭନୀୟ | - | ଅଶୋଭନୀୟ | ପ୍ରଶ୍ନ | - | ଉତ୍ତର |
| କନିଷ୍ଠ | - | ଜ୍ୟେଷ୍ଠ | ଦେଣା | - | ପାଉଣା | ସଭ୍ୟ | - | ଅସଭ୍ୟ | ପ୍ରାଚୀନ | - | ନୂତନ/ଅର୍ବାଚୀନ |
| କାରଣ | - | ଅକାରଣ | ଭୀରୁ | - | ନିର୍ଭୀକ | ଶୁଭ | - | ଅଶୁଭ | ମାନ | - | ଅପମାନ |
| କୁଟିଳ | - | ସରଳ | ମୂକ | - | ବାଚାଳ | ସମ୍ଭବ | - | ଅସମ୍ଭବ | ଶୀତ | - | ଉଷ୍ଣ |
| କମ୍ | - | ବେଶି | ମିଳନ | - | ବିଚ୍ଛେଦ | ହସ | - | କାନ୍ଦ | ଶିକ୍ଷିତ | - | ଅଶିକ୍ଷିତ |
| ଖଟା | - | ମିଠା | ମୁଖ୍ୟ | - | ଗୌଣ | ସକାମ | - | ନିଷ୍କାମ | ସମ୍ପତ୍ତି | - | ବିପତ୍ତି |
| ଖଳ | - | ସାଧୁ | ଲୋଭୀ | - | ନିର୍ଲୋଭ | ସାଧାରଣ | - | ଅସାଧାରଣ | ସାମ୍ୟ | - | ବୈଷମ୍ୟ |
| ଖାଣ୍ଟି | - | ଭେଜାଲ | ଧନୀ | - | ନିର୍ଦ୍ଧନ | ସ୍ଥିର | - | ଅସ୍ଥିର | ସିଦ୍ଧ | - | ଅସିଦ୍ଧ |
| ଗଭୀର | - | ଅଗଭୀର | ନୀତି | - | ଅନୀତି | ଅସମୟ | - | ସମୟ | ସୁନାମ | - | ଦୁର୍ନାମ |
| ଗରିବ | - | ଧନୀ | ନୂତନ | - | ପୁରାତନ | ସ୍ୱତନ୍ତ୍ର | - | ପରତନ୍ତ୍ର | ସ୍ପଷ୍ଟ | - | ଅସ୍ପଷ୍ଟ |
| ଗୁଣ | - | ଦୋଷ | ତିରସ୍କାର | - | ପୁରସ୍କାର | ହିତ | - | ଅହିତ | ସ୍ମରଣ | - | ବିସ୍ମରଣ |
| କୃତକାର୍ଯ୍ୟ | - | ଅକୃତକାର୍ଯ୍ୟ | ପ୍ରବୃତ୍ତି | - | ନିବୃତ୍ତି | ହାନି | - | ଲାଭ | ହର୍ଷ | - | ବିଷାଦ |
| ଗୁରୁ | - | ଲଘୁ | ପ୍ରବେଶ | - | ପ୍ରସ୍ଥାନ | କ୍ଷୁଦ୍ର | - | ବୃହତ୍ | କ୍ଷଣିକ | - | ଚିରନ୍ତନ |
| ଚେତନ | - | ଅଚେତନ | ବନ୍ଦନ | - | ନିନ୍ଦନ | ରାଜା | - | ପ୍ରଜା | ନଶ୍ୱର | - | ଶାଶ୍ୱତ |

# ଉତ୍ତର ବିଭାଗ

## (କ) ବହୁବିକଳ୍ପ ପ୍ରଶ୍ନୋତ୍ତର - ରୂଢ଼ି

୧. (ଘ) ରାଗ ରଖିବା
୨. (ଗ) ଦୋଷ ଲଦିବା
୩. (ଗ) ଅନ୍ୟାୟ ବିଚାର
୪. (କ) ନିଷ୍ଫଳ ପ୍ରାର୍ଥନା
୫. (ଖ) କାର୍ଯ୍ୟ ପାଇଁ ସାହସ କରିବା
୬. (ଘ) ଶାସନ କରିବା
୭. (ଗ) ଲୋଭ କରିବା
୮. (କ) ଇସାରା କରିବା
୯. (ଖ) ସମସ୍ତଙ୍କୁ ବେଖାତିର କରିବା
୧୦. (ଗ) ଅସମ୍ଭବ ସମ୍ଭବ ହେବା
୧୧. (କ) ସୁଯୋଗକୁ ଅପେକ୍ଷା କରିବା
୧୨. (ଖ) ସୌଭାଗ୍ୟ ଉଦୟ ହେବା
୧୩. (ଗ) ସର୍ବସ୍ୱ ଲୁଟିନେବା
୧୪. (ଖ) ବୃଥା ଭାବନା
୧୫. (ଘ) ଦୋଷ ଦେଖିବା
୧୬. (ଗ) ଜୀବିକାରେ ବାଧାଦେବା
୧୭. (କ) ଅତ୍ୟଧିକ ଖୁସି ହେବା
୧୮. (ଖ) ଠକିବା
୧୯. (ଗ) ସମ୍ପର୍କ ନ ରଖିବା
୨୦. (ଘ) ଅତ୍ୟନ୍ତ ପ୍ରିୟ
୨୧. (ଗ) ଖୋସାମତ କରିବା
୨୨. (ଘ) ଅଭ୍ୟସ୍ତ ହେବା
୨୩. (ଖ) ସାହା ହେବା
୨୪. (ଘ) ରାଗରେ ଜରଜର ହେବା
୨୫. (ଖ) କ୍ଷୀଣ ଆଶ୍ରୟ

## (ଖ) ଶୂନ୍ୟସ୍ଥାନ ପୂରଣ କର

୧. କୁମ୍ଭୀର କାନ୍ଦଣା
୨. ବାର ବାଜିଲାଣି
୩. ଆଖିରେ ଧୂଳିଦେଇ
୪. କଳାକୁ ଧଳା କରିବା
୫. ଗୋଡ଼ହାତ ଧରିଛି
୬. ଛାତିକୁ ପଥର କରି
୭. ଫସର ଫାଟିଗଲା
୮. ହାତେ ମାପି ଚାଖଣ୍ଡେ ନ ଚାଲିଲେ
୯. ଅକାଳକୁଷ୍ମାଣ୍ଡ
୧୦. ଅକଲସଲାମି
୧୧. ଆକାଶ କୁସୁମ
୧୨. କପାଳଲିଖନ
୧୩. ଗୋଠଖଣ୍ଡିଆ
୧୪. ନାଟର ଗୋବର୍ଦ୍ଧନ
୧୫. ହାତବାରିସୀ
୧୬. କ୍ଷୀର ନୀର ସମ୍ପର୍କ
୧୭. ଜୋକପରି
୧୮. ହାଣ୍ଡିପରି ମୁହଁ କରିଛି
୧୯. କାଲ ଆଗରେ ମୂଳା ଚୋବାଇବା
୨୦. ତିଳକୁ ତାଳ କରିବା
୨୧. ଗୋବର ଗଣେଷ
୨୨. ବୋଝ ଉପରେ ଲଳିତାବିଡ଼ା ଭଳି
୨୩. ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା
୨୪. ବାଟକାଟିବା
୨୫. ବିଷଦନ୍ତ ଭାଙ୍ଗିବା

## (ଗ) ରୂଢ଼ିକୁ ବାକ୍ୟରେ ପ୍ରୟୋଗ କରିବାକୁ ହେବ - ଅର୍ଥକୁ ନୁହେଁ - ମାତ୍ର ସେହି ଅର୍ଥରେ

୧. ହୀନ କାର୍ଯ୍ୟ କରିବା ଅର୍ଥରେ
୨. ଖୁବ୍ ରାଗିଯିବା ଅର୍ଥରେ
୩. ଅନୁମାନ କରି କହିବା ଅର୍ଥରେ
୪. ଶୋଚନୀୟ ହେବା ଅର୍ଥରେ
୫. ଭୟଭୀତ କରିବା ଅର୍ଥରେ
୬. ଅସହାୟତା ଅର୍ଥରେ
୭. ଆବଶ୍ୟକ ବେଳେ କାର୍ଯ୍ୟରେ ନ ଲାଗିବା
୮. ସ୍ମରଣ ଶୂନ୍ୟତା
୯. ବହୁବିଳମ୍ବ କରିବା ଅର୍ଥରେ
୧୦. ମନ୍ଦ ପରିବେଶରୁ ଫାଇଦା ଉଠାଇବା
୧୧. ପ୍ରତିଶ୍ରୁତି ଦେବା ଅର୍ଥରେ
୧୨. ସାହାଯ୍ୟ କରିବା ଅର୍ଥରେ
୧୩. ବିପଦରେ ପକାଇବା ଅର୍ଥରେ
୧୪. ଗୁପ୍ତକଥା ଜଣାପଡ଼ିବା ଅର୍ଥରେ
୧୫. ଅସମ୍ଭାଳ ଅବସ୍ଥା
୧୬. କଷ୍ଟ ଉପାର୍ଜିତ ସମ୍ପତ୍ତି ଅର୍ଥରେ
୧୭. ସର୍ବନାଶ ଘଟିବା
୧୮. ନିଶ୍ଚିନ୍ତ ନିଦ୍ରାଯିବା ଅର୍ଥରେ
୧୯. ଅସ୍ୱୀକାର କରିବା ଅର୍ଥରେ
୨୦. ଯାହା ଯଥେଷ୍ଟ ନୁହେଁ ଅର୍ଥରେ
୨୧. ସର୍ବନାଶ ହେବା ଅର୍ଥରେ
୨୨. ଅସମ୍ଭବ କଥା ଅର୍ଥରେ
୨୩. ଅଜାଗାରେ ଘଟଣା ବ୍ୟାଖ୍ୟାନ
୨୪. ଯଥେଷ୍ଟ ନୁହେଁ
୨୫. ଅପରିବର୍ତ୍ତନୀୟ

## (ଘ) ବିପରୀତାର୍ଥବୋଧକ ଅର୍ଥ - ପ୍ରଶ୍ନପତ୍ର ସହିତ ସଂଯୁକ୍ତ

## (ଙ) ଦରଖାସ୍ତ / ଆବେଦନ ପତ୍ର

**ଦରଖାସ୍ତ ଲେଖିବାର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ**

**ଦରଖାସ୍ତର ଆଙ୍ଗିକ :**

କର୍ତ୍ତୃପକ୍ଷଙ୍କ ପଦବୀ, ସ୍ଥାନର ନାମ ରହିବ - ବାମପଟରେ

(ପଦବୀପରେ କମା ରହିବ)

ଯଦି କାର୍ଯ୍ୟାଳୟରୁ କାର୍ଯ୍ୟାଳୟକୁ ଯାଇଥାଏ - ପତ୍ରସଂଖ୍ୟା ରହିବ - ସମ୍ବୋଧନ ରହିବ ତା' ତଳକୁ।

ମଝିରେ ବିଷୟବସ୍ତୁର ସୂଚନା ବା ଆବେଦନ ଅଭିପ୍ରାୟ ରହିବ।

ବିଷୟବସ୍ତୁ -

ଉପସଂହାରରେ - ବିଶମ୍ବଦ / ବିନୀତ / ବିଶ୍ୱସ୍ତ / ଆଜ୍ଞାଧୀନ ଇତ୍ୟାଦି ରହିବ -

(ଦରଖାସ୍ତର ଶେଷରେ)

ଏବଂ ଏହାର ବାମପଟରେ ସ୍ଥାନ ଓ ତଳକୁ ତାରିଖ ରହିବ।

ଶେଷରେ ଠିକଣା -

ବାମରେ ପ୍ରେରକ ଓ ଦକ୍ଷିଣରେ ପ୍ରାପକ ରହିବ

**ବ୍ୟାକରଣ**

ପରୀକ୍ଷା ପାଇଁ ପାଞ୍ଚଗୋଟି ବିଭାଗ ପାଠ୍ୟାଂଶ । ପ୍ରତ୍ୟେକ ବିଭାଗରୁ ୪ଟି ଲେଖାଏଁ ପ୍ରଶ୍ନ ଆସିବ । ସେଥିମଧ୍ୟରୁ ଦୁଇଟି ଲେଖାଏଁ ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦେବାକୁ ହେବ । ପ୍ରତି ଉପଯୁକ୍ତ ଉ  ର ପାଇଁ ୧ ନମ୍ବର ଲେଖାଏଁ ରହିଛି ।

**ରୂଢ଼ି ପ୍ରୟୋଗ :**

- ପଦ ସଂହତିର ପ୍ରୟୋଗ ଆଭିଧାନିକ ଅର୍ଥକୁ ନ ବୁଝାଇ ପ୍ରୟୋଜନୀୟାର୍ଥକୁ ବା ବିଶିଷ୍ଟ ଅର୍ଥକୁ ବୁଝାଇଲେ ରୂଢ଼ି କୁହାଯାଏ ।
- ବକ୍ତବ୍ୟକୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କରେ ।
- ପ୍ରଭାବଶାଳୀ ଓ ସରସ କରିଥାଏ ।
- ଏହି ରୂଢ଼ିପଦକୁ ହିଁ ବାକ୍ୟରେ ବ୍ୟବହାର କରିବାକୁ ହେବ ତା'ର ଅର୍ଥକୁ ନୁହେଁ ।
- ମାତ୍ର ପ୍ରସ୍ତୁତ ବାକ୍ୟରେ ବ୍ୟବହୃତ ରୂଢ଼ିଟି ସେହି ବିଶିଷ୍ଟ ଅର୍ଥବୋଧକ ହେଉଥିବା ଆବଶ୍ୟକ । ବ୍ୟବହାର ଦୃଷ୍ଟିରୁ ଏହାର ତିନି ପ୍ରକାର ବ୍ୟବହାର ଦେଖିବାକୁ ମିଳେ ।

(କ) କ୍ରିୟାଯୁକ୍ତ ରୂଢ଼ି

(ଖ) କ୍ରିୟାହୀନ ରୂଢ଼ି

(ଗ) ଉପମାମୂଳକ ବା ତୁଳନାତ୍ମକ ରୂଢ଼ି

(କ) କ୍ରିୟାଯୁକ୍ତ ରୂଢ଼ି :

ପ୍ରତ୍ୟେକ ଭାଷାରେ କେତେଗୁଡ଼ିଏ ପଦ ସଂହତି ଥାଏ । ଏଇ ସମନ୍ୱିତ ପଦର ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ଅଭିଧାନିକ ଅର୍ଥ ଥାଏ । ମାତ୍ର ପଦ ସଂହତି ହେଲାପରେ  ଏହାର ସମାଗ୍ରିକ ଅର୍ଥରେ ଆଭିଧାନିକ ଅର୍ଥ ପ୍ରକାଶିତ ନହୋଇ ଏକ ବିଶେଷ ଅର୍ଥ ପ୍ରକାଶିତ ହୁଏ । ଏହାକୁ ରୂଢ଼ି କୁହାଯାଏ ।

ଏହି ପଦ ସଂହତି ମଧ୍ୟରୁ ଶେଷ ପଦଟି ଯଦି କ୍ରିୟା / କ୍ରିୟାଜ ହୋଇଥାନ୍ତି ତେବେ ଏହି ପ୍ରକାରର ରୂଢ଼ିକୁ କ୍ରିୟାଯୁକ୍ତ ରୂଢ଼ି କୁହାଯାଏ ।

ଯେପରି କଥା ଉଠିବା, ଚିତା କାଟିବା, ଟଙ୍କା ଖାଇବା, ଦୋକାନ ଚଳିବା ଇତ୍ୟାଦି . . .

ଏଭଳି କ୍ରିୟାଯୁକ୍ତ ରୂଢ଼ି ଲଗାଇ ବାକ୍ୟ ରଚନା କରିବାକୁ ହେଲେ ଏହାର ତାତ୍ପର୍ଯ୍ୟାର୍ଥ ବୁଝାଉଥିବା ଏକ ବାକ୍ୟ କରିବାକୁ ହେବ ।

**(ଖ) କ୍ରିୟାହୀନ  ରୂଢ଼ି :**

ଯେଉଁ ପଦ ସଂହତିରେ କ୍ରିୟା ନ ଥାଇ ରୂଢ଼ିପଦ ପରି ବ୍ୟବହୃତ ହୁଏ, ସେହି ପଦକୁ କ୍ରିୟାହୀନ ରୂଢ଼ି କୁହାଯାଏ । କେବଳ ପଦ ସଂହତି ନ ହୋଇ ବାକ୍ୟାଠଶ ମଧ୍ୟ ଏହା ହୋଇପାରେ । ଯେପରି – ଅକଲ ସଲାମି, ଅହି ନକୁଳ ସଂପର୍କ, ଆକାଶ କୁସୁମ, ଅନ୍ଧ ବୁଝାମଣା, ଝିମିଟି ଖେଳରୁ ମହାଭାରତ ଇତ୍ୟାଦି ।

**(ଗ) ତୁଳନାତ୍ମକ ବା ଉପମାବାଚକ ରୂଢ଼ି :**

ଯେଉଁ ବାକ୍ୟାଂଶ ବା ପଦ ସଂହତିରେ ଦୁଇଟି ବସ୍ତୁ ବା ଭାବନା ମଧ୍ୟରେ ତୁଳନା କରାଯାଇଥାଏ ଏବଂ ଏକ ଉପମା ବାଚକ ଶବ୍ଦର ପ୍ରୟୋଗ ହୋଇଥିବାର ଦେଖାଯାଏ ଓ ଏହା ଆଭିଧାନିକ ଅର୍ଥ ନ ବୁଝାଇ ବିଶିଷ୍ଟ ଅର୍ଥ ବୁଝାଉଥାଏ ସେଠାରେ ତୁଳନାତ୍ମକ ବା ଉପମାବାଚକ ରୂଢ଼ି ହୋଇଥାଏ ।

ଯେପରି : ବରଡ଼ା ପତ୍ର ପରି ଥରିବା, ଖୁଣ୍ଟଟା ପରି ଠିଆ ହେବା, ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା ଇତ୍ୟାଦି

ଏସବୁ କ୍ଷେତ୍ରରେ କେବଳ ରୂଢ଼ି ପଦକୁ ଲଗାଇ ବାକ୍ୟ କରାଯିବ – ଯାହାର ଅର୍ଥ ସ୍ୱତନ୍ତ୍ର ଥିବ – ମାତ୍ର ଏହି ଅର୍ଥକୁ ଲଗାଇ ବାକ୍ୟଗଢ଼ା ହୋଇଥିଲେ 'ଶୂନ' ହିଁ ଦିଆଯାଇଥାଏ।

ଏକପଦୀକରଣ :

ବାକ୍ୟରେ ଶବ୍ଦପୁଞ୍ଜ ପରିବର୍ତ୍ତେ ଗୋଟିଏ ଶବ୍ଦ ବ୍ୟବହାର ପ୍ରକ୍ରିୟାକୁ ଏକପଦୀକରଣ କୁହାଯାଏ। ଅଳ୍ପ ଶବ୍ଦରେ ବେଶୀ କଥାକୁ ପ୍ରକାଶ କରିବା ଏହାର ଧର୍ମ। ବ୍ୟାକରଣରେ ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ ଇତ୍ୟାଦି ନାନା ପ୍ରକାର୍ଯ୍ୟ ମାଧ୍ୟମରେ ଏହି ପଦ ସଂକ୍ଷେପଣ ବା ଏକପଦୀକରଣ କରାଯାଇଥାଏ।

ସମୟ ଅପଚୟ ହୁଏନାହିଁ

ଭାଷା ପ୍ରୟୋଗ ଅଧିକ ରୁଚିଶୀଳ ହୁଏ

ପ୍ରକାଶ ଭଙ୍ଗୀକୁ ଏହା ଅଧିକ ମାର୍ଜିତ ଓ ଉନ୍ନତ କରେ।

ଭାବର ପରିବର୍ତ୍ତନ ନକରି ଏହି କାର୍ଯ୍ୟ ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ଉପସର୍ଗ ଯୋଗ ଇତ୍ୟାଦି ପ୍ରକ୍ରିୟା ସାହାଯ୍ୟରେ ହୋଇଥାଏ।

ଏହି ବିଭାଗରୁ ୪ଟି ପ୍ରଶ୍ନ ଆସିବ। ସେଥିରୁ ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରତି ଉପଯୁକ୍ତ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ରହିଛି।

ସମୋଚ୍ଚରିତ ବିଭିନ୍ନ ଅର୍ଥ ବୋଧକ ଶବ୍ଦ

ଓଡ଼ିଆରେ ଏଭଳି କିଛି ଶବ୍ଦ ଅଛନ୍ତି, ଯେଉଁମାନେ ଉଚ୍ଚାରଣରେ ସମାନ ଲାଗନ୍ତି, ଲିପି ପ୍ରକାଶରେ ସେମାନଙ୍କ ମଧ୍ୟରେ ଭିନ୍ନତା ଥାଇପାରେ। କିନ୍ତୁ ଭିନ୍ନ ଭିନ୍ନ ଅର୍ଥରେ ପ୍ରକାଶିତ ହୁଅନ୍ତି; ସେଗୁଡ଼ିକୁ ସମୋଚ୍ଚାରିତ ବିଭିନ୍ନ ଅର୍ଥ ବୋଧକ ଶବ୍ଦ କୁହାଯାଏ।

ସାହିତ୍ୟକୁ / ବକ୍ତବ୍ୟକୁ ଅଧିକ ମନୋରମ, ଆଳଂକାରିକ କରିବାକୁ ଏପରି ଶବ୍ଦ ଗୁଡ଼ିକର ବ୍ୟବହାର କରାଯାଇଥାଏ।

ବାରମ୍ବାର ଏଇ ପ୍ରକାର ଶବ୍ଦ ଓ ସେଗୁଡ଼ିକର ଅର୍ଥ ସହିତ ସଂପୃକ୍ତ ହେଲେ ବ୍ୟବହାର ପାଇଁ ଅଧିକ ସରଳ ଓ ସୁଗମ ହେବ। ଏବଂ ଭାଷା ପ୍ରୟୋଗ ପ୍ରତି ମାୟା ପରିବର୍ଦ୍ଧିତ ହେବ।

ଏଥିରୁ ୪ ଯୋଡ଼ା ପ୍ରଶ୍ନ ଆସିବ। ଦୁଇଯୋଡ଼ାର ଉତ୍ତର ଦେବାକୁ ହେବ। ଠିକ୍ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ଦିଆଯିବ।

ବିପରୀତ ଅର୍ଥବୋଧକ ଶବ୍ଦ

ଶବ୍ଦଟିଏ ଅର୍ଥବହନ କ୍ଷମତା ରଖେ। ଏହି ଅର୍ଥର ବିପରୀତ ଅର୍ଥ ବହନ କରୁଥିବା ଶବ୍ଦ ମଧ୍ୟ ଅଛନ୍ତି। କେତେକ ଶବ୍ଦର ସ୍ୱତନ୍ତ୍ର ବିପରୀତାର୍ଥ ବୋଧକ ଶବ୍ଦ ଅଛନ୍ତି।

ଯେପରି – ଜନ୍ମ – ମୃତ୍ୟୁ,

ଆଧୁନିକ – ପ୍ରାଚୀନ,

ଅମୃତ – ବିଷ,

ଆର୍ଦ୍ର – ଶୁଷ୍କ ଇତ୍ୟାଦି

- କେତେକ  ଶବ୍ଦର ବିପରୀତ ଅର୍ଥ ପ୍ରକାଶ ପାଇଁ ନ ତତ୍ପୁରୁଷ ସମାସର ସାହାଯ୍ୟ ନେବାକୁ ହୋଇଥାଏ। ଯେପରି ରୋଗୀ – ନିରୋଗ, ମେଳ – ଅମେଳ, ଆବିଳ – ଅନାବିଳ
- ଉପସର୍ଗର ବ୍ୟବହାରରେ ମଧ୍ୟ ଏହି ବିପରୀତାର୍ଥବୋଧକ ଶବ୍ଦ ମିଳିଥାଏ। ଯେପରି ଆଦର – ଅନାଦର, ଅନୁରାଗ – ବିରାଗ,

ଆଗମନ – ପ୍ରସ୍ଥାନ, ଅନୁକୂଳ – ପ୍ରତିକୂଳ ଇତ୍ୟାଦି

- ଲକ୍ଷ୍ୟ ରଖିବା କଥା ମୂଳଶବ୍ଦଟି ଯେଉଁ ଉପାୟରେ ସୃଷ୍ଟି ହୋଇଥାଏ, ବିପରୀତାର୍ଥବୋଧକ ଶବ୍ଦ ଗଠନରେ ସେହି ଉପାୟ ଅବଲମ୍ବିତ ହେବା ଉଚିତ୍।
- ମୂଳଶବ୍ଦଟି ଯେଉଁ ପଦ ହୋଇଥିବ, ନିଷ୍ପନ୍ନ ଶବ୍ଦଟି ମଧ୍ୟ ସେହି ପଦ ଅନ୍ତର୍ଭୁକ୍ତ ହେବା ଉଚିତ୍।
- କେତେକ ଉପସର୍ଗ ଅଛନ୍ତି – ସେଗୁଡ଼ିକ ଅନ୍ୟ ଉପସର୍ଗର ବିପରୀତ ଅର୍ଥରେ ମଧ୍ୟ ବ୍ୟବହୃତ ହୁଅନ୍ତି। ଅତଏବ୍ ଶବ୍ଦ ଗଠନରେ ଯେଉଁଠି ଉପସର୍ଗର ବ୍ୟବହାର ହୋଇଥାଏ, ସେ କ୍ଷେତ୍ରରେ ତା'ର ବିପରୀତ ଅର୍ଥବୋଧକ ଶବ୍ଦ ପାଇଁ ଅନ୍ୟ ଏକ ଉପସର୍ଗ ମଧ୍ୟ ବ୍ୟବହୃତ ହୋଇପାରେ।
- ଏଥିରୁ ୪ଟି ପ୍ରଶ୍ନ ଆସିବ। ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ଉପଯୁକ୍ତ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ଦିଆଯିବ।

## ଶୁଦ୍ଧ ଲିଖନ / ଭ୍ରମ ସଂଶୋଧନ (ଶବ୍ଦ)

ଏ କ୍ଷେତ୍ରରେ ଲିଖନ ଓ କଥନରେ ଭାଷାର ଶୁଦ୍ଧତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ମାତ୍ର ଶୁଦ୍ଧ ଲେଖିଲେ ଶୁଦ୍ଧ ପଢ଼ିହେବ।

ତେଣୁ ଅଜ୍ଞତାବଶତଃ, ଅବହେଳାବଶତଃ, ଗୁରୁତ୍ୱ ନ ଦେଇ ଆମେ ଲେଖିଲାବେଳେ ଶବ୍ଦର ଅଶୁଦ୍ଧ ରୂପ ବ୍ୟବହାର କରିଥାଉ। ଆରମ୍ଭରୁ ଏ ସଂପର୍କରେ ଆମକୁ ସଚେତନ କରାନଯାଇଥିବାରୁ ଆମେ ସେଇ ଭୁଲ୍‌କୁ ବାରମ୍ବାର କରିଥାଉ।

ମାତ୍ର ଶୁଦ୍ଧ ଲେଖିବା, ଉଚ୍ଚାରଣ କରିବା ଗୋଟିଏ ଭାଷାଭାଷି ବ୍ୟକ୍ତିଙ୍କର ସ୍ୱାଭିମାନ।

ଏହି ସଂଘଟିତ ଅଶୁଦ୍ଧିକୁ କେବଳ ବାରମ୍ବାର ବ୍ୟବହାର ଓ ପ୍ରୟୋଗ ଦ୍ୱାରା ଦୂର କରାଯାଇହେବ।

ନିମ୍ନ ଅଜ୍ଞତାବଶତଃ ଶବ୍ଦର ଶୁଦ୍ଧଲିଖନ ସମ୍ଭବ ହୁଏନାହିଁ।

(୧) **ବର୍ଣ୍ଣଗତ ଅଶୁଦ୍ଧି :** କେତେକ ଶବ୍ଦର ବ୍ୟବହାର କାଳରେ ଆମେ ଉଚ୍ଚାରଣକୁ ଗୁରୁତ୍ୱ ଦେଇ ପ୍ରକୃତ ବର୍ଣ୍ଣଗତ ଅଶୁଦ୍ଧି କରୁଥାଇ।

| | | | | |
|---|---|---|---|---|
| ଯେପରି – | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
| | ଅମୀୟ | ଅମିୟ | ଧୂମ୍ରପାନ | ଧୂମପାନ |
| | ଅବସର୍ଣ୍ଣ | ଅବସନ୍ନ | ବିଷର୍ଣ୍ଣ | ବିଷଣ୍ଣ |
| | ଅନୁସୂୟା | ଅନସୂୟା | ସମିଚିନ | ସମୀଚୀନ |
| | ସ୍ୱଭାବିକ | ସ୍ୱାଭାବିକ | ଅପୁତ୍ରିକ | ଅପୁତ୍ରକ |

ଏହିପରି ଅନେକ ଶବ୍ଦର ଅଶୁଦ୍ଧ ଲିଖନ କରି ଆମେ ଆମ ଭାଷାର ଅମର୍ଯ୍ୟାଦା କରିଥାଉ।

(୨) କୌଣସି ଶବ୍ଦର ଆଦ୍ୟବର୍ଣ୍ଣ ବ୍ୟତୀତ ଅନ୍ୟବର୍ଣ୍ଣରେ 'ରେଫ୍' ଥିଲେ ରେଫ୍‌ଯୁକ୍ତ ଅକ୍ଷରର ପୂର୍ବଧ୍ୱନି ଦୀର୍ଘ ହୁଏ।

| | | | | |
|---|---|---|---|---|
| ଯେପରି – | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
| | ଉର୍ଦ୍ଧ୍ୱ | ଊର୍ଦ୍ଧ୍ୱ | ଉତ୍ତିର୍ଣ୍ଣ | ଉତ୍ତୀର୍ଣ୍ଣ |
| | ଅଜିର୍ଣ୍ଣ | ଅଜୀର୍ଣ୍ଣ | ଶିର୍ଣ୍ଣ | ଶୀର୍ଣ୍ଣ |
| | ଉର୍ମି | ଊର୍ମି | କର୍ପୁର | କର୍ପୂର ଇତ୍ୟାଦି |

(୩) 'ୱ' କାର ପରେ ଦ, ଧ, ନ, ର ,ଓ ଇତ୍ୟାଦି କୌଣସି ବର୍ଣ୍ଣ ଥିଲେ ଏହାର ଶେଷ ମାତ୍ରା ଦୀର୍ଘ ହୁଏ।

| | | | | | | |
|---|---|---|---|---|---|---|
| ଯେପରି – | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
| | ତପସ୍ୱି | ତପସ୍ୱୀ | ପ୍ରତିଦ୍ୱନ୍ଦ୍ୱି | ପ୍ରତିଦ୍ୱନ୍ଦ୍ୱୀ | ସରସ୍ୱତି | ସରସ୍ୱତୀ |

(୪) ପଦ ମଧ୍ୟରେ 'ର୍'- ରେଫ୍ ହୋଇ ବ୍ୟବହୃତ ହୋଇଥିଲେ ଚ, ଛ, ଜ, ତ, ଦ, ଧ ବର୍ଣ୍ଣ ଗୁଡ଼ିକ ଦ୍ୱିତ୍ୱ ପ୍ରାପ୍ତ ହୁଅନ୍ତି।

| ଯେପରି - | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|---|---|
| | ଚର୍ଚା | ଚର୍ଚ୍ଚା | ଦୁର୍ଦିନ | ଦୁର୍ଦ୍ଦିନ | ଅର୍ଜୁନ | ଅର୍ଜ୍ଜୁନ |

ଇତ୍ୟାଦି

(୫) ବିଶେଷଣକୁ ବିଶେଷ୍ୟରେ ପରିଣତ କରିବାପାଇଁ ଅ, ଣ, ତ୍ୱ , ଯ ପ୍ରଭୃତି ଯୋଗ କରାଯାଏ। ପଦଟି ଥରେ ବିଶେଷ୍ୟ ରୂପ ନେଇ ସାରିଲା ପରେ ଆମେ ପୁଣିଥରେ ଏଇ ପ୍ରତ୍ୟୟ ସବୁ ଯୋଗକରୁ। ତେଣୁ ଶବ୍ଦ ରୂପ ଅଶୁଦ୍ଧ ହୋଇଯାଏ -

| ଯେପରି - | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|---|---|
| | ଐକ | ଐକ୍ୟ | ସଂଯମତା | ସଂଯମ | ଉତ୍କର୍ଷତା | ଉତ୍କର୍ଷ |
| | ବୈଷମ୍ୟତା | ବୈଷମ୍ୟ | ଦାରିଦ୍ର୍ୟତା | ଦାରିଦ୍ର୍ୟ | ବାହ୍ୟିକ | ବାହ୍ୟ |

ଇତ୍ୟାଦି

(୬) ବଚନଗତ ଅଶୁଦ୍ଧି : ଗୁଣ ବାଚକ ବିଶେଷ୍ୟ ବା ବିଶେଷଣ ପଦରେ ବହୁବଚନ ଥିଲେ ସେଥିରେ ଗଣ, ମାନେ, ବୃନ୍ଦ ଇତ୍ୟାଦି ଯୋଗ ହୁଅନ୍ତି। ମାତ୍ର ମୂଳ ଶବ୍ଦରେ ଦୀର୍ଘସ୍ୱର ହ୍ରସ୍ୱ ହୋଇଯାଏ।

| ଯେପରି - | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| | ଗୁଣୀମାନେ | ଗୁଣିମାନେ | ପ୍ରାଣୀମାନେ | ପ୍ରାଣିମାନେ |

(୭) ଲିଙ୍ଗଗତ ଅଶୁଦ୍ଧି : ପୁଂଲିଙ୍ଗ ବାଚକ ଶବ୍ଦର ସ୍ତ୍ରୀ ଲିଙ୍ଗ ରୂପ ଲେଖିଲାବେଳେ କେତେକ ସ୍ଥଳରେ ଇ, ଣୀ, ଆଣୀ, ଉଣୀ ପ୍ରଭୃତି ପ୍ରତ୍ୟୟ ଯୋଗ ହୁଏ। ଏ ପ୍ରତ୍ୟୟ ଗୁଡ଼ିକ ଦ୍ୱାରା ଗଠିତ ପ୍ରତ୍ୟେକ ଶବ୍ଦ 'ଈ' କାରାନ୍ତ ହୋଇଥାନ୍ତି।

| ଯେପରି - | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| | ଅନ୍ଧୁଣି | ଅନ୍ଧୁଣୀ | ଭିକ୍ଷୁଣି | ଭିକ୍ଷୁଣୀ |
| | ଗୁଡ଼ିଆଣି | ଗୁଡ଼ିଆଣୀ ଇତ୍ୟାଦି | | |

- ସ୍ତ୍ରୀ ଲିଙ୍ଗରେ 'କ' ପ୍ରତ୍ୟୟ ଯୋଗ ହେଲେ ମୂଳ ଶବ୍ଦର 'ଈ' ସ୍ଥାନରେ 'ଇ' କାର ହୁଏ।

| ଯେପରି - | | | |
|---|---|---|---|
| | କାଳୀ | କାଳୀକା (ଅ) | କାଳିକା (ଶୁ) |
| | ଚଣ୍ଡୀ | ଚଣ୍ଡୀକା (ଅ) | ଚଣ୍ଡିକା (ଶୁ) |
| | କୁମାରୀ | କୁମାରୀକା (ଅ) | କୁମାରିକା (ଶୁ) |

- ପୁରୁଷବାଚକ ଶବ୍ଦର ଶେଷରେ 'ଈ' କାର ଥିଲେ ତା'ର ସ୍ତ୍ରୀ ଲିଙ୍ଗରେ ମୂଳଶବ୍ଦରେ ଥିବା 'ଈ' କାର ସ୍ଥାନରେ 'ଇ' କାର ହୁଏ।

| | | |
|---|---|---|
| ତେଜସ୍ୱୀ | ତେଜସ୍ୱୀନୀ (ଅ) | ତେଜସ୍ୱିନୀ (ଶୁ) |
| ମନସ୍ୱୀ | ମନସ୍ୱୀନୀ (ଅ) | ମନସ୍ୱିନୀ (ଶୁ) |

(୮) ସନ୍ଧିଗତ ଅଶୁଦ୍ଧି : କେତେକ ସନ୍ଧି ନିୟମ ଠିକ୍ ଭାବରେ ଅନୁସରଣ ନକରି ଅଶୁଦ୍ଧ ଶବ୍ଦ ରଚନା କରିଥାନ୍ତି ।

| | | | |
|---|---|---|---|
| ଯେପରି : | ଅନ୍ତସ୍କରଣ (ଅ) | ଅନ୍ତଃକରଣ (ଶୁ) | ଅନ୍ତଃ+କରଣ |
| | ଦିଗାମ୍ବର (ଅ) | ଦିଗମ୍ବର (ଶୁ) | ଦିକ୍ + ଅମ୍ବର |
| | ଦୁରାବସ୍ଥା (ଅ) | ଦୁରବସ୍ଥା (ଶୁ) | ଦୁଃ + ଅବସ୍ଥା |
| | ଶିରମଣି (ଅ) | ଶିରୋମଣି (ଶୁ) | ଶିରଃ + ମଣି |
| | ତଦ୍ୱାରା (ଅ) | ତଦ୍ଦ୍ୱାରା (ଶୁ) | ତତ୍ + ଦ୍ୱାରା |
| | ନିରୂପମା (ଅ) | ନିରୁପମା (ଶୁ) | ନିଃ + ଉପମା |

(୯) ସମାସଗତ ଅଶୁଦ୍ଧି : ସମସ୍ତ ମାନ ପଦ ଓ ବ୍ୟାସବାକ୍ୟକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଶବ୍ଦ ଗଠନ କରି ଆମେ ଅଶୁଦ୍ଧ ଲିଖନ ବ୍ୟବହାର କରୁ ।

| | | | |
|---|---|---|---|
| ଯେପରି - | ମଧ୍ୟରାତ୍ରି (ଅ) | ମଧ୍ୟରାତ୍ର (ଶୁ) | (ରାତ୍ରର ମଧ୍ୟ) |
| | ଅନୁସୂୟା (ଅ) | ଅନସୂୟା (ଶୁ) | ନ ଅସୂୟା |
| | ଆକଣ୍ଠ ପର୍ଯ୍ୟରନ୍ତ (ଅ) | ଆକଣ୍ଠ (ଶୁ) | କଣ୍ଠ ପର୍ଯ୍ୟନ୍ତ |

(୧୦)ଷତ୍ୱ ଓ 'ଣ' ତ୍ୱ ବିଧି ଅନ୍ତର୍ଗତ ଅଶୁଦ୍ଧି : ଏହି ନିୟମ ଅନୁସାରେ ର, ଋ, ଟ, ଷ, ଣ, ଇ ଇତ୍ୟାଦି ବର୍ଣ୍ଣ ପରେ 'ସ' ଉଚ୍ଚାରଣ ସ୍ଥାନରେ 'ଷ' ହୁଏ; ଅନୁନାସିକ ଉଚ୍ଚାରଣ ହେଲେ 'ଣ' ହୁଏ । ମାତ୍ର ଅଜ୍ଞଶବଶତଃ ଆମେ ଅଶୁଦ୍ଧ ହେଲଖିଥାଉ ।

| | | | |
|---|---|---|---|
| ଯେପରି : | ଅପରାହ୍ନ (ଅ) | ଅପରାହଣ (ଶୁ) | ଅପର + ଅହନ୍ |
| | କ୍ଷୁନ୍ନ (ଅ) | କ୍ଷୁଣ୍ଣ(ଶୁ) | (କ୍ଷୁଦ୍ + ତ) |
| | ବିଷର୍ଣ୍ଣ (ଅ) | ବିଷଣ୍ଣ (ଶୁ) | (ବି + ସଦ୍+ତ) |
| | ପରିସ୍କାର (ଅ) | ପରିଷ୍କାର (ଶୁ) | (ପରିଃ+କାର) |
| | ଆନୁସଙ୍ଗିକ (ଅ) | ଆନୁଷଙ୍ଗିକ(ଶୁ) | (ଅନୁ+ସଙ୍ଗ+ଇକ) |

(୧୧)କୃଦନ୍ତ ପ୍ରତ୍ୟୟ ଗତ ଅଶୁଦ୍ଧି : କୃଦନ୍ତ ପ୍ରତ୍ୟୟ ଗତ ଅଶୁଦ୍ଧି ହେତୁ ନିମ୍ନ ଶବ୍ଦକୁ ଅଶୁଦ୍ଧ ଭାବରେ ଆମେ ବ୍ୟବହାର କରିଥାଉ ।

| | | | |
|---|---|---|---|
| ଯେପରି - | ପ୍ରବାହମାନ (ଅ) | ପ୍ରବହମାନ (ଶୁ) | ପ୍ର-ବହ୍+ଅ+ମତ୍ |
| | ସିଂଚନ(ଅ) | ସେଚନ(ଶୁ) | ସେଚ୍+ଅନ୍ |
| | ପ୍ରଫୁଲ୍ଲିତ (ଅ) | ପ୍ରଫୁଲ୍ଲ (ଶୁ) | ପ୍ର-ଫୁଲ୍+ଅ |
| | ପୂର୍ଜାସ୍ପଦ (ଅ) | ପୂଜାସ୍ପଦ(ଶୁ) | ପୂଜ୍+ଆ+ଆସ୍ପଦ୍ |

(୧୨)ତଦ୍ଧିତ ମତରେ ଅଶୁଦ୍ଧି :

- ଅପତ୍ୟ ଅର୍ଥରେ 'ଇ' ପ୍ରତ୍ୟୟ ଯୋଗ ହୁଏ

| | |
|---|---|
| ଦ୍ରୋଣୀ (ଅ) | ଦ୍ରୋଣି (ଶୁ) |
| ପାବନୀ (ଅ) | ପାବନି (ଶୁ) |
| ଦାଶରଥୀ(ଅ) | ଦାଶରଥି (ଶୁ) |

- ସମ୍ବନ୍ଧ ଅର୍ଥରେ 'ଇକ' ପ୍ରତ୍ୟୟର ଅନ୍ତିମ ସ୍ୱର 'ଇ' କାର ହୁଏ।

| | | |
|---|---|---|
| ନାଗରୀକ (ଅ) | ନାଗରିକ (ଶୁ) | ନଗର + ଇକ |
| ସାପ୍ତାହୀକ (ଅ) | ସାପ୍ତାହିକ (ଶୁ) | ସପ୍ତାହ + ଇକ |
| ଭୌଗୋଳିକ (ଅ) | ଭୋଗୋଳିକ (ଶୁ) | ଭୂଗୋଳ + ଇକ |
| ପୌରାଣୀକ (ଅ) | ପୌରାଣିକ (ଶୁ) | ପୁରାଣ + ଇକ |

- ସମ୍ବନ୍ଧ ଅର୍ଥରେ 'ଈୟ' ପ୍ରତ୍ୟୟ ହୁଅନ୍ତି। ଏଥିରେ ଶବ୍ଦ ଶେଷରେ ସ୍ୱରଧ୍ୱନି ସହ ଈୟ ମିଶି 'ଈ' ହୋଇ ଶେଷ ବର୍ଣ୍ଣରେ ଯୋଗ ହୁଅନ୍ତି।

| | | | |
|---|---|---|---|
| ଆତ୍ମା | ଆତ୍ମିୟ (ଅ) | ଆତ୍ମୀୟ (ଶୁ) | ଆତ୍ମା + ଈୟ |
| ଜାତି | ଜାତିୟ (ଅ) | ଜାତୀୟ (ଶୁ) | ଜାତି + ଈୟ |
| ସ୍ମରଣ | ସ୍ମରଣିୟ (ଅ) | ସ୍ମରଣୀୟ (ଶୁ) | ସ୍ମରଣ+ଈୟ |

- ଅସ୍ତି ଅର୍ଥରେ 'ଇଳ' ପ୍ରତ୍ୟୟ ହୁଏ। ପରବର୍ଣ୍ଣରେ ଯୁକ୍ତ ହୋଇ ନିଷ୍ପନ୍ନ ହେଲାବେଳେ 'ଇଳ' ହିଁ ରହେ - 'ଈଳ' ହୁଏ ନାହିଁ।

| | | | |
|---|---|---|---|
| ଜଟା | ଜଟୀଳ (ଅ) | ଜଟିଳ (ଶୁ) | ଜଟା+ଇଳ |
| କୂଟ | କୂଟୀଳ (ଅ) | କୂଟିଳ (ଶୁ) | କୂଟ + ଇଳ |
| ଫେନ | ଫେନୀଳ(ଅ) | ଫେନିଳ (ଶୁ) | ଫେନ+ଇଳ |

- ଅସ୍ତି ଅର୍ଥରେ 'ଈ' ପ୍ରତ୍ୟୟ ହୋଇ ଶେଷ ବର୍ଣ୍ଣରେ 'ଈ'କାର ଯୋଗ ହୁଏ।

| | | | |
|---|---|---|---|
| ଗୁଣ | ଗୁଣି (ଅ) | ଗୁଣୀ (ଶୁ) | ଗୁଣ+ଈ |
| ଗୃହ | ଗୃହି (ଅ) | ଗୃହୀ (ଶୁ) | ଗୃହ+ଈ |
| ପକ୍ଷ | ପକ୍ଷି (ଅ) | ପକ୍ଷୀ (ଶୁ) | ପକ୍ଷ+ଈ |

- ଜାତି ବା ସମ୍ବନ୍ଧ ଅର୍ଥରେ 'ଈନ୍' ପ୍ରତ୍ୟୟ ହେଲେ - 'ଈ' କାର ହୋଇ ଯୁକ୍ତ ହୁଏ।

| | | | |
|---|---|---|---|
| କୁଳ | କୁଳିନ (ଅ) | କୁଳୀନ (ଶୁ) | (କୁଳ + ଈନ୍) |
| ନବ | ନବିନ(ଅ) | ନବୀନ(ଶୁ) | (ନବ+ଈନ୍) |
| ସର୍ବାଙ୍ଗ | ସର୍ବାଙ୍ଗିନ(ଅ) | ସର୍ବାଙ୍ଗୀଣ(ଶୁ) | ସର୍ବାଙ୍ଗ+ଈନ |

ଆମର ଅଜ୍ଞତା ବଶତଃ ଆମେ ଆମର ଅଲକ୍ଷରେ ଏହିଭଳି ଅଶୁଦ୍ଧ ଶବ୍ଦ ବ୍ୟବହାର କରିଥାଉ। ଏହିପରି ଅନେକ ଶବ୍ଦର ବିକୃତ ବ୍ୟବହାର ଆମର ସ୍ୱାଭିମାନ ଉପରେ ପ୍ରଶ୍ନବାଚୀ ଉଠାଇଥାନ୍ତି। ଟିକିଏ ଯତ୍ନଶୀଳ ହେଲେ ଏହା ଦୂରୀଭୂତ ହୋଇପାରନ୍ତା। ଅଶୁଦ୍ଧ ଶବ୍ଦ ୪ଟିରୁ ୨ଟିର ଶୁଦ୍ଧ ରୂପ ଲେଖିବାକୁ ଦିଆଯିବ। ଉପଯୁକ୍ତ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ଦିଆଯିବ।

***